

ବୟସ-ନିରୋଧୀ ଔଷଧ: ଅଟକିଯିବ ବୟସ

ପୃଷ୍ଠା ୪


# ସଂଚାର
THE SANCHAR

Website: sanchar.live mail Id: sanchardisha@gmail.com

RNI NO :ODIODI/2001/04811 Postal Regd No : BN/249/15-17


ରଜ ଉପଲକ୍ଷେ ସମସ୍ତ ପାଠକ ପାଠିକା ଓ ବିତରକ, ବିଜ୍ଞାପନଦାତାଙ୍କୁ 'ସଂଚାର' ପରିବାର ପକ୍ଷରୁ ହାର୍ଦ୍ଦିକ ଅଭିନନ୍ଦନ




Vol. 34 | ISSUE 84 ଭାଗ ୩୪ | ସଂଖ୍ୟା ୮୪ | Monday 15 June 2026 | Page 8 Rs. 5.00 | ଭୁବନେଶ୍ୱର ସୋମବାର, ୧୫ ଜୁନ୍ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ଜମିବାଡ଼ି ବିବାଦରୁ ଡବଲ୍ ମର୍ଡର୍

## ପୁଅ କଟୁରୀ ଚୋଟରେ ବାପା- ମା' ମୃତ

ବାଲିକୁଦା,୧୪।୦୬ (ସଂଚାର ବ୍ୟୁରୋ): ପହିଲି ରଜର ଖୁସି ଓ ଉତ୍ସବମୁଖର ପରିବେଶ ମଧ୍ୟରେ ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ଅନ୍ତର୍ଗତ ଅଳାଭର ପଞ୍ଚାୟତର ତେରତାଙ୍ଗ ଗ୍ରାମରେ ଘଟିଛି ଏକ ହୃଦୟ ବିଦାରକ ଓ ଲୋମହର୍ଷଣକାରୀ ଡବଲ ମର୍ଡର। ଜମିବାଡ଼ି ବିବାଦକୁ କେନ୍ଦ୍ର କରି ପୁଅ ନିଜ ବାପା ଓ ମା'ଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିଛି।



ମିଳିଥିବା ସୂଚନାନୁଯାୟୀ, ତେରତାଙ୍ଗ ଗ୍ରାମର ସତ୍ୟାନନ୍ଦ ପରିଡ଼ାଙ୍କ ପରିବାରରେ ଦୀର୍ଘଦିନ ଧରି ଜମିବାଡ଼ିକୁ ନେଇ ବିବାଦ ଲାଗି ରହିଥିଲା। ତେବେ ଆଜି ଅପରାହ୍ନରେ ଏହି ବିବାଦ ଉଗ୍ର ରୂପ ନେଇଥିଲା। ସତ୍ୟାନନ୍ଦଙ୍କ ସାବତ ପୁଅ ଦିଲ୍ଲୀପ ପରିଡ଼ା କ୍ଷୁବ୍ଧ ହୋଇ ଏକ କଟୁରୀରେ ଆକ୍ରମଣ କରିଥିଲେ। ଏଥିରେ ସତ୍ୟାନନ୍ଦ ପରିଡ଼ା ଓ ତାଙ୍କ ପତ୍ନୀ ଚାରୁଲତା ଗୁରୁତର ଭାବେ ଆହତ ହୋଇ ପରେ ଘଟଣାସ୍ଥଳରେ ହିଁ ପ୍ରାଣ ହରାଇଥିଲେ। ଘଟଣା ସମ୍ପର୍କରେ ଖବର ପାଇ ବାଲିକୁଦା ପୁଲିସ ତୁରନ୍ତ ଗ୍ରାମରେ ପହଞ୍ଚି ଅଭିଯୁକ୍ତ ଦିଲ୍ଲୀପଙ୍କୁ କାବୁ କରିଥିଲା। ପୁଲିସ ମୃତଦେହ ଦୁଇଟିକୁ ଜବତ କରି ତଦନ୍ତ ଆରମ୍ଭ କରିଛି। ଘଟଣାସ୍ଥଳରେ ଜଗତସିଂହପୁର ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅଙ୍କିତ ବର୍ମା ଓ ବାଲିକୁଦା ଥାନାଧିକାରୀ କାବୁଲି ବାରିକ ଉପସ୍ଥିତ ରହି ଘଟଣାର ବିଭିନ୍ନ ଦିଗକୁ ନେଇ ତଦନ୍ତ କରିଛନ୍ତି। ତେବେ ସନ୍ଧ୍ୟା ହୋଇଯାଇଥିବାରୁ ଶବ ବ୍ୟବଚ୍ଛେଦ କାର୍ଯ୍ୟ ଆସନ୍ତାକାଲି କରାଯିବ ବୋଲି ସୂଚନା ମିଳିଛି। ଏହି ନୃଶଂସ ହତ୍ୟାକାଣ୍ଡ ତେରତାଙ୍ଗ ଗ୍ରାମ ସମେତ ସମଗ୍ର ବାଲିକୁଦା ଅଞ୍ଚଳକୁ ସ୍ତବ୍ଧ କରିଦେଇଛି। ପରିବାର ମଧ୍ୟରେ ଥିବା ଜମିବାଡ଼ି ବିବାଦ ଏଭଳି ଭୟଙ୍କର ଓ ରକ୍ତାକ୍ତ ପରିଣତି ନେବ ବୋଲି କେହି କଳ୍ପନା ସୁଦ୍ଧା କରିନଥିଲେ। ପୁଲିସ ଘଟଣାର ପ୍ରକୃତ କାରଣ ଜାଣିବା ପାଇଁ ସମଗ୍ର ପରିସ୍ଥିତିକୁ ନେଇ ଅଧିକ ତଦନ୍ତ ଜାରି ରଖିଛି।

### ସେନା ୟୁନିଫର୍ମରୁ ହଟିଲା ବ୍ରିଟିଶ ପରମ୍ପରା

## ଭାରତୀୟ ସଂକେତ ବହନ କରିବେ ଯବାନ

- ସବୁ ର୍ୟାଙ୍କ୍‌ର ଯବାନଙ୍କ ପାଇଁ 'ଥ୍ରୀ-ବି' ଶୀତକାଳୀନ ପୋଷାକ
- ବଣ୍ଡି ଜ୍ୟାକେଟ୍, ଗଳାବନ୍ଧ, ଲାଉଞ୍ଜ ସୁଟ୍, କମ୍ବିନେସନ୍ ଡ୍ରେସକୁ ଅନୁମତି
- ମହିଳା ଯବାନଙ୍କ ପାଇଁ ଶାଢ଼ି, କୁର୍ତ୍ତା-ସାଲୱାର ଓ ଡୁପଟ୍ଟା ସହ ପ୍ୟାଣ୍ଟ
- ମେସ୍ ଡ୍ରେସ୍ ନଂ-୫ ଓ ନଂ-୬ରୁ ପାଉଚ୍ ବେଲ୍ଟ ହଟିଲା
- ଚିତା କୁଟାଇବା, ବଡି ପିଅର୍ସିଂ ଉପରେ କଟକଣା

ନୂଆଦିଲ୍ଲୀ,୧୪।୬: ସେନାବାହିନୀରେ ଔପନିବେଶିକ ଯୁଗର ସଂକେତକୁ ଶେଷ କରିବାର ଲକ୍ଷ୍ୟ ନେଇ ଭାରତୀୟ ସେନା ତା'ର ଡ୍ରେସ୍‌କୋଡ୍‌ରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରିଛି। ଏଥିପାଇଁ ସେନା ପକ୍ଷରୁ 'ଆର୍ମି ୟୁନିଫର୍ମ-୨୦୨୬' ଶୀର୍ଷକରେ ଏକ ନୂତନ ୧୭୪ ପୃଷ୍ଠାର ମାନୁଆଲ୍ ପୁସ୍ତିକା ଜାରି କରାଯାଇଛି।



ଏହି ପୁସ୍ତିକାରେ ଭାରତୀୟ ଯବାନମାନେ କିଭଳି ପୋଷାକ ପିନ୍ଧିବେ, କେଉଁ ସମୟରେ କ'ଣ ଧରିବେ ତା'ର ବିସ୍ତୃତ ତାଲିକା ରହିଛି। ଅଦ୍ୟାବଧି ଯବାନମାନେ ପିନ୍ଧୁଥିବା ପୋଷାକ (ୟୁନିଫର୍ମ) ବ୍ରିଟିଶ-ଯୁଗର ସଂକେତ ବହନ କରୁଥିବା ବେଳେ ତାହାକୁ ହଟାଇଦେଇ ସେଥିରେ ଭାରତୀୟତାର ଛାପ ଦେବା ଲାଗି ସେନା ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି। ଜାତୀୟ ଭାବାବେଗ ତଥା ଭାରତର ବିକଶିତ ସାର୍ବଭୌମ ପରିଚୟକୁ ଗୁରୁତ୍ୱ ଦେଇ ଉଦ୍ଦେଶ୍ୟମୂଳକ ଭାବେ ସେନା ଡ୍ରେସକୋଡ୍‌ରେ ଏକାଧିକ ସଂଶୋଧନ କରାଯାଇଥିବା 'ସ୍ୱଦେଶୀକରଣ ଓ ଜାତୀୟ ନୀତି ସମନ୍ୱୟ' ଶୀର୍ଷକରେ ଜାରି ହୋଇଥିବା ଏକ ଡକ୍ୟୁମେଣ୍ଟରେ କୁହାଯାଇଛି।

ସୂଚନାଯୋଗ୍ୟ ଯେ ପାଞ୍ଚ ବର୍ଷ ପୂର୍ବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁଜରାଟର କେଭାଡିଆରେ ମିଳିତ କମାଣ୍ଡର ସମ୍ମିଳନୀରେ ଭାଷଣ ଦେବା ଅବସରରେ ସାମରିକ ବାହିନୀର ସ୍ୱଦେଶୀକରଣ ଅଭିଯାନ ସମ୍ପର୍କରେ ସୂଚନା ଦେଇଥିଲେ। ସେ ସଶସ୍ତ୍ର ବାହିନୀକୁ ଉପନିବେଶବାଦୀ ପ୍ରଥାକୁ ହଟାଇ ନୀତି, ପଦ୍ଧତି ଓ ପ୍ରଥାରେ ଭାରତୀୟ ଛାପ ପ୍ରଦର୍ଶନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। 'ଆର୍ମି ୟୁନିଫର୍ମ-୨୦୨୬' ପୁସ୍ତିକା ତାହାର ପ୍ରତିଫଳନ ବୋଲି କୁହାଯାଉଛି। ଡ୍ରେସକୋଡରେ ପରିବର୍ତ୍ତନର ଆବଶ୍ୟକତାକୁ ଅନୁଭବ କରି ଖୁବ୍ ଯତ୍ନଶୀଳ ଭାବେ ସେନାର ➪ପୃଷ୍ଠା-୬

### ରଜରେ ଅଘଟଣ

## ଦୁର୍ଘଟଣାରେ ୮ ମୃତ, ମା'କୁ ହାଣିଲା ପୁଅ

କେନ୍ଦୁଝର/କଟକ/ଭଦ୍ରକ, ୧୪।୬ (ସଂଚାର ବ୍ୟୁରୋ): ପହିଲି ରଜରେ ସବୁଠି ପିଠା, ମିଠା ଆଉ ପାନର ଆସର। ରଜ ପର୍ବକୁ ସମସ୍ତେ ମନଭରି ଉପଭୋଗ କରୁଛନ୍ତି। ହେଲେ ଏହି ରଜରେ ରାଜ୍ୟର ପୃଥକ ସ୍ଥାନରେ ଘଟିଛି ଅଘଟଣ। ରଜରେ ବହିଛି ରକ୍ତର ଧାର। କେଉଁଠି ଦୁର୍ଘଟଣାରେ କାହାର ଜୀବନ ଯାଇଛି ତ ଆଉ କେଉଁଠି ଜନମ କଲା ପୁଅ ମା'କୁ ହାଣି ଜୀବନ ନେଇଛି। ତେଣୁ ପହିଲି ରଜରେ ସଡ଼କ ଦୁର୍ଘଟଣାରେ ମୋଟ ୮ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୪ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି।



ମିଳିଥିବା ସୂଚନାନୁସାରେ, କେନ୍ଦୁଝର ଜିଲା କାଞ୍ଜିପାଣି ଥାନା ଅନ୍ତର୍ଗତ ଏନଏଚ ୪୯ରେ ଘଟିଛି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଏହି ଦୁର୍ଘଟଣାରେ ଦୁଇ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟଣା ସମଗ୍ର ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ମୃତକମାନେ ହେଲେ ଲକ୍ଷ୍ମଣ ସନଙ୍ଗି ଓ ବିଚ୍ଛି ସନଙ୍ଗି ଓ ସେମାନେ ସମ୍ପର୍କରେ ଦୁଇ ଭାଇ ବୋଲି ଜଣାପଡ଼ିଛି। ତେବେ ମାତ୍ର ୨ ଶହ ମିଟର ଭିତରେ ୧୦ ମିନିଟ୍ ବ୍ୟବଧାନରେ ୨ଟି ଦୁର୍ଘଟଣା ଘଟି ମୋଟ ୫ ଜଣଙ୍କ ଜୀବନ ଯାଇଛି।

ପ୍ରଥମ ଘଟଣାରେ ଦୁଇ ଭାଇ ବାଇକରେ ରଜ ଉତ୍ସବ ଦେଖିବାକୁ ଯାଇ ବାୟାପଣ୍ଡାଧାର ଆଡୁ ନିଜ ଗ୍ରାମ କୁଆଁରକୁ ଫେରୁଥିବା ବେଳେ କଲୋନୀ ଛକ ନିକଟରେ ଏକ ଅଜଣା ଲାଇନ୍ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଘଟଣାସ୍ଥଳରେ ବାଇକ୍ ଭାଙ୍ଗି ଚୂରମାର ହୋଇଯାଇଥିବା ବେଳେ ଦୁଇ ଭାଇ ମଧ୍ୟ ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲେ। ଖବର ପାଇ କାଞ୍ଜିପାଣି ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକ ଖେଳାଇ ଦେଇଛି।

ସେହିପରି ଅପରାହ୍ନ ପ୍ରାୟ ୩ଟା ସମୟରେ ଉକ୍ତ ସ୍ଥାନଠାରୁ ମାତ୍ର ଅଳ୍ପ ଦୂରରେ ମଙ୍ଗଳା ମନ୍ଦିର ଛକ ନିକଟରେ ଆଉ ଏକ ବାଇକକୁ ଏକ ଲାଇନ୍ ଟ୍ରକ୍ ଧକ୍କା ଦେବା ଫଳରେ ବାଇକରେ ଯାଉଥିବା ତିନି ଜଣଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ପରିଚୟ ମିଳି ନ ଥିଲେ ହେଁ ସେମାନେ ସ୍ଥାନୀୟ ଅଞ୍ଚଳର ନିବାସୀ ବୋଲି ଜଣାପଡ଼ିଛି। ଦୁର୍ଘଟଣା ପରେ ଏନଏଚ ୪୯ରେ ସ୍ଥାନୀୟ ଉତ୍ତ୍ୟକ୍ତ ଲୋକଙ୍କ ସମାଗମ ଯୋଗୁଁ ➪ପୃଷ୍ଠା-୬

### ହେରିଟେଜ୍ ପ୍ରପର୍ଟି ପାଇଁ ନୂଆ ନୀତି

## ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇବ ଐତିହ୍ୟବାହୀ ସମ୍ପତ୍ତି

- ୧୯୫୦ ପୂର୍ବର ଭବନକୁ ହେରିଟେଜ ପ୍ରପର୍ଟି ମାନ୍ୟତା
- ମାନଦଣ୍ଡ ଆଧାରରେ ଉନ୍ନତିକରଣ ପାଇଁ ସରକାରୀ ପ୍ରୋତ୍ସାହନ

ଭୁବନେଶ୍ୱର,୧୪।୬(ସଂଚାର ବ୍ୟୁରୋ): ଓଡ଼ିଶା ସରକାର 'ହେରିଟେଜ୍ ପ୍ରପର୍ଟି ପ୍ରମୋସନ୍ ଗାଇଡ୍‌ଲାଇନ୍ସ-୨୦୨୬' ଜାରି କରିଛନ୍ତି। ରାଜ୍ୟର ପୁରାତନ ଐତିହ୍ୟସମ୍ପନ୍ନ ଭବନ, ପ୍ରାସାଦ, ଦୁର୍ଗ ଓ ସାଂସ୍କୃତିକ ଗୁରୁତ୍ୱ ବହନ କରୁଥିବା ସମ୍ପତ୍ତିଗୁଡ଼ିକୁ ପର୍ଯ୍ୟଟନ କ୍ଷେତ୍ର ସହ ଯୋଡ଼ାଯିବ। ଓଡ଼ିଶା ପର୍ଯ୍ୟଟନ ସଂଶୋଧନ ନୀତି-୨୦୨୬ ଅନୁସାରେ ଏହି ନିର୍ଦ୍ଦେଶାବଳୀ ରାଜ୍ୟର ଐତିହ୍ୟବାହୀ ସମ୍ପତ୍ତିର ସଂରକ୍ଷଣ ସହ ସେଗୁଡ଼ିକୁ ପର୍ଯ୍ୟଟନ ଆକର୍ଷଣରେ ପରିଣତ କରିବାର ପଥ ପ୍ରଶସ୍ତ କରିବ।



ନୂଆ ନୀତି ଅନୁଯାୟୀ, ୧୯୫୦ ପୂର୍ବରୁ ନିର୍ମିତ ଓ ସ୍ଥାପତ୍ୟ, ଐତିହାସିକ ଓ ସାଂସ୍କୃତିକ ଗୁରୁତ୍ୱ ବହନ କରୁଥିବା ଭବନଗୁଡ଼ିକୁ 'ହେରିଟେଜ୍ ପ୍ରପର୍ଟି' ଭାବେ ବିବେଚନା କରାଯିବ। ଏହି ଶ୍ରେଣୀରେ ହେରିଟେଜ୍ ହୋଟେଲ, ହେରିଟେଜ୍ ମ୍ୟୁଜିୟମ, ହେରିଟେଜ୍ ରେଷ୍ଟୁରାଣ୍ଟ, କାଫେଟେରିଆ ଓ ହେରିଟେଜ୍ ବ୍ୟାଙ୍କ୍ୱେଟକୁ ସାମିଲ କରାଯାଇଛି।

ସରକାରୀ ପ୍ରୋତ୍ସାହନ ପାଇବାକୁ ଇଚ୍ଛୁକ ପ୍ରକଳ୍ପଗୁଡ଼ିକ ପାଇଁ କେତେକ ଯୋଗ୍ୟତା ମାନଦଣ୍ଡ ମଧ୍ୟ ଧାର୍ଯ୍ୟ କରାଯାଇଛି। ଇଚ୍ଛୁକ ହେରିଟେଜ୍ ପ୍ରପର୍ଟି ମାଲିକଙ୍କୁ ➪ପୃଷ୍ଠା-୬

## ସବୁ ସୀମା ଟପିଲେ ଇସ୍କନ ଅନୁଗାମୀ

- ଅତିଥିରେ ଯାତ୍ରାକୁ ବିରୋଧ କଲେ ଅପଶବ୍ଦ ବ୍ୟବହାର କରୁଛନ୍ତି
- ଧର୍ମଦ୍ରୋହୀ କାର୍ଯ୍ୟ ସପକ୍ଷରେ ମାତିଛନ୍ତି ସୋସିଆଲ ମିଡିଆ ଆର୍ମି
- ଅନୁଧ୍ୟାନ କରାଯାଉଛି, କାର୍ଯ୍ୟାନୁଷ୍ଠାନ ହେବ: ଆଇନ ମନ୍ତ୍ରୀ



ଭୁବନେଶ୍ୱର,୧୪।୬(ସଂଚାର ବ୍ୟୁରୋ): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରୀତିନୀତିକୁ ଅବମାନନା କରି ଇସ୍କନ ପକ୍ଷରୁ ଦେଶ ଓ ଦେଶ ବାହାରେ ବିଭିନ୍ନ ସ୍ଥାନରେ ଅଦିନିଆ ରଥଯାତ୍ରା କରାଯାଉଛି। ଆଉ ଜଗନ୍ନାଥପ୍ରେମୀ ଏହାକୁ ବିରୋଧ କଲେ ଇସ୍କନ ଅନୁଗାମୀମାନେ ସୋସିଆଲ ମିଡିଆରେ ଅପଶବ୍ଦ ବ୍ୟବହାର କରି ଗାଳି କରିବାକୁ ପଛାଉନାହାଁନ୍ତି। ଏପରିକି ଅତିଥିରେ ରଥଯାତ୍ରାକୁ ବିରୋଧ କରୁଥିବା ବ୍ୟକ୍ତିଙ୍କୁ କୁକୁର ବୋଲି କହିବାକୁ ପଛାଉନାହାଁନ୍ତି। ଇସ୍କନ ଅନୁଗାମୀଙ୍କ ଏଭଳି ବ୍ୟବହାରକୁ ନେଇ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି।

ଶ୍ରୀମନ୍ଦିର ପ୍ରଶାସନ ଓ ଖୋଦ ଗଜପତି ମହାରାଜଙ୍କ ବିରୋଧ ଓ ଚିଠି ଲେଖାଯିବା ପରେ ମଧ୍ୟ କୋଟି କୋଟି ଓଡ଼ିଆଙ୍କ ମଉଡ଼ମଣିଙ୍କୁ ଅସମ୍ମାନ କରିଚାଲିଛି ଇସ୍କନ। ➪ପୃଷ୍ଠା-୬

## ପାକିସ୍ତାନକୁ ୬୪ ରନ୍‌ରେ ହରାଇଲା ଭାରତ

### ଆଇସିସି ମହିଳା ଟି-୨୦ ବିଶ୍ୱକପ୍

- ଦୀପ୍ତିଙ୍କ କ୍ୟାରିଅର୍ ଶ୍ରେଷ୍ଠ ପ୍ରଦର୍ଶନ
- ଭୁଶୁଡ଼ିଲା ପାକିସ୍ତାନ ବ୍ୟାଟିଂ ଲାଇନ୍





ବର୍ମିଂହାମ୍,୧୪।୬: ଚଳିତ ଆଇସିସି ମହିଳା ଟି-୨୦ ବିଶ୍ୱକପ୍‌ରେ ଭାରତ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ ସହଜସାଧ୍ୟ ବିଜୟ ହାସଲ କରିଛି। ଅଲ୍‌ରାଉଣ୍ଡର୍ ଦୀପ୍ତି ଶର୍ମାଙ୍କ କ୍ୟାରିଅର୍ ଶ୍ରେଷ୍ଠ ବୋଲିଂ ପ୍ରଦର୍ଶନକୁ ଆଧାର କରି ଦଳ ପାକିସ୍ତାନକୁ ୬୪ ରନ୍‌ରେ ପରାସ୍ତ କରି ପ୍ରତିଯୋଗିତାରେ ବିଜୟ ସହ ତା'ର ଅଭିଯାନ ଆରମ୍ଭ କରିଛି। ପ୍ରଥମେ ବ୍ୟାଟିଂ କରି ଭାରତ ୬ ୱିକେଟ୍‌ରେ ୧୭୦ ରନ୍ କରିବା ପରେ ଜବାବରେ ପାକିସ୍ତାନ ୧୭ ଓଭର୍‌ରେ ମାତ୍ର ୧୦୬ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ୪ ଓଭର୍‌ରେ ମାତ୍ର ୧୦ ରନ୍ ବ୍ୟୟ କରି ୫ଟି ୱିକେଟ୍ ସହ ଏକ ଚମତ୍କାର ରନ୍‌ଆଉଟ୍ କରିଥିବା ଦୀପ୍ତିଙ୍କୁ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି।

ଭାରତର ଦୁଇ ଓପନର ସ୍ମୃତି ମନ୍ଧାନା ଓ ଶେଫାଳୀ ବର୍ମା ଇନିଂସ ଆରମ୍ଭ କରିଥିଲେ ହେଁ ପ୍ରଥମ ଓଭର୍‌ରେ ବର୍ମା ମାତ୍ର ୬ ରନ୍ କରି ବିଦାୟ ନେଇଥିଲେ। ପରେ ଜେମିମା ରଡରିଗ୍ସ ମାତ୍ର ୧ ରନ୍‌ରେ ଆଉଟ୍ ହେବା ଫଳରେ ଭାରତକୁ ପ୍ରାରମ୍ଭିକ ଝଟ୍‌କା ଲାଗିଥିଲା। କିନ୍ତୁ ଉପଅଧିନାୟିକା ମନ୍ଧାନା ଓ ଅଧିନାୟିକା ହରମନ୍‌ପ୍ରୀତ୍ କୌର୍ ତୃତୀୟ ୱିକେଟ୍‌ରେ ୯୧ ରନ୍ ଯୋଡ଼ି ଦଳୀୟ ସ୍ଥିତିକୁ ମଜବୁତ କରିଥିଲେ। ଇତିମଧ୍ୟରେ ମନ୍ଧାନା ତାଙ୍କର ଅର୍ଦ୍ଧଶତକ ପୂରଣ କରିଥିଲେ। ତେବେ ମନ୍ଧାନା ୪୪ ବଲ୍ ଖେଳି ୯ଟି ଚୌକା ଓ ୨ଟି ଛକା ଜରିଆରେ ୬୮ ରନ୍ କରିଥିବା ସମୟରେ ➪ପୃଷ୍ଠା-୬

## କୂଅରେ ପଡ଼ିଲା ତୀର୍ଥଯାତ୍ରୀ ଗାଡ଼ି, ୧୪ ମୃତ

ମୁମ୍ବାଇ,୧୪।୬: ମହାରାଷ୍ଟ୍ରର ପଣ୍ଡରପୁରରେ ତୀର୍ଥଯାତ୍ରୀମାନଙ୍କୁ ନେଇ ଯାଉଥିବା ଏକ ପିକଅପ୍ ଭ୍ୟାନ୍ କୂଅ ଭିତରକୁ ଖସିପଡ଼ିବାରୁ ୧୪ ଜଣଙ୍କର ମୃତ୍ୟୁ ଘଟିଛି। ଏପର୍ଯ୍ୟନ୍ତ ଆଠ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସମସ୍ତ ମୃତକ ପଣ୍ଡରପୁରର ରଞ୍ଜନି ଗାଁର ବାସିନ୍ଦା। ତୀର୍ଥଯାତ୍ରାରେ ଯାଉଥିବା ବେଳେ ସୋଲାପୁରର ମସାଲିଜରସ୍ ଗାଁ ନିକଟରେ ଏହି ଦୁର୍ଘଟଣା ଘଟିଛି। ସୂଚନାଯୋଗ୍ୟ ଯେ, ଗତ ୨୫ ରେ ମହାରାଷ୍ଟ୍ରର ରାୟଗଡ଼ ଜିଲ୍ଲାରେ କୋଙ୍କଣ ଅଞ୍ଚଳରୁ ସତାରା ଯାଉଥିବା ଏକ ପର୍ଯ୍ୟଟକ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ଅତି କମରେ ୮ ଜଣଙ୍କର ଦୁଃଖଦ ମୃତ୍ୟୁ ହୋଇଥିଲା।

## ଇଶିତା ଏନ୍‌ଡିଏର ପ୍ରଥମ ମହିଳା ଫାଇଟର ଜେଟ୍ ପାଇଲଟ୍



ହାଇଦ୍ରାବାଦ, ୧୪।୬: ଭାରତୀୟ ବାୟୁସେନା ଇତିହାସରେ ଏକ ନୂଆ ଅଧ୍ୟାୟ ଯୋଡ଼ି ହୋଇଛି। ହରିୟାଣାର ଝିଅ ଇଶିତା ସାଙ୍ଗୱାନ ଏନଡିଏର ପ୍ରଥମ ମହିଳା ଫାଇଟର ଜେଟ୍ ପାଇଲଟ ହୋଇ ଇତିହାସ ରଚିଛନ୍ତି। ଇଶିତା ଇଣ୍ଡିଆନ ଏୟାରଫୋର୍ସରେ ଫାଇଟର ପାଇଲଟ ହୋଇ ନୀଳ ଆକାଶ ଛୁଇଁବାର ସ୍ୱପ୍ନ ପୂରା କରିଛନ୍ତି। ଇଶିତା ସାଙ୍ଗୱାନ ହାଇଦ୍ରାବାଦର ଡୁଣ୍ଡିଗଲସ୍ଥିତ ଏୟାରଫୋର୍ସ ଏକାଡେମୀରେ ଆୟୋଜିତ ମିଳିତ ଗ୍ରାଜୁଏସନ ପାସିଂ ଆଉଟ୍ ପରେଡରେ କମିଶନ ହାସଲ କରିଛନ୍ତି। ଏହି ପରେଡରେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ମଧ୍ୟ ଉପସ୍ଥିତ ଥିଲେ। ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଭାରତୀୟ ବାୟୁସେନାରେ କମିଶନ ହାସଲ କରିବାରେ ମୋଟ ୨୩୧ କ୍ୟାଡେଟଙ୍କ ମଧ୍ୟରେ ୧୯୪ ଜଣ ପୁରୁଷ ଥିବା ବେଳେ ୩୭ ଜଣ ମହିଳା ବି ଅଛନ୍ତି।

## ପଦାକୁ ଆସିଲା ଇରାନ-ଆମେରିକା ପ୍ରସ୍ତାବିତ ଚିଠା

ୱାଶିଂଟନ/ତେହରାନ୍, ୧୪।୬:ଲେବାନନରେ ହିଜବୁଲ୍ଲା ଓ ଇସ୍ରାଏଲ ମଧ୍ୟରେ ଘମାଘୋଟ ଆକ୍ରମଣ ଜାରି ରହିଥିବା ବେଳେ ରବିବାର ଆମେରିକା ଓ ଇରାନ ମଧ୍ୟରେ ହେବାକୁ ଥିବା ସମ୍ଭାବିତ ବୁଝାମଣାର ଚିଠା ପ୍ରକାଶିତ ହୋଇଛି। ପ୍ରସ୍ତାବିତ ରାଜିନାମାରେ ପରମାଣୁ ଅସ୍ତ୍ର ହାସଲ କିମ୍ବା ଉତ୍ପାଦନ ନ କରିବାକୁ ଇରାନ୍ ଦେଇଥିବା ପ୍ରତିଶ୍ରୁତିକୁ ସାମିଲ୍ କରାଯାଇଥିବା ଇରାନର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ପ୍ରସ୍ତୁତ ହୋଇଥିବା ଚିଠାର ଢାଞ୍ଚା ➪ପୃଷ୍ଠା-୬

## ସୁରକ୍ଷା ବାହିନୀକୁ ସଫଳତା, ମାଓ ଡମ୍ପ ଠାବ

ରାୟଗଡ଼ା,୧୪।୬(ସଂଚାର ବ୍ୟୁରୋ): ରାୟଗଡ଼ା ଜିଲ୍ଲା ଆମ୍ବାଦୋଳା ଥାନା ଅନ୍ତର୍ଗତ ଢେପାଗୁଡ଼ା ସଂରକ୍ଷିତ ଜଙ୍ଗଲ ଅଞ୍ଚଳରୁ ରାୟଗଡ଼ା ପୁଲିସ ପକ୍ଷରୁ ବିପୁଳ ପରିମାଣର ମାଓ ସାମଗ୍ରୀ ଜବତ କରାଯାଇଛି। ଡିଭିଏଫ୍ ଓ ଏସଓଜି ଯବାନଙ୍କ ସର୍ଚ୍ଚ ଅପରେସନ୍ ପରେ ଉକ୍ତ ଅଞ୍ଚଳରୁ ମାଓବାଦୀମାନେ ବ୍ୟବହାର କରୁଥିବା ଗୋଟିଏ ବନ୍ଧୁକ, ୩୭ଟି ଅଫୁଟା ଗୁଳି, ୧୦ଟି କ୍ୟାଟରିଜ୍, ଗୋଟିଏ ମାଗାଜିନ୍, ୫ ବଣ୍ଡଲ୍ କୋଡେକ୍ସ ୱାୟାର୍ ସମେତ ମାଓବାଦୀମାନେ ନିତ୍ୟ ବ୍ୟବହାର କରୁଥିବା ଅନ୍ୟାନ୍ୟ ସମାଗ୍ରୀଗୁଡ଼ିକ ଜବତ କରାଯାଇଛି। ଗତ





ଜାନୁଆରୀଠାରୁ ମାର୍ଚ୍ଚ ମଧ୍ୟରେ ଜିଲ୍ଲାରେ ଅନେକ ମାଓବାଦୀ ପୁଲିସ ନିକଟରେ ଆତ୍ମସମର୍ପଣ କରିଥିଲେ। ➪ପୃଷ୍ଠା-୬

## ଏସଆଇଆରରେ ସାମିଲ ହେଲେ ମୁଖ୍ୟମନ୍ତ୍ରୀ

- ନିଜ ଗାଁ ରାଇକଳାରେ ପୂରଣ କଲେ ପରିଗଣନା ଫର୍ମ
- ତ୍ରୁଟିଶୂନ୍ୟ ଭୋଟର ତାଲିକା ପାଇଁ ଆହ୍ୱାନ



କେନ୍ଦୁଝର,୧୪।୬(ସଂଚାର ବ୍ୟୁରୋ): ଭାରତୀୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ କେନ୍ଦୁଝର ଜିଲ୍ଲାରେ ଚାଲିଥିବା 'ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)-୨୦୨୬' ଅଭିଯାନ ଆଜି ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ରାଇକଳା ➪ପୃଷ୍ଠା-୬



### କାନ ଡେରିଥା

ଚମେଲୀ ଏଇଠି ଗିରଫ ହୁଅନ୍ତି
ରାଜନୀତି ଚକ୍ରବ୍ୟୁହେ
ଜନ ପ୍ରତିନିଧି ଆକ୍ରୋଶ
ଶିକାର
ରକ୍ଷା ଯେ କରିବ କିଏ
କାହାର କି ଅବା ଯାଏ...
ମହିଳା ବି ଏଠି କ୍ରିମିନାଲ ଭଳି
ଯାତନା ସମ୍ଭାଳି ଥାଏ ।

*ଦେବାଶିଷ*

### ଚାମେଲି ରାଜନୀତି

## କୁଆଡ଼େ ଗଲା ଦୁର୍ଗାଙ୍କ ନାରୀ ଶକ୍ତି ବନ୍ଦନ?

- ବିଚାର ବିଭାଗୀୟ ତଦନ୍ତ ଦାବି କଲେ ସରପଞ୍ଚ
- ମହାକାଳପଡ଼ା ପୁଲିସ ଉପରେ ଭରସା ନାହିଁ
- ବିଧାୟକଙ୍କ ଛତ୍ରଛାୟାରେ ଆକ୍ରମଣକାରୀ



ଭୁବନେଶ୍ୱର,୧୪।୬(ସଂଚାର ବ୍ୟୁରୋ): ଦିନକୁ ଦିନ ଜଟିଳ ହୋଇପଡୁଥିବା ମହାକାଳପଡ଼ାର ତିଖିରି ସରପଞ୍ଚ ଚାମେଲି ଓଝା ଘଟଣାରେ ରାଜ୍ୟ ସରକାରଙ୍କ କାର୍ଯ୍ୟାନୁଷ୍ଠାନ ଉପରେ ଏବେ ସମସ୍ତଙ୍କ ନଜର। କାରଣ ଅଭିଯୋଗକାରିଣୀ ସିଧାସଳଖ ବିଧାୟକ, ବିଡିଓ ଓ ମହାକାଳପଡ଼ା ପୁଲିସ ବିରୋଧରେ ଅଭିଯୋଗ ଆଣିଛନ୍ତି। ଅଭିଯୋଗକାରିଣୀଙ୍କ ଅଭିଯୋଗକୁ ଯଦି ଗୁରୁତ୍ୱ ଦିଆଯାଏ, ତା'ହେଲେ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକଙ୍କ ମୁଣ୍ଡରେ ଖଣ୍ଡା ପଡ଼ିବ ବୋଲି ଆଲୋଚନା ହେଉଛି।

### ହସ୍ତକ୍ଷେପ କରନ୍ତୁ ମୁଖ୍ୟମନ୍ତ୍ରୀ: ନବୀନ

ମହାକାଳପଡ଼ାର ତିଖିରି ପଞ୍ଚାୟତ ସରପଞ୍ଚ ଚାମେଲି ଓଝାଙ୍କ ଉପରେ ସର୍ବସମ୍ମୁଖରେ ସରକାରୀ କାର୍ଯ୍ୟାଳୟ ଭିତରେ ହୋଇଥିବା ଅକଥନୀୟ ଅତ୍ୟାଚାର ଗଣତନ୍ତ୍ର ରାଷ୍ଟ୍ରରେ କଦାପି ଶୋଭନୀୟ ନୁହେଁ। ମହିଳା ସରପଞ୍ଚଙ୍କ ସ୍ୱର ଚାପିବା ପାଇଁ ବିଜେପି ସରକାର ସବୁ ସ୍ତରରେ କରୁଥିବା ହୀନ ଉଦ୍ୟମ ଜଳଜଳ ଦେଖାଯାଉଛି ବୋଲି ଆଜି ଆକ୍ଷେପ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। 'ନାରୀ ଶକ୍ତି ବନ୍ଦନ' କଥା କହୁଥିବା ବିଜେପିର ବାସ୍ତବରେ ଏହା କ'ଣ ନାରୀଙ୍କୁ ସମ୍ମାନ ବୋଲି ସେ ପ୍ରଶ୍ନ କରିଛନ୍ତି। ବିଜେପି ସରକାରରେ ଜଣେ ମହିଳା ସରପଞ୍ଚ ନିଜ ପଞ୍ଚାୟତର ଦାବି ଉଠାଇ ଯଦି ଏପରି ସ୍ଥିତିର ସାମ୍ନା କରୁଛି, ତେବେ ରାଜ୍ୟରେ ଅଗଣିତ ମହିଳାଙ୍କ ସ୍ଥିତି କ'ଣ ତାହା ସ୍ପଷ୍ଟ ଅନୁମେୟ।

ସେ କହିଛନ୍ତି ଯେ ଲୋକଙ୍କ ସ୍ୱର ଉଠାଇ ବିଜେପି ସରକାରରେ ଜଣେ ମହିଳା ସରପଞ୍ଚଙ୍କ ଉପରେ ହେଉଥିବା ଦମନଲୀଳାର ସାକ୍ଷୀ ରହୁଛି ଓଡ଼ିଶା। ବିଜେପି ନେତାମାନେ ବାରମ୍ବାର ସରକାରୀ କାର୍ଯ୍ୟାଳୟରେ ପଶି ଘଟାଇଥିବା ଅଭାବନୀୟ କାଣ୍ଡ ସାରା ଓଡ଼ିଶା ଦେଖିଛି। ସେମାନଙ୍କ ଉପରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି? ବିଜେପି ଶାସନରେ ଆଇନ କ'ଣ ଅଲଗା ଅଲଗା କି ନବୀନ ପ୍ରଶ୍ନ କରିବା ସହ ମୁଖ୍ୟମନ୍ତ୍ରୀ ତୁରନ୍ତ ଏଥିରେ ହସ୍ତକ୍ଷେପ କରିବାକୁ ସେ ଦାବି କରିଛନ୍ତି।

ସେପଟେ ବିଡିଓ କିମ୍ବା କିଛି ତଳିଆ ଥାନାଧିକାରୀଙ୍କୁ ବଳି ପକାଇ ଅଡୁଆ ତୁଟାଇବାକୁ ଜିଲ୍ଲା ପ୍ରଶାସନ ସ୍ତରରେ ପ୍ରକ୍ରିୟା ଆରମ୍ଭ ହୋଇଥିବା ବୋଲି ମଧ୍ୟ ଚର୍ଚ୍ଚା ହେଉଛି। ଚାମେଲି ସିଧାସଳଖ ବିଧାୟକଙ୍କ ନାଁ ନେବା ସହ ସିଏ ତାଙ୍କ ଇଜ୍ଜତ ମାଗୁଥିବା ➪ପୃଷ୍ଠା-୬

# ଦୋଳିର ମଜାନେଲେ ବାଚସ୍ପତି



ଭୁବନେଶ୍ୱର,୧୪।୬(ସଂଚାର ବ୍ୟୁରୋ): ବିଶ୍ୱ ଓଡ଼ିଆ ପରିବାର ପକ୍ଷରୁ ରାଜ୍ୟ ସଂଗ୍ରହାଳୟଠାରେ ଏକ ଭବ୍ୟ ରଜ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇଥିବା ବେଳେ ପ୍ରକୃତି ଓ ସଂସ୍କୃତି ସମନ୍ୱୟ ର ପର୍ବ ରଜ ସମ୍ପର୍କରେ ଉଦବୋଧନ ଦେଇଥିଲେ। ଗାଁରୁ ସହର ଦୂରତା କମିଗଲାଣି ଓ ରଜ ସହରାଞ୍ଚଳରେ ମଧ୍ୟ ଧୁମ୍‌ଧାମରେ ପାଳନ ହେଉଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଓଡ଼ିଶା ଅଲିମ୍ପିକ୍ସ ଆସୋସିଏସନ୍ ସଭାପତି ସମୀର ମହାନ୍ତି, ଜଗନ୍ନାଥ ପ୍ରଧାନ ଉପସ୍ଥିତ ଥିବା ବେଳେ ମଞ୍ଚ ପରିଚାଳନା ଡା. ପ୍ରୀତି ପ୍ରତିମା ଭୋଳ ଓ ମନୋରଞ୍ଜନ ଷଡ଼ଙ୍ଗୀ କରିଥିଲେ। ବିଶ୍ୱ ଓଡ଼ିଆ ପରିବାରର ଅଧ୍ୟକ୍ଷ ସର୍ଜନ ଶର୍ମା ସଭାପତିତ୍ୱ କାର୍ଯ୍ୟ ତୁଲାଇଥିଲେ। ପରିଚାଳନା ନିର୍ଦ୍ଦେଶକ ଅନିତା ମହାନ୍ତି, ଶିଳ୍ପପତି ସସ୍ମିତା ସୂତାର, ରଞ୍ଜନା ଦେଈ, ପର୍ବତାରୋହୀ ବିବରଣୀ ପାତ୍ର ଓ କବୟିତ୍ରୀ ବିଜୟାଲକ୍ଷ୍ମୀ ପଟ୍ଟନାୟକ କୃତୀ ମହିଳାମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ କୁନି କୁନି ଝିଅଙ୍କ ଦ୍ୱାରା ରଜ ସଜବାଜ, କନ୍ୟା ପୂଜନ ଚିତ୍ରାଙ୍କନ ତଥା ମହିଳାମାନଙ୍କୁ ନେଇ ପୁଚି ଓ ହୁଳହୁଳିର ଆସର ଜମିଥିଲା। ଶେଷରେ କବି ସମ୍ମିଳନୀ ଓ ରଜ ସ୍ଲୋଗାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କଣ୍ଠଶିଳ୍ପୀ ସୁସ୍ମିତା ଦାସ ଅତିଥି ଭାବେ ଯୋଗ ଦେଇଥିଲେ। ପୁରାତନ ସଂଗୀତ ଗାନ କରି ଦର୍ଶକମାନଙ୍କୁ ବିମୋହିତ କରିଥିଲେ। ବହୁ ସଂଖ୍ୟାରେ କବି ମଧ୍ୟ ଉପସ୍ଥିତ ଥିଲେ। ଶେଷରେ ମନୋରଞ୍ଜନ ପାଣିଗ୍ରାହୀ, ପୂର୍ବତନ ସଂସ୍କୃତି ବିଭାଗ, ପ୍ରକୃତି ଓ ସଂସ୍କୃତି ସମନ୍ୱୟର ପର୍ବ ରଜ ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। ସମସ୍ତ କବି ଓ କବୟିତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା।

କାଳନ୍ଦୀ ସାମଲ, ପ୍ରତାପ ପାଣି, ସଙ୍ଗୀତା ଦାଶ, ଅଞ୍ଜନ କୁମାର ଦେବତା, କୃପାସିନ୍ଧୁ ମହାନ୍ତି, କୁଳମଣି ରାଉତ, ଲକ୍ଷ୍ମଣ ପାଲ୍, ସାଧୁ ଚରଣ ବେହେରା, ରାକେଶ ପାଢ଼ୀ, ଅକ୍ଷୟ କୁମାର ବଳିୟାରସିଂହ, ସଂଗ୍ରାମ ସ୍ୱାଇଁ, ଗୀତାରାଣୀ ବେହେରା, ସୁବ୍ରତ କିଶୋର ନାୟକ, ତ୍ରିଗୁଣ ଦାସ ମହାପାତ୍ର, ସୁଜିତ ଦାସ, ଭବାନୀ ମିଶ୍ର, ରଜମିତ୍ରା ପ୍ରହରାଜ, ଆରତୀ ମିଶ୍ର ଓ ସୁରେଶ ସାହୁ ସଭାରେ ଉପସ୍ଥିତ ଥିଲେ।

## ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଲେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ

# ରଜ ଓଡ଼ିଆ ଅସ୍ମିତାର ଜୀବନ୍ତ ପରମ୍ପରା

ଭୁବନେଶ୍ୱର,୧୪।୬ (ସଂଚାର ବ୍ୟୁରୋ) : କୃଷିଭିତ୍ତିକ ଗଣପର୍ବ ରଜ ଅବସରରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଲେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପତି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପତି କହିଛନ୍ତି, କୃଷିଭିତ୍ତିକ ଗଣପର୍ବ ରଜ ହେଉଛି ଓଡ଼ିଶାର ସଂସ୍କୃତି, ପ୍ରକୃତି, ପ୍ରଗତି ଏବଂ ପରମ୍ପରାର ମହାନ ପର୍ବ। ପରିବେଶ ସୁରକ୍ଷାର ବାର୍ତ୍ତା ଏହି ପର୍ବରେ ନିହିତ । ମା' ମାଟି ର ମହନୀୟତାକୁ ପ୍ରତିପାଦିତ କରିବା ସହ ଭାଇଚାରା, ମୈତ୍ରୀ ଓ ସଦ୍ଭାବନାକୁ ସୁଦୃଢ଼ କରେ ଏହି ପର୍ବ। ହର୍ଷୋଲ୍ଲାସର ପର୍ବ ରଜ ଅବସରରେ ଓଡ଼ିଶାର ଭାଇଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ବୋଲି ରାଜ୍ୟପାଳ କହିଛନ୍ତି।

ସେହିଭଳି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ରାଜ ପର୍ବ ହେଉଛି ଓଡ଼ିଆ ଅସ୍ମିତାର ଜୀବନ୍ତ ପରମ୍ପରା, ମୃତ୍ତିକା ଓ ମାତୃଶକ୍ତିର ଅନନ୍ୟ ମହାମିଳନର

**ମୃତ୍ତିକା ଓ ମାତୃଶକ୍ତି ମହାମିଳନର ଗଣପର୍ବ: ମୁଖ୍ୟମନ୍ତ୍ରୀ**



ମହାଗଣପର୍ବ। ରଜ କେବଳ ପରିବର୍ତ୍ତିତ ଋତୁଚକ୍ରର ଆବାହନୀ ନୁହେଁ; ଏହା ଆମ ସନାତନ ଚେତନାର ଏକ ମହାନ ସାଂସ୍କୃତିକ ସଂସ୍କାର, ପ୍ରକୃତି ପ୍ରତି କୃତଜ୍ଞତା ଓ ନାରୀତ୍ୱ ପ୍ରତି ଗଭୀର ସମ୍ମାନର ଅନନ୍ୟ ଅଭିବ୍ୟକ୍ତି। ଏହି ପରମ୍ପରା ନାରୀତ୍ୱର ପବିତ୍ରତା, ସୃଜନର ସାମର୍ଥ୍ୟ ଏବଂ ମାତୃତ୍ୱର ଗରିମାକୁ ସର୍ବୋଚ୍ଚ ଆସନ ପ୍ରଦାନ କରି ଓଡ଼ିଆ ଜାତିର ସ୍ୱାଭିମାନକୁ ଏକ ସ୍ୱତନ୍ତ୍ର ଉଚ୍ଚତାରେ ପ୍ରତିଷ୍ଠିତ କରିଛି ବୋଲି ସେ କହିଛନ୍ତି।

ସେ କହିଛନ୍ତି, ଆମ ସାଂସ୍କୃତିକ ବିଶ୍ୱାସ ଅନୁଯାୟୀ, ସ୍ୱୟଂ ଭୂଦେବୀ ଏହି ତିନିଦିନ ରଜସ୍ୱଳା ହୋଇ ବିଶ୍ରାମ ନିଅନ୍ତି। ପ୍ରକୃତିର ଏହି ସର୍ଜନାତ୍ମକ ବିଶ୍ରାମକୁ ସମ୍ମାନ ଜଣାଇ ଆମ ଅନ୍ନଦାତାମାନେ କୃଷି କାର୍ଯ୍ୟ ସ୍ଥଗିତ ରଖି ମାଟି ମା'ଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରନ୍ତି। ସେହିପରି, ପ୍ରତ୍ୟେକ ଓଡ଼ିଆ ପରିବାରରେ କନ୍ୟା, ମା' ଓ ଭଉଣୀମାନଙ୍କୁ ଦୈନନ୍ଦିନ ଦାୟିତ୍ୱରୁ ମୁକ୍ତି ଦେଇ ସେମାନଙ୍କ ସମ୍ମାନ, ସ୍ୱାଧୀନତା ଓ ଆନନ୍ଦର ମହୋତ୍ସବ ଭାବେ ଏହି ପର୍ବକୁ ପାଳନ କରାଯାଏ। ଯେଉଁ ସଂସ୍କୃତି ଆଗାମୀ ସୃଜନ ପାଇଁ ବିଶ୍ରାମର ଆବଶ୍ୟକତାକୁ ସ୍ୱୀକାର କରେ, ସେହି ସଂସ୍କୃତିର ଉତ୍ତରାଧିକାରୀ ଭାବେ ଏହି ମାନବୀୟ ଓ ବୈଜ୍ଞାନିକ ଦର୍ଶନକୁ ଆଧାର କରି ଆଜି ଆମ ଶାସନ ବ୍ୟବସ୍ଥାରେ ମଧ୍ୟ ମାତୃଶକ୍ତିର ଗରିମା ଓ ସ୍ୱାଭିମାନକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଇଛି ବୋଲି ସେ କହିଛନ୍ତି।

ଏହି ଚିନ୍ତାଧାରାର ପ୍ରତିଫଳନ ସ୍ୱରୂପ କର୍ମଜୀବୀ ଭଉଣୀମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଅତିରିକ୍ତ ସାମୟିକ ଛୁଟିର ଐତିହାସିକ ବ୍ୟବସ୍ଥା କରାଯାଇଛି। ସେହିପରି ଆମ ପରିଶ୍ରମୀ ଚାଷୀ ଭାଇମାନଙ୍କ ସ୍ୱେଦବିନ୍ଦୁକୁ ସମୃଦ୍ଧିର ଶସ୍ୟରେ ପରିଣତ କରି ସେମାନଙ୍କ ଜୀବନରେ ପ୍ରଗତି ଓ ସମ୍ମାନର ନୂତନ ଅଧ୍ୟାୟ ରଚନା କରିବା ପାଇଁ ଆମେ ସଂକଳ୍ପବଦ୍ଧ। ରଜ ଦୋଳିର ଉତ୍ତାଳ ଛନ୍ଦରେ ଆହୁରି ଗତିଶୀଳ ହେଉ ଆମ ବିକାଶର ଯାତ୍ରା, ପୋଡ଼ପିଠାର ମଧୁର ମହକରେ ମହକି ଉଠୁ ଆମର ସାମାଜିକ ସଦ୍ଭାବ ଓ ପାରିବାରିକ ବନ୍ଧନ; ରଜ ପାନର ମାଧୁର୍ଯ୍ୟ ପ୍ରତ୍ୟେକ ଓଡ଼ିଆଙ୍କ ହୃଦୟରେ ଭରିଦେଉ ନୂତନ ଆଶା, ନୂତନ ଉତ୍ସାହ ଓ ନୂତନ ସଂକଳ୍ପର ଉଲ୍ଲାସ। ଆସନ୍ତୁ, ମା' ବସୁମତୀଙ୍କ ଆଶୀର୍ବାଦ କାମନା କରି ଏକ ସମୃଦ୍ଧ, ସ୍ୱାଭିମାନୀ, ସଶକ୍ତ ଓ ବିକଶିତ ଓଡ଼ିଶା ଗଠନ ପାଇଁ ପୁନର୍ବାର ଦୃଢ଼ ସଂକଳ୍ପ ନେବାକୁ ସେ ରାଜ୍ୟବାସୀଙ୍କୁ ଆହ୍ୱାନ ଦେଇଛନ୍ତି।

# ପଟିଆ ରଜ ଉତ୍ସବ ଉଦ୍‌ଘାଟିତ



ଭୁବନେଶ୍ୱର, ୧୪।୬(ସଂଚାର ବ୍ୟୁରୋ): ପଟିଆସ୍ଥିତ ଏଲ୍‌ଏ ଲନ୍‌ଠାରେ ପଟିଆ ରଜ ଉତ୍ସବ ଆଜି ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ତଥା ବିଜେପି ନେତା ପ୍ରିୟଦର୍ଶୀ ମିଶ୍ର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସଭାପତି ମନୋଜ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଯୁବନେତା କୁନା ଜେନା, ପୂର୍ଣ୍ଣଚନ୍ଦ୍ର ରାୟ, ଡ. ଶରତ ଚନ୍ଦ୍ର ପରିଡ଼ା, କୁନା ନନ୍ଦ, ନବକିଶୋର ଜେନା, କଲ୍ୟାଣ କୁମାର ବଡଜେନା, ପ୍ରଣତି ପ୍ରଧାନ, ଟିଙ୍କି ରାଉତ, ପ୍ରିୟଦର୍ଶିନୀ ପ୍ରଧାନ, ସୁପ୍ରିୟା ପ୍ରିୟଦର୍ଶିନୀ ସ୍ୱାଇଁ ଯୋଗଦେଇଥିଲେ। ଆଜି ପ୍ରଥମ ରଜରେ ପଟିଆ ଓ ଆଖପାଖ ଗ୍ରାମର ସବୁ ବର୍ଗର ଲୋକେ ଉପସ୍ଥିତ ରହି ରଜ ଉତ୍ସବର ମଜା ନେଇଥିଲେ। ସୁସଜ୍ଜିତ ଏଲ୍‌ଏ ଲନ୍‌ରେ ଲାଗିଥିବା ପଟା ଦୋଳି, ବାଉଁଶ ଦୋଳି ଓ ଚକ୍ରି ଦୋଳି ଖେଳିବା ସହ ସେମାନେ ନାଚଗୀତ ବି କରିଥିଲେ। ମହିଳାମାନେ ଝୋଟି, ଚିତା, ମୁରୁଜ ଆଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସୁନ୍ଦର ସୁନ୍ଦର କଳାକୃତୀ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା।

# ବଜ୍ରପାତରେ ଜଳିଗଲେ ୧୨ ଛେଳି

ଭଞ୍ଜନଗର,୧୪।୬ (ସଂଚାର ବ୍ୟୁରୋ): ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ବ୍ଲକ ଅନ୍ତର୍ଗତ ବାରଦଣ୍ଡା ଗ୍ରାମରେ ବଜ୍ରପାତ ମାରିବାରୁ ରବିବାର ଅପରାହ୍ଣରେ ୧୨ଟି ଛେଳିଙ୍କର ମୃତ୍ୟୁ ଘଟିଛି। ଏଥିରେ ଛେଳି ଚରାଳି ଜଟିଆ ଗୌଡ଼ ରକ୍ଷା ପାଇଯାଇଛନ୍ତି। ଜଟିଆ ଜଣେ ଗରିବ ଚାଷୀ ହୋଇଥିବା ବେଳେ ହଠାତ୍ ତାଙ୍କର ଏତେବଡ କ୍ଷତିକୁ ନେଇ ସେ ଭାଙ୍ଗି ପଡିଛନ୍ତି। କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରଙ୍କ ପକ୍ଷରୁ ସହାୟତା ଯୋଗାଇ ଦେବା ପାଇଁ ଦାବି ହୋଇଛି। ଭାଜପା ନେତା ତଥା ପୂର୍ବତନ ସରପଞ୍ଚ ରାଜୁ ପ୍ରଧାନ କ୍ଷତିଗ୍ରସ୍ତ ଚାଷୀଙ୍କୁ ଭେଟି ଆଶ୍ୱାସନା ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଯାହା ନିୟମ ଅନୁଯାୟୀ ସହାୟତା ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି। ଘଟଣାରୁ ପ୍ରକାଶ ଯେ, ବାରଦଣ୍ଡା ଗ୍ରାମର ଚାଷୀ ଜଟିଆ ଆଜି ନିଜଙ୍କର ଛେଳିପଲକୁ ଧରି ଗ୍ରାମ ଜଙ୍ଗଲକୁ ଯାଇଥିଲେ ଚରାଇବାକୁ। ଏହି ସମୟରେ ଆଜି ଅପରାହ୍ଣ ପ୍ରାୟ ସାଢ଼େ ୨ ଟାରେ ବଜ୍ରପାତ ହୋଇଥିଲା। ଫଳରେ ୧୨ଟି ଛେଳି ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲେ।

# ଆଖି ଲାଗିଯିବାରୁ ୨୦ ଫୁଟ ତଳକୁ ଖସିଲା ଟ୍ରକ୍, ଚାଳକ ଗୁରୁତର

ବଡ଼ବିଲ,୧୪।୬(ସଂଚାର ବ୍ୟୁରୋ): କେନ୍ଦୁଝର ବଡ଼ବିଲ ଥାନା ଅନ୍ତର୍ଗତ ଏନ୍‌ଏଚ୍-୫୨୦ରେ ଭୟଙ୍କର ଦୁର୍ଘଟଣା ଘଟିଛି। ରଇଡ଼ା ଓଏମ୍‌ସି ଛକ ନିକଟରେ ଘଟିଛି ଏହି ଦୁର୍ଘଟଣା। ଭାରସାମ୍ୟ ହରାଇ ଟ୍ରକ୍ ଦୁଇଟି ଅଣ୍ଡରପାସ୍ ମଧ୍ୟରେ ପ୍ରାୟ ୨୦ ଫୁଟ ତଳକୁ ଖସିପଡ଼ିଛି। ଫଳରେ ଟ୍ରକ୍‌ଟି ଚୂରମାର ହୋଇଯାଇଥିବା ବେଳେ ଟ୍ରକ୍ ଚକ ବାହାରିଯାଇଛି।



ଦୁର୍ଘଟଣାରେ ଚାଳକ ଜଣଙ୍କ ଗୁରୁତର ଭାବେ ଆହତ ହୋଇଛନ୍ତି। ଖବର ପାଇ ଘଟଣାସ୍ଥଳରେ ପୁଲିସ ପହଞ୍ଚି ଟ୍ରକ୍ ଚାଳକଙ୍କୁ ଉଦ୍ଧାର କରି ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରିଛି। ମିଳିଥିବା ସୂଚନାନୁସାରେ, ଆଜି ଭୋର ସମୟରେ ଏକ ଟ୍ରକ ଯୋଡ଼ା ପଟୁ ଭଦ୍ରାସାହି ଆଡ଼କୁ ଯାଉଥିଲା। ତେବେ ରଇଡ଼ା ଓଏମ୍‌ସି ଛକ ନିକଟରେ ଚାଳକଙ୍କ ଆଖି ଲାଗିଯିବାରୁ ଟ୍ରକ୍ ନିୟନ୍ତ୍ରଣ ହରାଇଥିଲା। ଦୁର୍ଘଟଣାର ଭୟାବହତା ଏତେ ଅଧିକ ଥିଲା ଯେ ଟ୍ରକ୍ ପ୍ରଥମେ ବାରିକେଡ୍ ଡେଇଁ ହାତୀ ଚଳାଚଳ ପାଇଁ ନିର୍ମିତ ଦୁଇଟି ଅଣ୍ଡରପାସ୍ ମଧ୍ୟରେ ପଡ଼ି ଚୂରମାର୍ ହୋଇଯାଇଥିଲା। ଘଟଣା ନେଇ ସୂଚନା ପାଇ ସ୍ଥାନୀୟ ପୁଲିସ ଓ ଅଗ୍ନିଶମ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଗୁରୁତର ଆହତ ଚାଳକଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ନିକଟସ୍ଥ ଚିକିତ୍ସାଳୟକୁ ପଠାଯାଇଛି। ଘଟଣା ନେଇ ପୁଲିସ ତଦନ୍ତ ଜାରି ରଖିଛି।

**● ପୁରୀ ରେଳ ଷ୍ଟେସନରେ ଆଧୁନିକୀକରଣ କାର୍ଯ୍ୟ**

# ଟ୍ରେନ ଚଳାଚଳରେ ଅସ୍ଥାୟୀ ପରିବର୍ତ୍ତନ

ଭୁବନେଶ୍ୱର,୧୪।୬(ସଂଚାର ବ୍ୟୁରୋ): ପୁରୀ ରେଳ ଷ୍ଟେସନରେ ଅତ୍ୟାବଶ୍ୟକ ନିରାପତ୍ତା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟକୁ ସୁଗମ କରିବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ଆସନ୍ତା ୧୬ରୁ ୨୦ ତାରିଖ ମଧ୍ୟରେ କେତେକ ଟ୍ରେନ ଚଳାଚଳରେ ଅସ୍ଥାୟୀ ପରିବର୍ତ୍ତନ ଘୋଷଣା କରାଯାଇଛି। ପୁରୀ ରେଳ ଷ୍ଟେସନରେ ପରିଚାଳନାଗତ ସୁରକ୍ଷା ବୃଦ୍ଧି, ଯାତ୍ରୀ ସୁବିଧାର ଉନ୍ନତି ଓ ସାମଗ୍ରିକ ଦକ୍ଷତା ବୃଦ୍ଧି ଉଦ୍ଦେଶ୍ୟରେ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟର ସୁଚାରୁ ରୂପାୟନ ନିଶ୍ଚିତ କରିବା ପାଇଁ ଏହି ଅସ୍ଥାୟୀ ପରିବର୍ତ୍ତନ ଯୋଜନା କରାଯାଇଛି। ଏହି ବ୍ୟବସ୍ଥାର ଏକ ଅଂଶସ୍ୱରୂପ ଟ୍ରେନ ନମ୍ବର ୬୮୪୫୦ ଦଶପଲ୍ଲା- ପୁରୀ ମେମୁ, ଟ୍ରେନ୍ ନମ୍ବର ୧୮୪୦୧ ବାଙ୍ଗିରିପୋଷି- ପୁରୀ ଏକ୍ସପ୍ରେସ ଓ ଟ୍ରେନ ନମ୍ବର ୧୮୪୧୭ ପୁରୀ- ଗୁଣପୁର ଏକ୍ସପ୍ରେସ ୧୬ ଜୁନରୁ ୧୯ ପର୍ଯ୍ୟନ୍ତ ଖୋର୍ଦ୍ଧା ରୋଡ୍‌ଠାରେ ଯାତ୍ରା ସମାପ୍ତ କରିବ। ସେହିପରି ଟ୍ରେନ ନମ୍ବର ୬୮୪୪୯ ପୁରୀ- ଦଶପଲ୍ଲା ମେମୁ, ଟ୍ରେନ ନମ୍ବର ୧୮୪୦୨ ପୁରୀ- ବାଙ୍ଗିରିପୋଷି ଏକ୍ସପ୍ରେସ ଓ ଟ୍ରେନ ନମ୍ବର ୧୮୪୧୮ ଗୁଣପୁର- ପୁରୀ ଏକ୍ସପ୍ରେସ ଉକ୍ତ ସମୟ ମଧ୍ୟରେ ପୁରୀ ପରିବର୍ତ୍ତେ ଖୋର୍ଦ୍ଧା ରୋଡରୁ ଯାତ୍ରା ଆରମ୍ଭ କରିବ। ଏଥିସହ ଟ୍ରେନ ନମ୍ବର ୬୮୪୦୪ ପୁରୀ- ଖୋର୍ଦ୍ଧା ରୋଡ୍ ମେମୁ ୧୬ ଜୁନରୁ ୧୯ ପର୍ଯ୍ୟନ୍ତ ବାତିଲ ରହିବ ଓ ଟ୍ରେନ ନମ୍ବର ୬୮୪୬୮୪୫୦୦୩ ଖୋର୍ଦ୍ଧା ରୋଡ୍- ପୁରୀ ମେମୁ ୧୭ ଜୁନରୁ ୨୦ ପର୍ଯ୍ୟନ୍ତ ବାତିଲ ରହିବ।

ଯାତ୍ରୀମାନଙ୍କୁ ଉପରୋକ୍ତ ପରିବର୍ତ୍ତନଗୁଡ଼ିକୁ ଦୃଷ୍ଟିରେ ରଖି ସେହି ଅନୁଯାୟୀ ସେମାନଙ୍କର ଯାତ୍ରା ଯୋଜନା କରିବାକୁ ପରାମର୍ଶ ଦିଆଯାଇଛି। ଟ୍ରେନ ସମ୍ବନ୍ଧୀୟ ଅପଡେଟେଡ୍ ସୂଚନା ପାଇଁ ଯାତ୍ରୀମାନେ ସେମାନଙ୍କର ଯାତ୍ରା ଆରମ୍ଭ କରିବା ପୂର୍ବରୁ ନ୍ୟାସନାଲ ଟ୍ରେନ ଇନକ୍ୱାରୀ ସିଷ୍ଟମ (ଏନ୍‌ଟିଇଏସ୍) ଦେଖିପାରିବେ କିମ୍ବା ସରକାରୀ ରେଳ ଅନୁସନ୍ଧାନ ସେବାର ବ୍ୟବହାର କରିପାରିବେ।

# ଷ୍ଟଡି ଆଇକ୍ୟୁ ଓପିଏସ୍‌ସି ପକ୍ଷରୁ ଟପ୍ପରଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର,୧୪।୬(ସଂଚାର ବ୍ୟୁରୋ): ଷ୍ଟଡି ଆଇକ୍ୟୁ ଓପିଏସସି ପକ୍ଷରୁ ସ୍ଥାନୀୟ ହୋଟେଲ୍ ପ୍ରେସିଡେନ୍ସିଠାରେ ଏକ ସମାରୋହ ଆୟୋଜିତ ହୋଇ ଓଡ଼ିଶା ସିଭିଲ ସର୍ଭିସ (ଓସିଏସ୍) ୨୦୨୪ ପରୀକ୍ଷାର ଟପ୍ପରମାନଙ୍କୁ ସମ୍ମାନିତ କରାଯାଇଛି। ଏହି ସମାରୋହର ମୁଖ୍ୟ ଅତିଥି ଭାବେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟୀ କଲ୍ୟାଣ ତଥା ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଯାଜପୁର ସାଂସଦ ଡା. ରବୀନ୍ଦ୍ର ନାରାୟଣ ମହାପାତ୍ର, ବିଜେଓ୍ୱାଇଏମ୍ ରାଜ୍ୟ ସଭାପତି ଅଭିଳାଷ ପଣ୍ଡା, ଆଇଏଏସ୍ ଡିକେ ପଟ୍ଟନାୟକ ଓ ଶିକ୍ଷାବିତ୍ ତଥା ଓଡ଼ିଶା ରାଇଟର୍ସ ଫୋରମ୍ ସଚିବ ଡା. ଲକ୍ଷ୍ମଣ ପଣ୍ଡା ଉପସ୍ଥିତ ରହି ଓ ଟପ୍ପର୍‌ମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।




ଷ୍ଟଡି ଆଇକ୍ୟୁର ସିନିୟର୍ ଡିରେକ୍ଟର ପ୍ରତୀଶ ଶ୍ରୀବାସ୍ତବ ଓ ଓଡ଼ିଶା ଶାଖାର ହେଡ୍ ସ୍ୱାଗତିକା ନାୟକଙ୍କ ସହ ସମସ୍ତ ଏଡ୍ୟୁକେଟର, ଟପ୍ପର ଓ ସେମାନଙ୍କ ପିତାମାତା ଉପସ୍ଥିତ ଥିଲେ। ସମାରୋହରେ ମୋଟିଭେସନାଲ ଟକ୍, ଗାଇଡେନ୍ସ ସେସନ୍ ଓ ଟପର ଇଣ୍ଟରାକ୍ସନ୍ ଆଦି ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମକୁ ଓପିଏସ୍‌ସି ଷ୍ଟଡି ଆଇକ୍ୟୁ ଓପିଏସ୍‌ସି ୟୁଟ୍ୟୁବ୍ ଚ୍ୟାନେଲରେ ମଧ୍ୟ ସିଧା ପ୍ରସାରଣ କରାଯାଇଥିଲା। ଏହା ମାଧ୍ୟମରେ ହଜାର ହଜାର ସିଭିଲ ସର୍ଭିସ ଆସାୟୀ ଏହି ଅବସରରୁ ପ୍ରେରଣା ନେଇଥିଲେ।

# 'ଟାଟି କଲୋନୀ'ରେ ସିବିଟିଏସ୍‌ଡବ୍ଲ୍ୟୁ

**■ ଲୋକଙ୍କ ସମସ୍ୟା ବୁଝିବା ସହ ସହଯୋଗର ପ୍ରତିଶ୍ରୁତି**



ଭୁବନେଶ୍ୱର,୧୪।୬(ସଂଚାର ବ୍ୟୁରୋ): 'କେନ୍ଦ୍ରୀୟ ଭୁବନେଶ୍ୱର ସାମାଜିକ କାର୍ଯ୍ୟ ଦଳ' (ସିବିଟିଏସ୍‌ଡବ୍ଲ୍ୟୁ) ପକ୍ଷରୁ ସାମାଜିକ କାର୍ଯ୍ୟର 'ଲୋକ ସମ୍ପର୍କ' ଅଭିଯାନକୁ ଅଧିକ ବ୍ୟାପକ ଓ ମଜବୁତ କରିବା ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କ୍ରମରେ ଆଜି ସକାଳ ୮ଟାରେ ଦଳର ପ୍ରମୁଖ ସଦସ୍ୟମାନେ ୟୁନିଟ୍-୧, ଓ୍ୱାର୍ଡ ନମ୍ବର ୪୦ସ୍ଥିତ ଟାଟି କଲୋନୀ ପରିଦର୍ଶନ କରିଛନ୍ତି। ଭୁବନେଶ୍ୱରର ଯେଉଁ ସାଧାରଣ ଲୋକମାନଙ୍କୁ ଶାନ୍ତିପୂର୍ଣ୍ଣ ଜୀବନଯାପନ ପାଇଁ ପ୍ରକୃତ ସାହାଯ୍ୟ ଓ ଦୃଷ୍ଟିର ଆବଶ୍ୟକତା ରହିଛି, ସେମାନଙ୍କୁ ସହଯୋଗ କରିବା ପାଇଁ ଏହି ଦଳ ପ୍ରତି ସପ୍ତାହରେ ଏଭଳି ଜନସମ୍ପର୍କ ଯାତ୍ରା ଆୟୋଜନ କରିଆସିଛି। ସୂଚନାଯୋଗ୍ୟ ଯେ ଆର୍ଥିକ ଲାଭ ପାଇବା 'କେନ୍ଦ୍ରୀୟ ଭୁବନେଶ୍ୱର ସାମାଜିକ କାର୍ଯ୍ୟ ଦଳ'ର ଉଦ୍ଦେଶ୍ୟ ନୁହେଁ, ବରଂ ଅବହେଳିତ ଲୋକମାନଙ୍କର ଜୀବିକା ଓ ସମାଜରେ ସେମାନଙ୍କର ସ୍ଥିତି ସୁଧାରିବାରେ ସାହାଯ୍ୟ କରିବା ହିଁ ଏହି ସଂଗଠନର ମୂଳ ଲକ୍ଷ୍ୟ। ଆଜିର ଏହି ପରିଦର୍ଶନ ସ ସେଠାକାର ସ୍ଥାନୀୟ ବାସିନ୍ଦାଙ୍କ ସହ ବିସ୍ତୃତ ଆଲୋଚନା ମାଧ୍ୟମରେ ସେମାନଙ୍କର ଅନେକ ଜଟିଳ ସମସ୍ୟାଗୁଡ଼ିକୁ ସଦସ୍ୟମାନେ ଅତି ନିକଟରୁ ଅନୁଭବ କରିଥିଲେ। ଏହି ଅନୁଭୂତି ସମସ୍ତଙ୍କ ପାଇଁ ବେଶ ଶିକ୍ଷଣୀୟ ଓ ସ୍ମରଣୀୟ ଥିଲା ବୋଲି ଦଳ ପକ୍ଷରୁ କୁହାଯାଇଛି। ଆଗକୁ ସମସ୍ତ ବସ୍ତି ଓ କଲୋନୀ ଏହି ସାମାଜିକ କାର୍ଯ୍ୟକ୍ରମରେ ଦଳର ପ୍ରମୁଖ ସଦସ୍ୟ କିଶଳୟ ଘୋଷ, ଆଲୋକ ଶର୍ମା, କୁଞ୍ଜ ବିହାରୀ ବେହେରା, ଅନିରୁଦ୍ଧ ଦାସ, ବାସୁଦେବ ମହାରଣା, ଅଶୋକ ରାୟ, ମାନୀ ପଣ୍ଡାଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଶେଷରେ ଟାଟି କଲୋନୀର ସମସ୍ତ ବାସିନ୍ଦାଙ୍କୁ ଦଳ ପକ୍ଷରୁ ଆନ୍ତରିକ ଧନ୍ୟବାଦ ଜ୍ଞାପନ କରାଯିବା ସହ 'ଆମେ ସଦାସର୍ବଦା ଆପଣଙ୍କ ସେବାରେ ନିୟୋଜିତ ରହିବୁ' ବୋଲି ସଦସ୍ୟମାନେ ଦୃଢ଼ ପ୍ରତିଶ୍ରୁତି ଦେଇଛନ୍ତି।

# ପାଇଖାନା ପ୍ୟାନ୍‌ରୁ ନବଜାତ ଶିଶୁକନ୍ୟା ଉଦ୍ଧାର



ଆନନ୍ଦପୁର,୧୪।୬ (ସଂଚାର ବ୍ୟୁରୋ) : ପାଇଖାନା ପ୍ୟାନ୍ ଭିତରୁ ନବଜାତ ଶିଶୁ କନ୍ୟା ଉଦ୍ଧାର । କେନ୍ଦୁଝର ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟର ମହିଳା ଓ୍ୱାର୍ଡରେ ଥିବା ପାଇଖାନା ପ୍ୟାନ ଭିତରୁ ଉଦ୍ଧାର କରାଯାଇଛି । ଆଜି ସକାଳୁ ଓ୍ୱାର୍ଡର ମହିଳା ନର୍ସ ପାଇଖାନା ଭିତରେ ନବଜାତ ପଡ଼ିଥିବା ଦେଖି କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲେ । ମେଡିକାଲ କର୍ତ୍ତୃପକ୍ଷ ପୋଲିସକୁ ଜଣାଇବା ପରେ ପୋଲିସ ପହଁଞ୍ଚି ନବଜାତ କନ୍ୟାକୁ ପ୍ୟାନ ଭିତରୁ ଉଦ୍ଧାର କରିବା ସହିତ ବ୍ୟବଚ୍ଛେଦ ନିମନ୍ତେ ପ୍ରକ୍ରିୟା ଜାରି ରଖିଛି । ଅନ୍ୟପଟେ କିଏ ଓ କାହିଁକି ଏହି ଶିଶୁ କନ୍ୟାକୁ ଏଠାରେ ପକାଇଥିଲା ତାର ତଦନ୍ତ ଆରମ୍ଭ କରିଛି । ତଦନ୍ତ ପରେ ହିଁ ସତ୍ୟାସତ୍ୟ ସାମ୍ନାକୁ ଆସି ପାରିବ ବୋଲି ମେଡିକାଲ କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି।

**■ ଶ୍ରୀମନ୍ଦିର ନିକଟରେ ଡ୍ରୋନ୍ ଉଡ଼ାଉ ଥିବା ଦେଖି**

# ଠାବ କଲେ ଶ୍ରୀମନ୍ଦିର ପୁରୋହିତ



ପୁରୀ,୧୪।୬ (ସଂଚାର ବ୍ୟୁରୋ) : ପୁରୀ ଏମାର ମଠ ନିକଟରେ କେତେକ ଦୁର୍ବୃତ୍ତ ଲୁଚି ରହି ଡ୍ରୋନ୍ ଉଡ଼ାଉଥିଲେ। ତେବେ ଏହି ସମୟରେ ଶ୍ରୀମନ୍ଦିର ପୁରୋହିତ ବିଶ୍ୱଜିତ୍ ମହାପାତ୍ରଙ୍କ ନଜର ସେମାନଙ୍କ ଉପରେ ପଡ଼ିଥିଲା। ଏହାକୁ ସେ ବିରୋଧ କରି ପୁଲିସକୁ ଖବର ଦେବେ ବୋଲି ଚେତାବନୀ ଦେଇଥିଲେ। ଏହାପରେ ଡ୍ରୋନ୍ ଉଡ଼ାଉଥିବା ଏହି ୩ ଦୁର୍ବୃତ୍ତ ଘଟଣାସ୍ଥଳରୁ ତୁରନ୍ତ ଡ୍ରୋନ୍ ସହ ଫେରାର ହୋଇଯାଇଥିଲେ।

ଶନିବାର ଅପରାହ୍ଣ ପ୍ରାୟ ୫ଟା ସମୟରେ ଏହି ଘଟଣାଟି ଘଟିଥିଲା। ଶ୍ରୀମନ୍ଦିର ଉପରେ ଆତଙ୍କୀଙ୍କ ଆକ୍ରମଣ ଆଶଙ୍କା ରହିଥିବାରୁ ଶ୍ରୀମନ୍ଦିର ଉପରକୁ ନୋ ଫ୍ଲାଇଂ ଜୋନ୍ ଓ ନୋ ଡ୍ରୋନ୍ ଫ୍ଲାଇଂ ଜୋନ୍ କରାଯାଇଛି। ମାତ୍ର କିଛି ଦୁର୍ବୃତ୍ତ ଲୁଚିଛପି ଶ୍ରୀମନ୍ଦିର ବିଭିନ୍ନ ପାର୍ଶ୍ୱରେ ଡ୍ରୋନ୍ ଉଡ଼ାଇ ଶ୍ରୀମନ୍ଦିର ଭିତର, ନୀଳଚକ୍ର ଆଦିର ଭିଡିଓ ଉତ୍ତୋଳନ କରୁଛନ୍ତି। ଶନିବାର ବଙ୍ଗଳା ଭାଷାରେ କଥା ହେଉଥିବା ୩ ଦୁର୍ବୃତ୍ତ ଡ୍ରୋନ୍ ଉଡ଼ାଉଥିବା ଦେଖି ଏମାର ମଠ ନିକଟ ମାଟିମଣ୍ଡପ ସାହି ବାସିନ୍ଦା ଶ୍ରୀ ମହାପାତ୍ର ଏହାକୁ ବିରୋଧ କରିଥିଲେ। ସେ କୌଣସି କାମରେ ତାଙ୍କ ଛାତ ଉପରକୁ ଆସିଥିବା ବେଳେ ଉକ୍ତ ସନ୍ଦିଗ୍ଧଙ୍କ କାର୍ଯ୍ୟ ଆଖିରେ ପଡ଼ିଥିଲା। ପରେ ସେ ଏନେଇ ପ୍ରଶାସନିକ କର୍ତ୍ତୃପକ୍ଷ ଓ ସାମ୍ବାଦିକଙ୍କୁ ଖବର ଦେଇଥିଲେ। ଅପରାହ୍ଣ ପ୍ରାୟ ୫ଟା ପରେ ନୀଳଚକ୍ର ପତିତପାବନ ବାନା ଓ ନୂଆ ମାନସିକ ବାନା ଲାଗିବା ନୀତି ହୋଇଥାଏ। ଏହି ଦୁର୍ବୃତ୍ତମାନେ ଏହାର ଭିଡିଓ କଏଦ କରିବା ନିମନ୍ତେ ଲୁଚିଛପି ଡ୍ରୋନ କ୍ୟାମେରାରେ ଉଦ୍ୟମ କରୁଥିବା ସନ୍ଦେହ କରାଯାଉଛି। ତେବେ ଶ୍ରୀମନ୍ଦିର ଉପରେ ଏହି ଦୁର୍ବୃତ୍ତମାନେ ଡ୍ରୋନ୍ ଉଡ଼ାଇଛନ୍ତି କି ନାହିଁ ସେନେଇ ପୁଲିସ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ଦିଆଯାଇନାହିଁ।

# ମୁଖ୍ୟମନ୍ତ୍ରୀ ନିଜ ଅଫିସ ସମ୍ଭାଳିବାକୁ ଅକ୍ଷମ: କଂଗ୍ରେସ

ଭୁବନେଶ୍ୱର,୧୪।୬(ସଂଚାର ବ୍ୟୁରୋ): ଆଶ୍ଚର୍ଯ୍ୟଜନକ ଭାବେ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଅଫିସରୁ ଫାଇଲ ଚୋରି ହେବା ଓ ଏହାକୁ ନେଇ ଥାନାରେ ଏତଲା ଦାୟର କରାଯିବା ପ୍ରସଙ୍ଗକୁ ନେଇ କଂଗ୍ରେସ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ କଂଗ୍ରେସର ବରିଷ୍ଠ ନେତା ଆଇନଜୀବୀ ଶିବାନନ୍ଦ ରାୟ ଯୋଗଦେଇ କହିଥିଲେ ଯେ ପ୍ରକୃତରେ ଫାଇଲ ଚୋରି ହୋଇନାହିଁ। ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରୁ ଚୋରିହେବା ଅସମ୍ଭବ। ପୁଣି ମିଛଟାରେ କ୍ୟାପିଟାଲ ଥାନାରେ ଏତଲା ଦିଆଯାଇଛି। ତେବେ ଯାହାର ଦାୟିତ୍ୱରେ ଫାଇଲ ଥିଲା, ତାଙ୍କ ନାମରେ ଏତଲା ଦିଆଗଲା ନାହିଁ କାହିଁକି ବୋଲି ଶ୍ରୀ ରାୟ ପ୍ରଶ୍ନ କରିଥିଲେ। ସେହିପରି ପିସିସି ମୁଖପାତ୍ର ଲଲାଟେନ୍ଦୁ ଦାସ କହିଥିଲେ ଯେ ଫାଇଲ ଚୋରି ହେବା ଏକ ନାଟକ। ଭିଡ଼ ହିଂସା, ହାଜତ ମୃତ୍ୟୁ, ଗଣଦୁଷ୍କର୍ମ ଓ ହତ୍ୟା ଆଦି ସରକାରଙ୍କ ବିଫଳତାରୁ ଲୋକଙ୍କ ଦୃଷ୍ଟି ଏଡ଼ାଇବା ପାଇଁ ଏହି ନାଟକ। ଏହି ଘଟଣାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି କରାଯାଇଛି, ଏହାର ଅର୍ଥ ଆମ ସାଥିରେ ରୁହନ୍ତୁ ଅବା ଗିରଫ ହୁଅନ୍ତୁ। ଏହା ସମ୍ପୂର୍ଣ୍ଣ ବ୍ଲାକମେଲ ବୋଲି ଶ୍ରୀ ଦାସ କହିଥିଲେ।




**ନବୀନଙ୍କୁ ବ୍ଲାକମେଲ କରିବା ପାଇଁ ଷଡ଼ଯନ୍ତ୍ର**

ତେଣୁ ବିଜେପି ସରକାର ସମୟରେ ଯେତେ ତଦନ୍ତ କମିଶନ ବସିଛି, ତାହା ସାର୍ବଜନୀନ କରାଯାଉ। ଫାଇଲ ହଜିବା ମାମଲାରେ ମୁଖ୍ୟମନ୍ତ୍ରୀଙ୍କୁ ପକ୍ଷଭୁକ୍ତ କରାଯାଇ ତାଙ୍କ ନାମରେ ତଥା ଦାୟିତ୍ୱରେ ଥିବା ସମସ୍ତ ଅଫିସରଙ୍କ ବିରୋଧରେ ଏତଲା ଦାୟର କରାଯାଉ ବୋଲି ଶ୍ରୀ ଦାସ ଦାବି କରିଥିଲେ। ସେ ଆହୁରି କହିଥିଲେ ଯେ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଅଫିସରୁ ଫାଇଲ ଚୋରି ହେବା ଓ ଏହାକୁ ନେଇ ଥାନାରେ ଏତଲା ଦେବା ଏକ ଲଜ୍ଜାଜନକ ଘଟଣା। ଯେଉଁ ମୁଖ୍ୟମନ୍ତ୍ରୀ ନିଜ ଅଫିସ ସମ୍ଭାଳି ପାରୁନାହାନ୍ତି ସେ ପୁଣି ରାଜ୍ୟ କେମିତି ସମ୍ଭାଳିବେ ରାଜ୍ୟବାସୀ ବିଚାର କରିବା ଉଚିତ ବୋଲି ଶ୍ରୀ ଦାସ କହିଥିଲେ।

# ରଦ୍ଦ ହେବନି ପୁରୁଣା ଭିଜିଲାନ୍ସ ମାମଲା: ହାଇକୋର୍ଟ

କଟକ,୧୪।୬ (ସଂଚାର ବ୍ୟୁରୋ): କେବଳ ବିଳମ୍ବ ଆଧାରରେ ଫୌଜଦାରୀ ମାମଲାକୁ କୋର୍ଟ ରଦ୍ଦ କରି ପାରିବେ ନାହିଁ। ଅଭିଯୋଗ କେଉଁ ଧରଣର, ମାମଲାରେ ସାକ୍ଷୀ ସଂଖ୍ୟା, ଟ୍ରାଏଲର ସ୍ଥିତି, ଅଭିଯୁକ୍ତଙ୍କ ଦ୍ୱାରା ମାମଲା ବିଳମ୍ବ କରିବା ପାଇଁ ଗ୍ରହଣ କରାଯାଇଥିବା କୌଶଳ ଭଳି କାରଣକୁ ଏଥିପାଇଁ ବିଚାରକୁ ନିଆଯିବ ବୋଲି ହାଇକୋର୍ଟ କହିଛନ୍ତି। ଏଥି ସହିତ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ଜଣେ ପୂର୍ବତନ ତହସିଲଦାରଙ୍କ ବିରୋଧରେ ବିଚାରାଧୀନ ଭିଜିଲାନ୍ସ ମାମଲାକୁ ରଦ୍ଦ କରିବାକୁ ହାଇକୋର୍ଟ ମନା କରିଛନ୍ତି।

ଡକ୍ଟର ଜଷ୍ଟିସ୍ ସଞ୍ଜୀବ କୁମାର ପାଣିଗ୍ରାହୀଙ୍କୁ ନେଇ ଗଠିତ ଖଣ୍ଡପୀଠ ୟୁ.କେ.କରଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ବିବରଣୀରୁ ପ୍ରକାଶ ଯେ, ଜାତୀୟ ରାଜପଥ ପାଇଁ ଅଧିଗ୍ରହଣ କରାଯାଇଥିବା ଏକ ଜମିରେ ଥିବା ଆମ୍ବ ଗଛଗୁଡ଼ିକର ଭୁଲ ମୂଲ୍ୟାୟନ ରିପୋର୍ଟ ଆଧାରରେ ଜମିମାଲିକଙ୍କୁ କ୍ଷତିପୂରଣ ରାଶି ପ୍ରଦାନ କରାଯାଇଥିଲା। ଏଥିପାଇଁ ସରକାର ୨ଲକ୍ଷ ୨୯ ହଜାର ୨ଶହ ଟଙ୍କା କ୍ଷତି ସହିଥିଲେ ବୋଲି ଅଭିଯୋଗ ହୋଇଥିଲା। ସେତେବେଳେ ଆବେଦନକାରୀ ଖଲ୍ଲିକୋଟର ତହସିଲଦାର ତଥା ପ୍ରାଧିକୃତ ଅଧିକାରୀ ଥିଲେ। ୨୦୦୪ର ଏହି ଘଟଣା ହୋଇଥିବା ବେଳେ ୨୦୦୫, ସେପ୍ଟେମ୍ବର ୩୦ରେ ଭିଜିଲାନ୍ସ ଏତଲା ରୁଜୁ କରିଥିଲା। ୨୦୦୯, ଅକ୍ଟୋବର ୧୪ରେ ଆବେଦନକାରୀ ଓ ଅନ୍ୟ ଅଭିଯୁକ୍ତଙ୍କ ବିରୋଧରେ ଭିଜିଲାନ୍ସ ଚାର୍ଜସିଟ ଦାଖଲ କରିଥିବା ବେଳେ ୨୦୨୧, ନଭେମ୍ବର ୮ରେ ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତରେ ମାମଲାରେ ଚାର୍ଜଫ୍ରେମ ହୋଇଥିଲା।



ଚାର୍ଜସିଟରେ ଉଲ୍ଲେଖ ୧୫ଜଣ ସାକ୍ଷୀଙ୍କ ମଧ୍ୟରୁ ୭ଜଣଙ୍କ ଅଦାଲତରେ ସାକ୍ଷ୍ୟ ଗ୍ରହଣ ହୋଇ ଶେଷ ହୋଇଥିବା ବେଳେ ମାମଲାର ଟ୍ରାଏଲ ଜାରି ରହିଛି। ୨୦୦୪ର ଘଟଣା ହୋଇଥିବା ବେଳେ ୨୦୨୬ରେ ମଧ୍ୟ ମାମଲାର ଫଏସଲା ହୋଇ ନାହିଁ। ଏଭଳି ବିଳମ୍ବ ଦ୍ୱାରା ଅଭିଯୁକ୍ତଙ୍କ ତ୍ୱରିତ ଶୁଣାଣିର ଅଧିକାର କ୍ଷୁଣ୍ଣ ହୋଇଛି ବୋଲି ଶୁଣାଣି ବେଳେ ଅଭିଯୋଗ ହୋଇଥିଲା। ଅନ୍ୟପକ୍ଷରେ ୨୦୨୧ରେ ଜଣେ ସହଅଭିଯୁକ୍ତ ହାଇକୋର୍ଟରେ ରୁଜୁ କରିଥିବା ଆବେଦନରେ ଜାରି ଅନ୍ତରୀଣ ନିର୍ଦ୍ଦେଶ ପାଇଁ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତରେ ବିଚାରାଧୀନ ମାମଲାର ଶୁଣାଣି ଆଗେଇ ପାରି ନଥିଲା। ଏଥି ସହିତ ୨୦୨୫ରେ ମଧ୍ୟ କଗନିଜାନ୍ସ ନିର୍ଦ୍ଦେଶକୁ ବିରୋଧ କରି ଆବେଦନକାରୀ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ ଓ ଏହାକୁ ପରବର୍ତ୍ତୀ ସମୟରେ ପ୍ରତ୍ୟାହାର କରି ନେଇଥିଲେ। ତେଣୁ ବିଳମ୍ବ ପାଇଁ କେବଳ ପ୍ରସିକ୍ୟୁସନ ଦାୟୀ ବୋଲି କୁହାଯାଇ ପାରିବ ନାହିଁ ବୋଲି ହାଇକୋର୍ଟ କହିବା ସହିତ ମାମଲାକୁ ଖାରଜ କରିଛନ୍ତି।

# ଯୁବକଙ୍କୁ ଗୁଳିକରି ହତ୍ୟା

ନୟାଗଡ଼,୧୪।୬ (ସଂଚାର ବ୍ୟୁରୋ) : ନୟାଗଡ଼ ଜିଲା ଗଣିଆ ଥାନା ଅଧୀନ ପାଣ୍ଡରାସିଂହା ଛକରେ ରବିବାର ସନ୍ଧ୍ୟାରେ ଏକ ଗୁଳିକାଣ୍ଡ ଘଟିଛି। ଦୁର୍ବୃତ୍ତମାନେ ଗ୍ୟାରେଜ୍‌ରେ ପଶି ଅତର୍କିତ ଫାୟାରିଂ କରିଥିଲେ। ଫଳରେ ଜଣେ ଯୁବକଙ୍କ ମୃତ ଘଟିଛି। ମୃତକ ହେଲେ କିଶୋରପ୍ରସାଦ ପଞ୍ଚାୟତ ପତୁରିଆ ଗ୍ରାମର ରବୀନ୍ଦ୍ର ନାୟକ। ରବୀନ୍ଦ୍ର ପାଣ୍ଡରାସିଂହା ଛକରେ ବାଇକ୍ ଗ୍ୟାରେଜ କରି ନିଜର ପରିବାର ପ୍ରତିପୋଷଣ କରୁଥିଲେ। ରବିବାର ସନ୍ଧ୍ୟାରେ ରବୀନ୍ଦ୍ର ଗ୍ୟାରେଜରେ ବସିଥିଲେ। ସେତିକିବେଳେ ଏକ କାରରେ ୨ଜଣ ଦୁର୍ବୃତ୍ତ ଆସି ଅଚାନକ ଗ୍ୟାରେଜ ଭିତରେ ପଶି ରବୀନ୍ଦ୍ରଙ୍କୁ ସାମ୍ନାରୁ ଗୁଳି କରି ଫେରାର ହୋଇଯାଇଥିଲେ। ରବୀନ୍ଦ୍ରଙ୍କ ଡାହାଣ ପାଖ ଛାତିରେ ଗୁଳି ବାଜି ଗୁରୁତର ହୋଇପଡିଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ରବୀନ୍ଦ୍ରଙ୍କୁ ଉଦ୍ଧାର କରି ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଘଟଣାସ୍ଥଳରେ ପୁଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛନ୍ତି।



জীবন অমৃত অনুচিন্তা

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

**ସମ୍ପାଦକୀୟ**

SANCHAR
ସଂଚାର
୪
ସୋମବାର ୧୫ ଜୁନ୍ ୨୦୨୬, ଭୁବନେଶ୍ୱର
Monday 15 June 2026, Bhubaneswar

# ସୁଯୋଗ ଏବଂ ବାସ୍ତବତାର ଖେଳ

ପଶ୍ଚିମବଙ୍ଗ ରାଜନୀତିରେ ଏକ ନୂଆ ଭୂମିକମ୍ପ ଘଟିଛି। ଜାଦବପୁର ଲୋକସଭା ସାଂସଦ ସାୟୋନୀ ଘୋଷ, ଯିଏ ମମତା ବାନାର୍ଜୀଙ୍କ ସବୁଠାରୁ ନିକଟତମ ସମର୍ଥକ ଭାବରେ ପରିଚିତ ଥିଲେ ଏବଂ ଦିଦିଙ୍କୁ ଦେଶର ଭବିଷ୍ୟତ ପ୍ରଧାନମନ୍ତ୍ରୀ ବୋଲି ଘୋଷଣା କରିଥିଲେ, ହଠାତ୍ ଟିଏମସି ବିରୋଧୀ ପକ୍ଷରେ ଯୋଗ ଦେଇଛନ୍ତି। କାକୋଲି ଘୋଷ ଦାସ୍ତିଦାରଙ୍କ ନେତୃତ୍ୱରେ ପ୍ରାୟ ୨୦ ଜଣ ସାଂସଦଙ୍କ ଏହି ବିଦ୍ରୋହୀ ଗୋଷ୍ଠୀ ଏନଡିଏକୁ ସମର୍ଥନ କରିବାର ନିଷ୍ପତ୍ତି ନେଇଛନ୍ତି। ଏହି ଆକସ୍ମିକ ପରିବର୍ତ୍ତନ କେବଳ ଏକ ବ୍ୟକ୍ତିଗତ ସିଦ୍ଧାନ୍ତ ନୁହେଁ, ବରଂ ଟିଏମସିର ଅନ୍ତର୍ଦଳୀୟ ସଙ୍କଟର ଏକ ପ୍ରତୀକ। କାହିଁକି ଏହି ପରିବର୍ତ୍ତନ ହେଲା? ଏହାର ପଛରେ କେଉଁ ରାଜନୈତିକ, ବ୍ୟକ୍ତିଗତ ଏବଂ ସାଂଗଠନିକ କାରଣ ରହିଛି? ଏହା ବିଶ୍ଳେଷଣ କରିବା ଆବଶ୍ୟକ।



ସାୟୋନୀ ଘୋଷ ୧୯୯୩ ମସିହାରେ କଲକାତାରେ ଜନ୍ମ ନେଇଥିଲେ। ଟଲିଉଡ୍ ଅଭିନେତ୍ରୀ ଭାବରେ ପରିଚିତ ଥିବା ସାୟୋନୀ ୨୦୨୧ରେ ଟିଏମସିରେ ଯୋଗ ଦେଇ ରାଜନୀତିରେ ପ୍ରବେଶ କରିଥିଲେ। ଯଦିଓ ୨୦୨୧ ବିଧାନସଭା ନିର୍ବାଚନରେ ପରାଜିତ ହୋଇଥିଲେ, ମମତା ବାନାର୍ଜୀ ତାଙ୍କ ଉପରେ ବିଶ୍ୱାସ ରଖି ତାଙ୍କୁ ଟିଏମସି ଯୁବ ଶାଖାର ଅଧ୍ୟକ୍ଷା କରିଥିଲେ। ୨୦୨୪ ଲୋକସଭା ନିର୍ବାଚନରେ ଜାଦବପୁରରୁ ବିପୁଳ ବ୍ୟବଧାନରେ ଜୟଲାଭ କରି ସେ ଦଳର ଏକ ପ୍ରମୁଖ ଚେହେରା ହୋଇଥିଲେ। ନିର୍ବାଚନ ପ୍ରଚାରରେ ତାଙ୍କର ଉଗ୍ର ଭାଷଣ, ବିଶେଷ କରି 'କାବା-ମଦିନା' ଗୀତ ଗାଇ ଧର୍ମୀୟ ଧ୍ରୁବୀକରଣର ଏକ ବିବାଦୀୟ ଭୂମିକା ଗ୍ରହଣ କରିଥିଲେ। ସେ ମମତାଙ୍କୁ ଅନ୍ଧ ସମର୍ଥନ କରୁଥିବାରୁ ଦଳର ଭିତରେ ତାଙ୍କର ପ୍ରଭାବ ବଢ଼ିଥିଲା। କିନ୍ତୁ ୨୦୨୬ ବିଧାନସଭା ନିର୍ବାଚନରେ ଟିଏମସିର ଭୟଙ୍କର ପରାଜୟ ପରେ ସବୁକିଛି ବଦଳିଗଲା।

ଏହି ପରିବର୍ତ୍ତନର ପ୍ରଥମ କାରଣ ହେଉଛି ଦଳ ଭିତରେ ଅଭିଷେକ ବାନାର୍ଜୀଙ୍କ ନେତୃତ୍ୱ ଉପରେ ଅସନ୍ତୋଷ। ଅନେକ ନେତାଙ୍କ ମତରେ କ୍ଷମତା ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଚାରିପାଖରେ କେନ୍ଦ୍ରୀଭୂତ ହୋଇଛି। ସାଂସଦମାନେ ସଂଗଠନାତ୍ମକ ନିଷ୍ପତ୍ତି, ପ୍ରାର୍ଥୀ ଚୟନ ଏବଂ ରଣନୀତିରେ ନିଜର ମତ ଦେବାର ସୁଯୋଗ ପାଉନାହାନ୍ତି। ସାୟୋନୀ ଯୁବ ନେତ୍ରୀ ଭାବରେ ଏହି ସୀମିତତା ଅନୁଭବ କରିଥିଲେ ବୋଲି କୁହାଯାଉଛି। ନିର୍ବାଚନ ସମୟରେ ବିବାଦୀୟ ବକ୍ତବ୍ୟ ପାଇଁ ଦଳର ପୂର୍ଣ୍ଣ ସମର୍ଥନ ମିଳି ନଥିଲା ଏବଂ ସେ ଏକାକୀ ପଡ଼ିଯାଇଥିଲେ ବୋଲି ଅଭିଯୋଗ ହୋଇଛି। ଏହା ତାଙ୍କ ମନରେ ଅସନ୍ତୋଷ ବଢ଼ାଇଥିଲା।

ଦ୍ୱିତୀୟ କାରଣ ହେଉଛି ରାଜନୈତିକ ଭବିଷ୍ୟତର ଅନିଶ୍ଚୟତା। ଟିଏମସିର ପରାଜୟ ପରେ ଦଳ ତିନି ଗୋଷ୍ଠୀରେ ବିଭକ୍ତ ହୋଇଛି। ମମତାଙ୍କ ନେତୃତ୍ୱ ଦୁର୍ବଳ ହୋଇପଡ଼ିଛି। ଏପରି ପରିସ୍ଥିତିରେ ଯୁବ ନେତ୍ରୀ ଭାବରେ ସାୟୋନୀ ନିଜର ରାଜନୈତିକ ଜୀବନ ବଜାୟ ରଖିବା ପାଇଁ ନୂଆ ଶକ୍ତି କେନ୍ଦ୍ର ଖୋଜୁଥିଲେ। ବିଦ୍ରୋହୀ ଗୋଷ୍ଠୀ ଏକ ନୂତନ ଶକ୍ତି କେନ୍ଦ୍ର ଭାବରେ ଉଭା ହୋଇଛି ଏବଂ ଏନଡିଏ ସହ ସହଯୋଗର ସମ୍ଭାବନା ତାଙ୍କୁ ଆକର୍ଷିତ କରିଥିବା ଜଣାପଡୁଛି। ଏହା କେବଳ ସୁବିଧାବାଦୀ ରାଜନୀତିର ଏକ ଉଦାହରଣ ନୁହେଁ, ବରଂ ବାସ୍ତବବାଦୀ ପଦକ୍ଷେପ ବୋଲି କେହି କେହି କହୁଛନ୍ତି।

ତୃତୀୟ କାରଣ ହେଉଛି ଦଳ ଭିତରେ ଦୀର୍ଘଦିନର ଗୋଷ୍ଠୀ କନ୍ଦଳ ଏବଂ ଅନ୍ତର୍ଦ୍ୱନ୍ଦ୍ୱ। ଅଭିଷେକଙ୍କ ଉତଥାନ ପରେ ଅନେକ ପୁରୁଣା ନେତା ଏବଂ ଯୁବ ନେତା ନିଜକୁ ପାର୍ଶ୍ୱବର୍ତ୍ତୀ ମନେ କରୁଥିଲେ। ସାୟୋନୀଙ୍କ ପରି ସେଲିବ୍ରିଟି ନେତାଙ୍କୁ ମମତା ପ୍ରୋତ୍ସାହିତ କରିଥିଲେ, କିନ୍ତୁ ପରାଜୟ ପରେ ସେମାନେ ନିଜର ଭବିଷ୍ୟତ ଦେଖି ବିଦ୍ରୋହ କରୁଛନ୍ତି। ଏହା ଟିଏମସିର ସଂଗଠନାତ୍ମକ ଦୁର୍ବଳତାକୁ ପ୍ରକାଶ କରୁଛି।

ଏହି ପରିବର୍ତ୍ତନ ମମତା ବାନାର୍ଜୀଙ୍କ ପାଇଁ ଏକ ବଡ଼ ଆଘାତ। ସେ ଦଳରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରୁଛନ୍ତି, କିନ୍ତୁ ବିଦ୍ରୋହ ବଢ଼ୁଛି। ସାୟୋନୀଙ୍କ ପରି ନେତାଙ୍କ ଚାଲ ଦେଖାଇଛି ଯେ ବ୍ୟକ୍ତିଗତ ରାଜନୈତିକ ସ୍ୱାର୍ଥ ଏବଂ ଦଳୀୟ ବିଶ୍ୱାସର ଅଭାବ କେତେ ଶକ୍ତିଶାଳୀ ହୋଇପାରେ। ଏହା ବଙ୍ଗ ରାଜନୀତିରେ ଏକ ନୂତନ ଅଧ୍ୟାୟ ଆରମ୍ଭ କରିପାରେ, ଯେଉଁଥିରେ ସହଯୋଗ ଏବଂ ନୂଆ ସମୀକରଣ ଗୁରୁତ୍ୱପୂର୍ଣ୍ଣ ହୋଇଉଠିବ।

ରାଜନୀତି କେବଳ ବିଶ୍ୱାସ ଏବଂ ଆଦର୍ଶରେ ଚାଲେ ନାହିଁ, ଏହା ସୁଯୋଗ ଏବଂ ବାସ୍ତବତାର ଖେଳ। ସାୟୋନୀଙ୍କ ଏହି ପଦକ୍ଷେପ ତାଙ୍କ ରାଜନୈତିକ ପରିପକ୍ୱତା ଦେଖାଉଛି କି ସୁବିଧାବାଦ? ସମୟ ଏହାର ଉତ୍ତର ଦେବ। କିନ୍ତୁ ଏହା ସ୍ପଷ୍ଟ ଯେ ମମତା ଶିବିରର ଏକ ଶକ୍ତିଶାଳୀ ସ୍ୱର ଏବେ ବିରୋଧରେ ପରିଣତ ହୋଇଛି, ଯାହା ବଙ୍ଗର ରାଜନୈତିକ ଭୂଦୃଶ୍ୟକୁ ଆହୁରି ଜଟିଳ କରିଦେଇଛି।

# ରଜପର୍ବ: ସୃଷ୍ଟିର ଜୟ ଉତ୍ସବ



ଡକ୍ଟର ସୁରେଶ କୁମାର ନାୟକ

ରଜପର୍ବ କେବଳ ଓଡ଼ିଶାରେ ପାଳିତ ହେଉଥିବାରୁ ଏହା ଓଡ଼ିଶାର ନିଜପର୍ବ ଓଡ଼ିଆ ପର୍ବ। ପର୍ବ କହିଲେ ବିଷ୍ଣୁ ପୁରାଣ ଅନୁସାରେ 'ଚତୁର୍ଦ୍ଦଶ୍ୟାଷ୍ଟମୀ ଚୈବ ଅମାବାସ୍ୟାଥ ପୂର୍ଣ୍ଣିମା ପର୍ବାଣ୍ୟେ-ତାନି ରାଜେନ୍ଦ୍ର! ରବି ସଂକ୍ରାନ୍ତି ରେବଚ' - ଚତୁର୍ଦ୍ଦଶୀ, ଅଷ୍ଟମୀ, ଅମାବାସ୍ୟା, ପୂର୍ଣ୍ଣିମା ଓ ରବି ସଂକ୍ରମଣ ବା ସଂକ୍ରାନ୍ତି - ଏହି ପାଞ୍ଚ ପାଞ୍ଚଗୋଟି ହିଁ 'ପଞ୍ଚପର୍ବ' ନାମରେ ପ୍ରସିଦ୍ଧ। 'ରଜ' ଉତ୍ସବ ମିଥୁନ ସଂକ୍ରାନ୍ତିକୁ ନେଇ ଅନୁଷ୍ଠିତ ହେଉଥିବାରୁ - ଏହାକୁ 'ପର୍ବ' ବୋଲି କହିବାରେ ଶାସ୍ତ୍ରୀୟ ସମର୍ଥନ ରହିଛି। 'ଯତ୍ୟାଂ ସମୁଦ୍ରି ଉତ ସିନ୍ଧୁରୋପା, ଯସ୍ୟା ମନ୍ନଂ କୃଷ୍ଟୟଃ ସମ୍ଭୃବୁଃ। ଯସ୍ୟାମିଦଂ ଜିନ୍ୱତି ପ୍ରାଣଦେଜତ୍, ସା ନୋ ଭୂମିଃ ପୂର୍ବପେୟେ ଦଧାତୁ।' ଯେଉଁ ପୃଥିବୀ ଉପରେ ସମୁଦ୍ର, ନଦୀ ଓ ନାଳ ରହିଛନ୍ତି, ଯେଉଁଥିରେ ଅନ୍ନ ଓ ମାନବକୃଷ୍ଟିର ସତ୍ତା ରହିଛି, ଯେଉଁଠାରେ ସମସ୍ତେ ଆନନ୍ଦିତ ହୁଅନ୍ତି, ଶ୍ୱାସ ପ୍ରଶ୍ୱାସ ନିଅନ୍ତି, ତଥା ବିଚରଣ କରନ୍ତି, ସେହି ଭୂମିକୁ ଆମେ ପ୍ରଥମ ସମ୍ମାନ ଦେବା। ପୃଥିବୀ ପ୍ରତି ଏହି ସମ୍ମାନବୋଧ, କୃତଜ୍ଞତା ଓ ଚେତନତ୍ୱର ଆରୋପ ହିଁ ରଜ ଉତ୍ସବର ମୂଳ ତତ୍ତ୍ୱ। ଆମର ବାସଭୂମି ପୃଥିବୀ ଏକ ନିଷ୍ପ୍ରାଣ ମୃତ୍ତିକାପିଣ୍ଡ ନୁହେଁ। ଏହାର ପ୍ରାଣ ଅଛି। ଏହା ଆମକୁ ଧରା ହୋଇ ଧରି ରଖିଛ ଏବଂ କ୍ଷମା ଭାବରେ ସବୁ ସହି ଭୂତଧାତ୍ରୀ ପରି ପାଳନ କରୁଛି। ପୃଥିବୀଠାରେ ଏହି ମାତୃଚେତନା ବା ମାଟି ପ୍ରତି ମମତା ହିଁ କୃତଜ୍ଞ ମନୁଷ୍ୟକୁ ରଜପର୍ବରେ ତିନିଦିନ ପାଇଁ କର୍ଷଣ କରିବାକୁ ନିବୃତ୍ତ କରିଛି।

ଓଡ଼ିଶାର ପର୍ବପର୍ବାଣୀ ମାନଙ୍କ ମଧ୍ୟରେ ରଜ ସବୁଠାରୁ ଲୋକପ୍ରିୟ ପର୍ବ। ଏହି ପର୍ବ ତିନିଦିନ ଧରି ପାଳନ କରାଯାଏ। ପହିଲି ରଜ ସୌର ମାସ ଜ୍ୟେଷ୍ଠ ମାସର ଶେଷ ଦିନ ପଡ଼େ। ଏହା ପ୍ରଚଣ୍ଡ ରୌଦ୍ରତାପକୁ ବିଦାୟ ଦେବାର ଦିବସ। ମଝି ରଜ ବା ରଜ ସଂକ୍ରାନ୍ତି ସୌରମାସ ଆଷାଢ଼ ମାସର ପ୍ରଥମ ଦିବସ। ଏହା ବର୍ଷାଋତୁର ଆଗମନର ସୂଚନା ଦିଏ। ନିଦାଘ ଖରାରେ ତପ୍ତ ଧରଣୀ ଶାନ୍ତ ହେଲେ ହସି ଉଠିବ ସବୁଜ ଶାଢ଼ୀ ପରିଧାନ କରି। ମାଆର ଖୁସିରେ ସନ୍ତାନମାନଙ୍କର ଖୁସି। ସନ୍ତାନମାନେ ତାର ଚାହିଁ ରହିବେ ଆଉ କିଛି ମାସ ଅନ୍ତରରେ ମା ଭରି ଦେବ ତାଙ୍କ ଅମାର। ବିଶ୍ୱାସ କରାଯାଏ ଏହି ତିନି ଦିନ ଧରିତ୍ରୀମାତା ରଜବତୀ ହୁଅନ୍ତି। ଯାହା ମାତୃତ୍ୱ ପ୍ରାପ୍ତିର ପୂର୍ବାନୁମାନ। ସେଥିପାଇଁ ଏହା ରଜପର୍ବ ନାମରେ ପରିଚିତ। ଏହି ତିନିଦିନ ମାତା ବସୁନ୍ଧରା ସମ୍ପୂର୍ଣ୍ଣ ବିଶ୍ରାମ କରନ୍ତି। ମା'କୁ କଷ୍ଟ ହେବ ବୋଲି ଏହି ସମୟରେ କେହି ମାଟି ଖୋଳନ୍ତି ନାହିଁ, ଚାଷକାମ କରନ୍ତି ନାହିଁ, ଖାଲି ପାଦରେ ଦୁମଦୁମ୍ କରି ଚାଲନ୍ତି ନାହିଁ। ରଜ ପୂର୍ବ ଦିନକୁ ସଜବାଜ କୁହାଯାଏ। ଏହି ଦିନ ମହିଳାମାନେ ପାଣି ଆଣି ଘରେ ରଖନ୍ତି। ଘରେ ପୋଡ଼ପିଠା, ଆରିଶା ପିଠା, କାକରା ପିଠା, ମୁଆଁ ପିଠା ଇତ୍ୟାଦି ପ୍ରସ୍ତୁତ କରି ତିନିଦିନ ପାଇଁ ରଖିଦିଅନ୍ତି। ପଣସ, ତାଳସଜ, ଆମ୍ବ, ଜାମୁରୋଲ ଇତ୍ୟାଦି ଫଳରେ ସବୁଆଡ଼େ ଭରପୁର ଥାଏ। ଫଳରେ ପୁଅଝିଅ ସମସ୍ତେ ପେଟଭରି ସୁମିଷ୍ଟ ଖାଦ୍ୟ ଖାଇ ଦୋଳି ଖେଳନ୍ତି। ଦୋଳି ପ୍ରସ୍ତୁତି ପୂର୍ବରୁ ଗୋଟିଏ ପ୍ରାଚୀନତମ ଗୀତ ପରିଣତ ବୟସର ମହିଳାମାନେ ଗାଇ ଥାନ୍ତି - 'ଦୋଳି ମୁଣ୍ଡେ ଦେଲି କଳା, ପ୍ରଥମେ ବନ୍ଦିଲି ସର୍ବମଙ୍ଗଳା, ସରଗି ଉଠିବ ଗଳା'। ଦୋଳି ଖେଳ ସମୟର ଗୀତଟିଏ ମଧ୍ୟ ସୁନ୍ଦର ପରିବେଶ ସୃଷ୍ଟି କରିଥାଏ - 'ଦୋଳି ହୁଏ ରଟ ରଟ, ମୋ ଭାଇ ମୁଣ୍ଡରେ ସୁନା ମୁକୁଟ ଲୋ, ଦିଶୁଥାଏ ଝଟ ଝଟ'। ଗରମ ସମୟରେ ତୋଟାରେ, ବାଡ଼ିରେ ଦୋଳିରେ ଝୁଲିବାରେ ଯେଉଁ ଆନନ୍ଦ ଅନୁଭବି ହିଁ ଜାଣେ। ତା ସହିତ ପଲ୍ଲୀଗୀତ 'ବନସ୍ତେ ଡାକିଲା ଗଜ, ବରଷକେ ଥରେ ଲୋ ଆସିଛି ରଜ.....' ଗାନ କରି ଗାଁର ପରିବେଶକୁ ମୁଖରିତ କରିଦିଅନ୍ତି। ମଥାରେ ଚନ୍ଦନ ଟୋପା, ନୂଆଶାଢ଼ି, ନୂଆଚୁଡ଼ିରେ ଝିଅବୋହୂଙ୍କ ଆନନ୍ଦର ସୀମା ନଥାଏ। ତା ସହିତ ସାଙ୍ଗସାଥୀ ହୋଇ ତାସ, ଲୁଡୁ, କଉଡି ଖେଳରେ ତିନିଦିନ କେମିତି କଟିଯାଏ ଜଣାପଡ଼େ ନାହିଁ। ଯୁବକମାନେ ବାଗୁଡ଼ି, କବାଡ଼ି ଓ ପାରମ୍ପରିକ ଖଣ୍ଡାଖେଳରେ ମାତି ଯାଆନ୍ତି। ସମସ୍ତଙ୍କର ପୂର୍ଣ୍ଣ ବିଶ୍ରାମ ଓ ପୂର୍ଣ୍ଣ ଉପଭୋଗର ସମୟ। ଏହି ରଜ ତିନିଦିନରେ ଖାଲି ଆନନ୍ଦ ହିଁ ଆନନ୍ଦ। ରଜ ତିନିଦିନ ପରେ ବସୁମତୀ ସ୍ନାନ ହୁଏ। ଏକ ପଥର ଶିଳୁପୁଆକୁ ହଳଦୀପାଣିରେ ଗାଧୋଇ ଦେଇ ତଳେ ମାଟିକୁ ଗୋବର ପାଣିରେ ଲିପିପୋଛି ରଖନ୍ତି ଓ ସେଇ ଶିଳାକୁ ହଳଦୀ, ସିନ୍ଦୁର, ଫୁଲରେ ସଜାଇ ନୂଆ ଲୁଗା ଖଣ୍ଡେ ପିନ୍ଧାଇ ବସୁମତୀ ମା'ର ପ୍ରତୀକ ସ୍ୱରୂପ ପୂଜା କରନ୍ତି।

ବିଶ୍ୱାସ କରାଯାଏ କି ପୃଥିବୀ ମାତା ହେଉଛନ୍ତି ଭଗବାନ ବିଷ୍ଣୁଙ୍କର ଭୂଲୋକ ପତ୍ନୀ 'ଭୂଦେବୀ'। ମହାପ୍ରଭୁ ଜଗନ୍ନାଥ ପାଖରେ ଭୂଦେବୀଙ୍କର ରୂପା ବିଗ୍ରହ ପୂଜା ପାଆନ୍ତି। ଚନ୍ଦନଯାତ୍ରା ସମୟରେ ଶ୍ରୀଜଗନ୍ନାଥଙ୍କ ଚଳନ୍ତି ପ୍ରତିମାଙ୍କ ସହ ଭୂଦେବୀ ଓ ଶ୍ରୀଦେବୀ ଚାପ ଖେଳିବାକୁ ନରେନ୍ଦ୍ର ପୁଷ୍କରିଣୀକୁ ଯାତ୍ରା କରନ୍ତି। ଓଡ଼ିଶା ପରି କୃଷି ପ୍ରଧାନ ରାଜ୍ୟରେ ବର୍ଷା ଦେବତା ଇନ୍ଦ୍ର ଆମର ପୂଜ୍ୟ। ଫସଲ ଓ ଧନର ଠାକୁରାଣୀ ଲକ୍ଷ୍ମୀ ଦେବୀ ଆମର ମାଆ। ଆଷାଢ଼ ମାସରେ ମାଟି ସହିତ ମେଘର ମିଳନ ହୋଇଥାଏ। ଏହା ପରେ ହିଁ ମାଟିରୁ ଅନେକ ଫସଲ ଉତ୍ପନ୍ନ ହୋଇଥାଏ। ତେଣୁ ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟର ଅୟମାରମ୍ଭ ପୂର୍ବରୁ ମାଟିକୁ ସମ୍ପୂର୍ଣ୍ଣ ବିଶ୍ରାମ ଦେବା ପାଇଁ ଏ ପର୍ବ ସୃଷ୍ଟି। ଆମ ପର୍ବପର୍ବାଣୀ ସୃଷ୍ଟି ଆନନ୍ଦ ଦେବା ପାଇଁ। ବାସ୍ତବରେ ରଜ ହେଉଛି ଅନେକ ଚେତନାର ଏକ ପାର୍ବଣ କହିଲେ ଅତ୍ୟୁକ୍ତି ହେବନାହିଁ। ଆଷାଢ଼ ମାସ ଚର୍ତୁମାସ୍ୟ ବ୍ରତର ପ୍ରଥମ ମାସ। ଏହି ଚାରି ମାସ ମୁନୀଋଷି ଓ ସାଧବମାନେ ସମୋନଙ୍କ ପରିଭ୍ରମଣ ତ୍ୟାଗ କରି ଏକ ସ୍ଥାନରେ ନିବିଷ୍ଟ ହୋଇ ସାଧନା କରିଥାନ୍ତି। ଦାମ୍ପତ୍ୟ ଜୀବନର ଏହା ହେଉଛି ସର୍ବଶ୍ରେଷ୍ଠ ମାସ। କୁହାଯାଏ ବିରହ, ବିଧୂର ପ୍ରସଙ୍ଗକୁ ନେଇ ମେଘ ମାଧ୍ୟମରେ ମହାକବି କାଳିଦାସ 'ମେଘଦୂତ' ମହାକାବ୍ୟ ଏହି ଆଷାଢ଼ ମାସରେ ହିଁ ଲେଖିଥିଲେ। ମାତୃ ଜାତି ମଧ୍ୟରେ ଉତ୍ସାହ ଓ ଉନ୍ମାଦନା ତଥା ନୂତନ ଶକ୍ତି ଜାଗ୍ରତ କରିବା ପାଇଁ ପାଳନ କରାଯାଇଥାଏ ରଜ ପର୍ବ। ଓଡ଼ିଶାରେ ରଜ ପର୍ବ ଏବେ ଆଉ ନିଜ ରାଜ୍ୟ ଭିତରେ ସୀମିତ ହୋଇ ରହିନାହିଁ। ଭାରତର ବିଭିନ୍ନ ରାଜ୍ୟରେ ରହୁଥିବା ଓଡ଼ିଆମାନେ ଓ ଦେଶ ବାହାରେ ରହୁଥିବା ଓଡ଼ିଆମାନେ ବିଭିନ୍ନ ଅନୁଷ୍ଠାନ ମାଧ୍ୟମରେ ରଜ ପର୍ବକୁ ବେଶ ଆନନ୍ଦ ଉଲ୍ଲାସର ସହିତ ପାଳନ କରିଥାନ୍ତି।

ଦିନ ଥିଲା ରଜ ପାଞ୍ଚଦିନ ପାଳନ ହେଉଥିଲା ଏବଂ ବିଶେଷକରି ଗାଁ ଗଣ୍ଡାରେ ସଜବାଜ ଦିନ ଠାରୁ ଦାନ୍ତକାଠି ସଂଗ୍ରହ ହୋଇ ରହୁଥିଲା। ସେହିପରି ଧରିତ୍ରୀ ମାତା ରଜବତୀ ହୋଇଥିବାରୁ ରଜରେ ବଟ କୁଟା ଆଦି କାର୍ଯ୍ୟ କରାଯାଏନାହିଁ। ଏଥିପାଇଁ ରଜ ପୂର୍ବରୁ ଢିଙ୍କି କୁଟା ଚାଉଳ ଚୁନା ପ୍ରସ୍ତୁତ ହୋଇଥାଏ। ସେହିପରି ଝିଅମାନେ ସଜବାଜ ଦିନ ହିଁ ରାତିରେ ଦେହରେ ବଟା ହଳଦୀ ଲଗାଇ କଜଳ ଓ ଅଳତା ପିନ୍ଧିଥାନ୍ତି।

**ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସିଡିଏ, କଟକ**
**ମୋବାଇଲ୍: ୯୪୩୭୨୨୫୫୯୨**

# ଆଷାଢ଼ର ଆଗମନ ଓ ଓଡ଼ିଆ ଅସ୍ମିତାର ପର୍ବ ପବିତ୍ର ରଜ



ଡଃ ଅମୂଲ୍ୟ କୁମାର ପଣ୍ଡା

ଜ୍ୟେଷ୍ଠ ଶେଷ ଓ ଆଷାଢ଼ ଆରମ୍ଭର ସନ୍ଧିକ୍ଷଣରେ ମେଘମେଦୁର ଆକାଶର ଘନ ଆସ୍ତରଣ ତଳେ ବଜ୍ରର ଗୁରୁଗମ୍ଭୀର ନିନାଦରେ ରୌଦ୍ରତପ୍ତା ଧରଣୀ ପ୍ରାଣରେ ଆସେ ପୁଲକର ଜୁଆର। ନିଷ୍ଠୁର ନିଦାଘର ନିପୀଡ଼ନରେ ମ୍ରିୟମାଣା ଧୂସର ଧରଣୀ ପୁନଶ୍ଚ ସୃଜନର ନୂତନ ସ୍ୱପ୍ନରେ ବିଭୋର ହୋଇଉଠେ। କ୍ଳାନ୍ତ, ଅବସନ୍ନ, ନିଷ୍ପ୍ରଭ ଆକାଶରେ ପଇଁତରା ମାରେ ବାଦଲ। ବୃକ୍ଷରାଜିର ସବୁଜିମାରେ ବହଳ ଧୂଳିର ଆସ୍ତରଣ ଟୋପା ଟୋପା ବର୍ଷା ଜଳରେ ଧୌତ ହୋଇଯାଏ। ରୌଦ୍ର ଦର୍ପ ଥମିଲା ପରେ ରିମ୍ ଝିମ୍ ବର୍ଷାର କଅଁଳଛୁଆଁ ମନ ପ୍ରାଣକୁ କରେ ଶିହରିତ। ମୌସୁମୀର ଆଗମନରେ ଆକାଶରୁ ଝରିପଡେ ଅମୃତର ଶୀତଳ ବାରି, ଯାହା ଚାଷୀଙ୍କ କାମକୁ ବେଶ୍ ସୁନ୍ଦର ଓ ସହଜ କରିଦିଏ। ମୌସୁମୀ ବାରିସିକ୍ତା ଧରିତ୍ରୀ ତା'ର କୋଟି କୋଟି ସନ୍ତାନଙ୍କ ମୁଖରେ ଆହାର ଦେବା ପାଇଁ ବର୍ଷରେ ଏହିପରି ଥରେ ନିଜକୁ ସୃଜନକ୍ଷମ କରିଥାଏ। ସେ ହୁଏ ରଜସ୍ୱଳା। ତା'ର ଧୂସର ନୀରସ ବକ୍ଷରେ ପୁଣି ଥରେ ଉଙ୍କିମାରେ ପୂର୍ଣ୍ଣ ଯୌବନର ଦୀପ୍ତିମନ୍ତ ଦାମ୍ଭିକତା। ପୁଣି ଥରେ ସେ ଶ୍ୟାମଳ ଶୋଭାଶ୍ରୀରେ ସୁମଣ୍ଡିତା ହୋଇ କଲ୍ୟାଣମୟୀ ମାତା ରୂପରେ ହୁଏ ଆବିର୍ଭୂତା। ମାଟିର ମଣିଷ କରେ ତା'ର ଦିବ୍ୟ ଆବାହନ। ଏହି ମୃତ୍ତିକାର ଆବାହନ ହିଁ ହେଉଛି ଉତ୍କଳର ରଜୋତ୍ସବ। ଭରା ଯୌବନର ଦୀପ୍ତିରେ ଋଦ୍ଧିମନ୍ତ ହୋଇ ଧରିତ୍ରୀକୁ ଆସିଥାଏ ମାଟି ଓ ମୌସୁମୀର ମିଳନର ପର୍ବ ରଜ। ମିଳନ ହୁଏ ମାଟି ଓ ମେଘର। ଗ୍ରୀଷ୍ମ ଓ ବର୍ଷା ଋତୁର ସନ୍ଧିକ୍ଷଣରେ ଭିଜାମାଟିର ବାସ୍ନା ନେଇ ଆସେ ଓଡ଼ିଶାର ଗଣପର୍ବ ରଜ। ଆହା, କି ପୁଲକ ଭରା ଓ ଆକର୍ଷଣମୟ ଏ ନିଆରା ଧରଣୀ ମାତା ଓ ମୌସୁମୀର ମିଳନର ପର୍ବ ! ସାରା ବିଶ୍ୱରେ ପ୍ରକୃତିକୁ ନେଇ ଏପରି ଏକ ପର୍ବର ପରିକଳ୍ପନା ହୁଏତ ଆଉ କେଉଁଠି ନ ଥିବ। ପ୍ରକୃତି ସୃଷ୍ଟି କରିଛି ବର୍ଷା, ଆଉ ବର୍ଷାକୁ ସ୍ୱାଗତ କରି ସୃଷ୍ଟି ହୋଇଛି ରଜ ପର୍ବ। ବର୍ଷ ସାରା ମୁଣ୍ଡ ଝାଳ ତୁଣ୍ଡରେ ମାରି କର୍ତ୍ତବ୍ୟରତ କୃଷକ ଶରୀର ପାଇଁ ବିଶ୍ରାମ ଆଉ ମନ ପାଇଁ ଆନନ୍ଦର ଅବସର ଆଣି ଦେଇଥାଏ ଏହି ରଜ ପର୍ବ। କାହିଁ , କେଉଁ ଅନାଦି କାଳରୁ ଏହା ଉତ୍କଳର ଘରେ ଘରେ ମହାଡମ୍ବରରେ ପାଳିତ ହୋଇ ଆସୁଅଛି।

କୃଷିକାରୀ ମାନବ ଶିଶୁ ସହିତ ମୃତ୍ତିକାର ସମ୍ପର୍କ ହେଉଛି ଚିରନ୍ତନ। ସଭ୍ୟତାର ପ୍ରଥମ ଉନ୍ମେଷ ଘଟିଥିଲା ଏହି ମୃତ୍ତିକା ଉପରେ ଏବଂ ଏହି ମୃତ୍ତିକା ହିଁ ହେଉଛି ମହାନ ମାନବ ସଭ୍ୟତା ଓ ସମାଜର ପ୍ରାଣ ପ୍ରତିଷ୍ଠାତା। ଆଜି ବିଜ୍ଞାନର ବିକାଶ ବଳରେ ମଣିଷ ଯେତେ ଉନ୍ନତ ଓ ବଳୀୟାନ ହେଲେ ମଧ୍ୟ ଅନ୍ନ ମୁଠିକ ହେଉଛି ତା'ର ଜୀବନ ଏବଂ ସେହି ଅନ୍ନ ଗଣ୍ଡାଏ ପାଇଁ ଯୁଗ ଯୁଗ ଧରି ସେ ମୃତ୍ତିକା ଓ ମୌସୁମୀ ଉପରେ ନିର୍ଭର କରିଆସୁଅଛି। ଉପନିଷଦରେ ଅଛି, ଅତ୍ ପୁରୁଷ ଅର୍ଥାତ୍ ଅନ୍ନରୁ ପ୍ରାଣୀ ଜାତ ବା ଅନ୍ନ ଲାଗି ଜୀବନ। ତେଣୁ ବହୁ ଶାସ୍ତ୍ର, ପୁରାଣ ଓ କାବ୍ୟ କବିତା ଇତ୍ୟାଦିରେ ମୃତ୍ତିକା ଓ ମୌସୁମୀ ସମ୍ପର୍କରେ ରାଶି ରାଶି ବର୍ଣ୍ଣନା ଦେଖିବାକୁ ମିଳେ। ଅମର କବି କାଳିଦାସ ମେଘକୁ ସମ୍ବୋଧନ କରି କହିଛନ୍ତି, "ଦ୍ୱୟାୟରଂ କୃଷି ଫଳମିତି" ଅର୍ଥାତ୍, ହେ ମେଘ, କୃଷିକର୍ମର ଫଳ ତୁମରି ଅଧୀନ ଅଟେ। ତେଣୁ ଆମର କୃଷି କୈନ୍ଦ୍ରିକ ସାମାଜିକ ଜୀବନରେ ଋତୁଚକ୍ରର ସାମ୍ବତ୍ସରିକ ପରିକ୍ରମଣ ଅନୁସାରେ ଏଇଭଳି ନାନା ପର୍ବପର୍ବାଣୀର ବିଧାନ କରାଯାଇଅଛି। ସୁତରାଂ ଏହି ଦୃଷ୍ଟିରୁ ରଜପର୍ବ ପାଳନର ତାତ୍ପର୍ଯ୍ୟ ଓ ଉପାଦେୟତା ଗୁରୁତ୍ତ୍ୱପୂର୍ଣ୍ଣ ଅଟେ। ମିଥୁନ ସଂକ୍ରାନ୍ତି ଦିନ ମୌସୁମୀ ଏବଂ ମୃତ୍ତିକାର ହୁଏ ମହାମିଳନ। ଘନ ମେଘମାଳ ଆକାଶ ପଥରେ ଭାସି ଆସି ଧରିତ୍ରୀ ବକ୍ଷରେ ଢାଳିଦିଅନ୍ତି ଅଜସ୍ର ବାରିରାଶି। ନାରୀ ସ୍ୱରୂପା ଏ ବସୁନ୍ଧରା ରଜସ୍ୱଳା ହୋଇ ପୁଣି ଥରେ ସୃଷ୍ଟି ପାଇଁ ଉନ୍ମୁକ୍ତ ହୋଇଉଠେ। ଉତ୍କଳୀୟ ସଂସ୍କୃତିରେ ଏହି ରଜପର୍ବ ପଶ୍ଚାତରେ କୌଣସି ଧର୍ମାତ୍ମା ପୁରୁଷ ବା ଦେବାଦେବୀର ପରିକଳ୍ପନା ନାହିଁ। ନେପଥ୍ୟରେ କଳ୍ପିତ ଦେବତା ପରିବର୍ତ୍ତେ କେବଳ ମୃତ୍ତିକା ଓ ମୌସୁମୀର ଉପାସନା କରାଯାଏ।

ରଜପର୍ବ ହେଉଛି ଏକ ତ୍ରିଦିବସୀୟ ଉତ୍ସବ। ପ୍ରଥମ ଦିବସଟି ପହିଲି ରଜ, ଦ୍ୱିତୀୟ ଦିବସଟି ରଜ ସଂକ୍ରାନ୍ତି ଏବଂ ତୃତୀୟ ଦିବସଟି 'ଭୂମିଦାହ' ନାମରେ ବିହିତ। ବହୁ ପୂର୍ବରୁ ଏହି ଉତ୍ସବର ଆୟୋଜନ ପାଇଁ ପ୍ରତ୍ୟେକ ପରିବାର ତତ୍ପର ହୋଇ ଉଠିଥା'ନ୍ତି। ପହିଲି ରଜର ପୂର୍ବଦିନଟି 'ସଜବାଜ' ନାମରେ ବିଦିତ। କି ଧନୀ କି ଦରିଦ୍ର, କି ବୃଦ୍ଧ କି ବାଳୁତ, କି ନାରୀ କି ପୁରୁଷ, କି ବ୍ରାହ୍ମଣ କି ଶୁଦ୍ର... ସମାଜର ସବୁ ଶ୍ରେଣୀର ଲୋକଙ୍କ ମନରେ ଏକ ଅପୂର୍ବ ଆବେଗ ସୃଷ୍ଟି ହୋଇଥାଏ। ନିଜ ନିଜର କର୍ମ ଜଞ୍ଜାଳରୁ ଅବସର ନେଇ କ୍ରୀଡ଼ା କୌତୁକ, ଆମୋଦ ପ୍ରମୋଦ, ଆଳାପ ଆଲୋଚନା ମାଧ୍ୟମରେ ଲୋକମାନେ ଦିନ ତିନିଟିକୁ ଅତିବାହିତ କରନ୍ତି। ନାଚଗୀତ, ଯାତ୍ରାଅଭିନୟ ଭଳି ଅଙ୍ଗଭଙ୍ଗୀର ନିଚ୍ଛକ ପ୍ରଦର୍ଶନ ଓ ତାସ, ଲୁଡୁ, ପଶା, ବାଗୁଡ଼ି ଖେଳ ଇତ୍ୟାଦି ହେଉଛି ଏହି ପର୍ବର ବିଶେଷ ଉପାଦାନ। ପହିଲି ରଜର ସ୍ୱାଦିଷ୍ଟ ପୋଡ଼ପିଠା ହେଉଛି ଏହି ପର୍ବର ପାରମ୍ପରିକ ବିଧି। ଧନୀ ଦରିଦ୍ର ବିବିଧତାରୁ ଉର୍ଦ୍ଧ୍ୱରେ ରହି ପ୍ରତ୍ୟେକ ପରିବାରରେ ନିଜର ସାମର୍ଥ୍ୟ ଅନୁଯାୟୀ ସଜବାଜ ଦିନ ରାତ୍ରିରେ ପୋଡ଼ପିଠା ପ୍ରସ୍ତୁତ କରି ରଖାଯାଇଥାଏ। ପହିଲି ରଜର ପ୍ରତ୍ୟୁଷରୁ ଏହାକୁ କାଟି ଖିଆଯାଏ ଓ ବନ୍ଧୁ ପରିଜନ ଏବଂ ପ୍ରତିବେଶୀଙ୍କ ମଧ୍ୟରେ ବଣ୍ଟନ ମଧ୍ୟ କରାଯାଏ। ପହିଲି ରଜର ପ୍ରତ୍ୟୁଷରୁ ରମଣୀ ଓ ବାଳିକାମାନେ ସେମାନଙ୍କର ସ୍ନାନାଦି ନିତ୍ୟକର୍ମ ସମାପନ ପୂର୍ବକ ନାନା ବର୍ଣ୍ଣର ବେଶଭୂଷାରେ ମଣ୍ଡିତ ହୁଅନ୍ତି। କୁଆଁରୀମାନଙ୍କର ପାଦରେ ଅଳତା,



ଆଖିରେ କଜଳ, କପାଳରେ ଚନ୍ଦନ ରେଖା ସହିତ ଅଙ୍ଗ ପରିହିତ ନାନା ରଙ୍ଗର ପୋଷାକ ପରିବେଶକୁ ବେଶ ରଙ୍ଗୀନ୍ କରେ। କୁମାରୀମାନେ ନଗ୍ନ ପାଦରେ ଭୂମି ସ୍ପର୍ଶ ନ କରିବା ହେଉଛି ଏ ପର୍ବର ଏକ ପାରମ୍ପରିକ ବିଧି। ସେଥିପାଇଁ ସେମାନେ ପୂର୍ବରୁ ଗୁଆଗଛର ବକ୍କଳ ନିର୍ମିତ ଜୋତା ବା ପାଦୁକା ପ୍ରସ୍ତୁତ କରି ରଖିଥାଆନ୍ତି। ଆଜିର ଆଧୁନିକ ଯୁଗରେ ବକ୍କଳ ନିର୍ମିତ ପାଦୁକା ସ୍ଥାନରେ ବଜାରରେ ସୁଲଭରେ ପ୍ରାପ୍ତ ନାନାରଙ୍ଗର ଚମଡ଼ା ନିର୍ମିତ ଚପଲ ବ୍ୟବହାର କରାଯାଉଛି। ପିଠାପଣା, କ୍ରୀଡ଼ାକୌତୁକ, ତାମ୍ବୁଳ ବଣ୍ଟନ ଓ ଆନନ୍ଦ ଉଲ୍ଲାସର ବିପୁଳ ଆୟୋଜନ ମଧ୍ୟରେ ଦିନଗୁଡ଼ିକ ମହାଡମ୍ବରରେ ଅତିବାହିତ ହୁଏ। ଏହି ଦିନଗୁଡ଼ିକର ରୀତିନୀତିରେ ସମ୍ପୂର୍ଣ୍ଣ ଓଡ଼ିଆ ଘରର ଚଳଣିର ମହକ ସ୍ପଷ୍ଟ ବାରି ହୋଇଥାଏ। କୁମାରୀମାନଙ୍କ ନିମନ୍ତେ ଏହି ଉତ୍ସବର ବିଶେଷ ଆକର୍ଷଣ ହେଉଛି ଦୋଳି ଖେଳ। ଗ୍ରାମ ଉପାନ୍ତରେ ଆମ୍ବ ତୋଟାରେ, ମନ୍ଦିର ପ୍ରାଙ୍ଗଣରେ ଅଥବା ନିଜ ଗୃହର ପଶ୍ଚାତ୍ ଭାଗରେ କୌଣସି ବୃକ୍ଷ ଡାଳରେ ଦୋଳିମାନ ଝୁଲାଇ ଦିଆଯାଏ। ଦୋଳିର ତାଳେ ତାଳେ ଅଙ୍ଗନାଙ୍କର ସୁଲଳିତ ସଂଗୀତର ସାବଲୀଳ ପ୍ରତିଧ୍ୱନି ଗ୍ରାମ୍ୟ ପରିବେଶକୁ ବେଶ୍ ଉତ୍ସବମୁଖର କରେ। ସେମାନେ ଅତି ଆନନ୍ଦରେ ରଜରେ ନୂଆ ପୋଷାକ ପିନ୍ଧି, ନିଜକୁ ଶୃଙ୍ଗାର କରି, ପାନ ଖାଇ ରଜଦୋଳିର ଆନନ୍ଦ ନେଇଥା'ନ୍ତି। ଗାଁ ଗହଳିରେ ଝିଅମାନେ ଦୋଳି ଖେଳରେ ମତୁଆଲା ହୋଇ ଏଭଳି ଗୀତ ଗାଇଥାନ୍ତି- ବନସ୍ତେ ଡାକିଲା ଗଜ,

ବରଷକେ ଥରେ ଆସିଛି ରଜ, ଆସିଛି ରଜ ଲୋ ଘେନି ନୂଆ ସଜବାଜ। ରଜ ଦୋଳି କଟ କଟ, ମୋ ଭାଇ ମଥାରେ ସୁନା-ମୁକୁଟ, ସୁନା ମୁକୁଟ ଲୋ ଦିଶୁଥାଏ ଝଟଝଟ। କୌଣସି କୌଣସି ସ୍ଥାନରେ ଦୋଳି ଖେଳ ଓ ବାଗୁଡ଼ିଖେଳର ପ୍ରତିଯୋଗିତା କରାଯାଇ ପୁରସ୍କାର ବିତରଣ ମଧ୍ୟ କରାଯାଏ। ଦର୍ଶକ ଓ ପ୍ରତିଯୋଗୀମାନଙ୍କର କୋଳାହଳପୂର୍ଣ୍ଣ ସମାବେଶ ପରିବେଶକୁ ଖୁବ୍ ଆକର୍ଷଣୀୟ କରିଥାଏ। ଉତ୍ସବର ତୃତୀୟ ଦିବସଟି ହେଉଛି ମାତା ବସୁମତୀର ବିଶ୍ରାମର ଦିନ। ଭୂମିରେ କୌଣସି କ୍ଷତ କରାଯିବା ବା ଭୂମିକୁ ଆଘାତ ଦେବା ଭଳି କାର୍ଯ୍ୟ କରିବା ଏହି ଦିନ ନିଷେଧ ଅଟେ। ଏହି ଦିନକୁ 'ଧରାସ୍ନାନ' ବା "ବସୁମତୀ ସ୍ନାନ" ନାମରେ ପାଳନ କରାଯାଏ। ପ୍ରତ୍ୟୁଷରେ ପ୍ରତ୍ୟେକ ଗୃହସ୍ଥର ଅଗଣାରେ ଏକ କାଷ୍ଠ ଆସନ(ପିଢ଼ା) ଉପରେ ଲଙ୍ଗଳ ଲୁହା ସହିତ ଶିଳପୁଆ ଓ ନାରୀକେଳ ସ୍ଥାପନ କରି ପ୍ରତ୍ୟେକ ଘରର କୁଳପାଳିକା ତାହାକୁ ହଳଦୀ ପାଣିରେ ସ୍ନାନ କରାଇ ସଭକ୍ତି ପ୍ରଣିପାତ କରନ୍ତି। ଏହାପରେ ଉତ୍ସବର ଉଦ୍‌ବେଳ ଆନନ୍ଦର ପରିସମାପ୍ତି ଘଟେ। ବସୁମତୀର ବରପୁତ୍ର କୃଷକ ଆଗାମୀ ବର୍ଷକ ପାଇଁ ମାଗିନିଏ ମାଟିମାଆର ଅଯାଚିତ କଲ୍ୟାଣର ଆଶୀର୍ବାଦ। ନିଜର ଆମୋଦ, ଆଳସ୍ୟକୁ ପରିହାର କରି ସେ ପୁଣି ନୂତନ କର୍ମ ପ୍ରେରଣା ନେଇ ଆଗେଇ ଯାଏ ସ୍ୱକର୍ମରେ। ଝର ଝର ହୋଇ ଆଷାଢ଼ ଆକାଶରୁ ଝରି ଆସେ ଈଶ୍ୱରଙ୍କର ଅସୀମ କରୁଣାର ଧାରା। ମାଟିମାଆର ବୁକୁ ଫଟାଇ ନୂତନ ଅଙ୍କୁରର ଉନ୍ମେଷ ଘଟେ। ସେ ପୁଣି ଥରେ ନୂତନ ସୃଜନୀର ଆନନ୍ଦରେ ଅଭିଭୂତ ହୋଇଉଠେ।

କୃଷିଭିତ୍ତିକ ସାମାଜିକ ଜୀବନରେ ରଜପର୍ବର ତାତ୍ପର୍ଯ୍ୟ ହେଉଛି ଗୁରୁତ୍ୱପୂର୍ଣ୍ଣ। ତିନିଦିନବ୍ୟାପୀ ଆନନ୍ଦ ଉତ୍ସବ, କ୍ରୀଡ଼ା କୌତୁକ, ଆଳାପ ଆଲୋଚନା ଇତ୍ୟାଦି ଗୋଷ୍ଠୀଜୀବନକୁ ବେଶ୍ ଆନନ୍ଦମୁଖର କରେ। ଏହି ଅବସରରେ ନବ ବିବାହିତା କନ୍ୟାର ପିତ୍ରାଳୟରୁ ଶ୍ୱଶୁରାଳୟକୁ ନବବସ୍ତ୍ର ସହିତ ନଡ଼ିଆ, କଦଳୀ, ଆମ୍ବ, ପଣସ ଇତ୍ୟାଦି ସମ୍ଭାର ପଠାଯାଏ। ମୃତ୍ତିକାର ବିଶ୍ରାମ ସହିତ କୃଷିକାରୀ ସ୍ତ୍ରୀ ପୁରୁଷ ସମସ୍ତେ ଏହି ତିନିଦିନ ସାମୟିକ ବିଶ୍ରାମ ଗ୍ରହଣ କରନ୍ତି। ଝିଅ ବୋହୂମାନେ ଗୃହକର୍ମରୁ ଅବସର ନେଇ ଆଳାପ ଆଲୋଚନା ମାଧ୍ୟମରେ ସମୟ ଅତିବାହିତ କରନ୍ତି। କେବଳ ରନ୍ଧନ କାର୍ଯ୍ୟ ବ୍ୟତୀତ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ସ୍ଥଗିତ ରଖାଯାଏ। ପୋଡ଼ପିଠା ହେଉଛି ଉତ୍କଳୀୟ ସଂସ୍କୃତିର ପ୍ରତୀକ ଯାହା ରଜର ମହାତ୍ମ୍ୟକୁ ବହୁଗୁଣିତ କରାଏ। ପୁରୀ ଶ୍ରୀମନ୍ଦିରରେ ଜଗନ୍ନାଥଙ୍କ ନିକଟରେ ପ୍ରତ୍ୟହ ପୋଡ଼ପିଠା ଲାଗି କରାଯିବାର ପରମ୍ପରା ବହୁକାଳରୁ ପ୍ରଚଳିତ। ପ୍ରତିବେଶୀଙ୍କ ସହିତ ପୋଡ଼ପିଠାର ଶ୍ରଦ୍ଧାପୂର୍ଣ୍ଣ ଆଦାନ ପ୍ରଦାନ ଉତ୍ତମ ବନ୍ଧୁତ୍ୱର ବାତାବରଣ ସୃଷ୍ଟିକରେ। ଗ୍ରାମର କୁଆଁରୀ ଝିଅମାନେ ଏକତ୍ର ମିଳିତ ହୋଇ ତାମ୍ବୁଳ ବିନିମୟ ମାଧ୍ୟମରେ ପାରମ୍ପରିକ ଐକ୍ୟ ଓ ସୌହାର୍ଦ୍ଦ୍ୟକୁ ଦୃଢ଼ୀଭୂତ କରନ୍ତି। ଏହି ଅବସରରେ ନାନାଦି କ୍ରୀଡ଼ା କୌତୁକ ମାଧ୍ୟମରେ ଗୋଷ୍ଠୀଜୀବନର ମାଧୁର୍ଯ୍ୟ ବେଶ୍ ଉପଭୋଗ୍ୟ ହୋଇଥାଏ। ରଜ ଆଗମନର ବହୁ ପୂର୍ବରୁ ପ୍ରସ୍ତୁତି ପର୍ବ ପାଳିତ ହୁଏ। ରଜପର୍ବର ଭାବନା, କଳ୍ପନା, କାମନା ଓ ଆତ୍ମମନାରେ ଥାଏ ଚରମ ଉନ୍ମାଦନା। ଆହା ! କି ସ୍ୱତନ୍ତ୍ର ଓ ନିଆରା ସେ ଅନୁଭୂତି, ତା'ର ପଟାନ୍ତର ନାହିଁ। ଚିର ସବୁଜ ତା'ର କ୍ଷୁଦ୍ର ଅବୟବ, ପୀୟୁଷ ପୂର୍ଣ୍ଣ ତା'ର ବିଶାଳ ହୃଦୟ, ମୁକୁତା ଝରା ତା'ର ହାସ୍ୟମୟ ପରମ୍ପରା ଓ ଲାସ୍ୟମୟ ବୈଶିଷ୍ଟ୍ୟ, ବେଶ୍ ସୁମଧୁର ତା'ର ପରିଭାଷା ଓ ସର୍ବୋପରି ଭାଷାନ୍ତର ତା'ର ସ୍ନିଗ୍ଧ ପରିପାଟୀ ସତରେ, ବଚନୁ ଅତୀତ ତା'ର ମୁଗ୍ଧ ଅନୁଭବ। ହେଲେ, ଏବେକାର ଆଧୁନିକତାର ଛାପରେ ରଜପର୍ବ ପାଳନକୁ ନେଇ ପୂର୍ବଭଳି ସେତେଟା ଆଗ୍ରହ ଉଦ୍ଦୀପନା ପରିଲକ୍ଷିତ ହେଉନାହିଁ। ଆଜି ବସୁନ୍ଧରା ସହିତ ତା'ର କୋଟି କୋଟି ଆତ୍ମଜ ମନୁଷ୍ୟ ଶିଶୁର ସେ ଆତ୍ମୀୟତା ଓ ନିବିଡ଼ତା ଆଉ ନାହିଁ। କୃଷି ଓ କୃଷକର ଭାଗ୍ୟ ହୋଇଛି ବିଡ଼ମ୍ବିତ। ବିବତ ମୌସୁମୀର ସ୍ୱାଭାବିକ ପ୍ରବାହ ହୋଇଛି ବିଖଣ୍ଡିତ। ତେଣୁ ମୃତ୍ତିକାର ମହନୀୟତାକୁ ଉପଲବ୍ଧି କରି ତା'ର ପରିଚର୍ଯ୍ୟାରେ ନିୟୋଜିତ ହେବା ନିମନ୍ତେ ଯେଉଁ ସମସ୍ତ ସାମାଜିକ ବିଧି ବିଧାନ ଉଦ୍ଦିଷ୍ଟ ଥିଲା, ତାହାସବୁ ପ୍ରତ୍ୟୟହୀନ ଭାବେ କୁସଂସ୍କାର ଓ ଅନ୍ଧବିଶ୍ୱାସରେ ପରିଣତ ହେଲାଣି। ରଜର ସଂସ୍କୃତି ଓ ପରମ୍ପରା ଆଜି ବିସ୍ମୃତିର ଅତଳ ଗର୍ଭରେ ଲୀନ ହେବାକୁ ବସିଲାଣି। ଆଉ ଏକବିଂଶ ଶତାବ୍ଦୀର ଶିକ୍ଷିତା ନାରୀ ଆଦ୍ୟ ଆଷାଢ଼ର ଶୁଭ ତୃତୀୟ ଦିବସରେ ପ୍ରତ୍ୟୁଷରୁ ଶ୍ରଦ୍ଧାପୂର୍ଣ୍ଣ ହୃଦୟରେ ମଝି ଅଗଣାରେ ଲଙ୍ଗଳ ଲୁହା ଖଣ୍ଡ ରଖି ହଳଦୀପାଣିରେ ସ୍ନାନ କରାଇବାକୁ ଆଗ୍ରହ ପ୍ରକାଶ କରୁନାହିଁ। ମନୁଷ୍ୟ ଯଦି ଆଜି ମୃତ୍ତିକା ଓ ମୌସୁମୀର ଆଦର କରି ନ ଶିଖେ, ପ୍ରକୃତି ନିକଟରେ ନତମସ୍ତକ ହୋଇ ତା'ର ବରଦାନ ଭିକ୍ଷା ନ କରେ, ତେବେ ସଭ୍ୟତାର ଧ୍ୱଂସ ଅନିର୍ବାର୍ଯ୍ୟ ଓ ସଂହାର ଅବଶ୍ୟମ୍ଭାବୀ।

**ଅରଙ୍ଗାବାଦ, ବରୀ, ଯାଜପୁର**
**ମୋବାଇଲ:୮୨୪୯୫୦୨୭୭୬**



ସନ୍ତୋଷ କୁମାର ଦାଶ

# ରଜ ପର୍ବ ଓ ଜଗନ୍ନାଥ ସଂସ୍କୃତିରେ ପାନ

ଆମ ଓଡ଼ିଆ ଘରେ ବାର ମାସରେ ତେର ପର୍ବ ଆନନ୍ଦ ଉଲ୍ଲାସ ର ସହ ପାଳିତ ହୋଇଥାଏ। ତା ମଧ୍ୟରୁ ରଜ ପର୍ବ ଅନ୍ୟତମ। ଏହି ପର୍ବ ସାରା ରାଜ୍ୟ ରେ ୪ ଦିନ ଧରି ପାଳିତ ହୋଇଥାଏ। ରଜ ପୂର୍ବ ଦିନ ସଜବାଜ, ପହିଲି ରଜ,ରଜ ସଂକ୍ରାନ୍ତି ଓ ବସୁମତୀ ସ୍ନାନ । ଏହିପରି ୪ ଦିନ ଆନନ୍ଦ ଉଲ୍ଲାସ ର ସହ ପାଳନ ହୋଇଥାଏ ରଜ। ଏହି ପର୍ବ ଧରିତ୍ରୀ ମା ଓ ଓଡ଼ିଆ ଘର ର ମାତୃ (ଯୁବତୀ/ କିଶୋରୀ) ଙ୍କ ର ସ୍ୱତନ୍ତ୍ର ପର୍ବ। ଏହି ସମୟ କୁ ଧରିତ୍ରୀ ମା ପହିଲି ବର୍ଷା ର ସ୍ପର୍ଶ ପାଇ ରଜବତୀ ହୋଇଥିବା କୁହାଯାଇଥାଏ। ଏହା ପରେ ଧରଣୀ ମା ର କୋଳ ରେ ସୃଷ୍ଟି ହୋଇଥାଏ ସବୁଜ ବନାନୀ। ଏହି ତତ୍ତ୍ୱ ଓଡ଼ିଆ ଘର ର ଯୁବତୀ/କିଶୋରୀ ମାନଙ୍କୁ ଶିକ୍ଷା ଦେବାକୁ ରଜ ପର୍ବ ପାଳନ କରାଯାଏ ବୋଲି ଗବେଷକ ମାନେ କୁହନ୍ତି। ରାଜବତୀ ଯୁବତୀ/ କିଶୋରୀ ମାନେ କିପରି କାର୍ଯ୍ୟ କଲେ ଜଣେ ଜଣେ ଭଲ ମା ହୋଇ ନିଜ ବଂଶ ବିସ୍ତାର କରି ପାରିବେ ଏହି ଶିକ୍ଷା ରଜ ପର୍ବ ରୁ ମିଳିଥାଏ। ଯୁବତୀ/କିଶୋରୀ ମାନେ ନବବସ୍ତ୍ର ପରିଧାନ କରି ପରିବାର ଓ ଅଞ୍ଚଳ ର ବୟୋଜ୍ୟେଷ୍ଠ ମାନଙ୍କୁ ସମ୍ମାନ ଜଣାଇ ଘରେ ପିଠା ପଣା ଖାଇ ଆନନ୍ଦ ଉଲ୍ଲାସ ମଧ୍ୟରେ ଦୋଳି, ପୁଚି ଖେଳି ରଜ ପର୍ବ ପାଳନ



କରିଥାନ୍ତି। ରଜ ପର୍ବ ରେ ପାନ ଖାଇବା ଓ ଖୁଆଇବା ଏକ ପରମ୍ପରା ଭାବେ ରହି ଆସିଛି ଆମ ଓଡ଼ିଆ ସଂସ୍କୃତି ରେ। ପ୍ରୀତି ର ବନ୍ଧନ ହେଉଛି ଏହି ରଜ ପାନ। ରଜ ପାନ ବନ୍ଧୁତା ର ଡୋରି କୁ ଅଧିକ ମଜଭୁତ କରିଥାଏ। ରଜ କୁ ପାନ ଓ ପିଠା ର ପର୍ବ ବୋଲି କୁହାଯାଇଥାଏ। ଏହି ୪ ଦିନ ବଜାର ରେ ବିଭିନ୍ନ ପ୍ରକାର ର ପାନ ମିଳି ଥାଏ। ପାନ ଖାଉ ନ ଥିବା ବ୍ୟକ୍ତି ଟିଏ ମଧ୍ଯ ରଜ ପାନ ଖାଇବା କୁ ଇଚ୍ଛା ପ୍ରକାଶ କରିଥାଏ। ସେହିପରି ଆମ ଓଡ଼ିଆ ଙ୍କ ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କ ପ୍ରିୟ ହେଉଛି ବିଡ଼ିଆ ପାନ। ଶ୍ରୀ ଜଗନ୍ନାଥ ସଂସ୍କୃତି ସହିତ ବିଡ଼ିଆ ପାନ ଜଡ଼ିତ ହୋଇ ରହିଆସିଛି କାହିଁ କେତେ କାଳରୁ। ଶ୍ରୀ ମନ୍ଦିର ରେ ପ୍ରତି ଧୂପ ( ଭୋଗ ଲାଗି) ପରେ ଶ୍ରୀ ଜଗନ୍ନାଥ ଙ୍କ ନିକଟରେ ହଡ଼ପ ନାୟକ ସେବକ ଲାଗି କରିଥାନ୍ତି ବିଡ଼ିଆ ପାନ। ଏହି ପାନରେ ଚନ୍ଦନ,କର୍ପୂର, ଜାଇଫଳ, ଗୁଆ, ଅଳେଇଚ ପ୍ରଭୃତି ମସଲା ଦିଆ ଯାଇଥାଏ। ପ୍ରତିଦିନ ବଲ୍ଲଭ ଭୋଗ, ସକାଳ ଧୂପ, ମଧ୍ୟାହ୍ନ ଧୂପ, ସଂଧ୍ୟା ଧୂପ, ବଡ଼ସିଂହାର ବେଶ ପରେ ୬ ଟି ବିଡ଼ିଆ ପାନ ମହାପ୍ରଭୁଙ୍କ ନିକଟରେ ଲାଗି କରାଯାଇଥାଏ।ମହାପ୍ରଭୂ ଙ୍କ ପହୁଡ଼ ନୀତି ପରେ ପଲଙ୍କ ତଳେ ୬ ଟି ବିଡିଆ ପାନ ଶ୍ରୀ ଜିୟୁ ମାନଙ୍କୁ ଲାଗି କରାଯାଇ ଥାଏ।ଦିନକରେ ସମୁଦାୟ ୩୬ ଟି ପାନ ଶ୍ରୀ ଜିୟୁ ମାନଙ୍କୁ ଲାଗି କରାଯାଇ ଥାଏ ବୋଲି ଶ୍ରୀ ମନ୍ଦିର ପୂଜା ନିତି ପୁସ୍ତକ ରେ ବର୍ଣ୍ଣିତ ହୋଇଛି।ବିଶେଷ ଦିନ ମାନଙ୍କ ରେ ବି ଆଉ ଅଧିକ ବିଡ଼ିଆ ପାନ ଠାକୁର ମାନଙ୍କୁ ଲାଗି କରାଯାଇଥାଏ।ଚନ୍ଦନଯାତ୍ରା ସମୟ ରେ ଚନ୍ଦନ ମଣ୍ଡପ ରେ ୫୦ ରୁ ୬୦ ଖଣ୍ଡ ବିଡ଼ିଆ ପାନ ମଣୋହି ହୋଇ ଥାଏ। ମହାପ୍ରଭୂଙ୍କ ନୌକା ବିହାର ସମୟ ରେ ବି ବିଡ଼ିଆ ପାନ ଲାଗି ହୋଇ ଥାଏ। ଦିନ ଚାପ ରେ ୩୦ ଖଣ୍ଡ ଓ ରାତ୍ରୀ ଚାପ ରେ ୫୦ ଟି ବିଡ଼ିଆ ପାନ ମଣୋହି ହୋଇଥାଏ।ଆଡ଼ପ ମଣ୍ଡପରେ ବି ଶ୍ରୀ ଜିୟୁ ମାନଙ୍କୁ ବିଡ଼ିଆ ପାନ ଲାଗି ହୋଇ ଥାଏ। ମହାପ୍ରଭୂ ଙ୍କୁ ଯେତେଥର ବିଡ଼ିଆ ପାନ ମଣୋହି ହୋଇଥାଏ ମା ବିମଳା ଙ୍କୁ ସେତେଥର ବିଡ଼ିଆ ପାନ ସମର୍ପଣ ହୋଇଥାଏ। ଶ୍ରୀ ଜିୟୁମାନଙ୍କୁ ବିଡ଼ିଆ ପାନ ଲାଗି କରିବାକୁ ହଡ଼ପ ନାୟକ ନିଯୋଗ ରହିଛି। ଏହି ନିଯୋଗ ବର୍ଷ ସାରା ଶ୍ରୀ ଜିୟୁ ମାନଙ୍କୁ ବିଡ଼ିଆ ପାନ ମଣୋହି ଲାଗି କରି ଆସୁଛନ୍ତି। ଶ୍ରୀ ଜଗନ୍ନାଥ ସଂସ୍କୃତି ସହିତ ପାନ ର ସମ୍ପର୍କ ରହି ଆସିଛି କାହିଁ କେତେ କାଳରୁ। ସେହିପରି ଓଡ଼ିଆ ଙ୍କ ନିଜସ୍ୱ ପର୍ବ ରଜ ରେ ପାନ ଖାଇବା ଓ ଖୁଆଇବା ପରମ୍ପରା ଭାବେ ପାଳିତ ହୋଇ ଆସୁଛି ଯୁଗ ଯୁଗ ଠାରୁ। ଜୟ ଜଗନ୍ନାଥ ସ୍ୱାମୀ।।

**ତୁଳସୀପୁର, ପୁରୀ**
**ମୋବାଇଲ୍:୯୪୩୯୩୭୬୧୮୮**

# ଫ୍ରାନ୍ସ ଓ ଭାରତ ସମ୍ପର୍କ ବନ୍ଧୁତାରେ ସୀମିତ ନୁହେଁ

'ଭାରତ ଇନୋଭେଟ୍ସ' ଶୁଭାରମ୍ଭ

### ଏକାଠି ହେଲେ ବିଶ୍ୱର ପ୍ରମୁଖ ଷ୍ଟାର୍ଟଅପ୍ ଫଣ୍ଡ ପ୍ରତିନିଧି

### ଷ୍ଟାର୍ଟଅପ୍ ବିପ୍ଳବର ଆଗରେ ରହିଛି ଭାରତ



ନୂଆଦିଲ୍ଲୀ, ୧୪।୬: ଭାରତ ଓ ଫ୍ରାନ୍ସ ମଧ୍ୟରେ ଥିବା ବନ୍ଧୁତା କେବଳ ବ୍ୟାପାର କିମ୍ବା ରଣନୈତିକ ସମ୍ପର୍କ ମଧ୍ୟରେ ସୀମିତ ନୁହେଁ, ବରଂ ଏହା ଦୁଇ ଦେଶର ସମାନ ଚିନ୍ତାଧାରା ଓ ଭବିଷ୍ୟତର ସ୍ୱପ୍ନରେ ବନ୍ଧା। ଫ୍ରାନ୍ସର ନୀସ ସହରରେ ଆୟୋଜିତ 'ଭାରତ ଇନୋଭେଟ୍ସ' କାର୍ଯ୍ୟକ୍ରମର ଯୁଗ୍ମ ଉଦ୍ଘାଟନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହା କହିଛନ୍ତି। ଫ୍ରାନ୍ସର ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କ ସହ ମିଶି ପ୍ରଧାନମନ୍ତ୍ରୀ ଏହି ଭବ୍ୟ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଛନ୍ତି, ଯେଉଁଠାରେ ଭାରତ, ଫ୍ରାନ୍ସ ସମେତ ବିଶ୍ୱର ଅନେକ ପ୍ରମୁଖ ଷ୍ଟାର୍ଟଅପ୍ ଏବଂ ଭେଞ୍ଚର କ୍ୟାପିଟାଲ ଫଣ୍ଡର ପ୍ରତିନିଧିମାନେ ଏକାଠି ହୋଇଛନ୍ତି।

ଏହି ସମ୍ମିଳନୀକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ସାଧାରଣତଃ ଦୁଇଟି ଦେଶ ମଧ୍ୟରେ ବାଣିଜ୍ୟିକ କାରବାର ବା ରଣନୈତିକୁ ନେଇ ବୁଝାମଣା ରହିଥାଏ। କିନ୍ତୁ ଭାରତ ଏବଂ ଫ୍ରାନ୍ସର ସମ୍ପର୍କ ଏହାଠାରୁ ବହୁ ଆଗରେ। ଏହି ସମ୍ପର୍କ ପଛରେ ପାରସ୍ପରିକ ଦୃଢ଼ ବିଶ୍ୱାସ, ସମାନ ସାମାଜିକ ମୂଲ୍ୟବୋଧ ଏବଂ ଭବିଷ୍ୟତର ମିଳିତ ସ୍ୱପ୍ନ ରହିଛି।

ପ୍ରଧାନମନ୍ତ୍ରୀ କହିଛନ୍ତି, 'ଗତ ବର୍ଷଗୁଡ଼ିକରେ ଆମେ ଦୁଇ ଦେଶ ମିଶି ଅନେକ ନୂଆ ପଦକ୍ଷେପ ନେଇଛୁ ଏବଂ ବିଶ୍ୱସ୍ତରୀୟ ସମସ୍ୟାଗୁଡ଼ିକର ସମାଧାନ ବାହାର କରିବାକୁ ଚେଷ୍ଟା କରିଛୁ। ଆମେ ସର୍ବଦା କାନ୍ଧକୁ କାନ୍ଧ ମିଳାଇ ଚାଲିଛୁ ଏବଂ ଆଜି 'ଭାରତ ଇନୋଭେଟ୍ସ'ର ଶୁଭାରମ୍ଭ ମଧ୍ୟ ଫ୍ରାନ୍ସ ସହିତ ମିଳିତ ଭାବେ ହେଉଥିବାରୁ ମୁଁ ବହୁତ ଆନନ୍ଦିତ।' ଏହି ଅବସରରେ ସେ ତାଙ୍କର ବନ୍ଧୁ ତଥା ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଫ୍ରାନ୍ସ ରାଷ୍ଟ୍ରପତିଙ୍କ ନିକଟ ଅତୀତର ଭାରତ ଗସ୍ତକୁ ମନେ ପକାଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଏହି ଶତାବ୍ଦୀର ଆହ୍ୱାନଗୁଡ଼ିକର ମୁକାବିଲା ପାଇଁ ଭାରତ ଓ ଫ୍ରାନ୍ସକୁ ଏକାଠି ଆଗକୁ ବଢ଼ିବାକୁ ହେବ ବୋଲି ମାକ୍ରନ କହିଥିଲେ। ଆଜିର ଏହି କାର୍ଯ୍ୟକ୍ରମ ସେହି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। 'ଭାରତ ଇନୋଭେଟ୍ସ' କେବଳ ଏକ ମଞ୍ଚ ନୁହେଁ, ବରଂ ଏହା ଭାରତର ଅସୀମ ପ୍ରତିଭା ଏବଂ ୟୁରୋପର ପୁଞ୍ଜି ମଧ୍ୟରେ ଏକ ସେତୁ ସଦୃଶ କାର୍ଯ୍ୟ କରୁଛି। ଏହା ମାଧ୍ୟମରେ ଭାରତର ଯୁବ ମନ ଓ ଚିନ୍ତାଧାରାକୁ ୟୁରୋପର ବିଶେଷଜ୍ଞମାନଙ୍କ ସହ ସିଧାସଳଖ ଯୋଡ଼ି ହେବାର ସୁଯୋଗ ମିଳୁଛି।

ଭାରତ ଆଜି ଏକ ବୃହତ୍ ପରିବର୍ତ୍ତନର ସାକ୍ଷୀ ପାଲଟିଛି ବୋଲି ପ୍ରଧାନମନ୍ତ୍ରୀ ଜୋର ଦେଇ କହିଥିଲେ। ସେ ଉଲ୍ଲେଖ କରିଛନ୍ତି ଯେ, ଆଜି ସାରା ଭାରତରେ ଏକ ଅଭୂତପୂର୍ବ 'ଷ୍ଟାର୍ଟଅପ୍ ବିପ୍ଳବ' ଚାଲିଛି। ଦେଶର ଯୁବପିଢ଼ି ସମ୍ପୂର୍ଣ୍ଣ ନୂଆ ମାନସିକତା ଏବଂ ସକାରାତ୍ମକ ଚିନ୍ତାଧାରା ସହ ଆଗକୁ ବଢ଼ୁଛନ୍ତି। ସେମାନଙ୍କର ଲକ୍ଷ୍ୟ କେବଳ ବ୍ୟବସାୟ ନୁହେଁ, ବରଂ ସମଗ୍ର ମାନବ ସମାଜର କଲ୍ୟାଣ ପାଇଁ ଜଟିଳ ସମସ୍ୟାର ସରଳ ସମାଧାନ ଖୋଜିବା। ପ୍ରଧାନମନ୍ତ୍ରୀ ନିଜ ଅଭିଭାଷଣର ଶେଷରେ କହିଛନ୍ତି ଯେ, ଭାରତର ଯୁବ ଶକ୍ତି ଦ୍ୱାରା ପ୍ରସ୍ତୁତ ଏହି ବିଶ୍ୱସ୍ତରୀୟ ସମାଧାନ ଏବଂ ନବସୃଜନକୁ ସାରା ଦୁନିଆ ଆଗରେ ପ୍ରଦର୍ଶିତ କରିବା ପାଇଁ 'ଭାରତ ଇନୋଭେଟ୍ସ' ଏକ ସର୍ବଶ୍ରେଷ୍ଠ ଓ ଶକ୍ତିଶାଳୀ ମାଧ୍ୟମ ସାଜିବ।

# ଅର୍ଣ୍ଣବ ବାନାର୍ଜୀ ଟିଏମ୍‌ସି ଯୁବ କଂଗ୍ରେସ ସଭାପତି

ନୂଆଦିଲ୍ଲୀ, ୧୪।୬: ସାୟୋନୀ ଘୋଷଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲା ଟିଏମସି। ଦଳ ତାଙ୍କୁ ଟିଏମସି ଯୁବ ସଭାପତି ପଦରୁ ହଟାଇ ଦେଇଛି। ବିଦ୍ରୋହୀ ସାଂସଦ ତାଲିକାରେ ସାୟୋନୀ ଯୋଗଦେବା ନେଇ ଚର୍ଚ୍ଚା ହେଉଛି। ଯେଉଁଠାରେ ଗୋଟିଏ ପାର୍ଶ୍ୱରେ ଟିଏମସିରେ ବିଭାଜନ ଆରମ୍ଭ ହୋଇଛି। ସୋମବାର ଦଳର ବିଦ୍ରୋହୀ ସାଂସଦ ମାନେ ଲୋକସଭା ବାଚସ୍ପତିଙ୍କୁ ଭେଟିଥିବା ବେଳେ ବର୍ତ୍ତମାନ ଦଳ ଏକ

**ସାୟୋନୀ ଆଉଟ୍**



ବଡ଼ ଧରଣର ଅଦଳବଦଳ କରିଛି। ନ୍ୟୁଜ୍ ଏଜେନ୍ସି ଏଏନଆଇ ରିପୋର୍ଟ କରିଛି ଯେ, ଟିଏମସି କହିଛି ଯେ ଅର୍ଣ୍ଣବ ବାନାର୍ଜୀଙ୍କୁ ରାଜ୍ୟ ତୃଣମୂଳ ଯୁବ କଂଗ୍ରେସର ସଭାପତି ଭାବରେ ନିଯୁକ୍ତ ହୋଇଥିବା ବେଳେ କୁଣାଲ ଘୋଷଙ୍କୁ ଉତ୍ତର କୋଲକାତା ସଂଗଠନ ଜିଲ୍ଲାର ସଭାପତି ଭାବେ ନିଯୁକ୍ତ କରାଯାଇଛି। କୁଣାଲଙ୍କୁ ଉତ୍ତର କୋଲକାତା ସଂଗଠନ ଜିଲ୍ଲାର ସଭାପତି ପଦ ପାଇଁ ସାଂସଦ ସୁଦୀପ ବନ୍ଦୋପାଧ୍ୟାୟଙ୍କ ସ୍ଥାନରେ ଦେଇଛନ୍ତି। ବଙ୍ଗଳା ବିଧାନସଭା ନିର୍ବାଚନର ଫଳାଫଳ ବାହାରକୁ ଆସିବା ପରେ ଏଠାରେ ଟିଏମସି ମଧ୍ୟରେ ଆଭ୍ୟନ୍ତରୀଣ ମତଭେଦ ରହିଛି। ଏହା ଥମିବାର ନା ନେଉନାହିଁ। ଦଳ ବିଧାନସଭାରେ ନିଜର ସଂସଦୀୟ ଦଳ ଉପରେ ନିୟନ୍ତ୍ରଣ ହରାଇ ସାରିଛି। ବିଦ୍ରୋହର ଲକ୍ଷଣ ଲୋକସଭାରେ ମଧ୍ୟ ସ୍ପଷ୍ଟ ଦେଖାଯାଉଛି।

# ଓମାନ ଉପକୂଳରେ ବୁଡ଼ିଲା ଜାହାଜ, ୧୪ ଭାରତୀୟ ନାବିକ ଉଦ୍ଧାର



ମସ୍କଟ, ୧୪।୬: ଓମାନ ଉପକୂଳରେ ୧୪ ଭାରତୀୟ ଚାଳକ ସଦଳ ସଦସ୍ୟଙ୍କୁ ନେଇ ଯାଉଥିବା ଏକ ପାରମ୍ପରିକ ନୌକା ବୁଡ଼ି ଯାଇଛି। ମିସନ ସୂତ୍ର ଅନୁସାରେ ଓମାନ ଉପକୂଳରେ ଭାରତୀୟ ପତାକା ଥିବା ଏକ ମେକାନାଇଜଡ୍ ସେଲିଂ ଜାହାଜ 'ବିରାଟ-୧' ସମ୍ପର୍କିତ ଏକ ଘଟଣା ସମ୍ପର୍କରେ ସୂଚନା ମିଳିଛି। ଏଥିରେ ୧୪ ଜଣ ଭାରତୀୟ ନାବିକ ଥିଲେ। ଏହି ସଂକଟପୂର୍ଣ୍ଣ ପରିସ୍ଥିତି ୧୪ ଜୁନ ପୂର୍ବାହ୍ନରେ ଓମାନର ରାସ ଅଲ ହଦ୍ଦ ରୁ ପାଖାପାଖି ୮୦ ନଟିକାଲ ମାଇଲ ଦୂରରେ ହୋଇଛି। ସୂତ୍ର ଅନୁସାରେ ଜାହାଜ ବିପଦରେ ଥିବା ଜଣାପଡ଼ିବା ମାତ୍ରେ ଆମେରିକା ନୌସେନା ଜରୁରିକାଳୀନ କାର୍ଯ୍ୟାନୁଷ୍ଠାନ ଲାଗି ଉପକୂଳ ଅଧିକାରୀଙ୍କୁ ସତର୍କ କରିଥିଲା। ଉଦ୍ଧାର ଅଭିଯାନରେ ଆମେରିକା ନୌସେନାର ପି-ଏଇଟ୍ ମେରିଟାଇମ ପାଟ୍ରୋଲ ଏୟାରକ୍ରାଫ୍ଟ ଜାହାଜ ନିକଟରେ ଏକ ଲାଇଫ ରାଫ୍ଟ ପକାଇଥିଲା ଓ ଏଥିରେ ବସିଥିବା ଲୋକଙ୍କ ସୁରକ୍ଷିତ ଉଦ୍ଧାର ନିମନ୍ତେ ପ୍ରକ୍ରିୟା ଉପରେ ନଜର ରଖିଥିଲା। ଏଥ୍ ପାଇଁ ୟୁଏସ୍ ନେଭି ପାଖରେ ଥିବା ମର୍ଚାଣ୍ଟ ନେଭି ଜାହାଜ ଜବଲ ଅଲି-୯ ସହିତ ମଧ୍ୟ ତାଳମେଳ ରକ୍ଷା କରାଯାଇଥିଲା। ଏଣୁ ଜାହାଜ ବୁଡ଼ିବା ପୂର୍ବରୁ ସେଥିରେ ଥିବା ସମସ୍ତ ଯାତ୍ରୀ ଓ ଚାଳକ ଦଳ ଲାଇଫ ରାଫ୍ଟକୁ ଚାଲି ଆସିଥିଲେ। ତେବେ ଜାହାଜ କାହିଁକି ବୁଡ଼ିଲା ସେ ନେଇ ସଠିକ ସୂଚନା ମିଳି ପାରିନାହିଁ।

## ଲଣ୍ଡନରେ ଭାରତୀୟ ଯୁବକଙ୍କୁ ଛୁରି ଭୁଷି ହତ୍ୟା



ଲଣ୍ଡନ, ୧୪।୬: ବ୍ରିଟେନର ରାଜଧାନୀ ଲଣ୍ଡନରେ ଜଣେ ଭାରତୀୟଙ୍କୁ ଛୁରି ଭୁସି ହତ୍ୟା କରାଯାଇଛି। ଏହି ଘଟଣା ପଶ୍ଚିମ ଲଣ୍ଡନର ସାଉଥହଲରେ ଘଟିଛି। ମେଟ୍ରୋପଲିଟାନ୍ ପୁଲିସ କହିଛି, ୨୬ ବର୍ଷୀୟ ଗୁରଭଜେ ସିଂହଙ୍କୁ ନର୍ଥ ରୋଡର ଡୋର୍ମର୍ସ ୱେଲ୍ସ ଲେନର ଜଙ୍କସନ ନିକଟରେ ଛୁରି ଭୁସି ହତ୍ୟା କରାଯାଇଛି। ତାଙ୍କ ସହିତ ଆଉ ଜଣେ ବ୍ୟକ୍ତିଙ୍କୁ ମଧ୍ୟ ଛୁରି ଭୁସା ଯାଇଥିଲା। ଚିକିତ୍ସା ପରେ ତାଙ୍କୁ ହସ୍ପିଟାଲରୁ ଡିସଚାର୍ଜ କରାଯାଇଛି। ମେଟ୍ରୋପଲିଟାନ୍ ପୁଲିସ କହିଛି, ଡାକ୍ତରଙ୍କ ସମସ୍ତ ପ୍ରୟାସ ସତ୍ତ୍ୱେ, ଗୁରଭଜେ ସିଂହଙ୍କ ମୃତ୍ୟୁ ଘଟିଥିଲା। ସିଂହଙ୍କ ପରିବାରକୁ କର୍ତ୍ତୃପକ୍ଷ ସହାୟତା ଯୋଗାଇ ଦେଉଛନ୍ତି। ପୁଲିସ କହିଛି ଯେ, ସିଂହଙ୍କ ହତ୍ୟା ପରେ ସନ୍ଦେହରେ ସାତ ଜଣଙ୍କୁ ଗିରଫ କରାଯାଇଛି।

## ଆଉ ମୋବାଇଲରେ ବାଜିବନି ଏମର୍ଜେନ୍ସି ଆଲାର୍ମ

ନୂଆଦିଲ୍ଲୀ, ୧୪।୬: ଗତ କିଛି ଦିନ ହେବ ଆପଣଙ୍କ ମୋବାଇଲରେ ଜୋରରେ ଆଲାର୍ମ ସହିତ ପପ୍ ଅପ୍ ମେସେଜ୍ ଦେଖିବାକୁ ମିଳିଥିଲା। ଏବେ କିଛି ଦିନ ପର୍ଯ୍ୟନ୍ତ କୌଣସି ମୋବାଇଲକୁ ଏଭଳି ମେସେଜ୍ ଆଉ ଆସିବନି। କାରଣ ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଏନ୍‌ଡିଏମ୍‌ଏ) ସେଲ୍ ବ୍ରଡକାଷ୍ଟ ଆଲର୍ଟ ସିଷ୍ଟମକୁ ବନ୍ଦ କରିବାର ନିଷ୍ପତ୍ତି ନେଇଛି। ସୂଚନା ଅନୁସାରେ, କିଛି ଜରୁରୀ ରିଭ୍ୟୁ ଓ ସୁଧାର ପରେ ଏହାକୁ ପୁଣିଥରେ ଆରମ୍ଭ କରାଯିବ।




ଗତ କିଛି ଦିନ ଏନ୍‌ଡିଏମ୍‌ଏ ଲୋକଙ୍କୁ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିବା ପାଇଁ ଏକ ସେବା ଆରମ୍ଭ କରିଦେଇଥିଲା। ଏହା ଅନୁସାରେ, ଲୋକଙ୍କ ମୋବାଇଲ ଫୋନ୍ ଏକା ସାଙ୍ଗରେ ଜୋରଦାର ଆଲାର୍ମ ବାଜୁଥିଲା ଓ ଏହା ସହ ମେସେଜ୍ ବି ଫ୍ଲାସ ହେଉଥିଲା। ଏହି ବାର୍ତ୍ତା ସମ୍ପୂର୍ଣ୍ଣ ଅଲଗା ଥିଲା। କୌଣସି ଜରୁରୀ ବାର୍ତ୍ତା ଲୋକଙ୍କ ପାଖରେ ପହଁଞ୍ଚାଇବା ପାଇଁ ଏହାର ବ୍ୟବହାର କରାଯାଏ। ସରକାର ମଇ ମାସରେ ଏହି ସେବା ଆରମ୍ଭ କରିଥିଲେ। ଏହା ଅନୁସାରେ, ଲୋକଙ୍କୁ ଆର୍ଲଟ କରି ଦିଆଯାଇଛି। ସେବା ଆରମ୍ଭ ହେବା ପରେ ବହୁବାର ଲୋକଙ୍କ ପାଖରେ ଝଡବାତ୍ୟା କିମ୍ବା ବର୍ଷାର ସତର୍କ ସୂଚନା ଆସୁଛି। ଉତ୍ତର ଭାରତରେ ଝଡ ବତାସ ପୂର୍ବରୁ ଲୋକଙ୍କ ଫୋନ୍ ବାଜିବାରେ ଲାଗିଥିଲା। ଏହାଛଡା ଏହା କେବଳ ସେହି ଲୋକେସକୁ ବାର୍ତ୍ତା ପଠାଇଥାଏ , ଯେଉଁଠି ବିପଦର ଆଶଙ୍କା ରହିଥାଏ। ଏହି ଟେକ୍ନୋଲୋଜିକୁ ସି-ଡଟ୍ ଅର୍ଥାତ ସେଣ୍ଟର ଫର ଡେଭଲପମେଣ୍ଟ ଅଫ୍ ଟେଲିମେଟିକ୍ସ ଓ ଗୃହମନ୍ତ୍ରଣାଳୟ ମିଶିକି ତିଆରି କରିଛନ୍ତି।

## 'ଜ୍ଞାନବିନ୍ଦୁ' କୋଚିଂ ନିର୍ଦ୍ଦେଶକଙ୍କ ଭାଇ ମୃତ




ପାଟନା, ୧୪।୬: ଚର୍ଚ୍ଚିତ ଶିକ୍ଷକ ଖାନ୍‌ସାର୍ ଓ ଜ୍ଞାନବିନ୍ଦୁ କୋଚିଂର ନିର୍ଦ୍ଦେଶକ ରୋଶନ ଆନନ୍ଦଙ୍କ ମଧ୍ୟରେ ଚାଲିଥିବା ବିବାଦ ମଧ୍ୟରେ ଏକ ବଡ଼ଖବର ସାମ୍ନାକୁ ଆସିଛି। ଜ୍ଞାନ ବିନ୍ଦୁ କୋଚିଂର ନିର୍ଦ୍ଦେଶକ ରୋଶନ ଆନନ୍ଦଙ୍କ ସମ୍ପର୍କୀୟ ଭାଇ ପ୍ରିନ୍ସଙ୍କ ନେପାଳରେ ସନ୍ଦେହଜନକ ପରିସ୍ଥିତିରେ ମୃତ୍ୟୁ ହୋଇଛି। ଖାନ୍ ସାରଙ୍କ କୋଚିଂ ସେଣ୍ଟର ଉପରେ ହୋଇଥିବା ଆକ୍ରମଣ ଏବଂ ଭଙ୍ଗାରୁଜା ମାମଲାରେ ପ୍ରିନ୍ସ ଜଣେ ଅଭିଯୁକ୍ତ ଥିଲେ। ପୁଲିସ ଗିରଫଦାରୀ ଭୟରେ ସେ ନେପାଳରେ ଲୁଚି ରହିଥିଲେ। ସୂଚନା ଅନୁସାରେ, ପାଟନା ପୋଲିସ ଦ୍ୱାରା ରୋଶନ ଆନନ୍ଦଙ୍କୁ ଗିରଫ କରାଯିବା ପରେ ପ୍ରିନ୍ସ ନିଜର କିଛି ସାଙ୍ଗମାନଙ୍କ ସହ ନେପାଳ ପଳାଇଥିଲେ। ସେଠାରେ ଏକ ଗେଷ୍ଟ ହାଉସରେ ରହୁଥିବା ସମୟରେ ବିଳମ୍ବିତ ରାତିରେ ହଠାତ ତାଙ୍କର ସ୍ୱାସ୍ଥ୍ୟବସ୍ଥା ବିଗିଡ଼ି ଯାଇଥିଲା।

ତୁଗଲକାବାଦ ଅଗ୍ନିକାଣ୍ଡ ଘଟଣା

# ନାବାଳିକା ଲଗାଇଥିଲା ନିଆଁ



ନୂଆଦିଲ୍ଲୀ, ୧୪।୬: ଦିଲ୍ଲୀର ତୁଗଲକାବାଦ ଅଗ୍ନିକାଣ୍ଡ ଘଟଣାରେ ପୁଲିସକୁ ନୂଆ ସୁରାକ ମିଳିଛି। ଭାଇ ଭଉଣୀଙ୍କ ମଧ୍ୟରେ ଟଙ୍କା କାରବାର ବିବାଦ କାରଣରୁ ଏପରି ଘଟଣା ଘଟିଛି।

ପୋଲିସ ଘଟଣାରେ ନିରଞ୍ଜନ, ରାଜକୁମାର ଓ ସରିତା ନାମକ ତିନି ଜଣଙ୍କୁ ଗିରଫ କରିଛି। ଏହାସହ ଜଣେ ୧୭ ବର୍ଷୀୟା ନାବାଳିକାଙ୍କୁ ପୋଲିସ ଅଟକ ରଖିଛି। ସରିତା ଏବଂ ନାବାଳିକା ଦୁଇଜଣ ନିରଞ୍ଜନ ଏବଂ ରାଜକୁମାରଙ୍କ ସହ ପ୍ରେମ ସମ୍ପର୍କରେ ରହିଥିଲେ। ପୋଲିସ କହିଛି ଯେ, ନାବାଳିକା ନିଆଁ ଲଗାଇଥିବା ସ୍ୱୀକାର କରିଛନ୍ତି। ଜୁନ ୧୨ ତାରିଖ ରାତିରେ ସେ ଏହି କାଣ୍ଡ ଭିଆଇଥିଲେ।

ଜଣେ ଯୁବତୀ ବିଲ୍ଡିଂରେ ପ୍ରବେଶ କରୁଛନ୍ତି। ଏହାପରେ ନିଆଁ ଲାଗିବା ଘଟଣା ଘଟିଛି। ଯୁବତୀ ଜଣଙ୍କ ନାବାଳିକା ହୋଇଥିବାରୁ ପୁଲିସ ଗିରଫ ନକରି ଅଟକ ରଖିଛି। ତାଙ୍କୁ ପଚରାଉଚୁରା କରାଯାଉଛି। ସେ ଯେଉଁ ସ୍କୁଟରରେ ନିଆଁ ଲଗାଇଥିଲା ତାହା ନିରଞ୍ଜନଙ୍କ ଭାଇ ଦୀପକଙ୍କର ବୋଲି ଜଣାପଡିଛି। ଦୀପକ ବିଲ୍ଡିଂର ପଞ୍ଚମ ମହଲାରେ ରହୁଥିଲେ। ନିଆଁ ଲଗାଇବା ପାଇଁ ପେଟ୍ରୋଲ ସରିତା ହିଁ ସଂପୃକ୍ତ ନାବାଳିକାଙ୍କୁ ଦେଇଥିଲେ। କୁହାଯାଉଛି ଯେ, ଦୀର୍ଘଦିନ ଧରି ଦୀପକ ଏବଂ ନିରଞ୍ଜନଙ୍କ ମଧ୍ୟରେ କୌଣସି ଟଙ୍କାକୁ ନେଇ ବିବାଦ ରହିଥିଲା। ନିକଟରେ ନିରଞ୍ଜନ ଜେଲରୁ ଖଲାସ ହୋଇଥିଲେ। ଏବେ ସତ ଜଣା ପଡିବା ପରେ ପୁଲିସ ତିନିଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଟ୍ରେନ୍ ବିଳମ୍ବକୁ ନେଇ ଚାକିରି ଆଶାୟୀଙ୍କ ଭଙ୍ଗାରୁଜା



ପାଟନା, ୧୪।୬: ବିହାରର ରାଜଧାନୀ ପାଟନାର ପାଟଳିପୁତ୍ର ରେଳ ଷ୍ଟେସନରେ ପୁଲିସ ସିପାହୀ ପଦବୀ ଆଶାୟୀ ପରୀକ୍ଷାର୍ଥୀମାନେ ପ୍ରବଳ ହଙ୍ଗାମା କରିଛନ୍ତି। ଟ୍ରେନର ଅଭାବ ଏବଂ ଟ୍ରେନ ବିଳମ୍ବରେ ଚାଲୁଥିବା ଅଭିଯୋଗ କରି ଛାତ୍ରମାନେ ରେଳ ଧାରଣା ଅବରୋଧ କରିବା ସହ ଟ୍ରେନ ଉପରକୁ ପଥରମାଡ଼ କରିଛନ୍ତି।

ବିହାରରେ କେନ୍ଦ୍ରୀୟ ଚୟନ ପରିଷଦ ଦ୍ୱାରା ଆୟୋଜିତ ସିପାହୀ ଭର୍ତ୍ତି ପରୀକ୍ଷା ପାଇଁ ବିଭିନ୍ନ ଜିଲ୍ଲାରୁ ପ୍ରବଳ ସଂଖ୍ୟାରେ ପରୀକ୍ଷାର୍ଥୀ ଷ୍ଟେସନରେ ପହଞ୍ଚିଥିଲେ। ରବିବାର ପରୀକ୍ଷା ଦୁଇଟି ସିଫ୍ଟରେ ଅନୁଷ୍ଠିତ ହେବ। ହଜାର ହଜାର ପ୍ରାର୍ଥୀ ପରୀକ୍ଷା ଦେବା ପାଇଁ ରାତିରୁ ଷ୍ଟେସନରେ ପହଞ୍ଚିଥିଲେ। ଷ୍ଟେସନରେ ପର୍ଯ୍ୟାପ୍ତ ଟ୍ରେନ ଅଭାବ ଏବଂ ଟ୍ରେନଗୁଡ଼ିକ ବିଳମ୍ବ ହେତୁ, ଛାତ୍ରଛାତ୍ରୀମାନେ ସେମାନଙ୍କର ପରୀକ୍ଷା ହରାଇବାର ଭୟ କରୁଥିଲେ। ପାଟଳିପୁତ୍ରରୁ କଟିହାର ଯାଉଥିବା ପରୀକ୍ଷା ସ୍ୱତନ୍ତ୍ର ଟ୍ରେନ୍ ଷ୍ଟେସନରେ ପହଞ୍ଚିବା ପରେ ପରିସ୍ଥିତି ଆହୁରି ଖରାପ ହୋଇଗଲା। ବ୍ୟବସ୍ଥାକୁ ନେଇ ଅକ୍ରୋଶ ଥିବା ଛାତ୍ରମାନେ ପାଟଳିପୁତ୍ର-କଟିହାର ପରୀକ୍ଷା ସ୍ୱତନ୍ତ୍ର ଟ୍ରେନ୍ ସମ୍ମୁଖରେ ଟ୍ରାକ ଉପରେ ବସି ରେଳ ପ୍ରଶାସନ ବିରୁଦ୍ଧରେ ସ୍ଲୋଗାନ ଦେବା ଆରମ୍ଭ କଲେ। ଏହି ସମୟରେ କିଛି ଛାତ୍ରମାନେ ଟ୍ରେନରେ ଭଙ୍ଗାରୁଜା କରିବା ସହ ପଥରମାଡ଼ କରିବା ଆରମ୍ଭ କରିଥିଲେ। ଏହା ପରେ ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିଲା।

ପରିସ୍ଥିତି ଅତି ଗମ୍ଭୀର ହେବା ପରେ ପୁଲିସ ପ୍ରଥମେ ଲାଠିଚାର୍ଜ କରିଥିଲା। ଏହା ପରେ ମଧ୍ୟ ପରିସ୍ଥିତି ନିୟନ୍ତ୍ରଣକୁ ନଆସିବାରୁ ପୁଲିସ ଆତ୍ମରକ୍ଷା ଏବଂ ଉପଦ୍ରବୀମାନଙ୍କୁ ଘଉଡ଼ାଇବା ପାଇଁ ୩ ରାଉଣ୍ଡ ଫାଙ୍କା ଗୁଳିଚାଳନା କରିଥିଲା। ଗୁଳି ଫୁଟିବା ପରେ ଷ୍ଟେସନରେ ଆତଙ୍କ ଖେଳିଯାଇଥିଲା ଏବଂ ଉପଦ୍ରବୀମାନେ ଏପଟେ ସେପଟେ ଦୌଡ଼ିବାକୁ ଲାଗିଲେ। ଏହି ହିଂସାରେ ଆଇଜି ଜିତେନ୍ଦ୍ର ରାଣା ଏବଂ ରୁପସପୁର ଥାନା ପ୍ରଭାବୀ ଆହତ ହୋଇଥିଲେ।

# ହିନ୍ଦୁ ଯୁବକଙ୍କୁ ପିଟିପିଟି ହତ୍ୟା

ଡେରାଡୁନ, ୧୪।୬: ଉତ୍ତରାଖଣ୍ଡର ବିକାଶନଗର ଅନ୍ତର୍ଗତ ବୈରାଗୀୱାଲା ଗାଁରେ ଏକ ହିଂସାତ୍ମକ ସଂଘର୍ଷରେ ଜଣେ ହିନ୍ଦୁ ଯୁବକଙ୍କ ହତ୍ୟାକୁ ନେଇ ସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି। ପୁଲିସ ଉପସ୍ଥିତିରେ ଲୋକେ ଟେକାପଥର ମାଡ଼ କରିବା ସହ ଅଭିଯୁକ୍ତର ଘରେ ନିଆଁ ଲଗାଇ ଦେଇଛନ୍ତି। ଏସ୍‌ପି ଦେହାତ ପଙ୍କଜ ଗୈରୋଲାଙ୍କ ସୂଚନା ଅନୁଯାୟୀ, କ୍ଷେତରେ ପାଣି ମଡ଼ାଇବାକୁ କେନ୍ଦ୍ର କରି ଦୁଇ ପକ୍ଷ ମଧ୍ୟରେ ପ୍ରଥମେ ସାମାନ୍ୟ ଯୁକ୍ତିତର୍କ ହୋଇଥିଲା, ଯାହା ପରେ ହିଂସାତ୍ମକ ରୂପ ନେଇଥିଲା। ଏହି ହିଂସାରେ ବିନୋଦ ନାମକ ଜଣେ ଯୁବକଙ୍କୁ କିଛି ଲୋକ ମିଶି ପିଟି ପିଟି ହତ୍ୟା କରିଥିଲେ। ଏଥିରେ ଜଣେ ମହିଳାଙ୍କ ସମେତ ଅନ୍ୟ ୩ ଜଣ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।




ଏହି ଘଟଣାର ଏକ ସିସିଟିଭି ଫୁଟେଜ୍ ସାମ୍ନାକୁ ଆସିଛି, ଯେଉଁଥିରେ ଲୋକମାନେ ଲାଠି ଓ ଠେଙ୍ଗା ଧରି ପରସ୍ପରକୁ ଆକ୍ରମଣ କରୁଥିବାର ଦେଖାଯାଇଛି। ଭୟରେ ମହିଳା ଓ ପିଲାମାନେ ଏଣେତେଣେ ଦୌଡୁଥିବାର ହୃଦୟବିଦାରକ ଦୃଶ୍ୟ କ୍ୟାମେରାରେ କଏଦ ହୋଇଛି।

ଯୁବକଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ମାତ୍ରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ଦେଖାଦେଇଥିଲା। ବହୁ ସଂଖ୍ୟାରେ ଗ୍ରାମବାସୀ ଏବଂ ହିନ୍ଦୁବାଦୀ ସଂଗଠନର କର୍ମୀ ରାସ୍ତାକୁ ଓହ୍ଲାଇ ନ୍ୟାସନାଲ୍ ହାଇୱେ ଜାମ୍ କରିଥିଲେ।

# ଘର କାମର ଭିଡିଓ କରି ରୋଜଗାର କରୁଛନ୍ତି ଗୃହିଣୀ

ନୂଆଦିଲ୍ଲୀ, ୧୪।୬: ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଯୁଗରେ ରୋଜଗାରର ଏକ ନୂଆ ଫଣ୍ଡା ଦେଖିବାକୁ ମିଳିଛି । ଚେନ୍ନାଇର ଜଣେ ୨୫ ବର୍ଷୀୟା ଗୃହିଣୀ ନିଜର ଦୈନନ୍ଦିନ ଘରକାମର ଭିଡିଓ ରେକର୍ଡିଂ କରି ଟଙ୍କା ରୋଜଗାର କରୁଛନ୍ତି। ଏହି ଭିଡିଓଗୁଡ଼ିକୁ ବିଭିନ୍ନ ଏଆଇ କମ୍ପାନୀଗୁଡ଼ିକୁ ବିକ୍ରି କରାଯାଉଛି, ଯାହା ମାଧ୍ୟମରେ ହ୍ୟୁମାନଏଡ୍ ରୋବଟଗୁଡ଼ିକୁ ଘରୋଇ କାମ କରିବା ପାଇଁ ତାଲିମ ଦିଆଯାଉଛି। ଚେନ୍ନାଇର ନାଗିରେଡ୍ଡୀ ଶ୍ରୀରାମ୍ୟଚନ୍ଦ୍ରା ନିଜ ମୁଣ୍ଡରେ ଏକ ସ୍ମାର୍ଟଫୋନ୍ ଲଗାଇ (ଫାଷ୍ଟ-ପର୍ସନ୍ ଭ୍ୟୁ) କଫି ବନାଇବା, ଫଳ କାଟିବା ଏବଂ ଲୁଗା ସଜାଡ଼ିବା ଭଳି ଦୈନନ୍ଦିନ କାମର ଭିଡିଓ ପ୍ରସ୍ତୁତ କରୁଛନ୍ତି।

ଏହି ଭିଡିଓଗୁଡ଼ିକ ଜରିଆରେ ଡେଭଲପର୍ସମାନେ ରୋବଟମାନଙ୍କୁ ମଣିଷ ଭଳି ସାମଗ୍ରୀ ବ୍ୟବହାର କରିବା, ଗତିବିଧି ଚିହ୍ନିବା ଏବଂ ପ୍ରାକୃତିକ ପରିବେଶରେ ସଠିକ୍ ନିଷ୍ପତ୍ତି ନେବାର ତାଲିମ ଦେଉଛନ୍ତି। 'ଏକ୍ସ'ରେ ହୋଇଥିବା ଏକ ପୋଷ୍ଟ ଅନୁଯାୟୀ, ଶ୍ରୀରାମ୍ୟଚନ୍ଦ୍ରା ଦିନକୁ ପ୍ରାୟ ୯୦ ଟି ସର୍ଟ ଫିଲ୍ମ ତିଆରି କରୁଛନ୍ତି ଏବଂ ଏଥିପାଇଁ ତାଙ୍କୁ ଘଣ୍ଟା ପ୍ରତି ୨୫୦ ଟଙ୍କା ପାରିଶ୍ରମିକ ମିଳୁଛି। ଭବିଷ୍ୟତରେ ଏହି ଏଆଇ ରୋବଟ୍ ମଣିଷର ଚାକିରି ଛଡ଼ାଇନେବାର ଆଶଙ୍କା ଥିବାରୁ, ଏଭଳି ଗୁରୁତ୍ୱପୂର୍ଣ୍ଣ 'ଟ୍ରେନିଂ ଡାଟା' ପ୍ରଦାନ କରିବା ବଦଳରେ ଲୋକଙ୍କୁ ବହୁତ ଅଧିକ ପାରିଶ୍ରମିକ ମିଳିବା ଉଚିତ୍ ବୋଲି ଜଣେ ୟୁଜର ଦାବି କରିଛନ୍ତି। ଅନ୍ୟ ଜଣେ ୟୁଜର ଏହାକୁ ସମାଲୋଚନା କରି କହିଛନ୍ତି ଯେ, ସଫ୍ଟୱେର୍ ଇଞ୍ଜିନିୟରମାନେ ନିଜେ ଏଆଇ ତିଆରି କରି ଆଜି ନିଜ ଚାକିରି ହରାଉଛନ୍ତି। ଏହି ଘଟଣାକୁ ସେମାନଙ୍କ ସ୍ଥିତି ସହ ତୁଳନା କରାଯାଇଛି।

# ଟ୍ରେନରୁ ଡେଇଁପଡ଼ିଲେ ଯାତ୍ରୀ; ମାଡ଼ିଗଲା ଏକ୍ସପ୍ରେସ୍

### ୩ ମହିଳା ଓ ଜଣେ ଶିଶୁଙ୍କ ମୃତଦେହ ଉଦ୍ଧାର



ଭୋପାଳ, ୧୪।୬: ମଧ୍ୟପ୍ରଦେଶର ମୋରେନାରୁ ଏକ ଅତ୍ୟନ୍ତ ଦୁଃଖଦ ଖବର ଆସିଛି। ରବିବାର ଅପରାହ୍ଣରେ ଏଠାରୁ ଯାଉଥିବା ଉଦୟପୁର ଇଣ୍ଟରସିଟି ଏକ୍ସପ୍ରେସରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କ ମଧ୍ୟରେ ନିଆଁ ଲାଗିଥିବା ନେଇ ଗୁଜବ ବ୍ୟାପିଥିଲା। ଏହା ପରେ ଆତଙ୍କିତ ଯାତ୍ରୀମାନେ ଟ୍ରେନରୁ ଡେଇଁ ପଡ଼ିଥିଲେ। ଏହି ସମୟରେ ମୁଖ୍ୟ ଟ୍ରାକରେ ଆସୁଥିବା ପାତାଳକୋଟ ଟ୍ରେନ୍ ଯାତ୍ରୀଙ୍କୁ ଧକ୍କା ଦେଇଥିଲା। ଏପର୍ଯ୍ୟନ୍ତ ତିନି ଜଣ ମହିଳା ଏବଂ ଜଣେ ଶିଶୁ ସମେତ ଚାରି ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଏହି ଘଟଣା ମୋରେନାର ହେତମପୁର ଷ୍ଟେସନରେ ଘଟିଥିବା କୁହାଯାଉଛି।

**ଅଗ୍ନିକାଣ୍ଡ ଗୁଜବ**

ଖବର ପାଇବା ମାତ୍ରେ ପୋଲିସ ଏବଂ ରେଳ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଉଦ୍ଧାର କାର୍ଯ୍ୟରେ ସାମିଲ ଥିବା ସରାଇ ଚୋଲାର ଷ୍ଟେସନ ଇନଚାର୍ଜ କେକେ ସିଂହ କହିଛନ୍ତି ଯେ, ଘଟଣା ସମ୍ପର୍କରେ ସୂଚନା ମିଳିବା ମାତ୍ରେ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା। ଏପର୍ଯ୍ୟନ୍ତ ତିନି ଜଣ ମହିଳା ଏବଂ ଜଣେ ଶିଶୁଙ୍କ ମୃତଦେହ ଉଦ୍ଧାର କରାଯାଇଛି।

ଏହି ଘଟଣା ସମ୍ପର୍କରେ ଉତ୍ତର କେନ୍ଦ୍ରୀୟ ରେଳବାଇ କହିଛି ଯେ, ଜୁନ୍ ୧୪ ତାରିଖ ପ୍ରାୟ ସନ୍ଧ୍ୟା ୪ଟା୧୫ ମିନିଟ୍ ସମୟରେ ଉତ୍ତର କେନ୍ଦ୍ରୀୟ ରେଳବାଇର ଝାନ୍ସୀ ଡିଭିଜନର ହେତମପୁର-ଧୋଲପୁର ସେକ୍ସନର ଜେନେରାଲ କୋଚରେ ଜଣେ ଯାତ୍ରୀ ଆଲାର୍ମ ଚେନ୍ ଟାଣିବା ଯୋଗୁଁ ଟ୍ରେନ ନମ୍ବର ୧୯୬୬୫ ଖଜୁରାହୋ-ଉଦୟପୁର ଇଣ୍ଟରସିଟି ଏକ୍ସପ୍ରେସ୍ ସେକ୍ସନରେ ଅଟକି ଯାଇଥିଲା। ପ୍ରାଥମିକ ସୂଚନା ଅନୁଯାୟୀ, ଟ୍ରେନଟି ଅଟକି ରହିଥିବା ସମୟରେ କିଛି ଯାତ୍ରୀ ଟ୍ରେନରୁ ଓହ୍ଲାଇ ପଡ଼ିଥିଲେ। ଏହି ସମୟରେ, ଅନ୍ୟ ପାର୍ଶ୍ୱରୁ ଆସୁଥିବା ଟ୍ରେନ ନମ୍ବର ୨୦୪୨୪ ଫିରୋଜପୁର-ସେଓନି ପାତାଳକୋଟ ଏକ୍ସପ୍ରେସ୍ ଧକ୍କା ଦେବାରୁ କିଛି ଯାତ୍ରୀ ମୃତାହତ ହୋଇଥିବା ସୂଚନା ମିଳିଛି।

# ବୟସ-ନିରୋଧୀ ଔଷଧର ପ୍ରଥମ ମାନବ ପରୀକ୍ଷଣ

### ଅଟକିଯିବ ବୟସ

ନୂଆଦିଲ୍ଲୀ ୧୪।୬: ବିଶ୍ୱର ପ୍ରଥମ 'ପାର୍ସିଆଲ ସେଲ୍ୟୁଲାର ରିପ୍ରୋଗ୍ରାମିଂ'ର ପ୍ରଥମ ମାନବ ପରୀକ୍ଷଣ ହୋଇଛି ବୋଲି ଆମେରିକାର ବୋଷ୍ଟନ ସ୍ଥିତ ବାୟୋଟେକ୍ନୋଲୋଜି କମ୍ପାନି 'ଲାଇଫ୍ ବାୟୋସାଇନ୍ସେସ୍' ଘୋଷଣା କରିଛି। ଗ୍ଲୁକୋମା ଓ ବୟସ ସହ ଜଡ଼ିତ ଚକ୍ଷୁର ଅନ୍ୟ ରୋଗ ଯୋଗୁ ଦୃଷ୍ଟିଶକ୍ତି ହିରାଉଥିବା ରୋଗୀଙ୍କ ଉପରେ ଏହାର ପ୍ରାଥମିକ ପରୀକ୍ଷଣ କରାଯାଇଛି। ଏହି ଥେରାପି ବୟସ୍କ ହୋଇସାରିଥିବା କୋଷିକାଗୁଡ଼ିକୁ ପୁନଃ ଯୁବା ଓ ସକ୍ରିୟ କରିବ, ଯାହା ଦ୍ୱାରା ହରାଇଥିବା ଦୃଷ୍ଟିଶକ୍ତିକୁ ଫେରିପାଇବା ସମ୍ଭବ ହୋଇପାରିବ ବୋଲି ଅଧ୍ୟୟନକର୍ତ୍ତାଗଣ ଆଶାବାଦୀ ଅଛନ୍ତି।

ପ୍ରୟୋଗର ପ୍ରଥମ ପର୍ଯ୍ୟାୟରେ ଗ୍ଲୁକୋମା ପୀଡ଼ିତ ଜଣେ ରୋଗୀଙ୍କର ଗୋଟିଏ ଆଖିରେ ସିଧାସଳଖ ଏହି ପ୍ରୟୋଗାତ୍ମକ ଜିନ୍ ଥେରାପିକୁ ଇଞ୍ଜେକ୍ଟ କରାଯାଇଛି। ପରୀକ୍ଷଣରେ ପ୍ରାୟ ୨୦ରୁ କମ୍ ରୋଗୀଙ୍କୁ ସାମିଲ କରାଯାଇଛି। ବୋଷ୍ଟନ୍, ନ୍ୟୁୟର୍କ, ଲସ୍ ଏଞ୍ଜେଲସ ଓ ଚାର୍ଲସଟନ୍ ଭଳି ବଡ଼ ସହରମାନଙ୍କର ସ୍ୱତନ୍ତ୍ର କ୍ଲିନିକ୍‌ରୁ ଏମାନଙ୍କୁ ଚୟନ କରାଯାଇଛି। ଏହି ଟେକ୍ନୋଲୋଜି ମଣିଷ ଶରୀର ପାଇଁ ସମ୍ପୂର୍ଣ୍ଣ ସୁରକ୍ଷିତ କି ନୁହେଁ, ସୁନିଶ୍ଚିତ କରିବା ପାଇଁ ଡାକ୍ତର ଓ ବୈଜ୍ଞାନିକମାନେ ଆଗାମୀ ଅନେକ ମାସ ଯାଏ ଏହି ରୋଗୀଙ୍କ ଉପରେ ନଜର ରଖିବେ। ଏହି ପ୍ରକ୍ରିୟାରେ ସର୍ବପ୍ରଥମେ ରୋଗୀଙ୍କ ଆଖିରେ ଏକ ଏକକ ଜିନ୍ ଥେରାପି ଇଞ୍ଜେକ୍ସନ୍ ଦିଆଯାଏ, ପରେ ତାଙ୍କୁ କିଛି ସପ୍ତାହ ଯାଏ ଆଣ୍ଟିବାୟୋଟିକ୍ ଔଷଧଗୁଡ଼ିକର ସ୍ୱତନ୍ତ୍ର କୋର୍ସ ପ୍ରଦାନ କରାଯାଏ।



ଏହି ପରୀକ୍ଷଣ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ପ୍ରସିଦ୍ଧ ଜେନେଟିକ୍ସ ବୈଜ୍ଞାନିକ ଡେଭିଡ୍ ସିଙ୍କଲେୟରଙ୍କ ଇନ୍‌ଫର୍ମେସନ ଥିଓରି ଅଫ୍ ଏଜିଂ ଉପରେ ପର୍ଯ୍ୟବସିତ। ଏହି ସିଦ୍ଧାନ୍ତ ଅନୁସାରେ, ଆମ ଶରୀର ବୃଦ୍ଧ ହେବାର କାରଣ ସମୟ ସହିତ ଏହାର କୋଷିକାଗୁଡ଼ିକ ମଣିଷକୁ ଠିକ୍ ଭାବେ କାମ କରିବାରେ ସାହାଯ୍ୟ କରୁଥିବା ସେହି ଜୈବିକ ନିର୍ଦ୍ଦେଶାବଳୀରେ ପହଞ୍ଚିବାର କ୍ଷମତାକୁ ହରାଇଦିଏ। ଇଆର୍-୧୦୦ ଥେରାପି ଜିନ୍ ଥେରାପି ସାହାଯ୍ୟରେ ଚକ୍ଷୁର ପ୍ରଭାବିତ କୋଷିକାଗୁଡ଼ିକୁ କିଛି ସ୍ୱତନ୍ତ୍ର ସଂଶୋଧିତ ରିପ୍ରୋଗ୍ରାମିଂ କାରକକୁ ପଠାଏ। ଏହି କାରକ କୋଷିକାର ମୂଳ ପରିଚୟକୁ ସମ୍ପୂର୍ଣ୍ଣ ନ ବଦଳାଇ ତା' ଭିତରେ ଜିନ୍ ଅଭିବ୍ୟକ୍ତିର ସେହି ପୁରୁଣା ଓ ଯୁବ ପ୍ୟାଟର୍ନକୁ ପୁନଃ ସକ୍ରିୟ କରେ ଯାହା ଦୀର୍ଘ ବର୍ଷ ପୂର୍ବେ ଥିଲା।

ରାମ ମନ୍ଦିର ଦାନ ବାକ୍ସରୁ ୭ କୋଟି ଟଙ୍କା ହେରଫେର ଘଟଣା

# ଗଠନ ହେଲା ୩ ଜଣିଆ ଏସ୍‌ଆଇଟି ଟିମ୍



ଅଯୋଧ୍ୟା, ୧୪।୬: ଅଯୋଧ୍ୟା ରାମ ମନ୍ଦିର ଦାନ ବାକ୍ସରୁ ପ୍ରାୟ ୭ କୋଟି ଟଙ୍କା ହେରଫେର ନେଇ ଦେଶବ୍ୟାପୀ ଚର୍ଚ୍ଚା । ଗଠନ ହେଲା ୩ ଜଣିଆ ଏସ୍‌ଆଇଟି ଟିମ୍ । ଦଳରେ ସାମିଲ ଅଛନ୍ତି ଜଣେ କମିଶନର, ସିବିଆଇ ଅଭିଜ୍ଞତା ଥିବା ବରିଷ୍ଠ ପୋଲିସ ଅଧିକାରୀ ଓ ଅର୍ଥ ବିଭାଗର ଜଣେ ସ୍ୱତନ୍ତ୍ର ସଚିବ। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ନିର୍ଦ୍ଦେଶକ୍ରମେ ଗଠିତ ଏହି ହାଇ-ପ୍ରୋଫାଇଲ୍ ଏସ୍‌ଆଇଟି ଟିମ୍‌କୁ ଆସନ୍ତା ୧୫ ଦିନ ମଧ୍ୟରେ ଚୂଡ଼ାନ୍ତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ରହିଛି ।

ତେବେ ଏ ମାମଲାରେ ପୋଲିସ ଏବେ ସୁଦ୍ଧା ୯ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି । ଲବକୁଶ ମିଶ୍ର ନାମକ ମନ୍ଦିର ଟ୍ରଷ୍ଟର ଜଣେ ଟଙ୍କା ଗଣତି କର୍ମଚାରୀଙ୍କ ଘରେ ଚଢ଼ଉ କରି ୧୦ ରୁ ୧୨ ଲକ୍ଷ ଟଙ୍କା ଜବତ କରାଯାଇଛି । ମାମଲାରେ ତାଙ୍କୁ ମଧ୍ୟ ଅଟକ ରଖାଯାଇଛି। ଦାନବାକ୍ସ ଟଙ୍କାରେ ଦାମୀ ଜମି, ଘର ଏବଂ ବିଳାସପୂର୍ଣ୍ଣ ଗାଡ଼ି କିଣାଯାଇଥିବା ସୂଚନା ମିଳିଛି ।

ଟ୍ରଷ୍ଟର ସାଧାରଣ ସମ୍ପାଦକ ଚମ୍ପତ ରାୟ କହିଛନ୍ତି ଯେ ଟଙ୍କା ଷ୍ଟେଟ ବ୍ୟାଙ୍କ ଅଧିକାରୀଙ୍କ ସମ୍ମୁଖରେ ଗଣାଯାଉଥିବାରୁ, କେବଳ ହାତରେ ସର୍ଟିଂ ହେବା ସମୟରେ ହିଁ ଏହି ଚୋରି ହୋଇଥାଇପାରେ। କିନ୍ତୁ ଅପରପକ୍ଷେ ବିରୋଧୀ କଂଗ୍ରେସ ଏବଂ ସମାଜବାଦୀ ପାର୍ଟି ଘଟଣାର ହାଇକୋର୍ଟ ବିଚାରପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଦନ୍ତ ଦାବି କରିଛନ୍ତି। ସେହିପରି ବିଜେପିର ବରିଷ୍ଠ ନେତା ରଜନୀଶ ସିଂ ମଧ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖି ଟ୍ରଷ୍ଟର ସମସ୍ତ ଆୟ-ବ୍ୟୟ ଖାତା ସାର୍ବଜନୀନ କରିବାକୁ ଦାବି କରିଛନ୍ତି। ଏହି ହାଇପ୍ରୋଫାଇଲ୍ ଅର୍ଥ ହେରଫେର ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

## ରକ୍ତମୁଖା ଦନ୍ତା, ଅଞ୍ଚଳବାସୀ ଆତଙ୍କିତ

ରେଢ଼ାଖୋଲ, ୧୪।୬ (ସଂଚାର ବ୍ୟୁରୋ): ରକ୍ତମୁଖା ଦନ୍ତାହାତୀ। ହାତୀ ଆତଙ୍କରେ ଭୟଭୀତ ରେଢ଼ାଖୋଲ କଦଳୀଗଡ଼ ଅଞ୍ଚଳବାସୀ। ରେଢ଼ାଖୋଲ ବନଖଣ୍ଡ ବଡବାହାଲ ରେଞ୍ଜ କଦଳୀଗଡ଼, କନ୍ରା, ଧଉରାଖମଣ, ମହୁଲମୁଣ୍ଡା, ଡିମିରିମୁଣ୍ଡା ଓ ଆଖପାଖ ଗାଁରେ ଗତ କିଛିଦିନ ହେବ ଗୋଠଛଡ଼ା ଦନ୍ତା ହାତୀ ଆତଙ୍କ ଖେଳାଇଛି। ରାତି ହେଲେ ଲୋକଙ୍କ ବାଡ଼ିରେ ପଶି ଆମ୍ବ, ପଣସ, କଦଳୀ ଆଦି ଗଛ ଭାଙ୍ଗି ନଷ୍ଟ କରୁଛି। ଲୋକେ ହାତୀକୁ ଘଉଡ଼ାଇବା ପାଇଁ ବାହାରିଲେ ଏହା ମାରିବାକୁ ଗୋଡ଼ାଉଛି। ଏଭଳି ଦୃଶ୍ୟ ମହୁଲମୁଣ୍ଡା ଓ ଡିମିରିମୁଣ୍ଡା ଗ୍ରାମରେ ଦେଖିବାକୁ ମିଳିଥିଲା। ରକ୍ତମୁଖା ହାତୀକୁ ନେଇ ବନ ବିଭାଗ ପକ୍ଷରୁ ସତର୍କ ସୂଚନା ଘୋଷଣା କରାଯାଇଥିବା ଜଣାଯାଇଛି। କେବଳ ରେଢ଼ାଖୋଲରେ ନୁହେଁ, ଅନେକ ଅଞ୍ଚଳରେ ହାତୀଙ୍କ ଉପଦ୍ରବ ଦେଖିବାକୁ ମିଳୁଛି। ସହରରେ ବି ହାତୀ ଆତଙ୍କ ଦେଖିବାକୁ ମିଳୁଛି। ଯାହା ଲୋକଙ୍କ ଜୀବନଯାତ୍ରାକୁ ପ୍ରଭାବିତ କରୁଛି। ଦିନକୁ ଦିନ ହାତୀମାନଙ୍କ ଉପଦ୍ରବ ଲୋକମାନଙ୍କୁ ଭୟଭୀତ ମଧ୍ୟ କରୁଛି।

● ଝାରସୁଗୁଡ଼ା ପୋଲିସ୍ ନାଇଟ୍ ପେଟ୍ରୋଲିଂ

## ପ୍ରତିରୋଧମୂଳକ କାର୍ଯ୍ୟାନୁଷ୍ଠାନରେ ୩୪ ଗିରଫ

ଝାରସୁଗୁଡ଼ା, ୧୪।୬ (ସଂଚାର ବ୍ୟୁରୋ):ସାଧାରଣ ଲୋକଙ୍କୁ ସୁରକ୍ଷା ଓ ଅପରାଧିକ କାର୍ଯ୍ୟକଳାପକୁ ଚେକ ଦେବାକୁ ଝାରସୁଗୁଡା ପୁଲିସ ରବିବାର ସହର ଓ ସଦର ଥାନା ଅଞ୍ଚଳରେ ଜୋରଦାର ପେଟ୍ରୋଲିଂ କରିଛି। ଏହି ଡ୍ରାଇଭ୍ ସରବହଲ, ସୋନାରିମୁଣ୍ଡା, ମନମୋହନ୍ ଫିଲ୍ଡ, ଜଗେଶ୍ୱର ମନ୍ଦିର, ବମ୍ବେ ଛକ ସମେତ ବିଭିନ୍ନ ସମ୍ବେଦନଶୀଳ ଓ ଜନସମାଗମ ସ୍ଥାନରେ କରାଯାଇଥିଲା। ରାସ୍ତା ଅପରାଧ, ଜନସ୍ଥାନରେ ଖୋଲାଖୋଲି ମଦ୍ୟପାନ ରୋକିବା, ଅସାମାଜିକ ତତ୍ତ୍ୱଗୁଡ଼ିକ ଉପରେ ନଜର ରଖିବା ଏବଂ ଜିଲ୍ଲାରେ ପୁଲିସର ଉପସ୍ଥିତିକୁ ଜାହିର କରିବା ପାଇଁ ଏହି ଅଭିଯାନ ଆରମ୍ଭ କରାଯାଇଥିଲା।ଏହି ଅଭିଯାନରେ ପୁଲିସ୍ ଟିମ୍ ହଟ୍‌ସ୍ପଟ୍ ଅଞ୍ଚଳରେ ବ୍ୟାପକ ଯାଞ୍ଚ ଓ ଜନସାଧାରଣଙ୍କ ସହ ଆଲୋଚନା କରାଯାଇଥିଲା। ଅସାମାଜିକ କାର୍ଯ୍ୟକଳାପକୁ ପ୍ରତିରୋଧ କରିବା ସହ ଜନସାଧାରଣଙ୍କୁ ଅସୁବିଧା ନ ହେବା ଏବଂ ସୁରକ୍ଷିତ ପରିବେଶ ସୃଷ୍ଟି କରିବା ଉପରେ ଏହି ଅଭିଯାନରେ ଗୁରୁତ୍ୱ ଦିଆଯାଇଥିଲା। ଏହି ଅଭିଯାନରେ ସାଧାରଣ ଲୋକଙ୍କ ସୁରକ୍ଷାରେ ବାଧା ସୃଷ୍ଟି କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏହି ଅଭିଯାନରେ ୩୪ ଜଣଙ୍କୁ ପିଆର୍ ବଣ୍ଡ ମାଧ୍ୟମରେ ମୁକ୍ତ କରାଯାଇଛି। ଏଥିରେ ଝାରସୁଗୁଡ଼ା ଟାଉନ୍ ଥାନା ଅଞ୍ଚଳରେ ୧୪ ଜଣ ଏବଂ ସଦର ଥାନା ଅଞ୍ଚଳରେ ୨୦ ଜଣ ସାମିଲ୍ ଅଛନ୍ତି। ଏହା ସାଧାରଣରେ ଅପରାଧମୂଳକ କାର୍ଯ୍ୟକଳାପକୁ ଚେକ ପାଇଁ ଉଦ୍ଦିଷ୍ଟ। ଏହି ଅଭିଯାନର ନେତୃତ୍ୱ ନେଉଥିଲେ ଝାରସୁଗୁଡ଼ା ଏସ୍‌ପି।

● ସଂଭାବନାର 'ରଜ ମଉଜ'

## ବାଙ୍କବିହାରୀ ପରିବେଶ ସମ୍ମାନ ୨୦୨୬



ଭୁବନେଶ୍ୱର, ୧୪।୬(ସଂଚାର ବ୍ୟୁରୋ): ବନସ୍ତେ ଡାକିଲା ଗଜ ବରଷକେ ଥରେ ଆସିଛି ରଜ, ଭଳି ରଜଗୀତର ମୂର୍ଚ୍ଛନା ମଧ୍ୟରେ ସଭିଏଁ ହୋଇ ଉଠୁଥିଲେ ଉତ୍ସବ ମୁଖର। ଅବସର ଥିଲା ଓଡ଼ିଶାର ପ୍ରମୁଖ ଓ ଆଦିପର୍ବ ରଜ ଉତ୍ସବ ଉପଲକ୍ଷେ ପହିଲି ରଜ ସଂଧ୍ୟାରେ ସଂଭାବନା ଓଡ଼ିଆଣୀ ସମିତି ପକ୍ଷରୁ ଜୟଦେବ ଭବନ ଠାରେ ଓଡ଼ିଆଣୀମାନଙ୍କୁ ନେଇ ଅନୁଷ୍ଠିତ 'ରଜ ମଉଜ'। ଏହି ଉତ୍ସବରେ ଓଡ଼ିଆଣୀମାନେ ପାଠ କରୁଥିଲେ ସ୍ୱରଚିତ କବିତା। ଗାନ କରୁଥିଲେ ସଙ୍ଗୀତ ଓ ସଙ୍ଗୀତର ତାଳେ ତାଳେ ପରିବେଷଣ କରୁଥିଲେ ନୃତ୍ୟ। ମାତ୍ର ସମସ୍ତ ଥିଲା ଓଡ଼ିଆ ସଂସ୍କୃତି ଓ ପରମ୍ପରା ଆଧାରିତ। ସଂଭାବନାର ଟ୍ରଷ୍ଟି ସ୍ମୃତି ମହାନ୍ତିଙ୍କ ପରିଚାଳନାରେ ପୋଡ଼ପିଠା ଓ ରଜ ପାନର ପ୍ରଦର୍ଶନ ତଥା ଦର୍ଶକମାନଙ୍କୁ ପରିବେଷଣ ସହ କବିତା ପାଠୋତ୍ସବ, ସଙ୍ଗୀତ ଗାନ ଓ ନୃତ୍ୟ ଆଦିରେ ଉପସ୍ଥିତ ଓଡ଼ିଆଣୀମାନେ ଭାଗ ନେଇ ସଂସ୍କୃତିପ୍ରେମୀ ଓଡ଼ିଆଙ୍କ ଭରପୂର ମନୋରଞ୍ଜନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରମୁଖ ଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀ, ବିଶିଷ୍ଟ ସାହିତ୍ୟିକ ତଥା ସୁବକ୍ତା ଦାଶ ବେନ୍‌ହୁର ୨୦୨୬ର ଶ୍ରେଷ୍ଠ ଓଡ଼ିଆଣୀ ରେଣୁବାଳା ସାହୁ, ସମ୍ପାଦକ ଦେବ ପ୍ରସାଦ ପରିଜା, ଓଡ଼ିଆଣୀ ସମିତିର ସଭାନେତ୍ରୀ ସୌଦାମିନୀ ସାମଲ, ସମ୍ପାଦିକା ରେଖା ସାହୁ ମଞ୍ଚରେ ଉପସ୍ଥିତ ଥିଲେ। ଏଥିସହ ଚଳିତ ବର୍ଷ ତୃତୀୟ ଥର ପାଇଁ ସଂଭାବନା ପକ୍ଷରୁ ପରିବେଶ ଉପରେ ଉତ୍ସର୍ଗୀକୃତ କାର୍ଯ୍ୟ ପାଇଁ ପ୍ରୟାତ ଜନନେତା ତଥା ପରିବେଶ କର୍ମୀ ବାଙ୍କବିହାରୀ ଦାସଙ୍କ ସ୍ମୃତିରେ ନାମିତ 'ବାଙ୍କବିହାରୀ ପରିବେଶ ସମ୍ମାନ ୨୦୨୬' ବିଶିଷ୍ଟ ସବୁଜିମାପ୍ରେମୀ ତଥା ଗଛ ମଣିଷ ଭାବେ ନାମିତ ବିଜୟ କୁମାର ଜେନାଙ୍କୁ ପ୍ରଦାନ କରାଯାଇଥିଲା। ପ୍ରଥମେ କବିତା ପାଠୋତ୍ସବ ପରେ ପଲ୍ଲୀଗୀତ ଓ ଅନ୍ୟ ମନଛୁଆଁ ଓଡ଼ିଆ ସଙ୍ଗୀତ ପରିବେଷଣରେ ଅଂଶଗ୍ରହଣ କରି ଜଣାଶୁଣା ଗାୟିକା ହରପ୍ରିୟା ସ୍ୱାଇଁ, ସିଦ୍ଧାନ୍ତ ଶତପଥୀ, ସୁନୀତା ନାୟକ ପରିବେଶ, ରଜ ଓ ଗ୍ରାମ୍ୟ ଜୀବବ ଉପରେ ସଙ୍ଗୀତ ପରିବେଷଣ କରାଯାଇଥିଲା।

# ଆଦେଶ ପାଳନରେ ପୁଲିସର ଅବହେଳା: ହାଇକୋର୍ଟ



କଟକ, ୧୪।୬ (ସଂଚାର ବ୍ୟୁରୋ): ନ୍ୟାୟାଳୟଙ୍କ ଆଦେଶ ଓ ଗିରଫ ପରୱାନା କାର୍ଯ୍ୟକାରୀ କରିବାରେ ରାଜ୍ୟର ବିଭିନ୍ନ ଥାନା ପୁଲିସର ଅବହେଳାକୁ ନେଇ ଓଡ଼ିଶା ହାଇକୋର୍ଟ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏପରି ଅବହେଳା ଯୋଗୁଁ ନିମ୍ନ ଅଦାଲତରେ ମାମଲାଗୁଡ଼ିକ ଅନାବଶ୍ୟକ ଭାବେ ବିଳମ୍ବିତ ହେଉଥିବା ବେଳେ ପୀଡ଼ିତମାନେ ହାଇକୋର୍ଟର ଦ୍ୱାରସ୍ଥ ହେବାକୁ ବାଧ୍ୟ ହେଉଛନ୍ତି। ଏହି ପ୍ରସଙ୍ଗରେ ହାଇକୋର୍ଟ ଡିଜିପିଙ୍କୁ ସମସ୍ତ ଏସପି ଓ ପୁଲିସ କମିସନରଙ୍କ ମାଧ୍ୟମରେ ଥାନା ଆଇଆଇସିମାନଙ୍କୁ ମାଜିଷ୍ଟ୍ରେଟ ଓ ଅନ୍ୟ ନ୍ୟାୟିକ ଅଧିକାରୀଙ୍କ ଆଦେଶ ପାଳନ କରିବାକୁ ନିର୍ଦ୍ଦେଶ ଦେବା ଲାଗି କହିଛନ୍ତି।

ଏକ ଅଦାଲତ ଅବମାନନା ମାମଲାର ରାୟ ପ୍ରକାଶ କରି ଜଷ୍ଟିସ ସାବିତ୍ରୀ ରଥ ଏହି ଆଦେଶ ଦେଇଛନ୍ତି। ଘଟଣା ଅନୁଯାୟୀ, ସୁନ୍ଦରଗଡ଼ ଜିଲା ବିସ୍ରା ଥାନାର ଆଇଆଇସି ମନୋରଞ୍ଜନ କୁମ୍ଭାର ନିମ୍ନ ଅଦାଲତ ଦ୍ୱାରା ଜାରି ହୋଇଥିବା ଏକ ଜାମିନବିହୀନ ଗିରଫ ପରୱାନା (ଏନବିଡବ୍ଲ୍ୟୁ) କୁ ଦୀର୍ଘ ଦିନ ଧରି କାର୍ଯ୍ୟକାରୀ କରିନଥିଲେ। ଏପରିକି ହାଇକୋର୍ଟରେ ଶୁଣାଣି ବେଳେ ସେ ଥାନାକୁ କୌଣସି ୱାରେଣ୍ଟ ମିଳି ନ ଥିବା କହି କୋର୍ଟଙ୍କୁ ଭୁଲ୍ ସୂଚନା ଦେଇଥିଲେ। ତେବେ ରେକର୍ଡ ଯାଞ୍ଚରୁ ଜଣାପଡ଼ିଥିଲା ଯେ, ୱାରେଣ୍ଟଟି ରେଜିଷ୍ଟ୍ରି ଡାକ ଯୋଗେ ଥାନାରେ ପହଞ୍ଚି ସାରିଥିଲା। ପରବର୍ତ୍ତୀ ସମୟରେ ଆଇଆଇସି ନିଜର ଭୁଲ୍ ସ୍ୱୀକାର କରି ହୋମଗାର୍ଡଙ୍କ ଅବହେଳା ଯୋଗୁଁ ଏହା ଫାଇଲ୍ ଭିତରେ ରହିଯାଇଥିବା ଦର୍ଶାଇଥିଲେ ଏବଂ କୋର୍ଟଙ୍କ ନିକଟରେ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିଥିଲେ।

ଅଦାଲତ କହିଛନ୍ତି ଯେ ମାଜିଷ୍ଟ୍ରେଟ ଓ ଜିଲ୍ଲା ନ୍ୟାୟାଳୟମାନଙ୍କ ନିର୍ଦ୍ଦେଶ ପ୍ରତି ପୁଲିସର ଅବହେଳା ନ୍ୟାୟ ବିତରଣ ବ୍ୟବସ୍ଥାକୁ ପ୍ରଭାବିତ କରୁଛି। ଅନେକ କ୍ଷେତ୍ରରେ ୱାରେଣ୍ଟ କାର୍ଯ୍ୟକାରୀ କରାଯାଉନଥିବା କିମ୍ବା ଅଦାଲତକୁ ରିପୋର୍ଟ ଦିଆଯାଉନଥିବାରୁ ମାମଲାଗୁଡ଼ିକ ବାରମ୍ବାର ଘୁଞ୍ଚାଯାଉଛି। ଅଦାଲତ ବିସ୍ରା ଆଇଆଇସିଙ୍କୁ ଅବମାନନାରେ ଦୋଷୀ ଘୋଷଣା କରିଥିଲେ ମଧ୍ୟ ତାଙ୍କର ନିଃସର୍ତ୍ତ କ୍ଷମା ପ୍ରାର୍ଥନାକୁ ଗ୍ରହଣ କରି ଦଣ୍ଡ ପ୍ରଦାନରୁ ବିରତ ରହିଛନ୍ତି। ତେବେ ଭବିଷ୍ୟତରେ ଏପରି ଅବହେଳାକୁ କଦାପି ବରଦାସ୍ତ କରାଯିବ ନାହିଁ ବୋଲି କଡ଼ା ଚେତାବନୀ ଦେଇଛନ୍ତି।

## ବଜ୍ରପାତରେ କୁଡ଼ିଆ ସହ ଜଳିଗଲେ ୨ ଚାଷୀ

■ ମୃତଦେହ ନେବାକୁ ମନାକଲା ଆମ୍ବୁଲାନ୍ସ ଓ ଅଗ୍ନିଶମ ବିଭାଗ ଗାଡ଼ି

■ ପ୍ରତିବାଦରେ ଗ୍ରାମବାସୀଙ୍କ ରାଜପଥ ଅବରୋଧ

କଟକ, ୧୪।୬(ସଂଚାର ବ୍ୟୁରୋ): ତିଗିରିଆ ଥାନା ଅନ୍ତର୍ଗତ ହାଟମାଳ ପଞ୍ଚାୟତ ବିଷ୍ଣୁପୁର ଗ୍ରାମର ଗୁଡ଼ିଆସାହିର ନବକିଶୋର ରାଉତ ଓ ମଝିସାହିର ମନ୍ଦରଧର ପତି ରବିବାର ଅପରାହ୍ଣରେ ଶିଳା ଗହୀରରେ ଥିବା ଚାଷଜମିକୁ ଯାଇଥିବା ବେଳେ ବଜ୍ରପାତ ହେବାରୁ ମୃତ୍ୟୁବରଣ କରିଛନ୍ତି। ବର୍ଷାରୁ ରକ୍ଷା ପାଇବା ପାଇଁ ସେମାନେ ଜମି ନିକଟରେ ଥିବା ଏକ ଚାଳ ଛପର କୁଡ଼ିଆରେ ଆଶ୍ରୟ ନେଇଥିବା ବେଳେ ଘର ଉପରେ ବଜ୍ରପାତ ହୋଇଥିଲା। ଫଳରେ ସେମାନେ ମୃତ୍ୟୁବରଣ କରିବା ସହ କୁଡ଼ିଆଟି ହୁହୁ ହୋଇ ଜଳି ଯାଇଥିଲା। ଖବର ପାଇ ଗ୍ରାମବାସୀ ପହଞ୍ଚି ସେମାନଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର କରିଥିଲେ। ସ୍ଥାନୀୟ ଜନସାଧାରଣ ଉଭୟଙ୍କୁ ତୁରନ୍ତ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେବା ପାଇଁ ୧୦୮ ଆମ୍ବୁଲାନ୍ସ ଓ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଆମ୍ବୁଲାନ୍ସ ତଥା ଅଗ୍ନିଶମ ବିଭାଗ ଆସି ପହଞ୍ଚିଥିଲେ ମଧ୍ୟ ମୃତଦେହ ନେବନି କହି ଫେରିଯାଇଥିଲା। ଏହାକୁ ନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଥିଲା। ଶତାଧିକ ଅଞ୍ଚଳବାସୀ ଉଭୟ ମୃତକଙ୍କୁ କାନ୍ଧେଇ ଗ୍ରାମଠାରୁ ପ୍ରାୟ ୭ କିଲୋମିଟର ରାସ୍ତା ଚାଲିଚାଲି ତିଗିରିଆ ରାଜରାସ୍ତାରେ ପହଞ୍ଚି ଶବ ରଖି ରାସ୍ତାରୋକ କରିଛନ୍ତି।

## ଆଗକୁ ବଢୁନି କାମ, ଅଧାରେ ଅଟକିଛି ସରକାରୀ ପ୍ରକଳ୍ପ

କଟକ, ୧୪।୬(ସଂଚାର ବ୍ୟୁରୋ): ଚୌଦ୍ୱାର ସହରର ବିକାଶ ପାଇଁ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ହୋଇଥିଲା। ସେଥିମଧ୍ୟରୁ କିଛି କାମ ସରିଥିଲେ ମଧ୍ୟ ଅନ୍ୟ କିଛି ପ୍ରକଳ୍ପ ଆରମ୍ଭ ହେବାର ୧୨ବର୍ଷ ବିତିଯାଇଥିଲେ ବି କାମ ଶେଷ ହୋଇନାହିଁ। ଯାହାକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି। ପୂର୍ବ ସରକାର ବିରୂପା ନଦୀର ଅଂଶ ମାଗୁରାଠାରେ ପାର୍କ ଓ ନୌକା ବିହାର ପ୍ରକଳ୍ପ କାମ ଆରମ୍ଭ କରିଥିଲେ। କାମକୁ ଓଟିଡିସି ହାତକୁ ନେଇ ୧କୋଟି ୬୫ଲକ୍ଷ ବ୍ୟୟରେ କାର୍ଯ୍ୟ କରିଛି। ଦୀର୍ଘ ବର୍ଷ ହେବ ଏହି ପ୍ରକଳ୍ପ ସହିତ ମିନି ଷ୍ଟାଡିୟମ କାମ ଶେଷ ହୋଇନାହିଁ। ଏହାସହିତ ବିଭିନ୍ନ ୱାର୍ଡରେ ୬ରୁ ଅଧିକ ଶୌଚାଳୟ ନିର୍ମାଣ କାମ ଆରମ୍ଭ ହୋଇ ଅଧାରେ ପଡି ରହିଛି। ତେବେ ଏନେଇ ପୌର ନିର୍ବାହୀ ଅଧିକାରୀ କହିଛନ୍ତି ଏସବୁ ପ୍ରକଳ୍ପ ଖୁବଶୀଘ୍ର କାର୍ଯ୍ୟକାରୀ କରାଯିବ।

# ବିଜୟୀ ପ୍ରତିଯୋଗୀଙ୍କୁ ଓଡ଼ିଶା ରାଜ୍ୟ କରାଟେ- ଡୋ ସଂଘର ସମ୍ବର୍ଦ୍ଧନା




ଭୁବନେଶ୍ୱର, ୧୪।୬(ସଂଚାର ବ୍ୟୁରୋ): ଡେରାଡୁନଠାରେ ଅନୁଷ୍ଠିତ ହୋଇଥିବା ଜାତୀୟ ଉପକନିଷ୍ଠ ଓ କନିଷ୍ଠ ଓ କ୍ୟାଡେଟ କରାଟେ ପ୍ରତିଯୋଗିତାରେ ଓଡ଼ିଶା କରାଟେକାମାନେ ୧୨ଟି ସ୍ୱର୍ଣ୍ଣ, ୪ଟି ରୌପ୍ୟ ଓ ୧୬ଟି ବ୍ରୋଞ୍ଜ୍ ସହ ମୋଟ ୩୨ଟି ପଦକ ହାସଲ କରି ଓଡିଶା ସର୍ବଭାରତୀୟ ପଦକ ତାଲିକାରେ ଦ୍ୱିତୀୟ ସ୍ଥାନ ହାସଲ କରିଛି। ଏହି ଐତିହାସିକ ସଫଳତା ପାଇଁ ଓଡ଼ିଶା ରାଜ୍ୟ କରାଟେ - ଡୋ ସଂଘ ପଦକ ହାସଲ କରିଥିବା ୪୨ ଜଣ ପ୍ରତିଯୋଗୀ ଓ ଦଳ ସହ ଗସ୍ତ କରିଥିବା କୋଚ ଓ ଟିମ ମ୍ୟାନେଜରଙ୍କୁ ଆଜି ସମ୍ବର୍ଦ୍ଧିତ କରାଯାଇଛି। ପଦକ ହାସଲ କରିଥିବା ପ୍ରତିଯୋଗୀମାନେ ହେଲେ ଆଲିସା ସୁବୁଦ୍ଧି, ମହିଳା ଟିମ କାଟା (ଆଲିସା ସୁବୁଦ୍ଧି, ସୁପ୍ରିୟା ମହାନ୍ତି, ଶ୍ୱେତାଞ୍ଜନା ସାହୁ , ଶରଣ୍ୟା ସାହୁ ), ଟିମ୍ କାଟା ପୁରୁଷ ସବ୍‌ଜୁନିଅର (ବଦ୍ରି ନାରାୟଣ ସାହୁ, ବିଶ୍ୱଦୀପ ବେହେରା, ଶ୍ରେୟାଂଶୁ ସିହାଲ, ପ୍ରତ୍ୟାଂଶୁ ପରିଡ଼ା), ଚିତ୍ରାକ୍ଷ ଦାସ, ଲଇଲେଶ ବିଶ୍ୱାଳ, ସୌମ୍ୟରଞ୍ଜନ ପାତ୍ର, ଆଦିତ୍ୟରାଜ ପ୍ରଧାନ, ଆକାଂକ୍ଷା ମହାନ୍ତି, ବୈଶାଳୀ ପାତ୍ର, ଶ୍ରେୟା କାନୁନଗୋ, ରାଜେଶ୍ୱରୀ ସିଂ, ଟିମ କାଟା ସବ୍‌ଜୁନିଅର ମହିଳା ( କଲ୍ପିତା ଦାସ, ଯଶସ୍ୱୀ ପ୍ରିୟଦର୍ଶିନୀ ମିଶ୍ର, ଦିତିକ୍ଷା ପ୍ରିୟଦର୍ଶିନୀ ସାମନ୍ତ, ଏମ୍ ଶ୍ରୀୟାଂସୀ) ସ୍ୱର୍ଣ୍ଣ ପଦକ ପାଇଥିବା ବେଳେ ନୀତିକ ମହନ୍ତ, ଅସଲେଶ ପଣ୍ଡା, ଶ୍ରେୟା ଶୁଭଦର୍ଶିନୀ ଓ ସୌମିତ ପାତ୍ର, ରୌପ୍ୟ ପଦକ ପାଇଥିଲେ। ସେହିପରି ଜୁନିଅର ପୁରୁଷ ଟିମ କାଟାରେ (ଦୋଳଗୋବିନ୍ଦ ବେହେରା, ଅପ୍ରିତ କୁମାର ଦାସ, ଆୟୁଷ୍ମାନ ମିଶ୍ର, ଶିବକୃପା ମିଶ୍ର) ଅର୍ଚ୍ଚିତା ପ୍ରିୟଦର୍ଶିନୀ, ଅଂଶୁମାନ ଆଚାର୍ଯ୍ୟ, ଆଦିକ ଅଶେଷ ସାହୁ, ସୂର୍ଯ୍ୟ ନାରାୟଣ ମାର୍ଥା, ସୋହମ ସ୍ୱାଇଁ, ବିଶ୍ୱଦୀପ ବେହେରା, ଦକ୍ଷିତା ନହର, ଦିଶାନ୍ତିକା ପଣ୍ଡା, ସାଇରା ଜେନା, ଦିବ୍ୟାଂଶୀ ଘଡେଇ, ସମୀକ୍ଷା ମହନ୍ତ, ଈଶାନୀ ପଣ୍ଡା, ତନିଷ୍କା ରାଉତ ଓ ଶରଣ୍ୟା ପାଢ଼ୀ। ଟିମ୍ ମ୍ୟାନେଜର ଓ କୋଚ ଭାବେ ଦଳ ସହ ଖାରବେଳ ମଲିକ, ସନ୍ତୋଷ ମହାରଣା, ଦୀପକ ସାମନ୍ତରା, ରାଜୀବ ସିଂ, ସୁଶାନ୍ତ ପଣ୍ଡା, ରାଜେନ୍ଦ୍ର କେଶରୀ ସାମଲ, କେଜିକେ ପ୍ରତିହାରୀ, ଅବିନାଶ ପୁନ୍ଧିର ରହିଥିଲେ। ଏହି ସମ୍ବର୍ଦ୍ଧନା ଉତ୍ସବରେ ଓଡ଼ିଶା ରାଜ୍ୟ କରାଟେ-ଡୋ ସଂଘର ସମ୍ପାଦକ ଡ. ଗୌରୀ ମହାନ୍ତି, ସଭାପତି ଡ. ହରି ପ୍ରସାଦ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଆଡଭୋକେଟ କାଳି ପ୍ରସାଦ ନନ୍ଦ, ସନତ ନାୟକ, ପ୍ରଦୀପ ସରକାର ଓ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ପିଠା, ପାନ ଓ ଦୋଳିରେ ଜମିଲା ସିଏମ୍‌ସି




କଟକ, ୧୪।୬ (ସଂଚାର ବ୍ୟୁରୋ):କଟକ ମହାନଗର ନିଗମ ପକ୍ଷରୁ ଆୟୋଜିତ ହୋଇଛି ରଜ ମହୋତ୍ସବ-୨୦୨୬। ପହିଲି ରଜରେ କଟକ-ଇନ୍-କଟକରେ ଜମିଛି ନାଚ, ଗୀତ ସାଙ୍ଗକୁ ଦୋଳି ଖେଳ, ପାନ, ପିଠା ଓ ମିଠାର ପସରା। ମହିଳା ସଶକ୍ତିକରଣ ଓ ନାରୀ ଶକ୍ତିର ବିକାଶ ପାଇଁ ସିଏମସି ସର୍ବଦା ତତ୍ପର ବୋଲି ପ୍ରଥମ ଦିନର ଅଧିବେଶନରେ ଉଲ୍ଲେଖ କରିଥିଲେ ମେୟର ସୁବାସ ସିଂହ। ବସ୍ତି ଅଞ୍ଚଳର ଝିଅମାନେ କିଭଳି ରାଜ୍ୟର ପ୍ରତିଷ୍ଠିତ ଓ ପ୍ରତିଭାବାନ୍ ଲୋକଙ୍କ ପାଖରୁ ପ୍ରେରଣା ପାଇ ଉଚ୍ଚଶିକ୍ଷା ସହ ସେମାନଙ୍କ ଜୀବନକୁ ଅଧିକ ସଫଳ କରିବେ ଏହା ହିଁ ଏହି କାର୍ଯ୍ୟକ୍ରମର ଅନ୍ୟତମ ଉଦ୍ଦେଶ୍ୟ।

ପ୍ରଥମ ଦିନରେ ବିଶିଷ୍ଟ ଗବେଷିକା ତଥା ଅଧ୍ୟାପିକା ପଦ୍ମଶ୍ରୀ ଦମୟନ୍ତୀ ବେସ୍ରା, ରାଜ୍ୟର ପ୍ରଥମ ଅର୍ଜୁନ ପୁରସ୍କାର ପ୍ରାପ୍ତ କ୍ରୀଡାବିତ୍ ମିନତୀ ମହାପାତ୍ର, ବିଶିଷ୍ଟ ଚିକିତ୍ସକ ତଥା ଲେଖିକା ଡକ୍ଟର ସରୋଜିନୀ ଷଡ଼ଙ୍ଗୀ, ଆକାଶବାଣୀ କଟକର ପୂର୍ବତନ ସହ ନିର୍ଦ୍ଦେଶିକା ତଥା ବିଶିଷ୍ଟ କଣ୍ଠଶିଳ୍ପୀ ଡକ୍ଟର ସୁମିତ୍ରା ମହାପାତ୍ର, ଅଲିମ୍ପିଆନ୍ ଅନୁରାଧା ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ମୌଲାନା ଆଜାଦ୍ ଜାତୀୟ ଉର୍ଦ୍ଦୁ ବିଶ୍ୱବିଦ୍ୟାଳୟର ରୋବଟିକ୍ସ ବିଭାଗର ଛାତ୍ରମାନେ ରୋବର୍ଟର ବ୍ୟବହାର ଓ ବର୍ତ୍ତମାନ ସମାଜରେ ଏହାର ଜରୁରୀ ଆବଶ୍ୟକତା ସଂପର୍କରେ ଉଲ୍ଲେଖ କରିଥିଲେ। ବିଶ୍ୱବିଦ୍ୟାଳୟର ପ୍ରଫେସର ଖଦିଜା ସଜଦା ଖନମ୍ ଏହାର ଡିଜାଇନ୍ କରିଥିଲେ।

ଏହାପରେ ଓଡ଼ିଶା ଗୀତି କବି ସମାଜ ପକ୍ଷରୁ ମହିଳା କବିମାନେ କବିତା ପାଠ କରିଥିଲେ। ୨୦ଟି ୱାର୍ଡର ୨୦୦ ଜଣ ଝିଅଙ୍କୁ ସିଏମସି ପକ୍ଷରୁ ୧୦୦୦ ଟଙ୍କା ଲେଖାଏଁର କୁପନ୍ ପ୍ରଦାନ କରାଯାଇଥିଲା। ଏହାସହିତ ଡିଅନ୍ ଫାଉଣ୍ଡେସନ୍ ପକ୍ଷରୁ ସେମାନଙ୍କୁ ସେଫଟି ଓ ସାନିଟାରୀ କିଟ୍ ମଧ୍ୟ ପ୍ରଦାନ କରାଯାଇଥିଲା।

ପିଏମ୍ ସୂର୍ଯ୍ୟଘର ଯୋଜନା ଅନ୍ତର୍ଗତ ସୋଲାର ଦିଦି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ତାଲିମ ନେଇଥିବା ଏସଏଚଜି ମହିଳାଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ରଜ ମହୋତ୍ସବରେ କଳା କୁଞ୍ଜରେ ବିଶିଷ୍ଟ ଚିତ୍ରକର ରବି ରଥଙ୍କ ଚିତ୍ରକଳା କର୍ମଶାଳାରେ ଶହ ଶହ ଛାତ୍ରଛାତ୍ରୀ ସାମିଲ ହୋଇ ବିଭିନ୍ନ ଚିତ୍ର ଓ କ୍ରାଫ୍ଟ କରିଥିଲେ।

ଅପରାହ୍ଣରେ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ଯୋଗ ଦେଇଥିଲେ। ଅନ୍ତର୍ଜାତୀୟ ବୁଡାଳି ସବୀର ବକ୍ସଙ୍କ ଦ୍ୱାରା ଏକ ସ୍ୱତନ୍ତ୍ର କର୍ମଶାଳାର ଆୟୋଜନ କରାଯାଇଥିଲା। ଓଡ଼ିଶାର ଜଣେ ବି ଝିଅ ଯେମିତି ପାଣିରେ ବୁଡି ନଯିବ ସେଥିପାଇଁ ଆମର ନିରନ୍ତର ପ୍ରୟାସ ବୋଲି ସବୀର ବକ୍ସ ଉଲ୍ଲେଖ କରିଥିଲେ। କଟକର ବିଭିନ୍ନ ନାଟ୍ୟ ସଂସ୍ଥା ଓ ପ୍ରତିଭାବାନ୍ କଳାକାରମାନେ ସେମାନଙ୍କର କଳା ନୈପୁଣ୍ୟ ପ୍ରଦର୍ଶନ କରିଥିଲେ। ଶେଷରେ ଲୋକପ୍ରିୟ କଣ୍ଠଶିଳ୍ପୀ ବର୍ଣ୍ଣାଳୀ ହୋତାଙ୍କ ଉଠ କଙ୍କାଳ ଗୀତରେ ଝୁମିଥିଲେ ଦର୍ଶକ।

ଏହି ମହୋତ୍ସବରେ ନିଶୁଳ୍କରେ ପିଠା ଓ ପାନ ସହ ଭ୍ୟାକସିନ୍ ପ୍ରଦାନ କରାଯାଉଛି। ସ୍ୱାସ୍ଥ୍ୟ ସଚେତନତା ଓ ଏଚପିଭି ଭ୍ୟାକସିନ୍ ପାଇଁ ସ୍ୱତନ୍ତ୍ର କ୍ୟାମ୍ପ କରାଯାଇଛି। ଏହି ମହୋତ୍ସବ ଆଗାମୀ ଶେଷ ରଜ ଯାଏଁ ଚାଲିବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଭାରତୀୟ ପରମ୍ପରାର...

ସମସ୍ତ ର୍‍ୟାଙ୍କର ଯବାନମାନଙ୍କ ନିମନ୍ତେ 'ଥ୍ରୀ-ବି' ନାମକ ଏକ ନୂତନ ଶୀତକାଳୀନ ପୋଷାକ ପ୍ରଚଳନ କରାଯାଇଛି। ଏଥିରେ ଏକ ଆଙ୍ଗୋଲା ଶାର୍ଟ ସହ ଗୋଟିଏ ଯୁଦ୍ଧ ଜ୍ୟାକେଟ୍ ଓ ବେରେଟ୍ ରହିଛି। ପ୍ରଥମ ଥର ପାଇଁ ପୁସ୍ତିକାରେ ସନ୍ନିବିଷ୍ଟ ନିୟମାବଳୀରେ ଅଧିକାରୀମାନଙ୍କୁ ଆନୁଷ୍ଠାନିକ ଡ୍ରେସ୍‌କୋଡର ଅଂଶ ଭାବରେ ବଣ୍ଡି ଜ୍ୟାକେଟ ପିନ୍ଧିବାକୁ ଅନୁମତି ଦେଇଛି। ଏହାବ୍ୟତୀତ ଗଲାବନ୍ଧ, ଲାଉଞ୍ଜ ସୁଟ୍, କମ୍ବିନେସନ୍ ଡ୍ରେସ, ନହେଲେ ଟାଇ ଓ ଫର୍ମାଲ୍ ଟ୍ରାଉଜର ସହ ଫୁଲ୍ ସ୍ଲିଭ୍ ଶାର୍ଟ ପିନ୍ଧିପାରିବେ ବୋଲି କୁହାଯାଇଛି। ପୁସ୍ତିକାରେ କୁହାଯାଇଛି ଯେ, ଯବାନମାନେ ଫୁଲ୍ ହାତବାଲା ଶାର୍ଟ ସହ ଏକ ବନ୍ଦ ବେକବାଲା ଜ୍ୟାକେଟ୍ (ବଣ୍ଡି ଜ୍ୟାକେଟ୍) ପିନ୍ଧିପାରିବେ। ଏହା ହୁକ୍‌ବାଲା ହୋଇପାରେ କିମ୍ବା ବିନା ହୁକ୍ ବି ହୋଇପାରେ। ପୁସ୍ତିକାରେ ଉଭୟ ପ୍ୟାଟର୍ଣ୍ଣକୁ ସ୍ୱୀକୃତି ଦିଆଯାଇଛି। ତେବେ ଏହାର ରଙ୍ଗ ଗାଢ଼ ଓ ଆଖିକୁ ସୁନ୍ଦର ଦେଖାଯାଉଥିବା ଆବଶ୍ୟକ। ଏଥିସହ ଭଲ ଡିଜାଇନ୍ ହୋଇଥିବା ମ୍ୟାଚିଂ ଟ୍ରାଉଜର ଓ ସାଧାରଣ ଫୁଲ୍ କଭର ଯୋତା ପିନ୍ଧିବାକୁ ବି କୁହାଯାଇଛି। ମାନୁଆଲରେ ମହିଳା ଯବାନମାନଙ୍କ ଲାଗି ସ୍ୱତନ୍ତ୍ର ଡ୍ରେସକୋଡ଼ର ପ୍ରାବଧାନ କରାଯାଇଛି। ମହିଳା ଯବାନମାନେ ମର୍ଯ୍ୟାଦାବନ୍ତ (ସୋବର) ଦିଶୁଥିବା ଶାଢ଼ି, କୁର୍ତ୍ତା-ସାଲଓ୍ୱାର ଓ ଡୁପଟ୍ଟା ସହ ବଳାଗଣ୍ଠି (ଆଙ୍କଲ୍) ଯାଏ ଲମ୍ବିଥିବା ପ୍ୟାଣ୍ଟ ପିନ୍ଧିବେ। ତେବେ ସେମାନଙ୍କ ପାଇଁ ସ୍ଲିଭଲେସ୍ କୁର୍ତ୍ତା, ପ୍ଲାଜୋ ଓ ସିଗାରେଟ୍ ପ୍ୟାଣ୍ଟ ପିନ୍ଧିବା ଉପରେ କଟକଣା ଲଗାଯାଇଛି। ମେସ୍ ଡ୍ରେସ୍ ନଂ-୫ ଓ ନଂ-୬ରୁ ପାଉଚ୍ ବେଲ୍ଟ ହଟାଇ ନିଆଯାଇଛି। ସୁବିଧା ଓ ସହଜରେ ବୁଝିବା ପାଇଁ ସେନା ବାହିନୀର ପ୍ରତ୍ୟେକ ୟୁନିଫର୍ମକୁ ସ୍ୱତନ୍ତ୍ର ଡ୍ରେସ୍ ନମ୍ବର ଦିଆଯାଇଛି। ଏହିପରି ବେଲ୍ଟଗୁଡ଼ିକ ସଶସ୍ତ୍ର ବାହିନୀ, ଯାନ୍ତ୍ରିକ ପଦାତିକ ବାହିନୀ, ତୋପ ରେଜିମେଣ୍ଟ, ରାଇଫଲ୍ ରେଜିମେଣ୍ଟ, ମରାଠା ଲାଇଟ୍ ଇନଫ୍ୟାଣ୍ଟ୍ରି, ଜମ୍ମୁ-କାଶ୍ମୀର ଲାଇଟ୍ ଇନଫ୍ୟାଣ୍ଟ୍ରି ଓ ସିଗନାଲ କର୍ପସରେ କର୍ଣ୍ଣେଲ ପଦ ପରି ଅଧିକାରୀଙ୍କ ପାଇଁ ଅନୁମୋଦିତ ହୋଇଛି। ତେବେ ପାଉଚ ବେଲ୍ଟ ସବୁବେଳେ ନୁହେଁ, କେବଳ ରେଜିମେଣ୍ଟ ଉତ୍ସବ ଭଳି ଅବସରରେ ପିନ୍ଧିବାକୁ ଅନୁମତି ଦିଆଯାଇଛି। ପାଉଚ୍ ବେଲ୍ଟ ୫ ଓ ୬ ନମ୍ବର ଡ୍ରେସ୍ ସହ ପିନ୍ଧାଯିବ ନାହିଁ। ତେବେ ରେଜିମେଣ୍ଟ ବା ସେନା ସମ୍ବନ୍ଧୀୟ (କର୍ପସ୍) କାର୍ଯ୍ୟ ଅବସରରେ ଏହାକୁ ଉତ୍ସବକାଳୀନ ପୋଷାକ ସହ ପିନ୍ଧାଯାଇପାରିବ ବୋଲି ମାନୁଆଲରେ ସ୍ପଷ୍ଟ ଉଲ୍ଲେଖ ରହିଛି।

### ଦୁର୍ଘଟଣାରେ ୮ ମୃତ...

ଅଦ୍ୟାବଧି ଯାତାୟାତ ବନ୍ଦ ରହିଛି। ପୁଲିସ ପହଞ୍ଚି ସେମାନଙ୍କ ସହ ଆଲୋଚନା ଜାରି ରଖିଥିବା ଜଣାପଡ଼ିଛି। ସେହିପରି ବଡ଼ମ୍ବା ଟି-ସେତୁ ଉପରେ ଘଟିଛି ଏକ ଭୟଙ୍କର ଦୁର୍ଘଟଣା। ଅଟୋ ସହ ବାଇକ୍ ଦୁର୍ଘଟଣାରେ ବାଇକ୍ ଆରୋହୀଙ୍କ ଗଣ୍ଡିରୁ ମୁଣ୍ଡ ଅଲଗା ହୋଇଯାଇଛି। ମୃତ ବାଇକ୍ ଆରୋହୀ ଯୁବକ ଜଣଙ୍କ ହେଲେ ବଡମ୍ବା ବୃନ୍ଦାବନପୁର ଗ୍ରାମର ସୁଶୀଲ କୁମାର ଗୋଛି ଓରଫ ହାପି। ରଜ ପାଇଁ ଭଉଣୀ ଘରକୁ ଭାର ନେଇ ଯାଉଥିବା ସମୟରେ ଘଟିଛି ଏହି ଭୟାବହ ଦୁର୍ଘଟଣା। ଏଥିସହ ଏହି ଦୁର୍ଘଟଣାରେ ୩ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଆହୁରି ଗଞ୍ଜାମ ସହର ନିକଟସ୍ଥ ୧୬ ନମ୍ବର ଜାତୀୟ ରାଜପଥରେ ଏକ ସଡ଼କ ଦୁର୍ଘଟଣା ଘଟିବା ଫଳରେ ୨ ଜଣଙ୍କ ଜୀବନ ଯାଇଛି। ଅପରାହ୍ଣରେ ଏକ ବାଇକ ଡିଭାଇଡର ପିଟି ହୋଇ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ଦୁର୍ଘଟଣା ପରେ ଉଭୟଙ୍କୁ ଗଞ୍ଜାମ ଥାନା ପୁଲିସ ଛତ୍ରପୁର ମେଡିକାଲକୁ ପଠାଇଥିଲା। ତେବେ ସେଠାରେ ମୋନାଲିସା ପାଢ଼ୀ (୨୦)ଙ୍କର ମୃତ୍ୟୁ ଘଟିଥିବା ଡାକ୍ତର ଘୋଷଣା କରିଥିଲେ। ସେ ଦିଗପହଣ୍ଡି ଅଞ୍ଚଳର ବୋଲି ଜଣାପଡ଼ିଛି। ସେହିପରି ଭଞ୍ଜନଗରର ମନୋରଞ୍ଜନ ଜେନା (୨୩)ଙ୍କ ଚିକିତ୍ସା ଚାଲିଛି। ଏହାଛଡ଼ା ଭଦ୍ରକ ଜିଲ୍ଲା ବନ୍ତ ଥାନାଞ୍ଚଳରେ ପହିଲି ରଜରେ ନିଜ ମା'କୁ କୁରାଢ଼ୀରେ ହାଣି ହତ୍ୟା କରିଛି ପୁଅ। ଗ୍ରାମର ମମତା ସାହୁଙ୍କୁ ତାଙ୍କ ପୁଅ ପ୍ରୀତମ କୁରାଢ଼ୀରେ ଅତି ନିର୍ମମ ଭାବେ ହତ୍ୟା କରିଛି। ଖବର ପାଇ ବନ୍ତ ଥାନା ପୁଲିସ ପହଞ୍ଚି ଅଭିଯୁକ୍ତ ଯୁବକ ପ୍ରୀତମକୁ କାବୁ କରି ତା' ନିକଟରୁ କୁରାଢ଼ୀକୁ ମଧ୍ୟ ଜବତ କରିଛି। ପୁଲିସ ତାକୁ ଗିରଫ କରି ଥାନାକୁ ନେଇ ଅଧିକ ପଚରାଉଚରା ଜାରି ରଖିଛି।

### ପର୍ଯ୍ୟଟନ ମାନଚିତ୍ରରେ...

ସମ୍ପୃକ୍ତ ଭବନ ୧୯୫୦ ପୂର୍ବରୁ ନିର୍ମିତ ବୋଲି ରାଜସ୍ୱ ରେକର୍ଡ, ଐତିହାସିକ ଦଲିଲ, ଜିଲ୍ଲା ପ୍ରଶାସନ କିମ୍ବା ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣର ପ୍ରମାଣପତ୍ର ଦାଖଲ କରିବାକୁ ପଡ଼ିବ।

### ପାକିସ୍ତାନକୁ ୬୪...

ଆଉଟ୍ ହେବା ଫଳରେ ଏହି ମଜବୁତ ଭାଗୀଦାରୀରେ ବ୍ରେକ୍ ଲାଗିଥିଲା। ତାଙ୍କ ପରେ ପରେ ଭାରତୀ ଫୁଲମାଲି ଓ ହରମନ୍‌ପ୍ରୀତ୍ ଆଉଟ୍ ହେବା ଫଳରେ ଭାରତ ୧୨୩ ରନ୍ ସୁଦ୍ଧା ୫ ଜଣ ଶୀର୍ଷ ଭାଗ ବ୍ୟାଟ୍ସଓ୍ୱମ୍ୟାନ୍‌ଙ୍କୁ ହରାଇଥିଲା। କିନ୍ତୁ ଶେଷ ଭାଗରେ ରିଚା ଘୋଷ ବିସ୍ଫୋରକ ବ୍ୟାଟିଂ କରି ମାତ୍ର ୧୭ ବଲ୍‌ରେ ୫ଟି ଚୌକା ଓ ଗୋଟିଏ ଛକା ସହ ୩୪ ରନ୍ କରିବା ଫଳରେ ଭାରତ ପାକିସ୍ତାନ ଆଗରେ ଏକ ଚ୍ୟାଲେଞ୍ଜପୂର୍ଣ୍ଣ ଟାର୍ଗେଟ୍ ଧାର୍ଯ୍ୟ କରିଥିଲା। ଦୀପ୍ତି ଗୋଟିଏ ଚୌକା ସହ ୧୨ ରନ୍‌ରେ ଅପରାଜିତ ଥିଲେ। ପାକିସ୍ତାନ ପକ୍ଷରୁ ସାଦିଆ ଇକ୍‌ବାଲ୍ ଓ ଅଧିନାୟକା ଫାତିମା ସାନା ୨ଟି ଲେଖାଏଁ ଏବଂ ତସମିଆ ଶମିମ୍ ଓ ନାଶ୍ରା ସାନ୍ଧୁ ଗୋଟିଏ ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ। ଜବାବରେ ଦଳର ଦୁଇ ଓପନର ମୁନୀବା ଅଲୀ ଓ ଗୁଲ୍ ଫିରୋଜା ଦଳୀୟ ସ୍କୋର୍‌କୁ ୩୮ରେ ପହଞ୍ଚାଇ ଭଲ ପ୍ରାରମ୍ଭ ଦେଇଥିଲେ। ତେବେ ଦୀପ୍ତିଙ୍କ ଏକ ସିଧାସଳଖ ଥ୍ରୋ'ରେ ମୁନୀବା ୫ଟି ଚୌକା ସହ ୪୧ ରନ୍ କରି ଆଉଟ୍ ହେବା ଫଳରେ ପାକିସ୍ତାନ ଇନିଂସ ବିପର୍ଯ୍ୟୟ ବରଣ କରିଥିଲା। ଅନ୍ତିମ ୪ ୱିକେଟ୍‌ରେ ପାକିସ୍ତାନ ମାତ୍ର ୩୧ ରନ୍ ଯୋଡ଼ିପାରିଥିଲା। ଭାରତ ପକ୍ଷରୁ ଦୀପ୍ତିଙ୍କ ବ୍ୟତୀତ ଶ୍ରୀ ଚରନୀ ୩ଟି ଓ ଶେଫାଳୀ ଗୋଟିଏ ୱିକେଟ୍ ନେଇଥିଲେ। ପ୍ରତିଯୋଗିତାରେ ଭାରତ ତା'ର ଦ୍ୱିତୀୟ ମ୍ୟାଚ୍ ଆସନ୍ତା ୧୭ ତାରିଖରେ ଲିଡ୍ସଠାରେ ନେଦରଲ୍ୟାଣ୍ଡସ୍‌କୁ ଭେଟିବ।

### ସବୁ ସୀମା...

ଅଦିନରେ, ଅତିଥିରେ ରଥ ଗଡ଼ାଉଛି ପୁଣି ବିଶ୍ୱନିୟନ୍ତାଙ୍କୁ ରାସ୍ତାରେ ବସାଇଦେଉଛି। ଜଗନ୍ନାଥ ସଂସ୍କୃତି ଓ ପରମ୍ପରାକୁ ନ ମାନି ମନମାନୀ ଚଳାଇଥିବା ଇସ୍କନ ବିରୋଧରେ ଓଡ଼ିଶାରୁ ଆମେରିକା ଯାଏଁ ଆକ୍ରୋଶ ବଢ଼ିଛି। ବିଦେଶରେ ଯେଉଁଠି ଅଦିନିଆ ରଥଯାତ୍ରା ହେଉଛି ତାକୁ ତୀବ୍ର ବିରୋଧ କରୁଛନ୍ତି ପ୍ରବାସୀ ଓଡ଼ିଆ। ହେଲେ ଇସ୍କନ ସୁଧୁରିବ କ'ଣ, ଓଲଟି ଜବାବ ଦେବାକୁ ସୋସିଆଲ ମିଡିଆ ଆର୍ମିକୁ ଲଗାଇଦେଇଛି। ସୋସିଆଲ୍ ମିଡିଆରେ ଅଦିନିଆ ରଥଯାତ୍ରାକୁ ନେଇ ଆପତ୍ତି ଉଠାଉଥିବା ଓଡ଼ିଆଙ୍କୁ ଖୁଲମଖୁଲ୍ଲା ଅଶ୍ରାବ୍ୟ ଭାଷା ପ୍ରୟୋଗ କରୁଛନ୍ତି ଇସ୍କନ ଅନୁଗାମୀ। ଏମିତି ମାଳ ମାଳ କମେଣ୍ଟ ମାଧ୍ୟମରେ ଟାର୍ଗେଟ୍ କରୁଛନ୍ତି ଇସ୍କନ ଅନୁଗାମୀ।

### ଏସଆଇଆରରେ ସାମିଲ...

ଗ୍ରାମସ୍ଥିତ ନିଜ ବାସଭବନରେ ଭୋଟର ତାଲିକା ସଂଶୋଧନ ପାଇଁ ଉଦ୍ଦିଷ୍ଟ ପରିଗଣନା ଫର୍ମ ପୂରଣ କରିଛନ୍ତି। ରାଇକଳା ବୁଥ୍‌ର ସମ୍ପୃକ୍ତ ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲଓ) ମୁଖ୍ୟମନ୍ତ୍ରୀଙ୍କୁ ଏହି ଫର୍ମ ପ୍ରଦାନ କରିଥିଲେ। କେନ୍ଦୁଝର ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ବିଶାଲ ସିଂହଙ୍କ ପ୍ରତ୍ୟକ୍ଷ ଉପସ୍ଥିତିରେ ଏହି ସମଗ୍ର ପ୍ରକ୍ରିୟାଟି ବେଶ୍ ସୁରୁଖୁରୁରେ ଶେଷ ହୋଇଛି।

### କୁଆଡ଼େ ଗଲା...

ମୁଖ୍ୟମନ୍ତ୍ରୀଙ୍କୁ କହିଛନ୍ତି। ଏଥିସହ ଯେଉଁ ସରକାରୀ ବାବୁ ଓ ପୁଲିସ୍ ବାବୁଙ୍କ ବିରୁଦ୍ଧରେ ଚାମେଲି ଅଭିଯୋଗ କରିଛନ୍ତି, ସେମାନଙ୍କ ବିରୋଧରେ ୪ ଦିନ ହେଲା କୌଣସି ଆକ୍ସନ ହେଉନି। ଚାମେଲି ଆଜି ହସ୍ପିଟାଲ ବେଡରୁ ବିଚାର ବିଭାଗୀୟ ତଦନ୍ତ ଦାବି କରିଛନ୍ତି। କାରଣ ମହାକାଳପଡ଼ା ପୁଲିସ ଉପରେ ତାଙ୍କର ଭରସା ନାହିଁ ବୋଲି କହିଛନ୍ତି। ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଚାମେଲିଙ୍କୁ କଂଗ୍ରେସ, ବିଜେଡି ଓ ଅନ୍ୟ ନେତାମାନେ ଭେଟିବା ପରେ ରାଜ୍ୟ ସରକାର ଏହି ପ୍ରସଙ୍ଗରେ ରିପୋର୍ଟ ମାଗିଥିବା ଆଇନମନ୍ତ୍ରୀ ସୂଚନା ଦେଇଛନ୍ତି। ରିପୋର୍ଟ ପାଇଲା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ଚାମେଲି ମୁଖ୍ୟମନ୍ତ୍ରୀଙ୍କୁ ଲେଖିଥିବା ଚିଠିରେ ମହାକାଳପଡ଼ା ବିଧାୟକଙ୍କ ନାଁ ଉଲ୍ଲେଖ କରିଥିବା ବେଳେ ତାଙ୍କ ହାତରୁ ବ୍ଲକ୍ ପରିସରରେ ମୋବାଇଲ ଛଡ଼ାଉଥିବା ବ୍ୟକ୍ତି ଦୁର୍ଗାଙ୍କ ପାଖଲୋକ ବୋଲି ଜଣାପଡ଼ିଛି। ସେହିଭଳି ଚାମେଲି ଯେଉଁମାନଙ୍କ ନାମରେ ଏଫ୍‌ଆଇଆର ଦେଇଛନ୍ତି, ସେମାନେ ପ୍ରାୟ ସମସ୍ତେ ବିଧାୟକଙ୍କ ପାଖଲୋକ ବୋଲି କୁହାଯାଉଛି। ଚାମେଲି ଘଟଣା ଗତ ଚାରି ଦିନ ଧରି ଗଣମାଧ୍ୟମର ପ୍ରମୁଖ ଖବର ପାଲଟିଥିବା ବେଳେ ବିଜେଡି ଓ କଂଗ୍ରେସ ଏଥିରୁ ଭରପୂର ରାଜନୈତିକ ଫାଇଦା ଉଠାଇବାରେ ଲାଗିଛନ୍ତି। ଡାକ୍ତରଖାନାରେ ଚାମେଲିଙ୍କୁ ଦଳ ଦଳ ହୋଇ ଭେଟିବା ସହ ଗଣମାଧ୍ୟମରେ ସରକାରଙ୍କୁ ଜୋରଦାର ସମାଲୋଚନା କରୁଛନ୍ତି। ଯଦିଓ ଚାମେଲି ନିଜକୁ ବିଜେପିର କର୍ମୀ ବୋଲି ଉଲ୍ଲେଖ କରିବା ସହ ମୁଖ୍ୟମନ୍ତ୍ରୀ, ବିଧାୟକଙ୍କ ସହ ତାଙ୍କର ଫଟୋ ଛାଡ଼ିଛନ୍ତି, କିନ୍ତୁ ବିଜେପି ପକ୍ଷରୁ ତାଙ୍କ ସପକ୍ଷରେ ସେଭଳି ପ୍ରତିକ୍ରିୟା ପ୍ରକାଶ ପାଉନାହିଁ। ସ୍ୱାସ୍ଥ୍ୟମନ୍ତ୍ରୀ ବର୍ତ୍ତମାନ ସୁଦ୍ଧା ଚାମେଲିଙ୍କ ଚିକିତ୍ସା ବାବଦରେ କୌଣସି ମନ୍ତବ୍ୟ ଦେଇନାହାନ୍ତି। ବିଡ଼ମ୍ବନା ହେଉଛି, ଚାମେଲିଙ୍କୁ ଗତକାଲି କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟରେ ରାତି ୧୦ଟା ପର୍ଯ୍ୟନ୍ତ ବେଡ୍ ମିଳି ନ ଥିଲା। ତାଙ୍କୁ ତଳେ ପକେଇ ଦିଆଯାଇଥିଲା। ବିଜେଡି ନେତାଙ୍କ ହସ୍ତକ୍ଷେପ ପରେ ରାତିରେ ତାଙ୍କୁ ୧୫ ନମ୍ବର କ୍ୟାବିନକୁ ସ୍ଥାନାନ୍ତର କରାଯାଇଥିଲା।

### ପଦାକୁ ଆସିଲା...

ଅନୁଯାୟୀ, ଇରାନ ବାଣିଜ୍ୟିକ ଜାହାଜ ଚଳାଚଳ ପାଇଁ ହର୍ମୁଜ ଜଳପଥକୁ ମୁକ୍ତ କରିବ ଓ ଆମେରିକା ଇରାନ ଉପରେ ଲାଗୁ କରିଥିବା ନୌପଥ ଅବରୋଧକୁ ଉଠାଇନେବ। ଉଚ୍ଚ-ସମୃଦ୍ଧ ୟୁରାନିୟମ୍ ଭଣ୍ଡାରକୁ ଇରାନ୍ ନିଜ ଦେଶ ଭିତରେ ନଷ୍ଟ କରିଦେବ ବୋଲି ଆମେରିକା ଅନୁମତି ଦେଇଛି ବୋଲି ଅଧିକାରୀ ଜଣକ ଜଣାଇଛନ୍ତି। ଦିନେ ଦୁଇଦିନ ମଧ୍ୟରେ ରାଜିନାମା ସ୍ୱାକ୍ଷରିତ ହୋଇଯିବ ୱାଶିଂଟନ ୮୦%ରୁ ୮୫% ନିଶ୍ଚିତ ଅଛି ବୋଲି ଆମେରିକାର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

### ସୁରକ୍ଷା ବାହିନୀକୁ...

ତେବେ ମୋଷ୍ଟ ୱାଣ୍ଟେଡ୍ ମାଓନେତା ନିଖିଲ୍ ଓ ଇନ୍ଦୁଙ୍କଠାରୁ ମିଳିଥିବା ସୂଚନା ଆଧାରରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିବା ବେଳେ ଆମ୍ବାଦୋଳା ଥାନାଞ୍ଚଳରେ ମଧ୍ୟ ଚଢ଼ାଉ କରାଯାଇଥିଲା। ତେବେ ଚଢ଼ାଉ ସମୟରେ ଏସବୁ ସାମଗ୍ରୀକୁ ଯବାନମାନେ ଜବତ କରିଛନ୍ତି ବୋଲି ରାୟଗଡ଼ା ଏସ୍‌ପି ରାଜ୍ ପ୍ରସାଦ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

## ମାଟି ମା'ର ଡାକ

# ପ୍ରସ୍ତାବିତ ଅସ୍ତରଙ୍ଗ ବନ୍ଦରକୁ ବିରୋଧ

**ପ୍ରଭାବିତ ହେବ ୨ ହଜାର ଏକର ଭୂମି, ୧୨ ହଜାର ପରିବାର**



କାକଟପୁର/ଅସ୍ତରଙ୍ଗ,୧୪।୬ (ସଂଚାର ବ୍ୟୁରୋ): ସରକାର କହୁଛି ବିକାଶ, କିନ୍ତୁ ପୁରୀ ଜିଲ୍ଲା ଅସ୍ତରଙ୍ଗର ୧୫ଟି ପଞ୍ଚାୟତର ଲୋକେ କହୁଛନ୍ତି ବନ୍ଦର ହେଲେ ଜୀବନ ଜୀବିକା ପ୍ରଭାବିତ ହେବ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଧୀନ ଜାହାନିଆ, ଅସ୍ତରଙ୍ଗ ବ୍ଲକ ପଡିଆ, ସୁନ୍ଦର ହାଇସ୍କୁଲ ପରିସରରେ ଅଞ୍ଚଳରେ ପ୍ରସ୍ତାବିତ ବନ୍ଦର ପ୍ରକଳ୍ପକୁ ନେଇ ଅନୁଷ୍ଠିତ ଜନଶୁଣାଣୀରେ ସ୍ଥାନୀୟ ଲୋକେ ତୀବ୍ର ବିରୋଧ କରିଥିଲେ। ପ୍ରଶାସନିକ ତଥ୍ୟ ଅନୁଯାୟୀ ଏହି ପ୍ରକଳ୍ପ ପାଇଁ ପ୍ରାୟ ୨ହଜାର ଏକର ଉପକୂଳ ଭୂମି ଅଧିଗ୍ରହଣ କରାଯିବ। ଏଥିରେ ପ୍ରତ୍ୟକ୍ଷ ଭାବେ ପ୍ରାୟ ୧୨ ହଜାର ପରିବାର ପ୍ରଭାବିତ ହେବେ।

ଅସ୍ତରଙ୍ଗ ଅଞ୍ଚଳର ଅର୍ଥନୀତି ତିନୋଟି ସ୍ତମ୍ଭ ଉପରେ ଠିଆ - ଧାନ, ପାନ ଓ ମୀନ। ଜିଲ୍ଲା କୃଷି ବିଭାଗର ୨୦୨୪-୨୫ ରିପୋର୍ଟ ଅନୁଯାୟୀ ଏଠାରେ ବର୍ଷକୁ ପ୍ରାୟ ୧.୮ ଲକ୍ଷ ମେଟ୍ରିକ ଟନ ଧାନ ଉତ୍ପାଦନ ହୁଏ। ପ୍ରାୟ ୭ହଜାର ହେକ୍ଟର ଜମିରେ ପାନ ଚାଷ ହେଉଛି, ଯାହାର ବାର୍ଷିକ ବ୍ୟବସାୟ କୋଟି କୋଟି ଟଙ୍କା। ମତ୍ସ୍ୟ ବିଭାଗ ତଥ୍ୟ କହୁଛି, ଅସ୍ତରଙ୍ଗ ତଟରୁ ପ୍ରାୟ ୫୨୦୦ ମତ୍ସ୍ୟଜୀବୀ ପରିବାର ପ୍ରତ୍ୟକ୍ଷ ଭାବେ ଜୀବିକା ନିର୍ବାହ କରୁଛନ୍ତି। ବର୍ଷକୁ ପ୍ରାୟ ୩୫ ହଜାର ଟନ ମାଛ ଧରାପଡୁଛି।

ପରିବେଶ ମୂଲ୍ୟାଙ୍କନ ରିପୋର୍ଟ କହୁଛି, ପ୍ରକଳ୍ପ ପାଇଁ ପ୍ରାୟ ୧. ୨ ଲକ୍ଷ ଗଛ କଟାଯିବ, ଯାହା ପ୍ରାକୃତିକ ବନ୍ୟାପ୍ରତିରୋଧକ। ୧୯୯୯ ମହାବାତ୍ୟା ପରେ ଏହି ଜଙ୍ଗଲ ହିଁ ଅସ୍ତରଙ୍ଗକୁ ରକ୍ଷା କରିଥିଲା।

ଅସ୍ତରଙ୍ଗ ବ୍ଲକ ପଡିଆରେ ଶହ ଶହ ଚାଷୀ ହାତରେ ଧାନ ମୁଠା ଧରି କହିଲେ, "କ୍ଷତିପୂରଣ ଟଙ୍କା ମାଟିର ସୁଗନ୍ଧ କିଣିପାରିବ ନାହିଁ।" ବିକାଶ ଦରକାର, କିନ୍ତୁ ଜନବିରୋଧୀ ବିକାଶ କେତେଦୂର ଗ୍ରହଣୀୟ? ଅନ୍ୟ ପକ୍ଷରେ ପ୍ରଶାସନ କହିଛି, ବନ୍ଦର ହେଲେ ଅଂଚଳରେ ରୋଜଗାର ସୃଷ୍ଟି ହେବ ଓ ବିକାଶ ତ୍ୱରାନ୍ୱିତ ହେବ। କ୍ଷତିପୂରଣ ପାଇଁ ଯଥାଯଥ ବ୍ୟବସ୍ଥା କରାଯିବ।

## ଚାମେଲିଙ୍କୁ ନ୍ୟାୟ ପାଇଁ ଜିଲ୍ଲାପାଳଙ୍କୁ ଭେଟିଲା ବିଜେଡି

# କେନ୍ଦ୍ରାପଡ଼ା ଜିଲ୍ଲା କର୍ମବୀରର ମାଟି ଆଜି ବଦନାମ୍: ଇପ୍ସିତା

**ଚାମେଲିଙ୍କ ନାମରେ ରହିଛି ୧୧ ମାମଲା: ଏସ୍‌ପି**



କେନ୍ଦ୍ରାପଡ଼ା,୧୪।୬ (ସଂଚାର ବ୍ୟୁରୋ):କେନ୍ଦ୍ରାପଡ଼ା ଜିଲ୍ଲା କର୍ମବୀରର ମାଟି କେବେ ବଦନାମ୍ ହୋଇନଥିଲା ଆଜି କିନ୍ତୁ ଜଣେ ମହିଳା ଜନପ୍ରତିନିଧିଙ୍କ ପାଇଁ ବଦନାମ୍ ହୋଇଛି। ଶାସକ ଦଳ ବା ପ୍ରଶାସନ ଏହି ବଦନାମରେ ମୁଖ୍ୟ ଭୂମିକା ସାଜିଛନ୍ତି । ଆଜି କେନ୍ଦ୍ରାପଡ଼ା ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ସରପଞ୍ଚ ଚାମେଲି ଓଝାଙ୍କୁ ଭେଟିବା ସହିତ ଏଭଳି ମତ ଗଣମାଧ୍ୟମ ସାମ୍ନାରେ କହିଛନ୍ତି । ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ତିଖିରୀ ପଞ୍ଚାୟତର ସରପଞ୍ଚ ଚାମେଲି ଓଝାଙ୍କୁ ନ୍ୟାୟ ଦାବି କରି ବିଜେଡିର ଏକ ପ୍ରତିନିଧି ଦଳ ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କୁ ଭେଟିଥିବା ବେଳେ ଚାମେଲିଙ୍କ ନାମରେ ୧୧ ମାମଲା ରହିଛି ବୋଲି ଏନେଇ ଏସପି ସୂଚନା ଦେଇଛନ୍ତି ।

ବିଜେଡି ପ୍ରତିନିଧି ଦଳ ଜିଲ୍ଲା ମହିଳା ସଭାନେତ୍ରୀ ସରିତା ସାହୁଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କୁ ଭେଟି ନ୍ୟାୟ ଭିକ୍ଷା କରିଛନ୍ତି । ଏହି ପ୍ରତିନିଧି ମଣ୍ଡଳୀରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ବିଜେଡି ଛାତ୍ର ସଭାନେତ୍ରୀ ଇପସିତା ସାହୁ, ଜିଲ୍ଲା ବିଜେଡି ସଭାପତି ଶିବ ପ୍ରସାଦ ଭଳ, ଜିଲ୍ଲା ଯୁବ ବିଜେଡି ସଭାପତି ରାଜେଶ ଦାସ, ଜ୍ୟୋତିର୍ମୟୀ ପରିଡ଼ା, ପଟ୍ଟାମୁଣ୍ଡାଇର ବିଜେଡି ନେତ୍ରୀ ରିଜୱାନା ବେଗମ ପ୍ରମୁଖ ଯାଇ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ । ଏଥିସହ ଏସପିଙ୍କୁ ମଧ୍ୟ ଏହି ଦଳ ଭେଟି ଚାମେଲିଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ଦାବି କରିଛନ୍ତି ।

ଅପରପକ୍ଷରେ ଏସପି କହିଛନ୍ତି ଚମେଲିଙ୍କ ନାମରେ ୧୧ଟି ମାମଲା ରହିଛି। ୯ଟି ମାମଲା ମାର୍ଶାଘାଇ ଥାନାରେ ରହିଥିବା ବେଳେ ନିକଟରେ ୨ଟି ମାମଲା ମହାକାଳପଡ଼ା ଥାନାରେ ରୁଜୁ ହୋଇଛି। ମାର୍ଶାଘାଇ ଥାନାରେ ୨୦୧୬ ମସିହାରୁ ୨୦୨୫ ମଧ୍ୟରେ ୯ଟି ମାମଲା ରୁଜୁ ହୋଇଛି। ସେହିପରି ନିକଟରେ ମହାକାଳପଡ଼ା ଥାନାରେ ୨ଟି ମାମଲା ରୁଜୁ ହୋଇଛି ବୋଲି ଏସପି ସୂଚନା ଦେଇଛନ୍ତି। ଏହି ମାମଲା ଗୁଡିକ ମଧ୍ୟରେ ରହିଛି ସରକାରୀ ଅଧିକାରୀଙ୍କୁ ଦୁର୍ବ୍ୟବହାର କରିବା, ଗାଳିଗୁଲଜ କରିବା, ନିଜ ପଞ୍ଚାୟତରେ ଦଙ୍ଗା ସୃଷ୍ଟି କରିବା ପାଇଁ ଉସ୍‌କାଇବା ଇତ୍ୟାଦି ।

ମହାକାଳପଡ଼ା ଥାନାଧିକାରୀଙ୍କ ସୂଚନା ଅନୁଯାୟୀ ମହାକାଳପଡ଼ା ଥାନାରେ ୧୭୦/୨୦୨୬ ଓ ୧୭୧/୨୦୨୬ ରୁଜୁ ହୋଇ ଘଟଣାର ତଦନ୍ତ ଚାଲିଛି । ଏହି ସମସ୍ତ ମାମଲାର ଚାର୍ଜସିଟ ହୋଇଛି ବୋଲି ଏସପି ଶ୍ରୀ କଟାରିଆ ସୂଚନା ଦେଇଛନ୍ତି। କିନ୍ତୁ ସବୁଠୁ ବଡ଼ ପ୍ରଶ୍ନ କି ସରପଞ୍ଚ ଚାମେଲି ଙ୍କ ଅଭିଯୋଗ ଆଧାରରେ ଏପର୍ଯ୍ୟନ୍ତ କୌଣସି ବ୍ୟକ୍ତିଙ୍କୁ ଗିରଫ କରାଯାଇନାହିଁ । ଥାନାକୁ ଯାଇଥିବା ସମୟର ସିସିଟିଭି ଭିଡିଓ ପୁଲିସ୍ ସାର୍ବଜନୀନ କରିଥିବା ବେଳେ ପୁଲିସ ସବ୍ ଇନ୍ସପେକ୍ଟର କରିଥିବା ଅଭିଯୋଗ ସମୟର କୌଣସି ଫୁଟେଜ ସାମ୍ନାକୁ ଆସିପାରିନାହି ଯାହାକୁ ନେଇ କେନ୍ଦ୍ରାପଡା ଜିଲ୍ଲାର ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚି ସୃଷ୍ଟି ହୋଇଛି।

## ପୋଖରୀରେ ବୁଡ଼ି ଶିଶୁ କନ୍ୟା ମୃତ

ନୀଳଗିରି,୧୪।୬ (ସଂଚାର ବ୍ୟୁରୋ): ଆଜି ନୀଳଗିରି ଥାନା କାହାଳିଆ ୧୧ ନମ୍ବର ୱାର୍ଡ଼ ପଣ୍ଡା ଅଫିସ ଗାଁର ଟୁନା ସିଂ ଓ ରୁନା ସିଂଙ୍କ ୪ ବର୍ଷର ଶିଶୁ କନ୍ୟା ମେଘନା ସିଂ ପୂର୍ବାହ୍ନ ପ୍ରାୟ ୧୦.୩୦ ମିନିଟ ସମୟରେ ବାପା ମାଆଙ୍କ ଅଗୋଚରରେ ସାଙ୍ଗ ସାଥୀ ମେଳରେ ଘର ପଛ ଗାଡିଆକୁ ଗାଧୋଇବାକୁ ଯାଇଥିଲେ। ସମସ୍ତ ସାଙ୍ଗ ଗାଧୋଇ ସାରି ଘରକୁ ଫେରିଥିଲେ। କିଛି ସମୟ ପରେ ମେଘନାକୁ ନ ପାଇ ବାପା ମାଆ ଚାରିଆଡେ ଖୋଜାଖୋଜି କରିଥିଲେ। ଶେଷରେ ଗାଡିଆକୁ ଯାଇ ଦେଖିବା ବେଳକୁ ପାଣିରେ ଭାସୁଥିବାର ଦେଖିବାକୁ ପାଇଥିଲେ। ଗାଡିଆରୁ ଉଦ୍ଧାର କରି ନୀଳଗିରି ମେଡିକାଲକୁ ଆଣିଥିଲେ ସୁଦ୍ଧା ସେଠାରେ ଡାକ୍ତର ମେଘନାକୁ ମୃତ ଘୋଷଣା କରିଥିଲେ।

## କଦଳୀ ଗଛ ମୂଳରେ ପଡ଼ିଥିବା ନବଜାତ ଶିଶୁ ଉଦ୍ଧାର କଲା ପୁଲିସ

**ଚାଇଲ୍ଡ ଲାଇନ୍‌କୁ ହସ୍ତାନ୍ତର**

କୋରାପୁଟ,୧୪।୬ (ସଂଚାର ବ୍ୟୁରୋ): କଦଳୀ ଗଛ ମୂଳରେ ପଡ଼ିଥିବା ଏକ ନବଜାତ ଶିଶୁର କାନ୍ଦ ଶବ୍ଦ ଆଜି ସକାଳେ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ମାନବିକତାର ଏକ ଉଦାହରଣ ସୃଷ୍ଟି କରି କାକିରିଗୁମା ପୁଲିସ ତୁରନ୍ତ ପଦକ୍ଷେପ ନେଇ ଶିଶୁଟିକୁ ଉଦ୍ଧାର କରିବା ସହ ଚିକିତ୍ସାର ବ୍ୟବସ୍ଥା କରିଛି। ରବିବାର ସକାଳ ପ୍ରାୟ ୯ଟା ସମୟରେ କୋରାପୁଟ୍ ଜିଲ୍ଲା କାକିରିଗୁମା ଥାନା ଅନ୍ତର୍ଗତ ସନ୍ତୋଷୀ କଲୋନୀର ଏକ କଦଳୀ ବଗିଚା ନିକଟରୁ ନବଜାତ ଶିଶୁର କାନ୍ଦ ଶବ୍ଦ ଶୁଣି ସ୍ଥାନୀୟ ଲୋକେ ସେଠାକୁ ଯାଇଥିଲେ। ଗଛ ମୂଳରେ ଏକ ନବଜାତ ଶିଶୁକୁ ପଡ଼ିଥିବା ଦେଖି ସେମାନେ ତୁରନ୍ତ କାକିରିଗୁମା ପୁଲିସକୁ ଖବର ଦେଇଥିଲେ। ସୂଚନା ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶିଶୁଟିକୁ ଉଦ୍ଧାର କରି ପ୍ରଥମେ କାକିରିଗୁମା ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ପରେ ଉନ୍ନତ ଚିକିତ୍ସା ପାଇଁ ତାକୁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଶିଶୁଟିର ଓଜନ ପ୍ରାୟ ୨ କିଲୋ ୪୦୦ ଗ୍ରାମ ଥିବା ଜଣାପଡ଼ିଛି ଏବଂ ବର୍ତ୍ତମାନ ତାର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ସୂଚନା ମିଳିଛି।

ପରବର୍ତ୍ତୀ ସମୟରେ ଶିଶୁଟିକୁ ଚାଇଲ୍ଡ ଲାଇନ୍‌ର ଜିମାରେ ହସ୍ତାନ୍ତର କରାଯାଇଛି। କିଏ ଏବଂ କେଉଁ ପରିସ୍ଥିତିରେ ନବଜାତ ଶିଶୁକୁ ଏଭଳି ଅସହାୟ ଅବସ୍ଥାରେ ଛାଡ଼ି ଯାଇଥିଲେ, ସେନେଇ ପୁଲିସ ତଦନ୍ତ ଆରମ୍ଭ କରିଛି। ଥାନା ଅଧିକାରୀ ସୁଲୋଚନା ପ୍ରଧାନ କହିଛନ୍ତି ଯେ, ଘଟଣାର ସମସ୍ତ ଦିଗକୁ ନେଇ ତଦନ୍ତ କରାଯିବ। ଏହି ଘଟଣା ପୁଣିଥରେ ସମାଜ ସାମ୍ନାରେ ଏକ ବଡ଼ ପ୍ରଶ୍ନ ଛିଡ଼ା କରିଛି। ଜନ୍ମ ପରେ ମାତ୍ର କିଛି ଘଣ୍ଟା ମଧ୍ୟରେ ଏକ ଶିଶୁକୁ କାହିଁକି ଏଭଳି ପରିତ୍ୟକ୍ତ ଅବସ୍ଥାରେ ଛାଡ଼ି ଦିଆଯାଉଛି? ତେବେ ସ୍ଥାନୀୟ ଲୋକଙ୍କ ସଚେତନତା ଓ ପୁଲିସର ତତ୍ପରତା ଯୋଗୁଁ ଏକ ନିରୀହ ଜୀବନ ଆଜି ନୂଆ ଆଶା ପାଇଛି।

## ପାଞ୍ଚଦିନ ହେଲାଣି ବ୍ରାଞ୍ଚ ପୋଷ୍ଟମାଷ୍ଟର ନିଖୋଜ

**ପରିବାର ପକ୍ଷରୁ ଥାନରେ ଏତଲା**



ଆଳି,୧୪।୬(ସଂଚାର ବ୍ୟୁରୋ):ଆଳି ଥାନା ଅନ୍ତର୍ଗତ ପୋଡ଼ାମରାଇ-ଆଳକଣା ପୋଷ୍ଟ ଅଫିସର ବ୍ରାଞ୍ଚ ପୋଷ୍ଟ ମାଷ୍ଟର ପଙ୍କଜ କୁମାର ସାହା ଆଜକୁ ୫ଦିନ ହେବ ନିଖୋଜ ହୋଇଯାଇଥିବା ନେଇ ପରିବାର ଲୋକେ ଆଳି ଥାନାରେ ଏତଲା ଦେଇଛନ୍ତି। ଗତ ୧୦ ତାରିଖ ଦିନ ପଙ୍କଜ ପୋଷ୍ଟ ଅଫିସକୁ ଯାଇ କାମସାରି ଫେରିବା ପରେ ଆଉ ଘରକୁ ଆସିନଥିଲେ। ଘରଲୋକେ ତାଙ୍କୁ ଫୋନ କରିବା ପରେ ମଧ୍ୟ ତାଙ୍କ ମୋବାଇଲ ଫୋନ୍ ସୁଇଚ ଅଫ ଦେଖାଇଥିଲା।ଆଜକୁ ୫ଦିନ ପରେ ମଧ୍ୟ ତାଙ୍କର କୌଣସି ଖୋଜ ଖବର ମିଳିପାରିନାହିଁ।ପଙ୍କଜ ପୋଡ଼ାମରାଇ-ଆଳକଣା ପୋଷ୍ଟ ଅଫିସର ବ୍ରାଞ୍ଚ ପୋଷ୍ଟ ମାଷ୍ଟର କାର୍ଯ୍ୟତୁଲାଇବା ସହ ଅତିରିକ୍ତ ଭାବେ ଆଳି ମୁଖ୍ୟ ପୋଷ୍ଟ ଅଫିସରେ ଆଧାର ସଂଶୋଧନ ଦାୟିତ୍ୱରେ ମଧ୍ୟ ଥିଲେ।ଅନ୍ୟପଟେ ପୁଅ ନିଖୋଜ ହେବା ପରଠାରୁ ଘରେ ଚୁଲି ଜଳୁ ନଥିବାବେଳେ କାନ୍ଦବୋବାଳି ଲାଗିରହିଛି।ଅନ୍ୟପଟେ ପୋଲିସ ଏକ ନିଖୋଜ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।ଏନେଇ ପୋଲିସର ପତିକ୍ରିୟା ମିଳିପାରିନାହିଁ। ହେଲେ ପଙ୍କଜ ନିଖୋଜ ହେବା ପଛର ପ୍ରକୃତ କାରଣ ଜଣାପଡିନାହିଁ।

## ଛବିବାଳା ମେଧାବୃତ୍ତି ସମ୍ମାନ ସମାରୋହ

# ଏକାଗ୍ରତା ସଫଳତାର ଚାବିକାଠି: ସୁବାସିନୀ



ବାଲିଆପାଳ,୧୪।୬ (ସଂଚାର ବ୍ୟୁରୋ): ଜୀବନରେ ସଫଳ ହେବାକୁ ହେଲେ ୪ଟି ଦିଗ ଗୁରୁତ୍ୱପୂର୍ଣ୍ଣ ସେଗୁଡ଼ିକ ହେଲା; ସକାରାତ୍ମକ ଚିନ୍ତାଧାରା, ଦୃଢ଼ ଇଚ୍ଛାଶକ୍ତି, କଠିନ ପରିଶ୍ରମ ଓ ଈଶ୍ୱର ବିଶ୍ୱାସ। ଏଥିପ୍ରତି ଜଣେ ଯତ୍ନଶୀଳ ହେଲେ ଜୀବନରେ ସଫଳତା ମିଳିବା ସୁନିଶ୍ଚିତ। ତେବେ ଏଥିପାଇଁ ଏକାଗ୍ରତା ଜରୁରୀ ବୋଲି ଆଜି 'ସୁବର୍ଣ୍ଣ ସମ୍ପର୍କ' ଓ 'ଛବିବାଳା ଟ୍ରଷ୍ଟ ପକ୍ଷରୁ ଆୟୋଜିତ 'ଛବିବାଳା ମେଧାବୃତ୍ତି ସମ୍ମାନ' କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ମତବ୍ୟକ୍ତ କରିଛନ୍ତି ବସ୍ତା ବିଧାୟିକା ସୁବାସିନୀ ଜେନା।

ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ୍ ଛକସ୍ଥିତ ଶୁଭମ ଗେଷ୍ଟ ହାଉସ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ 'ସୁବର୍ଣ୍ଣ ସମ୍ପର୍କ'ର ସଭାପତିପ୍ରଫେସର ଡକ୍ଟର ମୃତ୍ୟୁଞ୍ଜୟ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ତ୍ତ ବିଭାଗ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ମାନସ ରଞ୍ଜନ ସେଠୀ ଯୋଗଦେଇ ପିତାମାତାଙ୍କ ପ୍ରତି ତଥା ଈଶ୍ୱର ବିଶ୍ୱାସୀ ଓ କର୍ମ ପ୍ରବଣ ତା କର୍ତ୍ତବ୍ୟ ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଫେସର କେଦାର ନାଥ ମହାନ୍ତି ଯୋଗଦେଇ ମାଟି ପାଇଁ ଅନୁରକ୍ତି ଥିଲେ ଜୀବନରେ ସଫଳତା ପଛରେ ଦୌଡିବାକୁ ପଡିବ ନାହିଁ ବରଂ ସଫଳତା ତୁମ ପଛରେ ଗୋଡ଼ାଇବ ବୋଲି କହିଥିଲେ।

ସୁବର୍ଣ୍ଣ ସମ୍ପର୍କର ଆବାହକ ସମାଜସେବୀ ସଞ୍ଜୟ କୁମାର ପାତ୍ର ଏହି କାର୍ଯ୍ୟକ୍ରମ ର ସଂଯୋଜନା କରି କହିଲେ, 'ଛବିବାଳା ଟ୍ରଷ୍ଟ ବିଶିଷ୍ଟ ହୃଦ୍‌ରୋଗ ବିଶେଷଜ୍ଞ ଡାକ୍ତର ଦାସଙ୍କ ଦିବଂଗତ ମାଆ ଛବିବାଳା ଦାସଙ୍କ ସ୍ମୃତିରେ ଗଠନ କରାଯାଇଛି। ଯାହା ଗରିବ ଓ ମେଧାବୀ ଛାତ୍ରଛାତ୍ରୀଙ୍କ ଉଚ୍ଚଶିକ୍ଷା ପାଇଁ ସହାୟତା ପ୍ରଦାନ କରିଆସୁଛି।

ଏହି ଅବସରରେ ବାଲିଆପାଳ ବ୍ଲକ୍‌ରେ ମାଟ୍ରିକ୍ ପରୀକ୍ଷାରେ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବା ୪୩ ଜଣ ଛାତ୍ରଛାତ୍ରୀ ଓ ସେମାନଙ୍କ ପ୍ରଧାନଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## କୈବର୍ତ୍ତ ମହାସଭା ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଏବଂ ନିଃଶୁଳ୍କ ସ୍ୱାସ୍ଥ୍ୟସେବା




ମାର୍ଶାଘାଇ, ୧୪।୬ (ସଂଚାର ବ୍ୟୁରୋ): ମାର୍ଶାଘାଇ ଥାନା ଅଧୀନ ତିଖିରୀ ସେବାଶ୍ରମ ସ୍କୁଲ ପରିସରରେ ନିଖିଳ ଓଡିଶା କୈବର୍ତ୍ତ ମହାସଭା ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଏବଂ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର ରବିବାର ଆୟୋଜିତ ହୋଇଥିଲା । ଏହି ଶିବିରରେ ୩୦ୟୁନିଟ ରକ୍ତ ସଂଗ୍ରହ କରାଯିବା ସହିତ ୨୬୦ ଜଣ ରୋଗୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା, ପରାମର୍ଶ ଏବଂ ମାଗଣାରେ ଔଷଧ ବିତରଣ କରାଯାଇଥିଲା । କୈବର୍ତ୍ତ ମହାସଭାର ରାଜ୍ୟ ସଭାପତି ଡ଼ ଦେବେନ୍ଦ୍ର ବେହେରା, କେନ୍ଦ୍ରାପଡ଼ା ଜିଲ୍ଲା ସଭାପତି ରଂଜନ କୁମାର ବେହେରା, ରାଜ୍ୟ ଉପ ସଭାପତି ବିଷ୍ଣୁ ଚରଣ ବେହେରା ଏବଂ ସେବାଶ୍ରମର ପ୍ରଧାନ ଶିକ୍ଷକ ସୌମେନ୍ଦ୍ର ଦାସ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ । କୈବର୍ତ୍ତ ମହାସଭାର ଜିଲ୍ଲା ସମ୍ପାଦକ ନାରାୟଣ ବେହେରା, କାର୍ଯ୍ୟକାରୀ ସଭାପତି ରାଜକିଶୋର ମହାପାତ୍ର, ସ୍ୱେଚ୍ଛାସେବୀ କିଶୋର ମହାରଣା, ନିର୍ମଳ ମହାନ୍ତି, ନିଲୁ, ବାପି ପାର୍ବତୀ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ଡେରାବିଶର ପୁରପଲ୍ଲୀରେ ରଜ ଉତ୍ସବ



ଡେରାବିଶ,୧୪।୬(ସଂଚାର ବ୍ୟୁରୋ): ଓଡ଼ିଶାରେ କୃଷିଭିତ୍ତିକ ଗଣପର୍ବ ଭାବେ ପାଳନ କରାଯାଇଥିବା ରଜପର୍ବ ଡେରାବିଶ ବ୍ଲକ୍‌ର ପୁରପଲ୍ଲୀରେ ଆନନ୍ଦ ଉଲ୍ଲାସର ସହ ପାଳନ ହେଉଛି। ରଜ ଉପଲକ୍ଷେ ବ୍ଲକ୍‌ର ପ୍ରତ୍ୟେକ ଗାଁ ଦାଣ୍ଡରେ ଉତ୍ସବର ମାହୋଲ ସୃଷ୍ଟି ହୋଇଛି। ଉଚ୍ଚଦୋଳି ସହ ଗାଁ ଦାଣ୍ଡରେ ତାସ ଖେଳର ଆସର ମଧ୍ୟ ଦେଖିବାକୁ ମିଳିଛି। ଚଳିତ ବର୍ଷ ପାଗ ଅନୁକୂଳ ରହିଛି ପ୍ରଥମ ଦିନ ପହିଲି ରଜ ରେ ପିଲା ଓ ଯୁବତୀମାନେ ରଜ ଉତ୍ସବ ପାଳନ କରିଥିଲେ। ସେହିପରି ଘରେ ଘରେ ସ୍ୱାଦିଷ୍ଟ ପିଠାପଣା କରାଯାଇଥିଲା ବେଳେ ସକାଳୁ ପିଲା ଓ ଯୁବତୀମାନେ ନୂଆ ବସ୍ତ୍ର ପରିଧାନ କରି ଗାଁ ଦାଣ୍ଡରେ ବୁଲି ରଜ ଦୋଳି, ପୁଚି ଆଦି ଖେଳର ମଜା ନେଇଥିଲେ । ସେହିପରି ଯୁବକମାନେ ଭୋଜିଭାତର ଆସର ସହ କେତେକ ସ୍ଥାନରେ କବାଡି ଖେଳରେ ସାମିଲ ହୋଇଥିବା ଦେଖାଯାଇଛି। ଦାନପୁର, ମୁକୁନ୍ଦପୁର,ପଲେଇ, ଠାକୁରହାଟ ଓ ନରସିଂହପୁର ପଂଚାୟତ ବେଲରପା ଗ୍ରାମ ସମେତ ଅନ୍ୟ କେତେକ ସ୍ଥାନରେ ରାଜା ଉତ୍ସବ ପାଳନ କରାଯାଉଛି । ଏହି ଅବସରରେ ଯୁବତୀ ଓ ମହିଳାମାନଙ୍କ ମଧ୍ୟରେ ପୁଚି , ଦୌଡ଼ିଡ଼ିଆ,ଦୋଳି , ପାନ ଭଙ୍ଗା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ରଜ ପର୍ବ ଅବସର ରେ ବିଭିନ୍ନ ନାମଯଜ୍ଞ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ମଧ୍ୟ ଆୟୋଜନ କରାଯାଉଛି।

## ବିଶ୍ୱ ରକ୍ତଦାତା ଦିବସରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

**୬୫ ୟୁନିଟ୍ ରକ୍ତ ସଂଗ୍ରହ**



ଫୁଲବାଣୀ,୧୪।୬ (ସଂଚାର ବ୍ୟୁରୋ): ବିଶ୍ୱ ରକ୍ତଦାତା ଦିବସ ଅବସରରେ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବାଲିଗୁଡ଼ାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ "ବିପଦର ବନ୍ଧୁ"ର ସମସ୍ତ ସଦସ୍ୟ, ସଦସ୍ୟା ପୂର୍ଣ୍ଣ ସହଯୋଗ କରିବା ସହ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ସ୍ଥାନୀୟ ବିଏସ୍‌ଏଫ ଜବାନ, ଉପଖଣ୍ଡ ଚିକିତ୍ସାଳୟରେ କାର୍ଯ୍ୟରତ ଡାକ୍ତର, କର୍ମଚାରୀଙ୍କ ସମେତ ଅଞ୍ଚଳର ବହୁ ଯୁବକ ଯୁବତୀ ଏଥିରେ ସାମିଲ ହୋଇ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ।

ଏହି ଶିବିରରେ ସମୁଦାୟ ୬୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବା ଜଣାପଡ଼ିଛି । ସବୁବେଳେ ଆବଶ୍ୟକ ରୋଗୀଙ୍କୁ ରକ୍ତଦାନ କରି ଲୋକଙ୍କ ଜୀବନ ବଞ୍ଚାଉଥିବା ବିପଦର ବନ୍ଧୁ ସଙ୍ଗଠନର ସଦସ୍ୟ, ସଦସ୍ୟା ମାନଙ୍କୁ ଉତ୍ସାହିତ କରିବା ପାଇଁ ଉପଖଣ୍ଡ ଚିକିତ୍ସାଳୟ ପକ୍ଷରୁ ସମ୍ମାନିତ କରିବା ସହ ମାନପତ୍ର ଦିଆଯାଇଛି।

ଅନ୍ୟପଟେ ବିପଦର ବନ୍ଧୁ ସଙ୍ଗଠନର ସଦସ୍ୟ, ସଦସ୍ୟା ଆମକୁ ସବୁବେଳେ ସହଯୋଗ କରିବା ସହ ସ୍ୱେଚ୍ଛାକୃତ ଭାବେ ରୋଗୀଙ୍କୁ ରକ୍ତଦାନ କରୁଛନ୍ତି ଆମେ ସେମାନଙ୍କୁ ସାଧୁବାଦ ଜଣାଇବା ସହ ଆଗାମୀ ଦିନରେ ମଧ୍ୟ ତାଙ୍କ ସହଯୋଗ କାମନା କରୁଛୁ ବୋଲି ଉପଖଣ୍ଡ ଚିକିତ୍ସାଳୟର ଡାକ୍ତର ଏସ୍. ରାମ ପାତ୍ର ପ୍ରକାଶ କରିଛନ୍ତି ।

# ବଡ଼ସାହି ନିର୍ବାଚନମଣ୍ଡଳୀରେ ଏସ୍‌ଆଇଆର୍ କାର୍ଯ୍ୟର ଅଗ୍ରଗତି ସମୀକ୍ଷା

**ସଫଳ ବିଏଲ୍‌ଓ ସମ୍ବର୍ଦ୍ଧିତ**




ବାରିପଦା, ୧୪।୬ (ସଂଚାର ବ୍ୟୁରୋ): ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ- ୨୦୨୬ ଅଧୀନରେ ବଡ଼ସାହି ନିର୍ବାଚନ ମଣ୍ଡଳୀର ଏନ୍ୟୁମେରେସନ୍ ଫର୍ମ ଡିଜିଟାଇଜେସନ୍ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିବା ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ବାରିପଦା ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ବଡ଼ସାହି ଦୁଃଖବନ୍ଧୁ ନାୟକ ବେତନଟୀ ବ୍ଲକ ପରିଦର୍ଶନ କରିଥିଲେ । ପରିଦର୍ଶନ ସମୟରେ ଶ୍ରୀ ନାୟକ ଏସ୍‌ଆଇଆର୍-୨୦୨୬ ଅଧୀନରେ ଏନ୍ୟୁମେରେସନ୍ ଫର୍ମ ଡିଜିଟାଇଜେସନ୍ କାର୍ଯ୍ୟର ସାମଗ୍ରିକ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବା ସହ ବିଏଲ୍‌ଓମାନଙ୍କ ଦ୍ୱାରା କରାଯାଉଥିବା କାର୍ଯ୍ୟର ଗୁଣାତ୍ମକ ଦିଗ ଉପରେ ଗୁରୁତ୍ୱାରୋପ କରିଥିଲେ।

ଏହି ଅବସରରେ ନିର୍ଦ୍ଧାରିତ ସମୟର ବହୁ ପୂର୍ବରୁ ଏନ୍ୟୁମେରେସନ୍ ଫର୍ମର ୧୦୦ ପ୍ରତିଶତ ଡିଜିଟାଇଜେସନ୍ କାର୍ଯ୍ୟ ସଫଳତାର ସହ ସମ୍ପନ୍ନ କରିଥିବା ବୁଥ୍ ନମ୍ବର- ୨୧୯ର ବିଏଲ୍‌ଓ ପ୍ରଫୁଲ୍ଲ କୁମାର ଦାସ ଏବଂ ବୁଥ୍ ନମ୍ବର- ୨୨୪ର ବିଏଲ୍‌ଓ ଅନ୍ନପୂର୍ଣ୍ଣା ଦାସବାବୁଙ୍କୁ ପ୍ରଶଂସାପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ସେମାନଙ୍କର ନିଷ୍ଠା, କର୍ତ୍ତବ୍ୟ ପରାୟଣତା ଏବଂ ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା ଅନ୍ୟ ବିଏଲ୍‌ଓମାନଙ୍କ ପାଇଁ ପ୍ରେରଣାଦାୟକ ବୋଲି ଶ୍ରୀ ନାୟକ ମତବ୍ୟକ୍ତ କରିଥିଲେ।

# କେନ୍ଦ୍ର ସରକାରଙ୍କ ୧୨ ବର୍ଷ ଓ ରାଜ୍ୟ ସରକାରଙ୍କ ଦ୍ୱିତୀୟ ବର୍ଷ ପୂର୍ତ୍ତି ଉପଲକ୍ଷେ

**ମନ୍ଦିରରେ ୧୦୮ ଦୀପ ପ୍ରଜ୍ୱଳନ କରି ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ସୁସ୍ଥ ନିରାମୟ ଜୀବନ କାମନା**

ବୋରିଗୁମ୍ମା/କୋଟପାଡ଼,୧୪।୬ (ସଂଚାର ବ୍ୟୁରୋ): କୋଟପାଡ଼ରେ ବିଜେପି ତରଫରୁ କେନ୍ଦ୍ର ସରକାରଙ୍କ ୧୨ ବର୍ଷର ଉପଲକ୍ଷେ ଓ ରାଜ୍ୟ ସରକାରଙ୍କ ଦ୍ୱିତୀୟ ବର୍ଷ ପୂର୍ତ୍ତି ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମର ସଫଳ ରୂପାୟନ ସହ ସ୍ୱତନ୍ତ୍ର ସଂଘନ ସଂଶୋଧନ ଉପରେ ବିସ୍ତୃତ ଆଲୋଚନା କୋଟପାଡ଼ ବିଧାୟକ ରୁପୁ ଭତ୍ରାଙ୍କ ସଭାପତିତ୍ୱରେ କୋଟପାଡ଼ ସ୍ଥିତ ବିଜେପି କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ ମୁଖ୍ୟ ଅତିଥିଭାବେ ଉପସ୍ଥିତ ଥିବା ସହ ଦଳୀୟ କର୍ମୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି।

ଏହି କ୍ରମରେ କୋଟପାଡ଼ ନିର୍ବାଚନ ମଣ୍ଡଳୀର ବିଭିନ୍ନ ମନ୍ଦିରରେ ବିଜେପି ନେତା ଓ କର୍ମୀ ଦୀପ ପ୍ରଜ୍ୱଳନ କରି ପୂଜାର୍ଚ୍ଚନା କରିଥିଲେ। କୋଟପାଡ଼ର ଅଧିଷ୍ଠାତ୍ରୀ ଦେବୀ ମା' ମାଉଳିଙ୍କ ନିକଟରେ ବିଜେପି କର୍ମୀଙ୍କ ସହିତ କୋଟପାଡ଼ ବିଧାୟକ ରୁପୁ ଭତରା ଏବଂ ସାଂସଦ ବଳଭଦ୍ର ମାଝୀ ୧୦୮ ପ୍ରଦୀପ ପ୍ରଜ୍ଜ୍ୱଳନ କରି ପ୍ରଧାନମନ୍ତ୍ରୀଙ୍କ ସ୍ୱାସ୍ଥ୍ୟ ଓ ବିଜେପି ସରକାରର ସ୍ଥାୟୀତ୍ୱ, ବିକଶିତ ଭାରତ ଓ ବିକଶିତ ଓଡ଼ିଶାର ସ୍ୱପ୍ନ ଦେଖିଥିବା ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ସୁସ୍ଥ ନିରାମୟ ଜୀବନ କାମନା କରିଥିଲେ। ପରେ ଆଗାମୀ ଦିନରେ କିଭଳି ଭାବରେ ସମାଜର ଅନ୍ତିମ ଧାଡିରେ ଥିବା ଲୋକଙ୍କ ପର୍ଯ୍ୟନ୍ତ ସରକାରଙ୍କ ଜନମଙ୍ଗଳ ଯୋଜନା ପହଞ୍ଚି ପାରିବ ତାହା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା |

# ରାଜ୍ୟରେ ଥମୁନି ଚାମେଲି ତାତି

**ଜିଲ୍ଲାପାଳ ଓ ଏସ୍ପିଙ୍କୁ ଭେଟି ୪ ଦଫା ଦାବିପତ୍ର ଦେଲା ବିଜେଡି**

**ଆଇନ ମନ୍ତ୍ରୀ କହିଲେ ରିପୋର୍ଟ ମଗାଯାଇଛି, ରିପୋର୍ଟ ଆଧାରରେ ହେବ କାର୍ଯ୍ୟାନୁଷ୍ଠାନ**

**ଗଣତନ୍ତ୍ରର ଗାରିମା ଓ ମହିଳାଙ୍କ ସୁରକ୍ଷା ପାଇଁ ଦାବି କଲେ ନବୀନ ପଟ୍ଟନାୟକ**

ମହାକାଳପଡ଼ା,୧୪।୬(ସଂଚାର ବ୍ୟୁରୋ):ତିଖିରି ସରପଞ୍ଚ ଚାମେଲି ଓଝାଙ୍କ ନିଆଁ ଥମିବାର ନାଁ ନେଉନି। ଘଟଣାକୁ ଚାରିଦିନରେ ନୁଆନୁଆ ଘଟଣା ସାମ୍ନାକୁ ଆସିବା ସହିତ ରାଜ୍ୟ ରାଜନୀତିରେ କମ୍ପନ ସୃଷ୍ଟି ହୋଇଛି। ଦୀର୍ଘ ଦିନ ଧରି ନିରବ ଥିବା ଆଇନ ମନ୍ତ୍ରୀ ଏ ଘଟଣାରେ ଆଜି ମୁହଁ ଖୋଲିଛନ୍ତି। ସେ କହିଛନ୍ତି ଯେ ଚାମେଲିଙ୍କ ଖବର ସରକାରଙ୍କ ଦୃଷ୍ଟିକୁ ଆସିଛି। ସରକାରଙ୍କ ତରଫରୁ ସମସ୍ତ ରିପୋର୍ଟ ପୁଲିସ ଓ ପ୍ରଶାସନକୁ ମଗାଯାଇଛି। ରିପୋର୍ଟ ଆଧାରରେ ତଦନ୍ତ କରାଯାଇ ଯେଉଁମାନେ ଦୋଷୀ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଘଟଣାରେ ଆଜି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଚାମେଲିଙ୍କ ଘଟଣାରେ ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ସନ୍ଦେହ ପ୍ରକଟ କରିବା ସହିତ ଘଟଣାକୁ ଦୃଢ଼ ନିନ୍ଦା କରିଛନ୍ତି। ସେ ତାଙ୍କ ନିଜର ଫେସବୁକ ଆକାଉଣ୍ଟରେ ଏହା ଉଲ୍ଲେଖ କରିବା ସହିତ ଗଣତନ୍ତ୍ରର ଗାରିମା ରକ୍ଷା କରିବା ସହିତ ନାରୀମାନଙ୍କ ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ହସ୍ତକ୍ଷେପ କରିବାକୁ ସେ ଉଲ୍ଲେଖ କରିଛନ୍ତି।

ଚାମେଲି ଓଝାଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ତୁଙ୍ଗ ନେତାମାନେ ଭେଟି ରାଜ୍ୟ ସରକାରଙ୍କ ଉପରେ ବର୍ଷୁଛନ୍ତି। ପୂର୍ବରୁ କଂଗ୍ରେସ, ସିଭିଲ ସୋସାଇଟି ଓ ବିଜେପି ନେତା ଡଃ ସୌଭାଗ୍ୟ ପରିଡାଙ୍କ ତରଫରୁ ମହାକାଳପଡ଼ା ଥାନା ଘେରାଉ କରାଯାଇଛି। ପିସିସି ସଭାପତି ଭକ୍ତଚରଣ ଦାସ, ମହିଳା କଂଗ୍ରେସ କମିଟି, ରାଜ୍ୟ ସରପଞ୍ଚ ସଙ୍ଘ, ଅତନୁ ସବ୍ୟସାଚୀ ନାୟକ, ରାଜନଗର ବିଧାୟକ ଧ୍ରୁବ ସାହୁ ମଧ୍ୟ ଚାମେଲିଙ୍କୁ ଭେଟି ନ୍ୟାୟ ଦାବି କରି ପୁଲିସ ଓ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ଆଜି ରାଜ୍ୟ ମହିଳା ବିଜୁ ଜନତା ଦଳ ଓ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଚାମେଲିଙ୍କୁ ଭେଟିବା ସହିତ ଏସ୍ପି ଓ ଜିଲାପାଳଙ୍କୁ ଭେଟି ଏକ ଚାରିଦଫା ଦାବି ପ୍ରଦାନ କରିଛନ୍ତି।

ସବୁଠାରୁ ବଡ଼ କଥା ହେଲା ବିଡ଼ିଓ ଓ ପୁଲିସ ଚାମେଲିଙ୍କ ନାମରେ ଦେଇଥିବା ଅଭିଯୋଗ ଆଧାରରେ ପୁଲିସ ତୁରନ୍ତ ମାମଲା ରୁଜୁ କରି ତାଙ୍କୁ ଗିରଫ କରିଥିଲା ହେଲେ ଚାମେଲି ଦେଇଥିବା ଅଭିଯୋଗକୁ ୪ ଦିନ ପୁରିଥିଲେ ମଧ୍ୟ ପୁଲିସ କିନ୍ତୁ ଅଭିଯୋଗରେ ଦର୍ଶାଯାଇଥିବା ବ୍ୟକ୍ତିଙ୍କ ପାଖରେ ପହଞ୍ଚି ପାରିନି। ସମସ୍ତେ ଶାସକ ଦଳର ବିଧାୟକଙ୍କ ସମର୍ଥକ ହୋଇଥିବାରୁ ପୁଲିସ ହାତ ବାନ୍ଧି ବସି ସେମାନଙ୍କୁ ସୁରକ୍ଷା ଦେଉଛି ବୋଲି ଅଭିଯୋଗ ହେଉଛି। ଜଣେ ଅଞ୍ଚଳର ମହିଳାଙ୍କୁ ନ୍ୟାୟ ପ୍ରଦାନ କରିପାରୁନଥିବାରୁ ଚାମେଲି ମଧ୍ୟ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକଙ୍କ ଇସ୍ତଫା ଦାବି କରିଛନ୍ତି। ପୁଲିସ ତାଙ୍କୁ ମାଡ଼ ମାରିଥିବା ଓ ମେଡିକାଲ୍ ରେ ମାନସିକ ନିର୍ଯ୍ୟାତନା ଦେଉଥିବା ସେ ଅଭିଯୋଗ ଆଣିଛନ୍ତି।

## ବୈକୁଣ୍ଠନାଥ ବାରିକଙ୍କ ପରଲୋକ



ଆଳି,୧୪।୬(ସଂଚାର ବ୍ୟୁରୋ): ଆଳି ବ୍ଲକ ଅନ୍ତର୍ଗତ ସହିରା ପଞ୍ଚାୟତରେ ସୋରିଷଦା ଗ୍ରାମର ବୈକୁଣ୍ଠନାଥ ବାରିକଙ୍କ ଗତକାଲି ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୭୦ ବର୍ଷ ହୋଇଥିଲା। ସେ ଜଣେ ପରୋପକାରୀ, ମିଷ୍ଟଭାଷୀ, ଧର୍ମପରାୟଣ ବ୍ୟକ୍ତି ଓ ଜଗନ୍ନାଥପ୍ରେମୀ ଭାବେ ବେଶ ଜଣାଶୁଣା। ଦୀର୍ଘ ଦିନ ଧରି ଅସୁସ୍ଥ ହୋଇ ଘରେ ରହୁଥିଲେ। ଗତ କିଛିଦିନ ହେବ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧିନ ଥିବାବେଳେ ତାଙ୍କର ପରଲୋକ ହୋଇଥିଲା। ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ସୋରିଷଦା ଗ୍ରାମର ଯୁବ ସମ୍ପ୍ରଦାୟ ଓ ମୁରବିମାନଙ୍କ ସହଯୋଗରେ ଗ୍ରାମପରିକ୍ରମା କରିବା ପରେ ନିଜସ୍ୱ ଶ୍ମଶାନରେ ଶେଷକୃତ୍ୟ ସଂପନ୍ନ କରାଯାଇଥିଲା । ବଡପୁଅ ରାଜକିଶୋର ବାରିକ, ଝିଅ-ଜ୍ୱାଇଁ. ନାତିନାତୁଣୀ ପ୍ରମୁଖ ପରିବାର ସଦସ୍ୟ ଉପସ୍ଥିତ ଥିଲେ ।

## ଚିଡିପାଲ୍ଲୀରେ ବିଜେପି ପକ୍ଷରୁ ପଞ୍ଚାୟତସ୍ତରୀୟ ବୈଠକ



ମାଲକାନଗିରି,୧୪।୬ (ସଂଚାର ବ୍ୟୁରୋ): ଆଜି ମାଲକାନଗିରି ବ୍ଲକ ସିଖପାଲ୍ଲି ମଣ୍ଡଳର ତଣ୍ଡିକି ପଞ୍ଚାୟତର ଚିଡିପାଲ୍ଲୀ ଗ୍ରାମରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ପଞ୍ଚାୟତ ସଶକ୍ତ କରଣ ପାଇଁ ଏକ ଜନ ସମ୍ପର୍କ ଯାତ୍ରା ଅନୁଷ୍ଠିତ ହୋଇଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜୀଙ୍କ ସୁଶାସନର ୧୨ବର୍ଷ ପୂର୍ତ୍ତି ଓ ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଦୁଇ ବର୍ଷର ସୁଶାସନର ସଫଳତାକୁ ନେଇଏହି ବୈଠକ ଅନୁଷ୍ଠିତ ହୋଇଥିଲା।

ମୁଖ୍ୟ ଅତିଥି ଭାବେ ମାଲକାନଗିରି ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ନରସିଂହ ମାଡକାମି ଯୋଗ ଦେଇ ଭାଜପା ସରକାର ତଥା ମୋଦୀଙ୍କ ଦୃଢ଼ ନେତୃତ୍ୱ, ସଂସ୍କାର ଏବଂ ଜନକଲ୍ୟାଣମୂଳକ ନୀତି ଦ୍ୱାରା ୨୦୧୪ ରୁ ୨୦୨୬ ମଧ୍ୟରେ ଭାରତ ବିଭିନ୍ନ କ୍ଷେତ୍ରରେ ଅଭୂତପୂର୍ବ ପ୍ରଗତି ହାସଲ କରିବା ଏବଂ ବିଶେଷ କରି ଗ୍ରାମାଞ୍ଚଳକୁ ପ୍ରାଧାନ୍ୟ ଦେଇ ହୋଇଥିବା ବିଭିନ୍ନ ଜନ କଲ୍ୟାଣ ଯୋଜନା ବିଷୟରେ ଅବଗତ କରାଇଥିଲେ। ଏଥିସହ ଚିଡିପାଲ୍ଲୀ ଗ୍ରାମରେ ଥିବା ବିଭିନ୍ନ ସମସ୍ୟା ବାବଦରେ ଆଲୋଚନା କରିବା ସହ ଅତିଶୀଘ୍ର ଏହି ସବୁ ସମସ୍ୟାର ସମାଧାନ କରିବାକୁ ପ୍ରତିଶୃତି ଦେଇଥିଲେ। ବିଶେଷ କରି ଗ୍ରାମରେ ରହିଥିବା ପାନୀୟ ଜଳ ସମସ୍ୟାକୁ ଅତି ଶୀଘ୍ର ପୂରଣ କରିବାକୁ କାର୍ଯ୍ୟକ୍ରମରେ ପ୍ରତିଶୃତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ୫୦୦ ଉର୍ଦ୍ଧ୍ୱ ଗ୍ରାମବାସୀ ସମବେତ ହୋଇଥିଲେ ।

## ସିଟି salad

### ପାଇଲଟ ଗାଡି ମୋହରେ ସାଂସଦ



ରାଜ୍ୟର ସାଂସଦମାନେ ଏବେ ପାଇଲଟ ଗାଡି ମୋଡ ଛାଡିପାରୁ ନାହାନ୍ତି। ପ୍ରଧାନମନ୍ତ୍ରୀଙ୍କ ରାସ୍ତା ଅନୁସରଣ କରି ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ନିଜ ନିଜର କାରକେଡ ହଟାଇଥିବାବେଳେ ସାଂସଦମାନେ କିନ୍ତୁ ଗାଡି ଆଗରେ ପୁଲିସ୍ ଗାଡି ପଇଁତରା ବ୍ୟବସ୍ଥାରୁ ମୁକୁଳିପାରୁ ନାହାନ୍ତି। ରାଜଧାନୀରେ ଆତଯାତ ହେଉଥିବା ଅନେକ ସାଂସଦଙ୍କ ଗାଡି ଆଗରେ ପୁଲିସ୍ ଗାଡି ରାସ୍ତା କଢେଇ ନେଉଛନ୍ତି। କିଏ ସାଇରନ୍ ମାରି ଯାଉଛି ତ ଆଉ କିଏ ନାଲି ପତାକା ଦେଖାଇ ଲୋକଙ୍କୁ ରାସ୍ତାକଡକୁ ଯିବାକୁ ଇସାରା କରୁଛି। କେତେକ ପାଇଲଟ ଗାଡିତ ଟ୍ରାଫିକର ନାଲିବତୀକୁ ଖାତିର କରୁନାହାନ୍ତି। ତେବେ ଏହି ସାଂସଦମାନେ ଖୋଦ୍ ରାଜଧାନୀରେ ଏଭଳି ଥାଟ ବାଟରେ ଯାଉଥିବାବେଳେ କିଭଳି ଦେଶର ପ୍ରଧାନମନ୍ତ୍ରୀ ଓ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ କଟକଣାକୁ ଭୁଲି ଯାଉଛନ୍ତି ତାହା ଅନେକଙ୍କୁ ଆଶ୍ଚର୍ଯ୍ୟ ଚକିତ କରୁଛି। ସାଂସଦମାନଙ୍କର ଏଭଳି ରଙ୍ଗ ଢଙ୍ଗ ଦେଖି କିଛି ସରକାରୀ ବାବୁ ବି ଗାଡି ମଥାନରୁ ବତୀ କାଢିବାକୁ ମଙ୍ଗୁ ନାହାନ୍ତି। ବିଭିନ୍ନ ବାହାନା କରି ସଞ୍ଜ ହେଲେ ବତୀ ଧପ୍ ଧପ୍ କରି ଯାଉଛନ୍ତି। ବିଲେଇ କେବଳରେ ଘଣ୍ଟି ବାନ୍ଧିଲା ଭଳି ଏମାନଙ୍କୁ କିଏ କହିବ ତାହାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି।

### ଯୋଗାଣ ବାବୁଙ୍କ ପ୍ରତି ଏତେ ଦରଦ କାହିଁକି ?



ପୁରୀ ସହରରେ ରହିଥିବା ଯୋଗାଣ ବିଭାଗର ଜଣେ ବାବୁଙ୍କ ପ୍ରତି ସରକାରୀ କଳ ଯେଭଳି ଦରଦ ପ୍ରଦର୍ଶନ କରୁଛି ତାହା ଏବେ ପୁରୀରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଯୋଗାଣର ବାବୁଙ୍କ ନାଁରେ ମାଳ ମାଳ ଅଭିଯୋଗ। ତଦନ୍ତ ବି ହୋଇଛି। ଅଭିଯୋଗ ମଧ୍ୟରେ ରହିଛି ନିଜ ଦପ୍ତରର ମହିଳା ଅଧିକାରୀଙ୍କ ପ୍ରତି ଅସୌଜନ୍ୟ ବ୍ୟବହାର କରିବା। ଜାଣିଶୁଣି ମହିଳାମାନଙ୍କ ଦେହରେ ହାତ ମାରିବା ଭଳି ସାଂଘାତିକ ଅଭିଯୋଗ। ସେହିଭଳି ପୁରୀ ସହରରେ ବି ମାଳ ମାଳ ନକଲି ରାସନକାର୍ଡ ଦେବାରେ ଏହି ବାବୁଙ୍କର ହାତ ରହିଛି। ବାବୁଙ୍କ ବିରୁଦ୍ଧରେ ଆସିଥିବା ସଙ୍ଗୀନ ଅଭିଯୋଗର ତଦନ୍ତ ବି ହୋଇଛି। ମୁଖ୍ୟ ଶାସନ ସଚିବଙ୍କ ଠାରୁ ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ସବୁଆଡେ ମାଳ ମାଳ ପିଟିସନ। ଏହା ସତ୍ତ୍ୱେ ବି ବାବୁ ପୁରୀରୁ ହଟୁ ନାହାନ୍ତି। ହେଉଥିବା ଆଲୋଚନା ଅନୁଯାୟୀ ଯୋଗାଣ ବାବୁ ଜଣଙ୍କ କୁଆଡେ ପ୍ରସାଦ ଯୋଗାଇବାରେ ଧୂରନ୍ଧର। ପ୍ରତି ସପ୍ତାହରେ ଅବଢା ଧରି ରାଜଧାନୀକୁ ଆସି ବଡବାବୁ ଓ ନେତାଙ୍କ ଘରେ ଯୋଗାଣ କରିଥାନ୍ତି। ସେଥିଲାଗି ବାବୁଙ୍କ କଳା କାରନାମା ପାଇଁ ତାଙ୍କର ବଦଳି କରିବାକୁ ଯେତିକି ଅଭିଯୋଗ ଆସୁଛି ତାହାଠାରୁ ତାଙ୍କ ସପକ୍ଷରେ ଅବଢାଖିଆଙ୍କ ଓକିଲାତି ଅଧିକ ରହୁଛି। ଏହାକୁ ନେଇ ଏବେ ପ୍ରଶାସନ ଚିନ୍ତାରେ ପଡିଥିବାବେଳେ ବାବୁ ଜଣଙ୍କ ଏଠୁ ନହଟିଲେ ତାଙ୍କ ବିରୁଦ୍ଧରେ ଖୁବଶୀଘ୍ର ଜାତି ସାର୍ଟିଫିକେଟ ଜାଲିଆତି ଭଳି ଅଭିଯୋଗ ଆସିବ ଏବଂ ଏହାକୁ ନେଇ କେବଳ ପୁରୀ ପ୍ରଶାସନ ନୁହେଁ, ରାଜ୍ୟ ସରକାର ବି ଅକଳରେ ପଡିବେ ବୋଲି ଖୋଦ ବାବୁଙ୍କ ଦପ୍ତରର ତଳିଆ କର୍ମଚାରୀମାନେ ଆଲୋଚନା କରୁଛନ୍ତି।

### ଆସନ ନପାଇ ବାବୁ ହଟହଟା



ବାବୁଙ୍କ ପାଇଁ ଆଗଧାଡିରେ ଆସନ ସଂରକ୍ଷିତ ଥିଲା। କାଳେ ସେଥିରେ କିଏ ବସିଯିବ ତେଣୁ ତଳିଆ କର୍ମଚାରୀମାନେ ଜଗିଥିଲେ। ହେଲେ ବାବୁ ଆସିବା ପୂର୍ବରୁ ନେତାମାନେ ଆସି ଆସନ ମାଡି ବସିଲେ। ଉଠାଇବାକୁ ସାହସ ନଥିଲା। ତେଣୁ ବାବୁମାନେ କୌଣସି ପ୍ରକାରେ ଚଉକି ଖଣ୍ଡିଏ ଯୋଗାଡ କରି କଡରେ ମାଡି ମକଚି ହୋଇ ବସିଲେ। ନିକଟରେ ଲୋକସେବାଭବନରେ ଅନୁଷ୍ଠିତ କେନ୍ଦ୍ର ଆଇନ୍ ମନ୍ତ୍ରୀଙ୍କ ସଭାରେ ବାବୁମାନେ ଏଭଳି ହଟହଟା ହେବାପରେ ଦୁଇଦିନ ପରେ ଅନୁଷ୍ଠିତ ମୁଖ୍ୟମନ୍ତ୍ରୀଙ୍କ ସଭାରେ କିନ୍ତୁ ପୂର୍ବ ଭୁଲକୁ ଆଉ ଦୋହରାଇଲେ ନାହିଁ। ମୁଖ୍ୟମନ୍ତ୍ରୀଙ୍କ ସଭାରେ କାଳେ ନେତାମାନେ ଚଉକି ମାଡି ବସି ପୁଣି ହଟହଟା କରିବେ ସେଥିପାଇଁ ବାବୁମାନଙ୍କ ନାମ ଲେଖି ଚଉକି ସାମ୍ନାରେ ରଖିଥିଲେ। ନେତାମାନେ ଯେତେବେଳେ ଦେଖିଲେ ବାବୁମାନଙ୍କ ପାଇଁ ଆସନ ସଂରକ୍ଷିତ ଓ କିଏ କେଉଁଠାରେ ବସିବ ତାହା ସ୍ଥିର ହୋଇଛି ସେତେବେଳେ ସେମାନେ ପଛରେ ବସିଲେ। କିଛି ନେତା ଏହାକୁ ନେଇ ମନେ ବାବୁଙ୍କୁ ଗାଳି କରୁଥିଲେ। ଏହି ସଭାଟି ଗଣମାଧ୍ୟମ ଉଦ୍ଦେଶ୍ୟରେ ହୋଇଥିବାବେଳେ ସେମାନଙ୍କ ପାଇଁ କିନ୍ତୁ ସ୍ଥାନ ନିର୍ଦ୍ଧାରଣ ପାଇଁ ଆୟୋଜକମାନେ ଭୁଲି ଯାଇଥିଲେ। ବାବୁଙ୍କ କଥା ଭାବୁ ଭାବୁ ଏହାକୁ ପାଶୋରୀ ଯାଇଥିବାରୁ ଗଣମାଧ୍ୟମ ପ୍ରତିନିଧିମାନେ ନେତାଙ୍କ ସହିତ ସଭାରେ ଏକାକାର ହୋଇଯାଇଥିବା ଦେଖିବାକୁ ମିଳିଥିଲା।

### ଦୁର୍ଗାଙ୍କୁ ଗୋଡାଇଛି ଚାମେଲି ଭୂତ



କେନ୍ଦ୍ରାପଡା ଜିଲ୍ଲାରେ ବିଜେପିର ଏକୋଇର ବାଳା ବିଶିକେଶନ କୁହାଯାଉଥିବା ମହାକାଳପଡାର ବିଧାୟକ ଦୁର୍ଗା ପସନ୍ନ ନାୟକଙ୍କୁ ଏବେ ଚାମେଲି ଭୂତ ଗୋଡାଇଛି। ତାଙ୍କରି ନିର୍ବାଚନ ମଣ୍ଡଳୀର ମହିଳା ସରପଞ୍ଚ ଝାମେଲାରେ ଦୁର୍ଗା ବାବୁ ଏମିତି ଛନ୍ଦିହୋଇ ଯାଇଛନ୍ତି ଯେ ସେଥିରୁ କିଭଳି ମୁକୁଳିବେ ବାଟ ପାଉନାହାନ୍ତି। ମହିଳା ସରପଞ୍ଚ ଚାମେଲି ସିଧା ସଳଖ ଅଭିଯୋଗ କରିଛନ୍ତି ଦୁର୍ଗା କୁଆଡେ ତାଙ୍କ ଉପରେ ଲୋଲୁପ ଦୃଷ୍ଟି ପକାଇଥିଲେ। ସିଏ ଇଜ୍ଜତ ବଞ୍ଚାଇବାକୁ ଯାଇ ଏଥିରେ ରାଜି ନହେବାରୁ କର୍ମୀଙ୍କ ଜରିଆରେ ଆକ୍ରମଣ କରିଛନ୍ତି। ଏ ସଂକ୍ରାନ୍ତରେ ଲମ୍ବା ଚଉଡା ଚିଠି ଲେଖି ସିଧା ମୁଖ୍ୟମନ୍ତ୍ରୀଙ୍କୁ ପଠାଇଦେଲେ। ଏହାପରେ ନିଜକୁ ବିଜେପି ଦଳର ବୋଲି ଦର୍ଶାଇବାକୁ ଯାଇ ସୋସିଆଲ ମିଡିଆରେ ମୁଖ୍ୟମନ୍ତ୍ରୀଙ୍କ ସହିତ ଥିବା ଫଟୋକୁ ଛାଡିଦେଲେ। ଏହାକୁ ନେଇ ଏବେ ଦୁର୍ଗାଙ୍କ ଉପରେ ବିଜେପି ଅପସନ୍ନ। ଦୁର୍ଗାଙ୍କୁ ଖୁସି କରିବାକୁ ଯାଇ ବ୍ଲକ ବାବୁ ଓ ପୁଲିସ୍ ବାବୁ ଯେଭଳି ଆଚରଣ କଲେ ତାହା ବି ସରକାରଙ୍କୁ ଅଡୁଆରେ ପକାଇ ଦେଇଛି। ଏ ସଂକ୍ରାନ୍ତରେ ଦୁର୍ଗାଙ୍କର କିଛି ପ୍ରତିକ୍ରିୟା ମିଳିପାରି ନାହିଁ। ନିଜ ଦଳର ସରପଞ୍ଚଙ୍କୁ ବିଧାୟକ ସୁରକ୍ଷା ଦେଇପାରୁ ନାହାନ୍ତି ବୋଲି ବିଜେପି କର୍ମୀମାନେ ଖୋଲାଖୋଲି କହିଲେଣି। ତେବେ ଦୁର୍ଗାଙ୍କ ପାଖଲୋକଙ୍କ କହିବାକଥା ଯେ କିଛି ଦିନ ହେଲା ଦୁର୍ଗାଙ୍କୁ ଯେଉଁ ଚାମେଲି ଭୂତ ଗୋଡାଇଥିଲା ଏବେ ଗିଳିଦେବାକୁ ବସିଲାଣି। ଅପେକ୍ଷା ଖାଲି ଚାମେଲି କେବେ ଡାକ୍ତରଖାନାରୁ ଫେରୁଛନ୍ତି।

### କାଠଗଡାରେ କମିଶନରେଟ ପୁଲିସ୍



ରାଜଧାନୀରେ ଚୋରି ତସ୍କରୀ ଓ ନିଶା କାରବାରକୁ ମୁକାବିଲା କରିନପାରି ସମାଲୋଚନାର ଶିକାର ହେଉଥିବା କମିଶନରେଟ ପୁଲିସ୍ ଏବେ କାଠଗଡାରେ। ଆଉ ଏହାର କାରଣ ହୋଇଛି ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରୁ ହଜିଥିବା ଫାଇଲ୍ ଖୋଜିବାର ଦାୟିତ୍ୱ ଏବେ କମିଶନରେଟ ପୁଲିସ୍‌ର ଖାକିବାବୁମାନଙ୍କୁ ଦିଆଯିବା। କମିଶନରେଟ ପୁଲିସ୍ ତ ସହଜରେ ବାଲିଅନ୍ତା ସୌମ୍ୟ ହତ୍ୟାକାଣ୍ଡ ଓ ବାରଙ୍ଗରେ ଥାର୍ଡଡିଗ୍ରୀକୁ ନେଇ କାଠଗଡାରେ ଛିଡା ହୋଇଛି। ଏହାଛଡା ସହର ଭିତରେ ଚୋରି ରାହାଜାନି ଏବେ ପୁଲିସ୍ ବାବୁମାନଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଏହାରି ଭିତରେ ଏବେ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରର ଫାଇଲ୍ ଖୋଜା କାମ। ଯାହା ଆଲୋଚନା ହେଉଛି ଏହି ଘଟଣାଟି ଗୋଟିଏ ନିରୋଳା ରାଜନୀତି। ଖାକି ବାବୁମାନେ ଏଥିରେ ମୋହରା ସାଜିବା ସାର। ତେବେ ଆଇନ୍ ତା ବାଟରେ ଗଲେ ଫାଇଲ୍ ଖୋଜିବା ପାଇଁ କ୍ୟାପିଟାଲ ଥାନାର ଖାକି ବାବୁମାନେ ସେତେବେଳର ମୁଖ୍ୟମନ୍ତ୍ରୀ, ଗୃହ ସଚିବ ଆଦିଙ୍କୁ ଜେରା କରିବାକୁ ପଡିବ। ଏଥି ସହିତ ଦରକାର ହେଲେ ସେମାନଙ୍କ ଘର ଓ ଦପ୍ତର ବି ତଲାସି ହେବ। ଏହି କାମ କରିବାକୁ କେଉଁ ଖାକିବାବୁ ହାଣ ମୁହଁକୁ ଯିବେ ତାହା ଏବେ ପୁଲିସ୍ ମହଲରେ ଆଲୋଚନାର ବିଷୟ ପାଲଟିଛି। କିଛି ତଳିଆ ଖାକିବାବୁ କହୁଛନ୍ତି, ଏତେ ବଦନାମରେ ମନ ଶାନ୍ତି ହେଲାନାହିଁ ଯେ ଶେଷରେ ଫାଇଲ ବିବାଦ ଭିତରକୁ ଠେଲିଦେଲେ। ଏଥିରେ କାହାର କିଛି ହେଉ କି ନହେଉ କମିଶନରେଟ ପୁଲିସ୍ ବଦନାମ ହେବାଟା ନିଶ୍ଚିତ।

# ଓଡ଼ିଆ ସଂସ୍କୃତି, ପର୍ବ ଓ ପରମ୍ପରା ଚିର ସବୁଜ

## ପରିଣିତା ବିଶାଳ ରଜ ପର୍ବ–୨୦୨୬ର ଆୟୋଜନ



**ଭୁବନେଶ୍ୱର, ୧୪।୬ (ସଂଚାର ବ୍ୟୁରୋ):** ଆମ ଓଡ଼ିଶାରେ ବାର ମାସରେ ତେର ପର୍ବ। ଉପକୂଳ ଓଡ଼ିଶାରୁ ଆରମ୍ଭ ହୋଇଥିବା ଏହି ମହାନ୍ ପର୍ବ ଏବେ କେବଳ ଓଡ଼ିଶାର ସମସ୍ତ ଅଞ୍ଚଳ ନୁହେଁ, ବରଂ ଦେଶର ବିଭିନ୍ନ ଅଞ୍ଚଳ ଓ ଭାଷାଭାଷୀ ଲୋକଙ୍କ ପାଇଁ ସାଜିଛି ଏକ ପ୍ରମୁଖ ଗଣପର୍ବ। ଯାହାର ଏକ ଜ୍ୱଳନ୍ତ ଉଦାହରଣ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ପ୍ରୟାସ ଓ 'ପରିଣିତା' ସଂଗଠନ ପକ୍ଷରୁ ଆୟୋଜିତ 'ପରିଣିତା ରଜ ପର୍ବ- ୨୦୨୬। ସ୍ଥାନୀୟ ୟୁନିଟ୍- ୮ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିବା ଏହି ରଜ ପର୍ବ ଓଡ଼ିଶାର ଲୋକକଳା, ସଂସ୍କୃତି ଓ ରଜ ପରମ୍ପରାକୁ ଜୀବନ୍ତ ରଖିବା ଓ ନୂତନ ପିଢ଼ି ମଧ୍ୟରେ ଏହାର ମହତ୍ତ୍ୱକୁ ପହଞ୍ଚାଇବା ଉଦ୍ଦେଶ୍ୟରେ ପରିକଳ୍ପନା କରାଯାଇଥିବା କହିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ। ମହିଳାମାନେ ଉତ୍ସାହର ସହ ଦୋଳି ଖେଳି ରଜର ପାରମ୍ପରିକ ଆନନ୍ଦକୁ ଉପଭୋଗ କରିଥିଲେ। କାର୍ଯ୍ୟକ୍ରମରେ ପୋଡ଼ ପିଠା, ମଣ୍ଡା ପିଠା, ଆରିସା ପିଠା, ଛେନାପୋଡ଼, ଛେନା ଗଜା, ଦହିବରା-ଆଳୁଦମ, ପାନ, ପାପଡ଼ି ଚାଟ୍, ପୁରି-ଡାଲମା ଆଦି ପାରମ୍ପରିକ ଖାଦ୍ୟର ଷ୍ଟଲ୍ ଲଗାଯାଇଥିଲା। ଏଥିସହ ବିଭିନ୍ନ ପ୍ରକାରର ହସ୍ତଶିଳ୍ପ, ପୋଷାକ ଓ ଅନ୍ୟାନ୍ୟ ସାମଗ୍ରୀର ପ୍ରଦର୍ଶନୀ ଓ ବିକ୍ରୟ ଷ୍ଟଲ୍ ମଧ୍ୟ ଆୟୋଜିତ ହୋଇଥିଲା। ଉତ୍ସବରେ ରଜ ଗୀତ ପ୍ରତିଯୋଗିତା, ପିଠା ପ୍ରତିଯୋଗିତା, ଝୋଟି ପ୍ରତିଯୋଗିତା, ନୃତ୍ୟ ପ୍ରତିଯୋଗିତା, ଶଙ୍ଖ ପ୍ରତିଯୋଗିତା, ହୁଳହୁଳି ପ୍ରତିଯୋଗିତା, ରଜ ଦୋଳି ପ୍ରତିଯୋଗିତା, ଓଡ଼ିଶୀ ନୃତ୍ୟ ପରିବେଷଣ ଓ ର୍ୟାମ୍ପ ଶୋ' ଆଦି ଆୟୋଜିତ ହୋଇଥିଲା। ଏଥିରେ ସିନିୟର୍ ଓ ଜୁନିଅର୍ ବିଭାଗରେ ରଜ କୁଇନ୍ ବିବେଚିତ ହୋଇଥିଲେ। ବିଭିନ୍ନ ବର୍ଗରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ସମ୍ମାନିତ କରିଥିଲେ। ଏହି ଅବସରରେ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ କହିଥିଲେ ଯେ ରଜ କେବଳ ଏକ ପର୍ବ ନୁହେଁ, ଏହା ଓଡ଼ିଆ ଅସ୍ମିତା, ସଂସ୍କୃତି ଓ ପରମ୍ପରାର ପ୍ରତୀକ। ଆମ ଝିଅ ଓ ବୋହୂମାନେ ଏହି ଐତିହ୍ୟକୁ ଆଗାମୀ ପିଢ଼ି ପର୍ଯ୍ୟନ୍ତ ପହଞ୍ଚାଇବା ଆବଶ୍ୟକ। ଏଭଳି କାର୍ଯ୍ୟକ୍ରମ ମାଧ୍ୟମରେ ରଜର ପରମ୍ପରାକୁ ଅଧିକ ସୁଦୃଢ଼ କରାଯାଇପାରିବ।

● ଦାମୀ ଗାଡ଼ିରେ ଗଞ୍ଜେଇ ଚାଲାଣ

## ପାଟ୍ରୋଲିଂ ବେଳେ ଦୁଇ ଗିରଫ



**ବଲାଙ୍ଗୀର, ୧୪।୬ (ସଂଚାର ବ୍ୟୁରୋ):** ବଲାଙ୍ଗୀର ଅବକାରୀ ବିଭାଗ ରବିବାର ଭୋର୍‌ରୁ ଡୁଷୁରା-ଆଟଗାଁ ରାସ୍ତାରେ ପାଟ୍ରୋଲିଂ କରୁଥିବା ସମୟରେ ଏକ ଧଳା ରଙ୍ଗର ଦାମୀ ଥାର୍ ଗାଡ଼ିରେ ଚାଲାଣ ହେଉଥିବା ୩୭୦ କେଜି ଓଜନର ଗଞ୍ଜେଇ ଜବତ କରିଛି। ଅବକାରୀ ଟିମ୍ ଫିଲ୍ମ ଷ୍ଟାଇଲରେ ଥାର୍ ଗାଡ଼ିକୁ କାବୁ କରି ସେଥିରେ ଥିବା ଗଞ୍ଜେଇକୁ ଜବତ କରିଛି। ଗାଡ଼ି ଭିତରୁ ୩ ଶହ ୭୦ କେଜି ଗଞ୍ଜେଇ ଜବତ କରିଛି। ଗାଡ଼ି ଭିତରୁ ଝାଡ଼ଖଣ୍ଡର ସଲମାନ ଆଲମ ଓ ମହମ୍ମଦ ଆସିଫ ନାମକ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। କନ୍ଧମାଳ ଜିଲ୍ଲାରୁ ମହାରାଷ୍ଟ୍ରର ମୁମ୍ବାଇକୁ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଅବକାରୀ ଟିମ୍ ଏହାକୁ କାବୁ କରିଛି। ମୁମ୍ବାଇରୁ ପୂରା ଗଞ୍ଜେଇ ଚୋରା ଚାଲାଣ ନେଟୱର୍କକୁ ଅପରେଟ୍ ହେଉଥିବା ଅବକାରୀ ବିଭାଗ ଅନୁମାନ କରୁଛି।

■ ୪ ପରିବାର ଗାଁରୁ ବାସନ୍ଦ ଅଭିଯୋଗ

## ବ୍ୟାରିକେଡ୍ ହଟାଇଲା ପୁଲିସ



**ପୋଲସରା, ୧୪।୬ (ସଂଚାର ବ୍ୟୁରୋ):** ଗ୍ରାମ କମିଟି ନିଷ୍ପତ୍ତି ନ ମାନିବାରୁ ରାସ୍ତାରେ ବ୍ୟାରିକେଡ୍ ଛିଡ଼ାହେଲା। ୪ ପରିବାର ଗାଁରୁ ବାସନ୍ଦ ହୋଇଥିବା ଅଭିଯୋଗ। ପରିବାର ରହୁଥିବା ରାସ୍ତାରେ ବାଡ଼ ବାନ୍ଧି ଯାତାୟାତ ବନ୍ଦ କଲେ ଗ୍ରାମବାସୀ। ୩ ଦିନ ଧରି ଗୃହବନ୍ଦୀ ରହିଲେ ୪ ପରିବାର। ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ବାଲିଛାଇ ଫାଣ୍ଡି ସାମନ୍ତରାପଲ୍ଲୀରୁ ଆସିଛି ଏପରି ଅଭିଯୋଗ। ଜମିଜମା ବିବାଦକୁ କେନ୍ଦ୍ରକରି ଗାଁର ସୂର୍ଯ୍ୟମଣୀ ପ୍ରଧାନଙ୍କ ୪ ଭାଇଙ୍କ ପରିବାରକୁ ବାସନ୍ଦ କରାଯାଇଛି।

ମିଳିଥିବା ସୂଚନାନୁସାରେ, ଗାଁର କଲ୍ୟାଣ ମଣ୍ଡପ ପାଖରେ ସୂର୍ଯ୍ୟମଣି ପ୍ରଧାନଙ୍କ ଘର। ସୂର୍ଯ୍ୟମଣୀ କିଛି ସରକାରୀ ଜାଗାରେ ଘର କରିଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ଘଟଣାକୁ ନେଇ ରାଜସ୍ୱ ବିଭାଗ ପକ୍ଷରୁ ମାପଚୁପ ହୋଇଥିଲା, ଯାହାକୁ ନେଇ ଗ୍ରାମସଭା ମଧ୍ୟ ବସିଥିଲା। ଜମି ବାବଦକୁ ଗ୍ରାମବାସୀ ସୂର୍ଯ୍ୟମଣିଙ୍କଠାରୁ ୧ ଲକ୍ଷ ୬୦ ହଜାର ଟଙ୍କା ଦାବି କରିଥିଲେ। ତେବେ ଟଙ୍କା ନ ଦେବାରୁ ଗ୍ରାମବାସୀ ସୂର୍ଯ୍ୟମଣିଙ୍କ ସମେତ ୪ ପରିବାରକୁ ଗାଁରୁ ବାସନ୍ଦ କରିଥିବା ଅଭିଯୋଗ ହୋଇଛି। ଏପରିକି ବାସନ୍ଦ ପରେ ପରିବାର ଲୋକେ ଯାତାୟାତ କରୁଥିବା କଲ୍ୟାଣ ମଣ୍ଡପକୁ ସଂଯୋଗ କରୁଥିବା ରାସ୍ତାକୁ ଲୁହା ଗ୍ରୀଲ ବ୍ୟାରିକେଡ ଲଗାଇ ବନ୍ଦ କରିଦେଇଛନ୍ତି। ଗୃହବନ୍ଦୀର ଭିଡିଓ ଭାଇରାଲ ହେବା ପରେ ସ୍ଥାନୀୟ ପୁଲିସ ସେଠାରେ ପହଞ୍ଚି ବ୍ୟାରିକେଡ୍‌କୁ ହଟାଇଦେଇଛି। ତେବେ ଏପରି ଅଭିଯୋଗକୁ ଗ୍ରାମବାସୀ ଖଣ୍ଡନ କରିଛନ୍ତି।

### ପହିଲି ରଜରେ ଅଘଟଣ

## ବଜ୍ରପାତରେ ଚାଲିଗଲା ଏକମାତ୍ର ପୁଅ, ୪ ଗୁରୁତର



**ରାଜନଗର/ଲାଞ୍ଜିଗଡ଼, ୧୪।୬ (ସଂଚାର ବ୍ୟୁରୋ):** ପହିଲି ରଜରେ ଘଟିଛି ଅଘଟଣ। ବଜ୍ରପାତରେ ଚାଲିଗଲା ବାପା-ମା'ଙ୍କର ଏକମାତ୍ର ପୁଅର ଜୀବନ। ସେ ହେଉଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ଘଡ଼ିଆମାଳ ଗାଁର ଦୈତାରୀ ସେଠୀଙ୍କ ଏକମାତ୍ର ପୁଅ ମନୋରଞ୍ଜନ (୧୫)। ସେହିପରି ବଜ୍ରପାତରେ ୪ ଜଣ ନାବାଳକ ଗୁରୁତର ଭାବେ ଆହତ ହୋଇଥିବା ଜଣାପଡ଼ିଛି।

ମିଳିଥିବା ସୂଚନାନୁସାରେ, ମନୋରଞ୍ଜନ ଦୋଳି ଖେଳି ସାରି ଖାଇବାକୁ ଘରକୁ ଆସିଥିଲେ। ବୋଉକୁ ଭାତ ବାଢ଼ିବାକୁ କହି ପରିସ୍ରା ଘରୁ ବାହାରକୁ ଯାଇଥିଲା ବେଳେ ହଠାତ୍ ଝିପିଝିପି ବର୍ଷା ସହ ବଜ୍ରପାତ ହୋଇଥିଲା। ମନୋରଞ୍ଜନଙ୍କ ଉପରେ ବଜ୍ରପାତ ପଡ଼ିବାରୁ ସେ ସେହିଠାରେ ହିଁ ଟଳି ପଡ଼ିଥିଲେ। ତାଙ୍କୁ ପରିବାର ଲୋକେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସବୁଠୁ ବଡ଼ କଥା ହେଉଛି, ମନୋରଞ୍ଜନ ଦୈତାରୀ ସେଠୀଙ୍କ ଏକମାତ୍ର ପୁଅ ଥିଲେ। ଦୈତାରୀ ଗତ ଶୁକ୍ରବାର କେରଳରେ ଦାଦନ ଖଟିବାକୁ ଯାଇଥିଲେ। ସେ ଆଜି କେରଳରେ ପହଞ୍ଚିଛନ୍ତି। ସେ ପୁଅର ମୃତ୍ୟୁ ଖବର ପାଇନାହାନ୍ତି। ଅନ୍ୟପକ୍ଷରେ ରାଜନଗର ମେଡିକାଲରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

ସେହିପରି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଦୁର୍ଗମ ଆଦିବାସୀ ଅଧ୍ୟୁଷିତ ତ୍ରିଲୋଚନପୁର ପଞ୍ଚାୟତ ଅନ୍ତର୍ଗତ କୁନାକାଡୁ ଗ୍ରାମର ୪ ଜଣ ନାବାଳକ ବଜ୍ରପାତରେ ଆହତ ହୋଇଛନ୍ତି। ସେମାନେ ହେଲେ କୁନାକାଡୁ ଗ୍ରାମର ଡ୍ରିଞ୍ଜୁ ମାଝୀ (୧୦), ମାଣ୍ଡି ମାଝୀ (୮), ସେତୁ ମାଝୀ (୮) ଓ ମନୁ ମାଝୀ (୮)। ସେମାନେ ମଧ୍ୟାହ୍ନରେ ଗାଁ ନିକଟରେ ଥିବା ଆମ୍ବ ବଗିଚାକୁ ଆମ୍ବ ଗୋଟେଇବାକୁ ଯାଇଥିଲେ। ଏହି ସମୟରେ ପ୍ରବଳ ଝଡ଼ତୋଫାନ ସହ ବଜ୍ରପାତ ହୋଇଥିଲା। ଏହି ନାବାଳକମାନେ ଆମ୍ବ ଗୋଟେଇବା ବେଳେ ବଜ୍ରପାତ ହୋଇଥିଲା ଓ ନାବାଳକମାନେ ଯେଉଁ ଆମ୍ବ ଗଛ ନିକଟରେ ଥିଲେ, ସେହି ଗଛକୁ ବଜ୍ରପାତ ମାରିଥିଲା। ଫଳରେ ୪ ଜଣ ନାବାଳକ ଅଚେତ ହୋଇପଡ଼ିଥିଲେ। ଖବର ପାଇ ପରିବାର ଲୋକେ ଘଟଣାସ୍ଥଳରୁ ଉଦ୍ଧାର କରି ଆମ୍ବୁଲାନ୍ସ ଡକାଇ ଲାଞ୍ଜିଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସେମାନଙ୍କୁ ଇଞ୍ଜେକ୍ସନ୍ ଓ ସାଲାଇନ୍ ଦିଆଯାଇଥିବା ବେଳେ ସେମାନେ ଚିକିତ୍ସିତ ହେଉଥିବା ସୂଚନା ମିଳିଛି। ଖବର ପାଇ ଲାଞ୍ଜିଗଡ ବିଡ଼ିଓ ଶଶାଙ୍କ ପାତ୍ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ପିଲାମାନଙ୍କୁ ଦେଖିବା ସହ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଡାକ୍ତରଙ୍କ ସହ ପରାମର୍ଶ କରିଛନ୍ତି। ତେବେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ସେମାନେ ସୁସ୍ଥ ଥିବା ଜଣାପଡ଼ିଛି।

## ହାତୀ ହାବୁଡ଼ରେ ପଡିଗଲେ ବୃଦ୍ଧ, କଚାଡ଼ି ମାରିଲା

**ବାରିପଦା, ୧୪।୬ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲା ମୋରଡା ବ୍ଲକ୍‌ରେ ବର୍ଷତମାମ ହାତୀ ଉପଦ୍ରବ ଲାଗି ରହିଥିବା ବେଳେ ଦିନକୁ ଦିନ ଧନଜୀବନ କ୍ଷୟକ୍ଷତି ବୃଦ୍ଧି ପାଉଥିବାର ଦେଖିବାକୁ ମିଳିଛି। ହାତୀ ଆକ୍ରମଣରେ ଉକ୍ତ ବ୍ଲକ ଅଞ୍ଚଳର ଜନୈକ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ଜଣଙ୍କ ହେଲେ ଉକ୍ତ ବ୍ଲକ ତଥା ବେତନଟୀ ରେଞ୍ଜ ଅଧୀନ ଦୁର୍ଗାପୁର ପଞ୍ଚାୟତର କେନ୍ଦୁସାହି ଅସନବଣି ଗ୍ରାମର ଜଗନ୍ନାଥ ସିଂ (୭୦)।

ମିଳିଥିବା ସୂଚନାନୁଯାୟୀ, ଶନିବାର ସନ୍ଧ୍ୟାରେ ଜଗନ୍ନାଥ ଘର ନିକଟ ଜଙ୍ଗଲକୁ ଶୌଚ ପାଇଁ ଯାଇଥିବା ସମୟରେ ହାତୀ ହାବୁଡ଼ରେ ପଡ଼ିଥିଲେ ଓ ହାତୀ ଶୁଣ୍ଢରେ ଜଗନ୍ନାଥଙ୍କୁ ଟାଣି କଚାଡ଼ିବା ଫଳରେ ଜଗନ୍ନାଥଙ୍କ ମୃତ୍ୟୁ ଘଟିଥିଲା। ଜଗନ୍ନାଥଙ୍କୁ ଆଜି ତାଙ୍କ ପରିବାର ଲୋକେ ନ ପାଇବାରୁ ଖୋଜାଖୋଜି କରିବା ପରେ ତାଙ୍କ ମୃତଦେହ ପାଇଥିଲେ। ଖବର ପାଇ ରେଞ୍ଜର୍ ଧ୍ରୁବେନ୍ଦ୍ରନାଥ ନାଏକ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏଣ୍ଡ ହସ୍ପିଟାଲକୁ ପଠାଇଥିଲେ। ତେବେ ଜଗନ୍ନାଥଙ୍କ ପରିବାରକୁ ମୋଟ ୧୦ ଲକ୍ଷ ଟଙ୍କାର କ୍ଷତିପୂରଣ ମିଳିବାକୁ ଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ଏକ ଲକ୍ଷ ଟଙ୍କା ଯଥାଶୀଘ୍ର ମିଳିବ ବୋଲି କହିଛନ୍ତି।

## ଇନଷ୍ଟାଗ୍ରାମରେ ସେକ୍ସ ର୍‌ୟାକେଟ୍, ୪ ଗିରଫ



**ଭୁବନେଶ୍ୱର, ୧୪।୬ (ସଂଚାର ବ୍ୟୁରୋ):** ଇନଷ୍ଟାଗ୍ରାମରୁ ଫଟୋ ଚୋରି କରି ଚଳାଉଥିଲେ ସେକ୍ସ ରାକେଟ। ସୁନ୍ଦରୀ ଯୁବତୀଙ୍କ ଫଟୋ ଦେଖାଇ ଗ୍ରାହକଙ୍କୁ କରୁଥିଲେ ଟାର୍ଗେଟ୍। ବୁକିଂ ଚାର୍ଜ, କ୍ୟାବ୍ ଚାର୍ଜ ଓ ସର୍ଭିସ ଚାର୍ଜ ନାଁରେ ଆଦାୟ କରୁଥିଲେ ଟଙ୍କା। ରାଜଧାନୀରେ ସକ୍ରିୟ ଥିବା ଏଭଳି ଏକ ହାଇଟେକ୍ ଏସ୍କର୍ଟ ର୍‌ୟାକେଟର ପର୍ଦ୍ଦାଫାସ କରିଛି ତମାଣ୍ଡୋ ଥାନା ପୁଲିସ। ଘଟଣାରେ ୪ ଜଣଙ୍କୁ ଗିରଫ କରିଛି ପୁଲିସ। ଅଭିଯୋଗକାରିଣୀ ଜଣେ ଯୁବତୀଙ୍କ ଫଟୋ ସହ ଅନ୍ୟାନ୍ୟ ଯୁବତୀଙ୍କ ଫଟୋକୁ ବିନାନୁମତିରେ ସୋସିଆଲ ମିଡିଆ ଓ ମେସେଜିଂ ପ୍ଲାଟଫର୍ମରେ ବ୍ୟବହାର କରାଯାଉଥିଲା। ଏହି ଫଟୋଗୁଡ଼ିକୁ ଏସକର୍ଟ ସର୍ଭିସ ବିଜ୍ଞାପନରେ ବ୍ୟବହାର କରି ଗ୍ରାହକଙ୍କୁ ପ୍ରଲୋଭିତ କରୁଥିଲେ ଅଭିଯୁକ୍ତ। ପରେ ଅନଲାଇନ ପେମେଣ୍ଟ ମାଧ୍ୟମରେ ଅଗ୍ରୀମ ଟଙ୍କା ଆଦାୟ କରି ଠକୁଥିଲେ। ଡିଜିଟାଲ ତଦନ୍ତ ସମୟରେ ପୁଲିସ ସ୍କ୍ରିନଶଟ୍, ଚାଟ୍ ରେକର୍ଡ, ମୋବାଇଲ ନମ୍ବର ଓ ୟୁପିଆଇ କାରବାର ଯାଞ୍ଚ କରି ଗ୍ୟାଙ୍ଗରେ ସମ୍ପୃକ୍ତ ଉମାକାନ୍ତ ଦଲେଇ, ଚିତ୍ତରଞ୍ଜନ ମହାନ୍ତି, ତୋଫାନ ପ୍ରଧାନ ଓ କୁମାରୀ ମିଞ୍ଜଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ପୁଲିସ୍ ୯ଟି ମୋବାଇଲ ଫୋନ, ଗୋଟିଏ କାର, ସିମ୍ କାର୍ଡ, ବ୍ୟାଙ୍କ ଖାତା ତଥ୍ୟ ଓ ୟୁପିଆଇ ଟ୍ରାଞ୍ଜାକ୍ସନ ରେକର୍ଡ ଜବତ କରିଛି। ଏବେ ପୁଲିସ୍ ଏହି ର୍‌ୟାକେଟର ଅଧିକ ଲିଙ୍କ ଖୋଜୁଛି।

## ଶିବମନ୍ଦିରରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**କୋରାପୁଟ, ୧୪।୬ (ସଂଚାର ବ୍ୟୁରୋ):** କୋରାପୁଟ ସହର ଉପକଣ୍ଠ ବଡ଼ ଚିନ୍ଦ୍ରି ଗୋପନଗରସ୍ଥିତ ଚନ୍ଦ୍ରଶେଖର ଶିବମନ୍ଦିର ପରିସରରୁ ରବିବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତକ ଜଣଙ୍କ ୩୮ ବର୍ଷୀୟ ମାନସ କୁମାର ବେହୁରା ବୋଲି ଜଣାପଡ଼ିଛି। ସ୍ଥାନୀୟ ଲୋକେ ମନ୍ଦିର ପରିସରରେ ମୃତଦେହ ଝୁଲୁଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ସୂଚନା ପାଇ କୋରାପୁଟ ଟାଉନ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ମୃତ୍ୟୁର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନ ଥିବା ବେଳେ ପୁଲିସ ସମସ୍ତ ଦିଗକୁ ନେଇ ଖୋଳତାଡ଼ ଜାରି ରଖିଛି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣା ସମ୍ପର୍କରେ ଅଧିକ ତଥ୍ୟ ସାମ୍ନାକୁ ଆସିବ ବୋଲି ପୁଲିସ କହିଛି। ତେବେ ଏହି ଘଟଣାଟି ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି।

# କ୍ୟୁଆର୍ କୋଡ୍ ସ୍କାନ କଲେ, ଉଡ଼ିଗଲା ୯୫ ହଜାର




**ଧଉଳି, ୧୪।୬ (ସଂଚାର ବ୍ୟୁରୋ):** ଜନସାଧାରଣ ଯେତେ ସଚେତନ ହେଲେ ମଧ୍ୟ ସାଇବର ଲୁଟେରାଙ୍କ କବଳରୁ ରକ୍ଷା ପାଇପାରୁନାହାନ୍ତି। କାହାକୁ ବ୍ୟାଙ୍କ ଆକାଉଣ୍ଟ୍ ବ୍ଲକ ହୋଇଯିବ କହି ଲୁଟୁଛନ୍ତି ତ କାହାକୁ ଲକି-ଡ୍ର' ଜିତିବାର ଲୋଭ ଦେଖାଇ ସର୍ବସ୍ୱ ଲୁଟି ନେଉଛନ୍ତି ସାଇବର୍ ଠକ। ଗତ ଶୁକ୍ରବାର ଜଣେ ବ୍ୟକ୍ତି ପେଟ୍ରୋଲ ଟାଙ୍କିରେ ତେଲ ପକାଇ ପେମେଣ୍ଟ କରିବା ସମୟରେ କ୍ୟୁଆର୍ ସ୍କାନ୍ କରିବା ସମୟରେ ଅଚାନକ ତାଙ୍କ ଆକାଉଣ୍ଟରୁ ୯୫ ହଜାର ଟଙ୍କା କଟିଯାଇଛି। ଘଟଣାଟି ଧଉଳି ଥାନା ଅଞ୍ଚଳରେ ଘଟିଛି।

ଅଭିଯୋଗ ଅନୁଯାୟୀ, ବାଳକାଟି ଫାଣ୍ଡି ଅଠରଘରିଆ ସାହିର ସୁନାକର ସାହୁ ଗତ ଶୁକ୍ରବାର ଅପରାହ୍ଣ ସାଢ଼େ ୧ଟାରୁ ୨ଟା ମଧ୍ୟରେ ଏହି ଥାନା ନୂଆଗାଁସ୍ଥିତ ଏକ ପେଟ୍ରୋଲ ପମ୍ପରେ ୬୦୦ ଟଙ୍କାର ପେଟ୍ରୋଲ ପକାଇଥିଲେ। ପେଟ୍ରୋଲ ପକାଇବା ପରେ କର୍ମଚାରୀ ଦେଖାଇଥିବା ବାର୍‌କୋଡ୍‌ରେ ଫୋନ-ପେ' ମାଧ୍ୟମରେ ସେ ପଇସା ପଠାଉଥିଲେ। ତେବେ ଏହି ସମୟରେ ସୁନାକରଙ୍କ ଫୋନ୍ ହ୍ୟାଙ୍ଗ ହୋଇଯାଇଥିଲା। ଫୋନ ଖୋଲିବାରେ ବିଳମ୍ବ ହେବାରୁ ସୁନାକର ଏଟିଏମରୁ ୬୦୦ ଟଙ୍କା ଉଠାଇ କର୍ମଚାରୀଙ୍କୁ ଦେଲେ। କିନ୍ତୁ ସେ ଫୋନ୍ ବନ୍ଦ କରି ଖୋଲିବା ପରେ ତାଙ୍କ ଆକାଉଣ୍ଟରୁ ୯୫ ହଜାର ଟଙ୍କା କଟିଯାଇଥିବା ନେଇ ମେସେଜ ଆସିଥିଲା। ସେ ଫୋନ-ପେ' ଚେକ୍ କରିବା ପରେ ଏହି ପଇସା ଉଠାଇବାକୁ ସାଇବର ଠକମାନେ ୩ ଥର ପ୍ରୟାସ କରିଥିବା ଜାଣିବାକୁ ପାଇଥିଲେ। ସାଇବର ଠକମାନେ ପ୍ରଥମ ଥର ୯୭ ହଜାର, ଦ୍ୱିତୀୟ ଥର ୯୬ ହଜାର ଟଙ୍କା ଉଠାଇବାକୁ ଚେଷ୍ଟା କରି ବିଫଳ ହେବା ପରେ ତୃତୀୟ ଥର ୯୫ ହଜାର ଟଙ୍କା ଉଠାଇବାରେ ସଫଳ ହୋଇଛନ୍ତି। ଏନେଇ ସୁନାକର ଧଉଳି ଥାନାରେ ଲିଖିତ ଅଭିଯୋଗ କରିଥିଲେ ହେଁ ପୁଲିସ ତାଙ୍କୁ ସାଇବର ଥାନାରେ ଅଭିଯୋଗ କରିବାକୁ ପରାମର୍ଶ ଦେଇଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003, Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ସାରା ଦୁନିଆରେ କମିଲାଣି ମଦ ବେପାର



ନୂଆଦିଲ୍ଲୀ,୧୪।୬: ବର୍ତ୍ତମାନ ସମଗ୍ର ବିଶ୍ୱର ମଦ ବଜାରରେ ଏକ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳୁଛି। ଯେଉଁ ସମୟରେ ଆମେରିକା, ୟୁରୋପ ଏବଂ ଚୀନ୍ ଭଳି ବଡ଼ ବଡ଼ ଦେଶଗୁଡ଼ିକରେ ମଦର ଚାହିଦା ଓ ବିକ୍ରି ହ୍ରାସ ପାଇବାର ଆଶଙ୍କା ଦେଖାଦେଇଛି, ସେତେବେଳେ ଭାରତୀୟ ବଜାର ଗ୍ଲୋବାଲ ମଦ କମ୍ପାନୀଗୁଡ଼ିକ ପାଇଁ ଆଶାର ଏକ ନୂଆ କିରଣ ସାଜିଛି। ମାର୍କେଟ୍ ରିସର୍ଚ୍ଚ ସଂସ୍ଥା 'IWSR' ର ସଦ୍ୟତମ ରିପୋର୍ଟ ଅନୁଯାୟୀ, ଆଗାମୀ ୧୦ ବର୍ଷ ମଧ୍ୟରେ ସମଗ୍ର ବିଶ୍ୱରେ ମଦ ବିକ୍ରି କମିପାରେ, କିନ୍ତୁ ଭାରତରେ ଏହାର ଗ୍ରାଫ୍ କ୍ରମାଗତ ଭାବରେ ବଢ଼ିପାରେ । ବିଶ୍ୱର ପ୍ରମୁଖ ବିକଶିତ ଦେଶଗୁଡ଼ିକରେ ମଦର ବିକ୍ରି କମିବା ପଛରେ କେତେକ ଗୁରୁତ୍ୱପୂର୍ଣ୍ଣ କାରଣ ରହିଛି । ଆମେରିକା, ବ୍ରିଟେନ୍, ଜାପାନ, ଜର୍ମାନୀ ଏବଂ ଚୀନ୍ ଭଳି ଦେଶର ଯୁବପିଢ଼ି ନିଜ ସ୍ୱାସ୍ଥ୍ୟ ପ୍ରତି ଅଧିକ ସଚେତନ ହେଉଛନ୍ତି। ଏହି କାରଣରୁ ସେମାନେ ମଦ୍ୟପାନଠାରୁ ଦୂରେଇ ରହିବାକୁ ପସନ୍ଦ କରୁଛନ୍ତି। ବଢ଼ୁଥିବା ମହଙ୍ଗା ମାଡ଼ ଯୋଗୁଁ ଲୋକଙ୍କ ପାଖରେ ଅନ୍ୟାନ୍ୟ ଅନାବଶ୍ୟକ ଖର୍ଚ୍ଚ ପାଇଁ କମ୍ ଟଙ୍କା ବଳୁଛି, ଯାହା ମଦ ବିକ୍ରିକୁ ପ୍ରଭାବିତ କରିଛି। ଭାରତର ସ୍ଥିତି ବିଶ୍ୱର ଅନ୍ୟ ଦେଶଗୁଡ଼ିକଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଏଠାରେ ମଦ ବଜାର ଦ୍ରୁତ ଗତିରେ ବୃଦ୍ଧି ପାଇବା ପଛରେ ୩ଟି ମୁଖ୍ୟ କାରଣ ରହିଛି ।

ଭାରତୀୟମାନଙ୍କର ଆର୍ଥିକ ସ୍ଥିତିରେ ସୁଧାର ଆସୁଛି ଏବଂ ସହରୀକରଣ ଖୁବ୍ ଶୀଘ୍ର ବଢ଼ୁଛି। ଲୋକଙ୍କ ରୋଜଗାର ବଢ଼ିବା ସହ ସେମାନଙ୍କର ଜୀବନଶୈଳୀ ମଧ୍ୟ ବଦଳୁଛି। ଆଜିକାଲି ଲୋକେ ଶସ୍ତା କିମ୍ବା ସ୍ଥାନୀୟ ମଦ ବଦଳରେ ଦାମୀ, ପ୍ରିମିୟମ୍ ଏବଂ ଅନ୍ତର୍ଜାତୀୟ ବ୍ରାଣ୍ଡର ମଦ କିଣିବାକୁ ଅଧିକ ପସନ୍ଦ କରୁଛନ୍ତି। ଏହାଦ୍ୱାରା ମଦ କମ୍ପାନୀଗୁଡ଼ିକର ଲାଭ ବହୁଗୁଣିତ ହେଉଛି। ଭାରତରେ ଯୁବପିଢ଼ିଙ୍କ ସଂଖ୍ୟା ଅଧିକ। ପ୍ରତିବର୍ଷ ଏକ ବଡ଼ ସଂଖ୍ୟକ ଯୁବକ ସାମାଜିକ ଗ୍ରହଣୀୟତା ଏବଂ ଆଧୁନିକ ପରମ୍ପରା ଆଧାରରେ ମଦ୍ୟପାନ କରୁଥିବା ଗ୍ରାହକ ଶ୍ରେଣୀରେ ସାମିଲ ହେଉଛନ୍ତି।

ଗ୍ଲୋବାଲ ମାର୍କେଟ୍‌ରେ ମାନ୍ଦାବସ୍ଥା ଦେଖାଦେବା ପରେ ବିଦେଶୀ ମଦ ପ୍ରସ୍ତୁତକାରୀ କମ୍ପାନୀଗୁଡ଼ିକ ଏବେ ଭାରତରେ ନିଜର ନିବେଶ ବଢ଼ାଉଛନ୍ତି। ବିଶେଷଜ୍ଞଙ୍କ ଅନୁମାନ ଅନୁଯାୟୀ, ବ୍ୟବସାୟର ଏହି ଦ୍ରୁତ ଅଭିବୃଦ୍ଧି କାରଣରୁ ଆସନ୍ତା ୨୦୩୨ ମସିହା ସୁଦ୍ଧା ଭାରତ ସମଗ୍ର ବିଶ୍ୱର ଦ୍ୱିତୀୟ ସବୁଠାରୁ ବଡ଼ ମଦ ବଜାର ଭାବରେ ଉଭା ହେବ। ଭାରତରେ ବ୍ୟବସାୟ ବଢ଼ୁଥିଲେ ମଧ୍ୟ ମଦ କମ୍ପାନୀଗୁଡ଼ିକୁ ଏଠାରେ ଅନେକ ସମସ୍ୟାର ସାମ୍ନା କରିବାକୁ ପଡ଼େ । ଭାରତରେ ମଦ ଉପରେ କେନ୍ଦ୍ର ସରକାରଙ୍କର କୌଣସି ଗୋଟିଏ ନିୟମ ନାହିଁ। ପ୍ରତ୍ୟେକ ରାଜ୍ୟର ନିଜସ୍ୱ ଅବକାରୀ ନୀତି (Excise Policy) ରହିଛି, ଯାହା କମ୍ପାନୀଗୁଡ଼ିକ ପାଇଁ ବ୍ୟବସାୟ କରିବା ଜଟିଳ କରିଥାଏ।



## ସେବି ଦେଲା ମଞ୍ଜୁରି

# ୬୬୫୦ କୋଟିର ଆଇପିଓ ଆଣିବ ପ୍ରିଜମ୍

ଭୁବନେଶ୍ୱର,୧୪।୬: ହସ୍ପିଟାଲିଟି ଟେକ୍ନୋଲୋଜି ଫାର୍ମ ଓୟୋର ପ୍ୟାରେଣ୍ଟ କମ୍ପାନି ପ୍ରିଜମ୍ ଏହାର ପ୍ରସ୍ତାବିତ ଇନିସିଆଲ୍ ପବ୍ଲିକ ଅଫରିଂ (ଆଇପିଓ) ପାଇଁ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି)ଠାରୁ ଅନୁମୋଦନ ହାସଲ କରିଥିବା ଜଣାପଡିଛି। କମ୍ପାନି ଡିସେମ୍ବର ୨୦୨୫ରେ ସେବି ନିକଟରେ ଡ୍ରାଫ୍ଟ ରେଡ ହେରିଙ୍ଗ ପ୍ରସ୍‌ପେକ୍ଟସ (ଡିଆରଏଚ୍‌ପି) ଦାଖଲ କରିଥିଲା। ଗତବର୍ଷ ଡିସେମ୍ବର ୨୦ରେ ଆୟୋଜିତ ଏକ ସାଧାରଣ ବୈଠକରେ ଅଂଶଧାରକଙ୍କ ମଞ୍ଜୁରି ମିଳିବା ପରେ ଏହି ଫାଇଲିଂ କରାଯାଇଥିଲା। ଏହି ଆଇପିଓ ମାଧ୍ୟମରେ ୬୬୫୦ କୋଟି ଟଙ୍କା ପର୍ଯ୍ୟନ୍ତ ପାଣ୍ଠି ହାସଲ ଲକ୍ଷ୍ୟ ରଖାଯାଇଛି। ପ୍ରିଜମ୍‌ର ଜେନେରାଲ କାଉନ୍‌ସିଲ୍ ଓ ବରଗଡ଼ ନିବାସୀ ରାକେଶ ପୃଷ୍ଟି ସେବିର ଅନୁମୋଦନ ହାସଲ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।ପ୍ରିଜମ୍ ଭାରତ, ୟୁଏସ ଓ ୟୁରୋପରେ ନିଜର ଉପସ୍ଥିତି ବିସ୍ତାର କରିଥିବାରୁ ଏହି ମଞ୍ଜୁରି ମିଳିପାରିଛି। ବିଗତ ବର୍ଷଗୁଡ଼ିକରେ କମ୍ପାନି ସଣ୍ଡେ ହୋଟେଲ୍ସ ଓ ପ୍ୟାଲେଟ ହୋଟେଲ୍ସ ସମେତ ସ୍ୱ-ପରିଚାଳିତ ହୋଟେଲ ଓ ପ୍ରିମିୟମ ହସ୍ପିଟାଲିଟି ବ୍ରାଣ୍ଡଗୁଡ଼ିକ ଉପରେ ଧ୍ୟାନ ବୃଦ୍ଧି କରିଛି। ଏହା ଡ୍ୟାନସେଣ୍ଟର ମାଧ୍ୟମରେ ଭାରତର ଭ୍ୟାକେସନ ରେଣ୍ଟାଲ ସେଗମେଣ୍ଟରେ ପ୍ରବେଶ କରିଛି ଏବଂ ଧାର୍ମିକ ଗନ୍ତବ୍ୟସ୍ଥଳୀଗୁଡ଼ିକରେ ନିଜର ଉପସ୍ଥିତି ବିସ୍ତାର କରିଛି। ପରବର୍ତ୍ତୀ ପଦକ୍ଷେପ ଭାବେ କମ୍ପାନି ଆସନ୍ତା ଜୁଲାଇ ମାସ ଆରମ୍ଭରେ ଏକ ପବ୍ଲିକ ଅପ୍‌ଡେଟେଡ ଡ୍ରାଫ୍ଟ ରେଡ୍ ହେରିଂ ପ୍ରସ୍ପେକ୍ଟସ (ୟୁଡିଆରଏଚ୍‌ପି-୧) ଦାଖଲ କରିବାର ସମ୍ଭାବନା ରହିଛି ଯାହା ୨୧ ଦିନ ପାଇଁ ସାର୍ବଜନୀନ ମତାମତ ପାଇଁ ଖୋଲା ରହିବ ବୋଲି ଏଥିସହ ଜଡ଼ିତ ବ୍ୟକ୍ତିଙ୍କ ସୂତ୍ରରୁ ସୂଚନା ମିଳିଛି।

# ତାମିଲନାଡୁରେ ବନ୍ଦ ହେବ ଟାଟାର ଆପଲ୍ ଆଇଫୋନ୍ ଫ୍ୟାକ୍ଟ୍ରି!

ବେଙ୍ଗାଲୁରୁ,୧୪।୬:ତାମିଲନାଡୁର ହୋସୁରସ୍ଥିତ ଟାଟା ଇଲେକ୍ଟ୍ରୋନିକ୍ସ ର ଆପଲ୍ ଆଇଫୋନ୍ ପାର୍ଟସ୍ ତିଆରି କରୁଥିବା କାରଖାନା ଏବେ ଏକ ବଡ଼ ସଙ୍କଟର ସମ୍ମୁଖୀନ ହୋଇଛି। କାରଖାନାରୁ ନିର୍ଗତ ହେଉଥିବା ଦୂଷିତ ଜଳ ଯୋଗୁଁ ନିକଟସ୍ଥ ଚାଷଜମି ଏବଂ ଭୂତଳ ଜଳ ପ୍ରଦୂଷିତ ହେଉଥିବା ଅଭିଯୋଗ ହୋଇଛି। ଏହି ପ୍ରସଙ୍ଗରେ ତାମିଲନାଡୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (TNPCB) କମ୍ପାନୀକୁ କଡ଼ା ଚେତାବନୀ ଦେବା ସହ ସନ୍ତୋଷଜନକ ସ୍ପଷ୍ଟୀକରଣ ମାଗିଛି। ଯଦି କମ୍ପାନୀ ଉପଯୁକ୍ତ ଉତ୍ତର ନଦିଏ, ତେବେ କାରଖାନାକୁ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯିବ ବୋଲି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଚେତାବନୀ ଦେଇଛି।ହୋସୁରରେ ଥିବା ଏହି ଟାଟା ପ୍ଲାଣ୍ଟରେ ଆଇଫୋନ୍‌ର ବ୍ୟାକ୍ ପ୍ୟାନେଲ୍ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପାର୍ଟସ ବା ଉପକରଣ ପ୍ରସ୍ତୁତ କରାଯାଏ। କାରଖାନା ନିକଟରେ ଚାଷ ଜମି ରଖିଥିବା ସ୍ଥାନୀୟ ଚାଷୀମାନେ ଗତ କିଛି ମାସ ହେବ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିକଟରେ ଅଭିଯୋଗ କରିଆସୁଥିଲେ। ଚାଷୀଙ୍କ କହିବାନୁଯାୟୀ, କାରଖାନାରୁ ବାହାରୁଥିବା ଦୂଷିତ କେମିକାଲ୍ ଯୁକ୍ତ ଜଳ (Wastewater) ଆଖପାଖର ଚାଷଜମି ମଧ୍ୟକୁ ପଶିଯାଉଛି। ଏହାଫଳରେ ସେଠାକାର ଭୂତଳ ଜଳ ଏବଂ ଚାଷ ପାଇଁ ବ୍ୟବହୃତ ହେଉଥିବା ଖୋଲା କୂଅଗୁଡ଼ିକର ଜଳ ସମ୍ପୂର୍ଣ୍ଣ ଭାବରେ ପ୍ରଦୂଷିତ ଓ ବିଷାକ୍ତ ହୋଇପଡ଼ିଛି। ଚାଷୀମାନଙ୍କ ଅଭିଯୋଗକୁ ଆଧାର କରି ନିୟାମକ ସଂସ୍ଥା ଏହି ମାମଲାର ଯାଞ୍ଚ କରିଥିଲା। ପ୍ରାଥମିକ ଯାଞ୍ଚରେ ପ୍ରଦୂଷଣର ସତ୍ୟତା ଜଣାପଡ଼ିବା ପରେ ବୋର୍ଡ ଏହାକୁ ଗମ୍ଭୀରତାର ସହ ନେଇଛି। ପ୍ରଦୂଷଣ ବୋର୍ଡ ପକ୍ଷରୁ ଟାଟା ଇଲେକ୍ଟ୍ରୋନିକ୍ସକୁ ଏକ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। କମ୍ପାନୀର ବର୍ଜ୍ୟଜଳ ପରିଚାଳନା ବ୍ୟବସ୍ଥାରେ ତ୍ରୁଟି ଯୋଗୁଁ ଏଭଳି ସ୍ଥିତି ଉପୁଜିଥିବା ଅଭିଯୋଗ ହୋଇଛି। ଯଦି କମ୍ପାନୀ ଏହି ପ୍ରଦୂଷଣ ରୋକିବା ନେଇ କୌଣସି ସନ୍ତୋଷଜନକ ଉତ୍ତର କିମ୍ବା ସମାଧାନର ବାଟ ନଦେଖାଏ, ତେବେ କାରଖାନାର କାର୍ଯ୍ୟକଳାପକୁ ଜବରଦସ୍ତି ବନ୍ଦ କରିଦିଆଯିବ।ଚୀନ୍ ଉପରେ ନିର୍ଭରଶୀଳତା କମାଇବା ଏବଂ ଭାରତରେ ନିଜର ଆଇଫୋନ୍ ଉତ୍ପାଦନ ବୃଦ୍ଧି କରିବା ପାଇଁ ଆପଲ୍ କମ୍ପାନୀ ଯେଉଁ ରଣନୀତି ପ୍ରସ୍ତୁତ କରିଛି, ସେଥିରେ ଟାଟା ଇଲେକ୍ଟ୍ରୋନିକ୍ସର ଏହି କାରଖାନା ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଦକ୍ଷିଣ ଏସିଆରେ ତାଇୱାନର କମ୍ପାନୀ ଫକ୍ସକନ୍ (Foxconn) ପରେ ଟାଟା ହେଉଛି ଆପଲ୍‌ର ଦ୍ୱିତୀୟ ସବୁଠାରୁ ବଡ଼ ସପ୍ଲାୟର୍ । ଏଭଳି ସ୍ଥିତିରେ ଯଦି ପ୍ରଦୂଷଣ ସମସ୍ୟା ଯୋଗୁଁ ହୋସୁର ପ୍ଲାଣ୍ଟ ବନ୍ଦ ହୁଏ, ତେବେ ଏହା କେବଳ ଟାଟା ନୁହେଁ, ବରଂ ଗ୍ଲୋବାଲ୍ ବ୍ରାଣ୍ଡ୍ 'ଆପଲ୍'ର ଆଇଫୋନ୍ ସପ୍ଲାଏ ଚେନ୍ ଏବଂ ଉତ୍ପାଦନ ଉପରେ ବଡ଼ ପ୍ରଭାବ ପକାଇବ।




# ଏଲ୍‌ନିନୋ ପ୍ରଭାବରେ ଦରଦାମ ରକେଟ ବେଗରେ ବଢ଼ିବା ନେଇ ଆକଳନ

ନୂଆଦିଲ୍ଲୀ,୧୪।୬: ଏଲ୍-ନିନୋକୁ ନେଇ ଚିନ୍ତା ବଢ଼ି ଚାଲିଛି। ଏହା ମଧ୍ୟରେ ୨୦୨୬-୨୭ ଆର୍ଥିକବର୍ଷରେ କୃଷି ଜିଡିପି ସ୍ଥିର ରହିବ କିମ୍ବା ସାମାନ୍ୟ କମ୍ ହୋଇଯାଇପାରେ। ଇଣ୍ଡିଆନ୍ କାଉନ୍ସିଲ୍ ଫର୍ ରିସର୍ଚ୍ଚ ଅନ୍ ଇଣ୍ଟର୍ନ୍ୟାସ୍ନାଲ ଇକୋନୋମିକ୍ ରିଲେସନ୍ସର ପ୍ରଫେସର ଏବଂ ଏଗ୍ରିକଲ୍ଚରାଲ କଷ୍ଟ ଆଣ୍ଡ୍ ପ୍ରାଇସେସ୍ କମିସନ୍‌ର ପୂର୍ବତନ ଅଧ୍ୟକ୍ଷ ଅଶୋକ ଗୁଲାଟି ଏହି ଚେତାବନୀ ଦେଇଛନ୍ତି। ଏହାଦ୍ୱାରା ଦେଶର ମୋଟ ଘରୋଇ ଉତ୍ପାଦ ବି ଖସିଯାଇପାରେ ବୋଲି ସେ କହିଛନ୍ତି।

ଶ୍ରୀ ଗୁଲାଟି କହିଲେ, ବର୍ଷା କେବେ ଏବଂ କେଉଁଠାରେ କେତେ ମାତ୍ରାରେ ହେବ, ଉକ୍ତ ଆଧାରରେ କୃଷି ଜିଡିପି ଅଭିବୃଦ୍ଧି ପ୍ରାୟ 'ଶୂନ' କିମ୍ବା ନେଗେଟିଭ ରହିପାରେ। ସେ କହିଲେ ଯେ, ଆଇଏମ୍‌ଡି ମଜଭୁତ ଏଲ୍ ନିନୋ ଅନୁମାନ କରିଛି। ତେଣୁ ଚାଷକାର୍ଯ୍ୟ ପାଇଁ ବର୍ଷ ୨୦୨୬-୨୭ ଅତ୍ୟନ୍ତ ଖରାପ ରହିପାରେ। ଉକ୍ତ ଚାଷୀମାନଙ୍କ ପାଇଁ ଏହା ଅତ୍ୟନ୍ତ ଖରାପ ରହିବ, ଯେଉଁମାନଙ୍କ ଅଧିକାଂଶ ଆୟ ଚାଷକାର୍ଯ୍ୟରୁ ଆସିଥାଏ।

ଗୁଲାଟି ଚିନ୍ତା ପ୍ରକଟ କରିଛନ୍ତି ଯେ, ୨୦୨୬ରେ ମରୁଡ଼ି ପରିସ୍ଥିତି ଉପୁଜିପାରେ। ଚାଷୀଙ୍କ ଆୟ ପ୍ରଭାବିତ ହେବ। ସମଗ୍ର ଅର୍ଥବ୍ୟବସ୍ଥା ଉପରେ ବି ନକାରାତ୍ମକ ପ୍ରଭାବ ପଡ଼ିବ। ଘରୋଇ ଚାହିଦାରେ ଗ୍ରାମୀଣ ଅର୍ଥବ୍ୟବସ୍ଥାର ପ୍ରଧାନ ଭୂମିକା ରହିଥାଏ। ଅଧିକାଂଶ ଖାଉଟି ସାମଗ୍ରୀ ବିକ୍ରିରେ ୩୦ରୁ୪୦% ଯୋଗଦାନ ରଖିଥାଏ ଗ୍ରାମୀଣ ବଜାର। କୃଷି ଅର୍ଥନୀତି ପ୍ରଭାବିତ ହେବା ଫଳରେ ସମଗ୍ର ଅର୍ଥନୀତିରେ ଚାହିଦା ଖସିବା ସମ୍ଭାବନା ରହିଛି। ଏହା ଦେଶର ଜିଡିପିକୁ ସଂକୁଚିତ କରିପାରେ। ଚାଷୀ



ଆୟ ଦୁଇ ଗୁଣା କରିବା ପାଇଁ ଉଦ୍ଦିଷ୍ଟ କମିଟିର ପୂର୍ବତନ ଅଧ୍ୟକ୍ଷ ଏବଂ ବର୍ତ୍ତମାନ କର୍ଣ୍ଣାଟକ ଏଗ୍ରିକଲ୍ଚରାଲ ପ୍ରାଇସ୍ କମିସନ୍ର ଅଧ୍ୟକ୍ଷ ଅଶୋକ ଦଲୱାଇ କହିଲେ, ଦୁର୍ବଳ ମୌସୁମୀ କାରଣରୁ ସୋୟାବିନ, ହରଡ଼, ବିରି ଏବଂ କପା ଭଳି ଫସଲ ବଡ଼ ମାତ୍ରାରେ ପ୍ରଭାବିତ ହୋଇପାରେ। ଲମ୍ବା ସମୟ ଧରି ମରୁଡ଼ି ଯୋଗୁ ଫସଲ ଉତ୍ପାଦନ ଏବଂ ଚାଷୀ ଆୟ କମିଯିବ। ସେ ଆହୁରି କହିଲେ ଯେ, ବର୍ଦ୍ଧିତ ଇନ୍ଧନ ଦର ଯୋଗୁ ଚାଷଜମିକୁ ପ୍ରସ୍ତୁତ କରିବା, ମେଶିନ୍ ଜରିଆରେ ଚାଷକାର୍ଯ୍ୟ କରିବା ଏବଂ ଡିଜେଲ ଦ୍ୱାରା ଜଳସେଚନ ପମ୍ପ ସେଟ୍ ପରିଚାଳନା ଖର୍ଚ୍ଚ ବଢ଼ୁଛି।

ପ୍ରକାଶଯୋଗ୍ୟ, ଚାଷୀମାନେ ପୂର୍ବରୁ ହିଁ ଅଧିକ ଜଳ ଏବଂ ଅଧିକ ଆୟଯୁକ୍ତ ଫସଲ ବଦଳରେ କମ୍ ଜଳ ଆବଶ୍ୟକତା କରୁଥିବା ଓ କମ୍ ଆୟ ଦେଉଥିବା ଫସଲ(ଯେପରି ବାଜରା, ଯଅ ଏବଂ ମୁଗ) କରିବା ପାଇଁ ଯୋଜନା କରିସାରିଲେଣି। ଅନ୍ୟପକ୍ଷରେ ଗୁଲାଟି କହିଛନ୍ତି ଯେ, ଉପଭୋକ୍ତା ମୂଲ୍ୟ ସୂଚକାଙ୍କ(ସିପିଆଇ) ଆଧାରିତ ଦରଦାମ ବଢ଼ିବା ଥୟ। ସେ କହିଲେ, ଡାଲି, ତୈଳବୀଜ, କପା, ମୋଟା ଶସ୍ୟ ଏବଂ ପନିପରିବା ଉତ୍ପାଦନ ପ୍ରଭାବିତ ହୋଇପାରେ ଏବଂ ଏଗୁଡ଼ିକର ଦର ବଢ଼ିବ। ଖାଦ୍ୟପେୟ ସାମଗ୍ରୀ ଦର ବଢ଼ିବ। ଖୁଚୁରା ମୁଦ୍ରାସ୍ଫୀତି ୫% ଉପରକୁ ଚାଲିଯାଇପାରେ, ଯାହା ଅକ୍ଟୋବର-ନଭେମ୍ବର ସୁଦ୍ଧା ପ୍ରାୟ ୬% ପର୍ଯ୍ୟନ୍ତ ଯାଇପାରେ। ସାର, କୀଟନାଶକ ଏବଂ ଚାଷକାର୍ଯ୍ୟରେ ବ୍ୟବହାର ହେଉଥିବା ଅନ୍ୟ ସାମଗ୍ରୀ ଦର ବଢ଼ିବା ଫଳରେ ଚାଷୀଙ୍କ ଆୟ ପ୍ରଭାବିତ ହେବାର ଆଶଙ୍କା ରହିଛି। ଅଭାବ ଯୋଗୁ ଚାଷୀ ଗ୍ରେ ମାର୍କେଟଠାରୁ ଅଧିକ ଦରରେ ସାର କିଣୁଛନ୍ତି। ଏହାସହିତ ଇରାନ ବିରୋଧରେ ଆମେରିକା ଏବଂ ଇସ୍ରାଏଲ୍ର ଯୁଦ୍ଧ ଯୋଗୁ ଯୋଗାଣ ବାଧାପ୍ରାପ୍ତ ହୋଇଛି।

# ଅନ୍ୟ ଦେଶରେ ମିଥୋସ୍-୫ ବ୍ୟବହାର କଟକଣା ଲଗାଇଲା ଆମେରିକା

ନୂଆଦିଲ୍ଲୀ,୧୪।୬: ସାରା ବିଶ୍ୱରେ ଚହଳ ସୃଷ୍ଟି କରିଥିବା ଅତ୍ୟାଧୁନିକ ଏଆଇ ଟୁଲ୍ ମିଥୋସ୍ ୫କୁ ଆମେରିକା ବାହାରର କୌଣସି ଦେଶ ବ୍ୟବହାର କରିପାରିବେ ନାହିଁ। ଜାତୀୟ ସୁରକ୍ଷାକୁ ନଜରରେ ରଖି ଏଆଇ ସଂସ୍ଥା ଆନ୍ଥ୍ରୋପିକ୍‌ର ଶକ୍ତିଶାଳୀ ମଡେଲ୍‌ଗୁଡ଼ିକ ଉପରେ ଆମେରିକା ସରକାର କଟକଣା ଲଗାଇଛନ୍ତି। ଫାବଲ୍ ୫ ଓ ମିଥୋସ୍ ୫ ମଡେଲ୍‌ର ରପ୍ତାନିକୁ ନିଷିଦ୍ଧ କରାଯାଇଛି। ଫଳରେ ଏହି ମଡେଲ୍‌କୁ ଅନ୍ୟ କୌଣସି ଦେଶର ଗ୍ରାହକ ବ୍ୟବହାର କରିପାରିବେ ନାହିଁ। ସେଥିପାଇଁ କମ୍ପାନି ଦୁଃଖ ପ୍ରକାଶ କରିଛି। ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ କରିବା ଲାଗି ଉଦ୍ୟମ କରାଯାଉଥିବା କମ୍ପାନି ପକ୍ଷରୁ କୁହାଯାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ଓ ଆନ୍ଥ୍ରୋପିକ୍ ମଧ୍ୟରେ ସମ୍ପର୍କ ଏତେଟା ଭଲ ନଥିଲା। ସେଥିରେ ସୁଧାର ହୋଇଆସୁଥିବା ବେଳେ ସରକାର ଏହି କଠୋର କଟକଣା ଲଗାଇଛନ୍ତି। ସାମରିକ ବ୍ୟବହାର ଅଭିଯାନରେ ସାମିଲ ହେବାକୁ ମନା କରିବା ପରେ ଆନ୍ଥ୍ରୋପିକ୍ସ ସହ ଆମେରିକା ସରକାରଙ୍କ ସମ୍ପର୍କ ଖରାପ ହୋଇଥିଲା। ଦେଶ ଭିତରେ ନିରୀକ୍ଷଣ ବ୍ୟବସ୍ଥା ଓ ସ୍ୱୟଂକ୍ରିୟ କ୍ଷେପଣାସ୍ତ୍ର ମିସନରେ ସରକାର ଏଆଇ




ବ୍ୟବହାର କରିବାକୁ ଚାହୁଁଥିଲେ। ସରକାରଙ୍କ କଥା ନ ମାନିବାରୁ କମ୍ପାନିର ଯୋଗାଣ ଶୃଙ୍ଖଳାକୁ କଳାତାଲିକାଭୁକ୍ତ କରାଯାଇଥିଲା। ପୂର୍ବରୁ ଆମେରିକା ସରକାର କେବଳ ଚିପ୍ ରପ୍ତାନି ଉପରେ କଟକଣା ଲଗାଉଥିଲେ। ପ୍ରଥମ ଥର ପାଇଁ କୌଣସି ଏଆଇ ଟୁଲ୍ ବିରୋଧରେ ଏଭଳି କଠୋର ପଦକ୍ଷେପ ଗ୍ରହଣ କରାଯାଇଛି। ଏହି କଟକଣା ସମ୍ପର୍କରେ ଆନ୍ଥ୍ରୋପିକ୍ ପକ୍ଷରୁ କୁହାଯାଇଛି ଯେ ସରକାର ଯେଉଁ କାରଣ ଦର୍ଶାଇଛନ୍ତି ତାହା ବଳିଷ୍ଠ ନୁହେଁ। ଜେଲ୍‌ରୁ କଏଦୀ ଚମ୍ପଟ ମାରିବା ଆଶଙ୍କା ଥିବାରୁ କଟକଣା ଲଗାଯାଇଥିବା କଥା ସରକାର ମୌଖିକ ଭାବେ କହିଛନ୍ତି। ସେଭଳି ଏକ କାରଣ ପାଇଁ କୋଟି କୋଟି ଲୋକଙ୍କୁ ବାଣିଜ୍ୟିକ ଭାବେ ଏହି ଏଆଇ ମଡେଲ୍ ବ୍ୟବହାରରୁ ବଞ୍ଚିତ କରିବା ଠିକ୍ ନୁହେଁ। ଏଆଇ ମଡେଲ୍‌କୁ ନେଇ ସରକାର ଯେଉଁ ଆଭିମୁଖ୍ୟ ପ୍ରଦର୍ଶନ କରିଥିଲେ ତାହାର ବିପରୀତ ପଦକ୍ଷେପ ନେଇଛନ୍ତି। ତେବେ ଆମେରିକାର ମୁଖ୍ୟ ସୂଚନା ଅଧିକାରୀ କ୍ରିଷ୍ଟନ ଡେଭିସ୍ କହିଛନ୍ତି ଯେ ପ୍ରତିରକ୍ଷା ବିଭାଗ ଜାତୀୟ ସୁରକ୍ଷାକୁ ପ୍ରାଥମିକତା ଦେଉଛି। କିଛି ବିଷୟରେ ରାଜସ୍ୱ ଓ ପ୍ରାକ୍-ଆଇପିଓ ମୂଲ୍ୟାୟନଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି। ଆଇପିଓ ଜରିଆରେ ପାଣ୍ଠି ସଂଗ୍ରହ କରିବାକୁ ଗତ ମାସରେ ଆନ୍ଥ୍ରୋପିକ୍ ଆବେଦନ କରିଥିଲା। ସେହି ମର୍ମରେ ଡେଭିସ୍ ଏଭଳି ମନ୍ତବ୍ୟ ଦେଇଥିବା ଅନୁମାନ କରାଯାଉଛି। କିଛି ମାସ ପୂର୍ବେ ଆନ୍ଥ୍ରୋପିକ୍‌ର ଏଆଇ ମଡେଲ୍ ମିଥୋସ୍‌କୁ ନେଇ ସାରା ବିଶ୍ୱରେ ଭୟ ସୃଷ୍ଟି ହୋଇଥିଲା। ସିଷ୍ଟମ୍‌ରେ ଥିବା ୨୦ ବର୍ଷର ପୁରୁଣା ତ୍ରୁଟିକୁ ମିଥୋସ୍ ଚିହ୍ନଟ କରିପାରୁଥିବା କମ୍ପାନି ଦାବି କରିବା ପରେ ବିଶ୍ୱର ବିଭିନ୍ନ ଦେଶ ଓ ବିଶେଷ କରି ଆର୍ଥିକ ସଂସ୍ଥାଗୁଡ଼ିକ ଚିନ୍ତିତ ହୋଇପଡ଼ିଥିଲେ। ମନ୍ଦ ଉଦ୍ଦେଶ୍ୟ ରଖିଥିବା ଲୋକଙ୍କ ପାଖରେ ସେହି ମଡେଲ୍ ପହଞ୍ଚିଗଲେ ସେମାନେ ଯେକୌଣସି ପ୍ରକାରରେ ବଡ଼ ସାଇବର୍ ଆକ୍ରମଣ କରି ବିଶ୍ୱର ଡିଜିଟାଲ ଭିତ୍ତିଭୂମିକୁ ନିଜ ଅକ୍ତିଆରକୁ ନେଇଯିବାର ଆଶଙ୍କା ପ୍ରକାଶ ପାଇଥିଲା।



# ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୫,୬୪୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୩,୫୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୫,୬୪୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ହଜାର ୧,୩୩,୫୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୫,୬୪୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୩୩,୫୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୪୭,୭୯୦ ଟଙ୍କା ଓ ୨୨ କ୍ୟାରଟେ ୧,୩୩,୬୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୪୭,୨୮୦ ଟଙ୍କା ଥିବାବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୫,୦୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୫,୬୪୦ ଓ ୨୨ କ୍ୟାରେଟମୂଲ୍ୟ ୧,୩୩,୫୦୦ଟଙ୍କାରହିଛି।ଅନ୍ୟପଟେରୁପାମୂଲ୍ୟକିଲୋପିଛା ୨,୫୦,୦୦୦ଟଙ୍କାହୋଇଛି।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୮୯ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୦ ପଇସା ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ ଟଙ୍କା ୧୮ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି। କୋଲକାତାରେ ପେଟ୍ରୋଲ ଦର ୧୧୩.୪୭ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୮୭ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା୬୬ ପଇସା ରହିଛି। ବୈଦେଶିକ ମୂଲ୍ୟ ସହିତ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ମୂଲ୍ୟ ଉପରେ ନିର୍ଭର କରି ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ପ୍ରତିଦିନ ବଦଳିଥାଏ।

## ହଜିଥିବା ମୋବାଇଲ ଫେରାଇଲା ପୁଲିସ



ଧାମନଗର,୧୪।୬ (ସଂଚାର ବ୍ୟୁରୋ): ଧାମନଗର ପୁଲିସର ତତ୍ପରତା ଓ ସଫଳତା ଏବଂ କାର୍ଯ୍ୟଦକ୍ଷତାର ଆଉ ଏକ ଉଦାହରଣ ସାମ୍ନାକୁ ଆସିଛି। ହଜିଯାଇଥିବା ମୋବାଇଲକୁ (ସି.ଈ.ଆଇ. ଆର)ପୋର୍ଟାଲ ମାଧ୍ୟମରେ ମାତ୍ର ଦୁଇ ଦିନରେ ଠାବ କରି ଉଦ୍ଧାର କରିଛନ୍ତି। ଶନିବାର ସନ୍ଧ୍ୟାରେ ଧାମନଗର ଥାନା ଏସଆଇ ନାରାୟଣ ନାୟକ କାଗଜପତ୍ର ତଦନ୍ତ କରି ଉଦ୍ଧାର ହୋଇଥିବା ମୋବାଇଲ ଫୋନଟି ପ୍ରକୃତ ମାଲିକ ସେକ ଅନ୍ୱର ହୋସେନଙ୍କୁ ବିଧିବଦ୍ଧ ଭାବେ ହସ୍ତାନ୍ତର କରିଛନ୍ତି। ସେକ ଅନ୍ୱର ହୋସେନ ମୋବାଇଲ ହଜିଯାଇଥିବା ବେଳେ ସଙ୍ଗେ ସଙ୍ଗେ ଥାନାରେ ଏତଲା ଦେଇଥିଲେ। ନିଜର ହଜିଯାଇଥିବା ମୋବାଇଲ ଫୋନ ଫେରି ପାଇ ଖୁସି ବ୍ୟକ୍ତ କରିବା ସହିତ ଆଇ ଆଇ ସି ଶୁଭ୍ରଜିତ ଦାଶ ଏବଂ ସବ୍-ଇନ୍ସପେକ୍ଟର ନାରାୟଣ ନାୟକଙ୍କୁ କୃତଜ୍ଞତା ସହ ଧନ୍ୟବାଦ ଜଣାଇଛନ୍ତି। ସାଧାରଣ ଲୋକଙ୍କୁ (ସି.ଈ.ଆଇ.ଆର) ପୋର୍ଟାଲ ମାଧ୍ୟମରେ ହଜିଥିବା ମୋବାଇଲ ଉଦ୍ଧାର କରି ପ୍ରକୃତ ମାଲିକଙ୍କୁ ଚିହ୍ନଟ ପରେ ମୋବାଇଲ ଫେରାଇବା ତଥା ପୁଲିସର ଏଭଳି ଜନସେବା କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଉଛି।

# ପହିଲି ରଜରେ କୋଣାର୍କ ମୁଖରିତ



### ତିନିଦିନିଆ ରଜ ଉତ୍ସବ ଶୁଭାରମ୍ଭ / କୋଣାର୍କ ଯାତ୍ରୀ ନିବାସରେ ଓଡ଼ିଆ ଅସ୍ମିତାର ଉତ୍ସବ

କାକଟପୁର/ଅସ୍ତରଙ୍ଗ,୧୪।୬ (ସଂଚାର ବ୍ୟୁରୋ): ଓଡ଼ିଆ ଜାତିର ସ୍ୱାଭିମାନ ଓ ପରମ୍ପରାର ପ୍ରତୀକ ରଜପର୍ବ ଆଜି ପହିଲି ରଜର ଶୁଭ ଲଗ୍ନରେ ବିଶ୍ୱ ବିଖ୍ୟାତ କୋଣାର୍କର ପବିତ୍ର ମୃତ୍ତିକାରେ ନୂତନ ରୂପ ନେଇ ଆବିର୍ଭୂତ ହୋଇଛି। ଓଡ଼ିଶା ପର୍ଯ୍ୟଟନ ବିକାଶ ନିଗମ ଅର୍ଥାତ୍ ଓଟିଡିସି ପକ୍ଷରୁ କୋଣାର୍କ ଯାତ୍ରୀନିବାସ ପ୍ରାଙ୍ଗଣରେ ତିନିଦିନିଆ ରଜୋତ୍ସବର ଶୁଭାରମ୍ଭ ହୋଇଛି। ଓଡ଼ିଆ ଜାତିର ପ୍ରାଚୀନ କଳା ଓ ସଂସ୍କୃତିର ଗୌରବକୁ ଜାଗ୍ରତ ରଖିବା ତଥା ଦେଶ-ବିଦେଶର ପର୍ଯ୍ୟଟକଙ୍କ ଆଗରେ ଓଡ଼ିଆ ଅସ୍ମିତାକୁ ଉପସ୍ଥାପନ କରିବା ଏହି ଉତ୍ସବର ମୁଖ୍ୟ ଲକ୍ଷ୍ୟ। ସୂର୍ଯ୍ୟ ମନ୍ଦିର ଛାୟାତଳେ ଆୟୋଜିତ ଏହି ଉତ୍ସବକୁ କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ୍ତ କୁମାର ଜେନା ଏବଂ କୋଣାର୍କ ଥାନାର ଅଧିକାରୀ ପ୍ରଶାନ୍ତ ପଢ଼ିଆରୀ ଯୌଥ ଭାବେ ଉଦ୍‌ଘାଟନ କରିଥିଲେ। ପ୍ରଦୀପ ପ୍ରଜ୍ୱଳନ ଓ ବୈଦିକ ମନ୍ତ୍ରୋଚ୍ଚାରଣ ମଧ୍ୟରେ ଆରମ୍ଭ ହୋଇଥିବା ଏହି ଉତ୍ସବରେ ସ୍ଥାନୀୟ ଜନପ୍ରତିନିଧି, ସୁଧୀ ସମାଜ, ଶିକ୍ଷାବିତ୍ ଓ ଶତାଧିକ ପର୍ଯ୍ୟଟକଙ୍କ ସମାଗମ ଘଟିଥିଲା।

ଉତ୍ସବ ପ୍ରାଙ୍ଗଣ ସମ୍ପୂର୍ଣ୍ଣ ଓଡ଼ିଆ ପରମ୍ପରାରେ ସଜ୍ଜିତ ହୋଇଥିଲା। ସୁନ୍ଦର ଭାବରେ ଟଙ୍ଗାଯାଇଥିବା ରଙ୍ଗୀନ ଦୋଳି ସମସ୍ତଙ୍କୁ ଆକର୍ଷିତ କରୁଥିଲା। ଛୋଟଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ମିଠା ସ୍ୱରେ ରଜ ଗୀତ ଗାଉଥିଲେ। ଓଟିଡିସି ପକ୍ଷରୁ ପର୍ଯ୍ୟଟକଙ୍କ ପାଇଁ ଓଡ଼ିଆ ପାରମ୍ପରିକ ଖାଦ୍ୟ ଓ ପିଠାର ସ୍ୱତନ୍ତ୍ର ଷ୍ଟଲ ସ୍ଥାପନ କରାଯାଇଥିଲା। ପୋଡ଼ ପିଠା, ଆରିସା, ମଣ୍ଡା, କାକରା, ଇଟିଲି ପିଠା ଓ ରଜ ପାନ ପ୍ରଭୃତି ସ୍ୱାଦିଷ୍ଟ ବ୍ୟଞ୍ଜନର ସୁବାସରେ ସମଗ୍ର ପ୍ରାଙ୍ଗଣ ମହମହ ହୋଇଉଠିଥିଲା। ବିଦେଶୀ ପର୍ଯ୍ୟଟକମାନେ ଏହି ଅପରୂପ ସ୍ୱାଦ ଚାଖି ମୁଗ୍ଧ ହୋଇଯାଉଥିଲେ।

ପର୍ଯ୍ୟଟକ ବବିତା ପ୍ରଧାନ କହିଲେ, "କୋଣାର୍କ ଆସି ରଜର ପ୍ରକୃତ ରୂପ ଦେଖିବାର ସୌଭାଗ୍ୟ ପ୍ରାପ୍ତ ହେଲା। ଏଠାକାର ପରମ୍ପରା ଓ ଆତିଥେୟତା ମନକୁ ଛୁଇଁ ଯାଉଛି।" ବରିଷ୍ଠ ଶିକ୍ଷାବିତ୍ ତଥା ସମାଜସେବୀ ରାମକୃଷ୍ଣ ମହାନ୍ତି ଉଦ୍‌ଘାଟନର ପ୍ରକାଶ କରି କହିଲେ, "ଏପରି ଉତ୍ସବ ମାଧ୍ୟମରେ ନୂଆ ପିଢ଼ି ଆମ ମୂଳ ସହ ଯୋଡି ହେଉଛି। ଓଟିଡିସିର ଏହି ପ୍ରୟାସ ପ୍ରଶଂସନୀୟ।" କୋଣାର୍କ ଯାତ୍ରୀନିବାସର ମ୍ୟାନେଜର ଶ୍ରୀ ବାପି ରଞ୍ଜନ ସାହୁ ସୂଚନା ଦେଇ କହିଲେ, ଆଗାମୀ ତିନିଦିନ ଧରି ଏହି ଉତ୍ସବ ଚାଲିବ। ସୂର୍ଯ୍ୟ ମନ୍ଦିର ମହିମା ଓ ରଜର ରଙ୍ଗ ମିଶି କୋଣାର୍କର ପରିବେଶକୁ ସ୍ୱର୍ଗୀୟ କରିତୋଳିଛି। ଓଟିଡିସିର ଏହି ଆୟୋଜନ କେବଳ ଏକ ଉତ୍ସବ ନୁହେଁ, ବରଂ ଓଡ଼ିଆ ଜାତିର କଳା, ସଂସ୍କୃତି ଓ ପରମ୍ପରାର ଏକ ଜୀବନ୍ତ ପ୍ରଦର୍ଶନୀ।

### ଆଞ୍ଚଳିକ ରଜ ମହୋତ୍ସବ

## ହଜିଯାଉଥିବା ପରମ୍ପରାକୁ ଉଜ୍ଜୀବିତ ରଖିବାକୁ ପ୍ରୟାସ




ଧାମନଗର,୧୪।୬ (ସଂଚାର ବ୍ୟୁରୋ) ଆଧୁନିକତାର ପ୍ରଭାବ ଓ ବ୍ୟସ୍ତ ଜୀବନଶୈଳୀ ମଧ୍ୟରେ ଧୀରେ ଧୀରେ ଲୋକଜୀବନରୁ ଦୂରେଇ ଯାଉଥିବା ଓଡ଼ିଆଙ୍କ ଗଣପର୍ବ 'ରଜ'ର ପରମ୍ପରାକୁ ଉଜ୍ଜୀବିତ ରଖିବା ଉଦ୍ଦେଶ୍ୟରେ ଧାମନଗର ବ୍ଲକ ବୟାଳଙ୍ଗଡିହ ପଞ୍ଚାୟତ ମେଳଣ ପଡ଼ିଆ ପରିସରରେ ଆଞ୍ଚଳିକ ରଜ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି।

ଏହି ଉତ୍ସବରେ ସମାଜସେବୀ ଓ 'ସକାଳ' ପତ୍ରିକାର ପ୍ରକାଶକ ଅମିତ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରଜ ପର୍ବ ଓଡ଼ିଆ ସଂସ୍କୃତିର ଏକ ଅନନ୍ୟ ପରିଚୟ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ହୃଦାନନ୍ଦ କର, ମନୋଜ ଜେନା, ଅଧ୍ୟାପକ ଶ୍ରୀଧର ଦାସ ଓ ସାମ୍ବାଦିକ ସନ୍ତୋଷ ସାହୁ ଯୋଗଦେଇ ରଜ ପର୍ବର ସାମାଜିକ ଓ ସାଂସ୍କୃତିକ ମହତ୍ତ୍ୱ ସମ୍ପର୍କରେ ମତ ରଖିଥିଲେ। ଉତ୍ସବ ଅବସରରେ କବିମାନଙ୍କ ଦ୍ୱାରା କବିତା ପାଠ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଲୋକସଂସ୍କୃତି, ପରମ୍ପରା ଓ ରଜ ପର୍ବର ମହିମାକୁ ନେଇ ପାଠ କରାଯାଇଥିବା କବିତା ଉପସ୍ଥିତ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। ଆଜିର ଦିନରେ ରଜ ଦୋଳି, ପୁଚି ଖେଳ, ରଜପାନ ଓ ଗ୍ରାମୀଣ ମିଳନ ପରମ୍ପରା ଧୀରେ ଧୀରେ ହଜିଯାଉଥିବା ବେଳେ ଏଭଳି ମହୋତ୍ସବ ନୂତନ ପିଢ଼ୀଙ୍କୁ ନିଜ ମାଟିର ସଂସ୍କୃତି ସହ ଯୋଡ଼ିବାରେ ସହାୟକ ହେବ ବୋଲି ଉପସ୍ଥିତ ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଥିଲେ। ରଜ ପର୍ବର ପାରମ୍ପରିକ ଉତ୍ସାହ ଓ ଆନନ୍ଦ ମଧ୍ୟରେ ମହୋତ୍ସବ ଅନୁଷ୍ଠିତ ହୋଇଥିଲା।

## ସରକାରଙ୍କ ଦ୍ୱିତୀୟ ବର୍ଷ ପୂର୍ତ୍ତି: ବଖାଣିଲେ ବିକାଶ ଧାରା




କୋରାପୁଟ,୧୪।୬ (ସଂଚାର ବ୍ୟୁରୋ): ରାଜ୍ୟରେ ବିଜେପି ସରକାର ଦ୍ୱିତୀୟ ବର୍ଷ ପୂର୍ତ୍ତି ଅବସରରେ ଆଜି କୋରାପୁଟ ଜିଲ୍ଲାର ଗତ ୨ ବର୍ଷ ବିକାଶର ଚିତ୍ର ଉନ୍ମୁକ୍ତ କରାଯାଇଛି। ଏହି ଅବସରରେ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଛନ୍ତି ଯେ ଦେଶରେ କୋରାପୁଟ ଜିଲ୍ଲା ଏକ ଅଗ୍ରଣୀ ଜିଲ୍ଲା ଭାବେ ପରିଗଣିତ ହୋଇଛି ବୋଲି ସର୍କିଟ ହାଉସଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

ମକା ମିଶନ ଜରିଆରେ ୨୦୨୫/୨୬ ଆର୍ଥିକ ବର୍ଷରେ ଜିଲ୍ଲାରେ ୨୧୦୦ ହେକ୍ଟରରେ ମକା ଚାଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଶ୍ରୀଅନ୍ନ ଅଭିଯାନ ମାଧ୍ୟମରେ ଜିଲ୍ଲାରେ ମାଣ୍ଡିଆ ଉତ୍ପାଦନ ଓଡ଼ିଶାରେ ସର୍ବାଧିକ ରହିଛି। କୋରାପୁଟ ଜିଲ୍ଲାରେ ଗତବର୍ଷ ଖରିଫରେ ୨ ଲକ୍ଷ ୩୯ ହଜାର ମାଣ୍ଡିଆ ଉତ୍ପାଦନ ହୋଇଥିଲା। ମୁଖ୍ୟମନ୍ତ୍ରୀ କାମଧେନୁ ୬୭ ଜଣ ହିତାଧ୍ୟାକାରୀ ୫୫ ଲକ୍ଷ ୬୩ ହଜାର ଟଙ୍କା ପାଇ ଉପକୃତ ହୋଇଛନ୍ତି। ଜଳଧାରା ଯୋଜନାରେ ୨୦୨୫/୨୬ ଅର୍ଥିକ ବର୍ଷରେ ୭୧ଟି ଫାର୍ମ ପୋଖରୀ ନିର୍ମାଣ କରାଯାଇଛି। ସୁଭଦ୍ରା ଯୋଜନାରେ ୩୧୭୨୪୯ ଜଣ ହିତାଧ୍ୟାକାରୀଙ୍କ ପାଇଁ ୬୨୭:୫୬ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଅନ୍ତର୍ଗତ ୨୦୨୫/୨୬ ଆର୍ଥିକ ବର୍ଷରେ ୩୨ ଜଣ ହିତାକ୍କାରୀଙ୍କୁ ସମୁଦାୟ ୧୪,୪ଲକ୍ଷ ଟଙ୍କା ବଣ୍ଟନ କରାଯାଇଛି। କୋରାପୁଟ ଜିଲ୍ଲାରେ ମୋଟ ୩୪ଟି ପିଏମଶ୍ରୀ ବିଦ୍ୟାଳୟ ଅନୁମୋଦିତ ହୋଇ କାର୍ଯ୍ୟକ୍ଷମ ରହିଛି। ନୂଆ ଓଡିଶା ଯୋଜନାରେ ୪୦୯ ଜଣ ଯୁବକ ଓ ଯୁବତୀଙ୍କୁ ତାଲିମ ପ୍ରଦାନ କରାଯାଇଛି। ଏଥିପାଇଁ ୭୧୧୩ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ୨୦୨୫/୨୬ ଆର୍ଥିକ ବର୍ଷ ପାଇଁ ବିକଶିତ ଗାଁ ବିକଶିତ ଓଡିଶା ଯୋଜନାରେ ସମୁଦାୟ ୧୯୦୭ଟି ପ୍ରକଳ୍ପ ଅନୁମୋଦିତ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ୫୨୩ଟି ପ୍ରକଳ୍ପ କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି। ଏଥିପାଇଁ ମଞ୍ଜୁର ହୋଇଥିବା ୮୯୯୬୪୩୩୦୩ ଟଙ୍କାରୁ ଏ ଯାବତ ୧୬୬୯୧୬୫୦୮ ଟଙ୍କା ବିନିଯୋଗ ହୋଇଥିବା ମନ୍ତ୍ରୀ ଶ୍ରୀ ମଲ୍ଲିକ ଉପସ୍ଥାପନା କରିଥିଲେ।

କୋରାପୁଟ କଫି ବ୍ରାଣ୍ଡ ସାରା ବିଶ୍ୱରେ ନାମ ଅର୍ଜନ କରିଛି। ଗୋ ମାଫିଆମାନଙ୍କୁ ଗିରଫ କରିବାକୁ ଜିଲ୍ଲାର ଏସପିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି। କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲର ନୂତନ ୬୫୦ ଶଯ୍ୟା ବିଶିଷ୍ଟ ଅଧ୍ୟାପନା ଚିକିତ୍ସାଳୟର କିଛି କାର୍ଯ୍ୟ ଶେଷ ହେବା ପରେ ପୁରା କାର୍ଯ୍ୟକ୍ଷମ ହେବ ବୋଲି କହିଛନ୍ତି।

## ସମୀର ଟିଭିଏସ ପକ୍ଷରୁ ରଜ କୁଇନ ପ୍ରତିଯୋଗିତା



କେନ୍ଦ୍ରାପଡ଼ା,୧୪।୬(ସଂଚାର ବ୍ୟୁରୋ): ଦୁହୁରିଆସ୍ଥିତ ସମୀର ଟିଭିଏସ ପକ୍ଷରୁ ଆଜି ପ୍ରଥମ ଥର ପାଇଁ ରଜକୁଇନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀମାନେ ନୃତ୍ୟ ଓ ସାଧାରଣଜ୍ଞାନ ପ୍ରତିଯୋଗିତାରେ ଭାଗନେଇ ସେମାନଙ୍କ ଲୁକ୍କାୟିତ ପ୍ରତିଭାକୁ ପ୍ରଦର୍ଶିତ କରିଥିଲେ । ଏଥିରେ ବିଚାରପତି ଭାବେ ବିଶିଷ୍ଟ କଳାକାର ଗୁରୁଶ୍ରୀ ପ୍ରକାନ୍ତ ମହାରଣା, ଗୁରୁଶ୍ରୀ ଇନ୍ଦ୍ରମଣୀ ପଣ୍ଡା, ଆକାଶବାଣୀ ଓ ଦୁରଦର୍ଶନର କଳାକାର ପି. ରୁଦ୍ରାଣୀ, ସର୍ବଭାରତୀୟ ପୁରସ୍କାରପ୍ରାପ୍ତ ବିଶିଷ୍ଟ କଳାକାର ସମୀରଞ୍ଜନ ଦାସ ଓ କ୍ଷୀରୋଦ କୁମାର କର ପ୍ରମୁଖ ଯୋଗଦେଇଥିଲେ । ଏଥିରେ ସାଶ୍ୱତୀ ସ୍ୱାଇଁ ପ୍ରଥମ, ଟି.ଏସ. ସାଇସ୍ମିଦ୍ଧା ଦ୍ୱିତୀୟ ଓ ଆଦ୍ୟାଶ୍ରୀ ରଥ ତୃତୀୟ ସ୍ଥାନ ଅଧିକାର କରି ଯଥାକ୍ରମେ ୫ହଜାର, ୩ହଜାର ଓ ୨ହଜାର ଟଙ୍କା ନଗଦ ଅର୍ଥ ସମେତ ମୁକୁଟ ଓ ସ୍ୱତନ୍ତ୍ର ପୁରସ୍କାର ଲାଭ କରିଥିଲେ । ସମସ୍ତ ପ୍ରତିଯୋଗୀଙ୍କୁ ଅନୁଷ୍ଠାନ ପକ୍ଷରୁ ଶାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା । ସମୀର ଟିଭିଏସର ନିର୍ଦ୍ଦେଶକ ସମୀର କୁମାର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଚିରଞ୍ଜନ ଦାସ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ।

## ବନ୍ଦର ନଗରୀରେ ୩ ଦିନ ଧରି ଚାଲିବ ରଜ ଉତ୍ସବ



ପାରାଦ୍ୱୀପ,୧୪।୬ (ସଂଚାର ବ୍ୟୁରୋ): ବନ୍ଦର ନଗରୀରେ ଆରମ୍ଭ ହୋଇଛି ରଜ ପର୍ବ ପାଳନ | ବନ୍ଦର ପ୍ରସାଶନିକ ପକ୍ଷ୍ୟରୁ ଜଗନ୍ନାଥ ଲଳିତ କଳା ସଂସଦ ଆନୁକୁଲ୍ୟରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ଯ ରଜ ପର୍ବ ଆୟୋଜିତ ହୋଇଛି | ପୋଡ଼ ପିଠା, ଦୋଳି, ପାନ, ପୁଚି ଖେଳ ଓ ରଜ ଗୀତ ପ୍ରତିଯୋଗୀତା ମଧ୍ୟ କରାଯାଉଛି | ଓଡ଼ିଆ ଘରର ବାସ୍ନାରେ ମହକୁଛି ସାରା ଅଞ୍ଚଳ | ଝିଅ ବୋହୁ ମାନେ ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିୟମ ପାଖରେ ପହଂଚି ଏହି ଉତ୍ସବର ମଜା ନେଇଛନ୍ତି | ବନ୍ଦର ପ୍ରଶାସନ କେବଳ ପଣ୍ୟ କାରବାର ନୁହେଁ, ଓଡ଼ିଆ ପର୍ବ ପର୍ବାଣୀ ପାଳନ ଦିଗରେ ମଧ୍ଯ ରୁଚି ରଖିଥିବା ଦେଖିବାକୁ ମିଳେ | ଓଡ଼ିଆ ଘରର ଝିଅ ବୋହୁ ଗାଁକୁ ନଯାଇ ଏହିଠାରେ ଓଡ଼ିଆ ଗ୍ରାମ୍ୟ ସଂସ୍କୃତିର ଅନନ୍ୟ ପରମ୍ପରାକୁ ବେଶ ଉପଭୋଗ କରନ୍ତି | ଏହା ତିନିଦିନ ଧରି ଅନୁଷ୍ଠିତ ହେବାକୁ ଥିବାବେଳେ ଆଜି ପ୍ରଥମ ଦିନରେ ବନ୍ଦର ଅଧ୍ୟକ୍ଷ ପିଏଲ ହରନାଦ ଆନୁଷ୍ଠାନିକ ଭାବେ ଏହି ଉତ୍ସବକୁ ଉଦଘାଟିତ କରିଥିଲେ |

### ରଜ ପାଇଁ ଖୋଲିଛି ସ୍ୱତନ୍ତ୍ର ପାନ ଦୋକାନ

## ଟ୍ରେଣ୍ଡିଂ ସ୍ମୋକ ସହ ପାରମ୍ପରିକ ପାନ ପାଇଁ ଲମ୍ବାଧାଡ଼ି



କାକଟପୁର/ଅସ୍ତରଙ୍ଗ,୧୪।୬ (ସଂଚାର ବ୍ୟୁରୋ): ରଜ ମାନେ ଖାଲି ଦୋଳି ଓ ପିଠା ନୁହେଁ, ପାନର ମହକ ବି। ଓଡିଶାର ଗଣପର୍ବ ରଜକୁ ଅଧିକ ରଙ୍ଗୀନ କରିବା ପାଇଁ ପୁରୀ ଜିଲ୍ଲାର କାକଟପୁର ଓ ଅସ୍ତରଙ୍ଗ ବ୍ଲକ ଅଂଚଳରେ ଏଥର ଖୋଲିଛି ସ୍ୱତନ୍ତ୍ର 'ରଜ ପାନ ଦୋକାନ '। ଏହି ବଜାର କେବଳ ରଜର ତିନି ଦିନ - ପହିଲି ରଜ, ରଜ ସଂକ୍ରାନ୍ତି ଓ ଭୂମିଦାହ ପାଇଁ ଖୋଲା ରହିବ।

ପାରମ୍ପରିକ ସାଦା ପାନ ଠାରୁ ଆରମ୍ଭ କରି ଆଜିକାଲିର ଯୁବପିଢ଼ିଙ୍କ ପସନ୍ଦର ସ୍ମୋକ ପାନ, ଫାୟାର ପାନ, ଆଇସ ପାନ, ଚକଲେଟ ପାନ, ଷ୍ଟ୍ରବେରୀ ପାନ ଯାଏଁ ସବୁ ଉପଲବ୍ଧ। ଦାମ ବି ସମସ୍ତଙ୍କ ବଜେଟକୁ ଦେଖି - ମାତ୍ର ୫ଟଙ୍କାର ସାଦା ପାନଠୁ ୫୦ ଟଙ୍କାର ସ୍ପେଶାଲ ସ୍ମୋକ ପାନ ଯାଏଁ। ଗୁଆ, ଚୂନ, ଖଇର ତ ଅଛି, ତା ସହ ଗୁଲକନ୍ଦ, ଚେରି, ମୌରି, ଧନିଆ ଦାଳି, ନଡିଆ କୋରା, ଖଜୁରି ସମେତ ୧୫ରୁ ଅଧିକ ମସଲା ପକାଇ ପାନକୁ ସ୍ୱତନ୍ତ୍ର କରାଯାଉଛି। ସ୍ମୋକ ପାନରେ ଲିକ୍ୱିଡ ନାଇଟ୍ରୋଜେନ ପକାଇ ଧୂଆଁ ବାହାର କରାଯାଉଛି, ଯାହା ଯୁବପିଢ଼ିଙ୍କୁ ବେଶ ଆକର୍ଷିତ କରୁଛି। ପରମ୍ପରା ଅନୁସାରେ ରଜରେ ଝିଅ-ବୋହୂମାନେ ଦୋଳି ଖେଳିବା, ନୂଆ ପୋଷାକ ପିନ୍ଧିବା ସହ ପାନ ଖାଇବା ହେଉଛି ରଜର ଅଂଶ। ପାନ ନଖାଇଲେ ରଜ ଅଧୁରା ବୋଲି ବୟସ୍କ ମହିଳାମାନେ କୁହନ୍ତି। ସେଥିପାଇଁ ପୁରୁଷମାନେ ମଧ୍ୟ ଘର ମହିଳାମାନଙ୍କ ପାଇଁ ପାନ କିଣି ନେଉଛନ୍ତି।

ଅସ୍ତରଙ୍ଗ ବଜାରର ପାନ ଦୋକାନୀ ରମେଶ ସାହୁ କହିଛନ୍ତି "ସାଧାରଣ ଦିନରେ ଦିନକୁ ୩ଶହ ଖିଲି ପାନ ବିକ୍ରି ହେଲେ ରବିବାର ୨ହଜାର ଟପିଲାଣି। ସକାଳ ୭ଟାରୁ ରାତି ୧୦ଟା ଯାଏଁ ଭିଡ଼ ଲାଗିଛି।" କାକଟପୁରର ମା ମଙ୍ଗଳା ପାନ ଦୋକାନରେ ସ୍ମୋକ ପାନ ପାଇଁ ଯୁବପିଢ଼ିଙ୍କ ଲମ୍ବା ଧାଡି। ଜଣେ କଲେଜ ଛାତ୍ର କହିଛନ୍ତି , "ସ୍ମୋକ ପାନର ଭିଡିଓ କରି ଇନଷ୍ଟାରେ ଦେଲେ ବହୁତ ଲାଇକ ଆସୁଛି। ରଜ ମଉଜ ସହ ସୋସିଆଲ ମିଡିଆ ମଉଜ ବି ହୋଇଯାଉଛି।"

ରଜ ପାନ କେବଳ ବ୍ୟବସାୟ ନୁହେଁ, ଏହା ଓଡିଆ ପରମ୍ପରା ଓ ସଂସ୍କୃତିର ଏକ ମିଠା ଅଂଶ। ପୁରୀ ଜିଲ୍ଲାର ଏହି ପାନ ପରମ୍ପରା ଆଜି ବି ନୂଆ ପିଢିକୁ ବାନ୍ଧି ରଖିଛି।

### ଥାନା ଅଧିକାରୀଙ୍କ ଅଭିନବ ପ୍ରୟାସ

## ପୁଲିସ ଓ ଜନତାଙ୍କ ମଧ୍ୟରେ ହେବ ବନ୍ଧୁତା ସ୍ଥାପନ

### ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବେ ଯୁବପିଢ଼ି



ଫୁଲବାଣୀ,୧୪।୬(ସଂଚାର ବ୍ୟୁରୋ): ସାଧାରଣତଃ ପୁଲିସ ନା ଶୁଣିଲେ ଆପରାଧୀ ମାନଙ୍କ ସହ ସାଧାରଣ ଲୋକ ମଧ୍ୟ ଭୟଭୀତ ହୋଇଥାନ୍ତି। ଗତ କିଛି ବର୍ଷ ହେଲା ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡ଼ିବାରେ ଲାଗିଥିବା ବେଳେ ଦିନକୁ ଦିନ ପୁଲିସ ଉପରେ ଲୋକଙ୍କ ଆସ୍ଥା ଓ ବିଶ୍ୱାସ କମିବାରେ ଲାଗିଛି। ଲୋକେ ପୁଲିସକୁ ଭରସା କରିପାରୁନାହାନ୍ତି। ଏହି ସମସ୍ୟାକୁ ଆଖି ଆଗରେ ରଖି ଆଦିବାସୀ ଅଧ୍ୟୁଷିତ କନ୍ଧମାଳ ଜିଲ୍ଲାର ସବୁବେଳେ ଚର୍ଚ୍ଚାରେ ରହି ଆସିଥିବା ଫିରିଙ୍ଗିଆ ଥାନାରେ କାର୍ଯ୍ୟରତ ଥାନା ଅଧିକାରୀ ମୁରଲୀଧର ସାହୁ ଆରମ୍ଭ କରିଛନ୍ତି ଏକ ଅଭିନବ ପ୍ରୟାସ। ପୁଲିସ ଓ ଜନସାଧାରଣଙ୍କ ସହ ସମନ୍ୱୟ ରକ୍ଷା କରିବା ପାଇଁ ଆରମ୍ଭ କରିଛନ୍ତି ଗାଁକୁ ଚାଲ ଅଭିଯାନ। ଏହି ଅଭିଯାନରେ ସାମିଲ ହୋଇଛନ୍ତି ଥାନାରେ କାର୍ଯ୍ୟରତ ଅନ୍ୟାନ୍ୟ କର୍ମଚାରୀ ମାନଙ୍କ ସହ ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟ ଗ୍ରାମ ରୋଜଗାର ସେବକ, ଗାଁ ସାଥୀ ଓ ଗ୍ରାମବାସୀମାନେ।

ଏହି ପରିପେକ୍ଷୀରେ ଶୁକ୍ରବାର ଥାନା ଅଧିକାରୀ ଫିରିଙ୍ଗିଆ ଥାନା ଅଧୀନରେ ଥିବା ଡ଼ିମିରିଗୁଡା ପଞ୍ଚାୟତରୁ ଏହି ଅଭିଯାନ ଆରମ୍ଭ କରିଥିବା ବେଳେ ସଂଧ୍ୟା ସମୟରେ ପୁରା ଟିମ ଧରି ପହଂଚିଥିଲେ ପଞ୍ଚାୟତ କାର୍ଯ୍ୟାଳୟରେ। ପଞ୍ଚାୟତର ସରପଞ୍ଚ ମନୋଜ କହଁରଙ୍କ ସହ ଗ୍ରାମବାସୀ ଥାନା ଅଧିକାରୀ ଓ ତାଙ୍କ ଟିମଙ୍କୁ ଭବ୍ୟ ସ୍ୱାଗତ ଜଣାଇ ଥିଲେ। ପରେ ସରପଞ୍ଚଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତ କାର୍ଯ୍ୟଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା।

ବୈଠକରେ ଥାନା ଅଧିକାରୀ ପୁଲିସ ଓ ଜନସାଧାରଣଙ୍କ ମଧ୍ୟରେ କିଭଳି ଭାବରେ ସମନ୍ୱୟ ରକ୍ଷା ହୋଇପାରିବ ବିଶେଷ କରି ଅଂଚଳରୁ କିଭଳି ଭାବରେ ଗଞ୍ଜେଇ କାରବାର ଉପରେ ରୋକ ଲାଗିପରିବ ଓ ଯୁବ ପିଢ଼ି ଅପରାଧ ଛାଡି ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିବେ, କିଭଳି ଭାବରେ ଅଂଚଳରୁ ଅପରାଧ ନୟନ୍ତ୍ରଣ ହୋଇପାରିବ ସେନେଇ ଆଲୋଚନା କରିବା ସହ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ। ବୈଠକରେ ଡ଼ିମିରିଗୁଡା ପଞ୍ଚାୟତର ଶତାଧିକ ବୁଦ୍ଧିଜୀବୀ ଓ ଜନସାଧାରଣ ଉପସ୍ଥିତି ଥିବା ବେଳେ ଥାନା ଅଧିକାରୀଙ୍କ ଏଭଳି ପ୍ରୟାସକୁ ପ୍ରଶଂସା ମଧ୍ୟ କରିଥିଲେ ।

## ମୁକ୍ତେଶ୍ୱର ଉଚ୍ଚ ବିଦ୍ୟାଳୟରେ ୧୯୯୬ ବ୍ୟାଚ୍‌ର ଗୁରୁପୂଜନ ଓ ବନ୍ଧୁମିଳନ ଉତ୍ସବ



ଧାମନଗର,୧୪।୬ (ସଂଚାର ବ୍ୟୁରୋ): ଧାମନଗର ବ୍ଲକ ପଧାନୀ ପଞ୍ଚାୟତ ସ୍ଥିତ ମୁକ୍ତେଶ୍ୱର ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ୧୯୯୬ ବ୍ୟାଚ୍‌ର ପୁରାତନ ଛାତ୍ର ଛାତ୍ରୀଙ୍କ ପକ୍ଷରୁ ଏକ ଗୁରୁପୂଜନ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ଆନନ୍ଦଉଲ୍ଲାସ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୁରାତନ ଛାତ୍ରଛାତ୍ରୀମାନେ ଏକାଠି ହୋଇ ନିଜ ନିଜର ବିଦ୍ୟାଳୟ ଜୀବନର ପୁରୁଣା ସ୍ମୃତି ଓ ଅନୁଭୂତି ବଖାଣିଥିଲେ। କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପର୍ଶୁରାମ ପଣ୍ଡା, ପୂଜ୍ୟ ଗୁରୁ ଅରୁଣ ସାମଲ, ଚକ୍ରଧର ସାହୁ, ଉମେଶ ଚନ୍ଦ୍ର ପଣ୍ଡା, ଦଶରଥ କୁଅଁର ଏବଂ ବିଦ୍ୟାଳୟର ଶିକ୍ଷକ କୃଷ୍ଣଚନ୍ଦ୍ର ଦାସ, ସୁଦର୍ଶନ ସାହୁ ଓ ବର୍ତ୍ତମାନର ପ୍ରଧାନଶିକ୍ଷକ ସୁଧୀର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

## କବିସଙ୍ଗମ ବହୁଭାଷୀ ସାହିତ୍ୟାନୁଷ୍ଠାନର କାଳିଦାସ ଜୟନ୍ତୀ ପାଳିତ




ବେତନଟୀ,୧୪।୬ (ସଂଚାର ବ୍ୟୁରୋ): ବେତନଟୀର ପ୍ରାଚୀନ ବହୁଭାଷୀ ସାହିତ୍ୟାନୁଷ୍ଠାନ "କବି ସଙ୍ଗମ " ଆନୁକୁଲ୍ୟରେ ସ୍ଥାନୀୟ ଧର୍ମଶାଳା ମଣ୍ଡପରେ ଆଦ୍ୟ ଆଷାଢ଼କୁ ସ୍ୱାଗତ କରି "କାଳିଦାସ ଓ ମେଘଦୂତ "ଶୀର୍ଷକ ଆଲୋଚନା କରାଯାଇଥିଲା । ପ୍ରତିଷ୍ଠାତା ଆଶୁକବି ବାସୁଦେବ ନାପିତ ସଭାର ଆଭିମୁଖ୍ୟ ପ୍ରଦାନସହ ଆଗାମୀ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ ।

ସଭାରେ ଅନୁଷ୍ଠାନର ସଚ୍ଚିଦାନନ୍ଦ ମହାନ୍ତି, କାର୍ଯ୍ୟକାରୀ ସଭାପତି ସଭା ପରିଚାଳନା ଓ ସଂପାଦକ ଡଃ ରମାକାନ୍ତ ମହାନ୍ତ ସଂଯୋଜନା କରିଥିଲେ । ମୁଖ୍ୟ ଅତିଥି ଭାବେ ବେତନଟୀ ମହାବିଦ୍ୟାଳୟର ପ୍ରାକ୍ତନ ପ୍ରଧ୍ୟାପକ ପ୍ରବୀର କୁମାର ଦେବ ଗୋସ୍ୱାମୀ ଓ ମୁଖ୍ୟବକ୍ତା ଭାବେ କୃଷ୍ଣଚନ୍ଦ୍ରପୁର ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ଡଃ ମନ୍ଦାକିନୀ ସାହୁ ମୁଖ୍ୟବକ୍ତା ରୂପେ ଯୋଗ ଦେଇ କାଳିଦାସ ଓ ତାଙ୍କର ରଚନାବଳୀ ସମ୍ବନ୍ଧିତ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ। ଏତଦ ବ୍ୟତୀତ ଅବସରପ୍ରାପ୍ତ ପ୍ରଧ୍ୟା ପିକା ଉଷା। ଶତପଥି ମଧ୍ୟ ବହୁମୂଲ୍ୟ ତଥ୍ୟ ଭିତ୍ତିକ ସନ୍ଦର୍ଭ ଉପସ୍ଥାପନ ସହ ସମୀକ୍ଷା କରିଥିଲେ।

ଆଲୋଚନାରେ ବରିଷ୍ଠ ସାମ୍ବାଦିକ ତଥା କବି ହରିଶଚନ୍ଦ୍ର ନନ୍ଦ ଗୋସ୍ୱାମୀ, ମୟୂର ସାହିତ୍ୟର ଉପଦେଷ୍ଟା ଯତୀନ୍ଦ୍ରନାଥ ସାହୁ, ସଂଗଠନ ସଂପାଦକ ମୀନକେତନ ମହାନ୍ତି, କୋଷାଧ୍ୟକ୍ଷ ରବୀନ୍ଦ୍ର ନାଥ ଖଟୁଆ, ଜେଜେ ଗୁରୁଜୀ ବେଣୁଧର ଜେନା, କବୟିତ୍ରୀ ଗୀତାଞ୍ଜଳି ଦେବ ଗୋସ୍ୱାମୀ ପ୍ରମୁଖ କାଳିଦାସଙ୍କ ଜୟନ୍ତୀ ପାଳନ ଅବସରରେ ତାଙ୍କର ସାହିତ୍ୟକୃତି ସମ୍ବନ୍ଧିତ ଆଲୋଚନା କରିଥିଲେ ।

# କୋରାପୁଟରେ ଉତ୍ସାହର ସହ ପାଳିତ ହେଲା ରଜ ପର୍ବ



କୋରାପୁଟ,୧୪।୬ (ସଂଚାର ବ୍ୟୁରୋ): ଓଡ଼ିଶାର ଗଣପର୍ବ ରଜକୁ କୋରାପୁଟ ଜିଲ୍ଲାର ବିଭିନ୍ନ ସ୍ଥାନରେ ଆନନ୍ଦ ଓ ଉତ୍ସାହର ସହ ପାଳନ କରାଯାଇଛି। ତିନି ଦିନିଆ ଏହି ପର୍ବ ନାରୀତ୍ୱ, ପ୍ରକୃତି ଓ ମାତୃଭୂମି ପ୍ରତି ସମ୍ମାନର ପ୍ରତୀକ ଭାବେ ପାଳିତ ହୋଇଥାଏ। ରଜ ଅବସରରେ ଜିଲ୍ଲାର ଗ୍ରାମାଞ୍ଚଳଠାରୁ ସହରାଞ୍ଚଳ ପର୍ଯ୍ୟନ୍ତ ଉତ୍ସବମୁଖର ପରିବେଶ ଦେଖିବାକୁ ମିଳିଥିଲା।

ଏହି ପରମ୍ପରାର ମଧୁର ସ୍ପର୍ଶ ଏବେ ପ୍ରଥମ ଥର ପାଇଁ କୋରାପୁଟର ସ୍ଥାନୀୟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ରରେ ମଧ୍ୟ ଅନୁଭବ କରାଯାଇଛି। ରଙ୍ଗବେରଙ୍ଗର ସାଜସଜ୍ଜାରେ ସଜିଉଠିଥିଲା ସମଗ୍ର ପରିସର। ନୂଆ ପୋଷାକ ପିନ୍ଧି ଉତ୍ସାହର ସହ ଯୋଗଦେଇଥିଲେ ପ୍ରଶିକ୍ଷାର୍ଥୀ ଯୁବତୀମାନେ। କାହାର ମୁହଁରେ ଥିଲା ଖୁସିର ହସ, ତ ଆଉ କାହାର ମନରେ ଥିଲା ରଜର ପାରମ୍ପରିକ ଆନନ୍ଦ। ଦୋଳି ଖେଳର ମଜା, ରଜଗୀତର ତାଳେ ତାଳେ ନୃତ୍ୟ ଓ ବିଭିନ୍ନ ସାଂସ୍କୃତିକ ପରିବେଷଣ ଉତ୍ସବକୁ କରିଥିଲା ଆହୁରି ଆକର୍ଷଣୀୟ। ହସ, ଖୁସି ଓ ଉତ୍ସାହ ଭିତରେ ପ୍ରତିଧ୍ୱନିତ ହେଉଥିଲା ଓଡ଼ିଆ ଅସ୍ମିତାର ସ୍ୱର। କେବଳ ମନୋରଞ୍ଜନ ନୁହେଁ, ଏହି ରଜ ମହୋତ୍ସବର ମୂଳ ଉଦ୍ଦେଶ୍ୟ ଥିଲା ଓଡ଼ିଆ ସଂସ୍କୃତି, ପରମ୍ପରା ଓ ପରମ୍ପରାକୁ ଆଗାମୀ ପିଢ଼ି ମଧ୍ୟରେ ପହଞ୍ଚାଇବା। ଆଧୁନିକତାର ଦୌଡ଼ ଭିତରେ ନିଜ ମୂଳ ପରିଚୟକୁ ବଞ୍ଚାଇ ରଖିବାର ଏକ ସୁନ୍ଦର ପ୍ରୟାସ ପାଲଟିଥିଲା ଏହି ଆୟୋଜନ।

ଏହି କାର୍ଯ୍ୟକ୍ରମରେ କୋରାପୁଟର ପୂର୍ବତନ ବିଧାୟକ ରଘୁରାମ ପଡ଼ାଲ, କୋରାପୁଟ ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ଓ ସାଂସଦ ପ୍ରତିନିଧି ମନୋଜ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିବାବେଳେ, ଆୟୋଜକ କମିଟି ପକ୍ଷରୁ ପାର୍ବତୀ ମସ୍ତି, ପ୍ରଭାତୀ ରାଉତ, ରିତା ପାଣିଗ୍ରାହୀ, ସୁମନ ଖିଲ ଓ ଲିଲି ବୁରୁଡ଼ି ପ୍ରମୁଖ କାର୍ଯ୍ୟକ୍ରମକୁ ସଫଳ ଭାବେ ପରିଚାଳନା କରିଥିଲେ। ଏହାସହିତ କୋରାପୁଟର ବିଭିନ୍ନ ଗ୍ରାମରେ ପାରମ୍ପରିକ ରଜ ଗୀତରେ ପରିବେଶ ମୁଖରିତ ହୋଇଥିବା ବେଳେ ଛୋଟ ଛୋଟ ଶିଶୁ ଓ ଯୁବପିଢ଼ି ମଧ୍ୟ ଏହି ପର୍ବରେ ସାମିଲ ହୋଇଥିଲେ।

ଘରେ ଘରେ ପୋଡ଼ ପିଠା, ମଣ୍ଡା ପିଠା ଓ ବିଭିନ୍ନ ପାରମ୍ପରିକ ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଥିଲା। ରଜ କେବଳ ଏକ ପର୍ବ ନୁହେଁ, ଏହା ଓଡ଼ିଆ ଜାତିର ଗର୍ବ, ପରମ୍ପରା ଓ ସଂସ୍କୃତିର ପ୍ରତୀକ। କୋରାପୁଟର ଏହି ଅନନ୍ୟ ରଜ ମହୋତ୍ସବ ସେହି ପରମ୍ପରାକୁ ଆହୁରି ସୁଦୃଢ଼ କରିବା ସହ ଯୁବପିଢ଼ିଙ୍କୁ ନିଜ ମାଟିର ମହକ ସହ ଯୋଡ଼ି ରଖିବାର ଏକ ସଫଳ ପଦକ୍ଷେପ ସାବ୍ୟସ୍ତ ହୋଇଛି।

## ରଜରେ ମାଛ -ମାଂସ ଦୋକାନରେ ଗ୍ରାହକଙ୍କ ଲମ୍ବା ଧାଡ଼ି



କାକଟପୁର/ଅସ୍ତରଙ୍ଗ,୧୪।୬ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ରଜ ପର୍ବ ଧୁମଧାମରେ ପାଳିତ ହୋଇଯାଇଛି। ମୁଖ୍ୟ ବଜାର ସମେତ ବ୍ଲକର ୧୫ଗୋଟି ପଞ୍ଚାୟତର ସମସ୍ତ ଗ୍ରାମାଞ୍ଚଳରେ ଆମିଷ ମାର୍କେଟ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଚଳଚଞ୍ଚଳ ରହିଥିଲା। ପରିବାର, ସାଙ୍ଗସାଥୀଙ୍କ ସହ ଖୁସି ବାଣ୍ଟିବା ପାଇଁ ଲୋକେ ବଜାର ମୁହାଁ ହୋଇଥିଲେ। ରବିବାର ଆମିଷ ବାର ହୋଇଥିବାରୁ ଭୋରରୁ ହିଁ ମଟନ, ଚିକେନ ଓ ମାଛ ଦୋକାନରେ ଗ୍ରାହକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ବଜାରରେ ଛେଳି ମାଂସ କିଲୋ ପିଛା ୭୫୦ ଟଙ୍କାରୁ ୮ଶହ ଟଙ୍କା, ଚିକେନ ୨୮୦ ଟଙ୍କାରୁ ୩ଶହ ଟଙ୍କାରେ ବିକ୍ରି ହେଉଥିଲା। ଦର ଅଧିକ ଥିଲେ ମଧ୍ୟ ପର୍ବ ପାଇଁ ଲୋକେ ବିନା ଦାମ କରି କିଣୁଥିବା ଦେଖାଯାଇଥିଲା।

ସେହିପରି ବିଭିନ୍ନ ଭେରାଇଟିର ଲୁଣି ଓ ମଧୁର ଜଳର ମାଛ ମଧ୍ୟ ବଜାରରେ ଉପଲବ୍ଧ ଥିଲା। ରୋହି, ଭାକୁର, ଇଲିସି, ଖଇଂଗା,ଚିଙ୍ଗୁଡି, କଙ୍କଡା ଭଳି ମାଛ ପାଇଁ ମଧ୍ୟ ଗ୍ରାହକଙ୍କ ଆଗ୍ରହ ଅଧିକ ଥିଲା। ଦୋକାନୀଙ୍କ କହିବା ଅନୁସାରେ, ଶୁକ୍ରବାର ଠାରୁ ହିଁ ବ୍ୟବସାୟ ଜମିଥିଲା ଓ ରବିବାର ସର୍ବାଧିକ ବିକ୍ରି ହୋଇଛି।

ରଜ ପର୍ବ ଓଡିଶାର ଗଣପର୍ବ। ଏହି ତିନି ଦିନରେ ଝିଅ-ବୋହୂ ମାନେ ନୂଆ ପୋଷାକ ପିନ୍ଧି ଦୋଳି ଖେଳିବା ସହ ଘରେ ପିଠାପଣା ପ୍ରସ୍ତୁତ କରନ୍ତି। ଆମିଷ ଭୋଜନ ବିନା ରଜ ପର୍ବ ଅଧୁରା। ତେଣୁ ପ୍ରତି ପରିବାରରେ ରବିବାର ସ୍ୱତନ୍ତ୍ର ଭୋଜିର ଆୟୋଜନ କରାଯାଇଥିଲା।

ସଂଚାର SANCHAR
ସୋମବାର ୧୫ ଜୁନ୍ ୨୦୨୬




# ସ୍ୱାସ୍ଥ୍ୟ

## ସବୁ ଋତୁରେ ମୁହଁରେ ଲେମ୍ବୁରସ ଲଗାଇବା କ୍ଷତିକାରକ



ସାଧାରଣତଃ ଆପଣମାନେ ଜାଣିଥିବେ ଶୀତ ଦିନରେ ସ୍କିନ୍ ଅଧିକ ଡ୍ରାଏ ହୋଇଯାଏ। ଏହା ବ୍ୟତୀତ ଆହୁରି ଅନେକ ପ୍ରକାର ସମସ୍ୟା ମଧ୍ୟ ଦେଖା ଦେଇଥାଏ। ସେଥିପାଇଁ ଶୀତ ଦିନରେ ସ୍କିନକୁ ଅତିରିକ୍ତ ଯତ୍ନର ଆବଶ୍ୟକତା ରହିଛି, କାରଣ ଏହି ସମୟରେ ଥଣ୍ଡା ପବନ ଏବଂ କମ୍ ଆର୍ଦ୍ରତା ଯୋଗୁଁ ସ୍କିନ୍ ଖରାପ ହୋଇପାରେ। ଥଣ୍ଡା ପାଗରେ, ବାୟୁରେ ଆର୍ଦ୍ରତା କମିଯାଏ, ଯେଉଁ କାରଣରୁ ସ୍କିନରେ ଅନେକ ପ୍ରକାରର ସମସ୍ୟା ଦେଖାଯାଏ। ଏହା ବ୍ୟତୀତ ଶୀତଦିନେ ତାପମାତ୍ରା ହ୍ରାସ ହେତୁ ଆମ ସ୍କିନରେ ଆର୍ଦ୍ରତା ବଜାୟ ରଖିବା ଜରୁରୀ ହୋଇଥାଏ। ସ୍କିନକୁ ଆର୍ଦ୍ରତା ଯୋଗାଇବା ଏବଂ ଏହାକୁ ଚମକାଇବା ପାଇଁ ଅନେକ ଲୋକ ଅନେକ ପ୍ରକାରର ଜିନିଷ ବ୍ୟବହାର କରିବା ସହିତ ଘରୋଇ ଉପଚାର ମଧ୍ୟ ବ୍ୟବହାର କରନ୍ତି। ତାହେଲେ ଆସନ୍ତୁ ସେହି ବିଷୟରେ ବିଶେଷ ଭାବେ ଜାଣିବା। ଘରୋଇ ଉପଚାରରେ, ଲୋକମାନେ ଅନେକ ପ୍ରାକୃତିକ ଜିନିଷର ପେଷ୍ଟ ତିଆରି କରନ୍ତି କିମ୍ବା ଏହାକୁ ସିଧାସଳଖ ମୁହଁରେ ଲଗାନ୍ତି, କିନ୍ତୁ ଏହା ସ୍କିନକୁ କ୍ଷତି ପହଞ୍ଚାଇପାରେ। ଆଜି ଆମେ ଆପଣଙ୍କୁ ଏପରି କିଛି ପ୍ରାକୃତିକ ଜିନିଷ ବିଷୟରେ କହିବାକୁ ଯାଉଛୁ ଯାହାକୁ ଶୀତଦିନେ ଆପଣଙ୍କ ମୁହଁରେ ଲଗାଇବା ଠାରୁ ଦୂରେଇ ରହିବା ଉଚିତ୍।

**ଲେମ୍ବୁ ରସଃ** ସ୍କିନର ଯତ୍ନ ପାଇଁ ଅନେକ ଲୋକ ଲେମ୍ବୁ ରସ ବ୍ୟବହାର କରନ୍ତି। ଶୀତଦିନେ ସ୍କିନର ଯତ୍ନ ପାଇଁ ଏହାକୁ ବ୍ୟବହାର କରିବା ଠାରୁ ଦୂରେଇ ରହିବା ଉଚିତ୍। ଲେମ୍ବୁରେ ଭିଟାମିନ୍ 'ସି' ଥାଏ ଏବଂ ସ୍କିନ୍ ଉଜ୍ଜ୍ୱଳତା ପାଇଁ ଜଣାଶୁଣା। କିନ୍ତୁ ଲେମ୍ବୁରେ ସାଇଟ୍ରସ୍ ଏସିଡ୍ ଥାଏ, ଯାହା ସ୍କିନର ପ୍ରାକୃତିକ ଆର୍ଦ୍ରତାକୁ ହ୍ରାସ କରିପାରେ ଏବଂ ଶୀତଦିନେ ଶୁଷ୍କ ଚର୍ମ ଥିବା ଲୋକଙ୍କ ପାଇଁ ଅଧିକ କ୍ଷତି କରିପାରେ। ଏହି କାରଣରୁ ସ୍କିନ୍ ଅଧିକ ଶୁଷ୍କ ଦେଖାଯିବାକୁ ଆରମ୍ଭ କରେ। ଏଥି ସହିତ, ଲେମ୍ବୁ ଲଗାଇବା ଦ୍ୱାରା ସ୍କିନରେ କୁଣ୍ଡେଇ ହେବା ଏବଂ ପୋଡିବା ଭଳି ସମସ୍ୟା ସୃଷ୍ଟି ହୋଇପାରେ।

**ଚନ୍ଦନ ପାଉଡରଃ** ସ୍କିନକୁ ଥଣ୍ଡା କରିବା ଏବଂ ଚେହେରାକୁ ଚମକାଇବା ପାଇଁ ସାଧାରଣତଃ ଚନ୍ଦନ ପାଉଡର ବ୍ୟବହୃତ ହୁଏ, କିନ୍ତୁ ଶୀତଦିନେ ଏହା ସ୍କିନକୁ ଶୁଷ୍କ କରିପାରେ। ଚନ୍ଦନ କାଠର ସ୍କିନକୁ ଥଣ୍ଡା କରାଇବାର ଗୁଣ ରହିଛି, ତେଣୁ ଶୀତଦିନେ ଏହାକୁ ମୁହଁରେ ଲଗାଇଲେ ସ୍କିନର ଆର୍ଦ୍ରତା ଖରାପ କରିପାରେ, ଯାହା ସ୍କିନରେ ଶୁଷ୍କତା ଏବଂ ପୋଡ଼ିବା ଭଳି ସମସ୍ୟା ସୃଷ୍ଟି କରିପାରେ।

**ବେକିଂ ସୋଡାଃ** ଅନେକ ଲୋକ ସ୍କିନକୁ ଭଲ ରଖିବା ପାଇଁ ବେକିଂ ସୋଡା ବ୍ୟବହାର କରନ୍ତି। କିନ୍ତୁ ଶୀତ ଦିନରେ ଏହାକୁ ବ୍ୟବହାର କରିବା ଠାରୁ ଦୂରେଇ ରହିବା ଉଚିତ୍। କାରଣ ବେକିଂ ସୋଡାର ପିଏଚ ସ୍ତର ସ୍କିନର ପିଏଚ ସ୍ତରଠାରୁ ଅଧିକ ରହିଥାଏ। ଏପରି ପରିସ୍ଥିତିରେ, ଏହାକୁ ବ୍ୟବହାର କରିବା ଦ୍ୱାରା ସ୍କିନର ପିଏଚ ସ୍ତର ଖରାପ ହୋଇପାରେ, ଯେଉଁ କାରଣରୁ ସ୍କିନରେ ଶୁଷ୍କତା, ପୋଡ଼ିବା କିମ୍ବା ଲାଲ୍ ହେବା ଭଳି ସମସ୍ୟା ଦେଖାଦେଇଥାଏ। ସେଥି ପାଇଁ ଯେଉଁମାନେ ଶୀତ ଦିନରେ ନିଜ ସ୍କିନକୁ ଭଲ ରଖିବାକୁ ଚାହୁଛନ୍ତି, ସେମାନେ ଏହି ସବୁ ଜିନିଷ ଠାରୁ ଦୂରେଇ ରୁହନ୍ତୁ।

## ଭାତକୁ ଗରମ କରି ଖାଇଲେ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ

ଭାତ ବଳକା ରହିବା (ରାଇସ୍) ଅନେକ ଭାରତୀୟ କିଚେନରେ ଏକ ସାଧାରଣ କଥା ଏବଂ ଅନେକ ସମୟରେ ଏହାକୁ ବିନା ସଙ୍କୋଚରେ ପୁଣି ପରବର୍ତ୍ତୀ ଦିନ , ପୁନର୍ବାର ଗରମ କରି ଖିଆ ଯାଏ। କାରଣ ଏହା ଦେଖିବାରେ ଏବଂ ବାସ୍ନାରେ ଠିକଠାକ୍ ଲାଗିଥାଏ। ଏଥିପାଇଁ ଅଧିକାଂଶ ଲୋକେ ଭାବନ୍ତି ଯେ, ଏହା ଖାଇବା ପାଇଁ ସଂପୂର୍ଣ୍ଣ ସୁରକ୍ଷିତ। ହେଲେ , ବାସ୍ତବତା ଯେ, ଯଦି ଚାଉଳକୁ ସଠିକ୍ ଢଙ୍ଗରେ ଷ୍ଟୋର୍ କିମ୍ବା ଆଉଥରେ ଗରମ କରାନଯାଏ , ତ ଏହା ଶୀଘ୍ର ହାନିକାରକ ବ୍ୟାକ୍ଟେରିଆ ପାଇଁ ସଠିକ୍ ସ୍ଥାନ ପାଲଟି ଯାଏ।

ଡାକ୍ତର ଏମି ଶାହ , ଯିଏ ଡବଲ ବୋର୍ଡ –ସାର୍ଟିଫାଇଡ୍ ଏମଡି ଓ ନ୍ୟୁଟ୍ରିସନିଷ୍ଟ, ନିଜର ୨୩ ଅକ୍ଟୋବରର ଇନଷ୍ଟାଗ୍ରାମ୍ ପୋଷ୍ଟରେ ଚେତାବନୀ ଦେଇଛନ୍ତି । କହିଛନ୍ତି - ରାଇସ୍କୁ ଆଉ ଥରେ ଗରମ କରିବା ଏକ ଦୈନିକ କରାଯାଉଥିବା ଭୁଲରୁ ଫୁଡ୍ ପଏଜନିଂ ଓ ପେଟରେ ଇନଫେକ୍ସନର ଆଶଙ୍କା ବଢି ପାରେ। ଡାକ୍ତର ଏମି ଚେତାବନୀ ଦେଇଛନ୍ତି ଯେ, ଏମିତି ଭୁଲ କରନାହିଁ। ଏଥିରୁ ଆପଣଙ୍କର ସ୍ୱାସ୍ଥ୍ୟ ଖରାପ ହୋଇପାରେ ଏବଂ ଗୁରୁତର ସମସ୍ୟାରେ ଆପଣ ହସ୍ପିଟାଲକୁ ମଧ୍ୟ ଯିବାକୁ ପଡ଼ିପାରେ।



ସେ ପ୍ରଥମେ ଏକ ଗୁରୁତ୍ୱପୂର୍ଣ୍ଣ ଭୁଲ୍ ଧାରଣାକୁ ସ୍ପଷ୍ଟ କରିଛନ୍ତି – ଚାଉଳକୁ ଫ୍ରିଜ୍ରେ ରଖିବା ବାସ୍ତବରେ ଆପଣଙ୍କ ପାଇଁ ବହୁତ ଭଲ। ଏହାକୁ ରୋଷେଇ କରିବା ପରେ ଏହାକୁ ଶୀଘ୍ର ଥଣ୍ଡା କରନ୍ତି ଏବଂ ସାରା ରାତି ପାଇଁ ଫ୍ରିଜ ଷ୍ଟୋର କରନ୍ତି। ଯେବେ ଆପଣ ଏହାକୁ ପରବର୍ତ୍ତୀ ଦିନ ଖାଆନ୍ତି, ତ କିଛି ଷ୍ଟାର୍ଚ ପେଟ ପାଇଁ ଫଳପ୍ରଦ ରେଜିଷ୍ଟାଣ୍ଟ ଷ୍ଟାର୍ଚରେ ବଦଳି ଯାଏ ,ଯାହା ବ୍ଲଡ୍ ସୁଗାର ରେସପନ୍ସକୁ ଭଲ କରିଥାଏ ଏବଂ ହେଲଦି ମାଇକ୍ରୋବାୟୋମକୁ ସପୋର୍ଟ କରିଥାଏ। ହେଲେ ଡାକ୍ତର ଶାହ ଏହି କଥା ଉପରେ ଜୋର ଦେଇଛନ୍ତି ଯେ, ବାସ୍ତବରେ ବିପଦ ଫ୍ରିଜ୍ରେ ରଖିବା ଦ୍ୱାରା ନୁହେଁ , ବରଂ ଏହା ପୂର୍ବରୁ କଣ ହୋଇଥାଏ, ଏଥିରେ ରହିଛି। ସବୁଠୁ ବଡ଼ ଭୁଲ ରନ୍ଧା ଭାତକୁ ପୂରା ଦିନ ଖୋଲାରେ ରଖି ଦେବା। ସେ ଆହୁରି କହିଛନ୍ତି ଯେ, ଏହି ବିପଦ ମେଡିକାଲ ଟ୍ରେନିଂରେ ଭଲଭାବେ କୁହାଯାଇଛି। ଏହା ସବୁଠୁ ବେସିକ୍ ଫୁଡ୍ ସେଫ୍ଟି ପ୍ରଶ୍ନରେ ଗୋଟିଏ ଥିଲା, ଯାହା ଉପରେ ମେଡିକାଲ ସ୍କୁଲରେ ଆମର ଟେଷ୍ଟ ନିଆଯାଇ ଥିଲା ଏବଂ ଏହା ଏକ ବଡ଼ ଚେତାବନୀ। ବିଶେଷକରି କଲେଜ୍ ଷ୍ଟୁଡେଣ୍ଟ କିମ୍ବା କୌଣସି ବି ଏମିତି ବ୍ୟକ୍ତିଙ୍କ ପାଇଁ ଯିଏ ଖାଦ୍ୟକୁ ଅଧିକ ସମୟ ଯାଏ ଖୋଲାରେ ରଖି ଦିଅନ୍ତି।

ଡାକ୍ତର ଶାହ କହିଛନ୍ତି ଯେ, ରୁମ୍ ଟେମ୍ପରେଚରରେ ଛାଡ଼ି ଦିଆଯାଇ ଥିବା ଭାତ ହାନିକାରକ ବ୍ୟାକ୍ଟେରିଆ ବୃଦ୍ଧି ପାଇଁ ପୂରା ସଠିକ୍ ମାହୋଲ ହୋଇଥାଏ। ଯଦି ଏହା ଦୂଷିତ ହୋଇଯାଏ ,ତ ଏହା ଗୁରୁତର ଫୁଡ୍ ପଏଜନିଂର କାରଣ ହୋଇପାରେ ଏବଂ କ୍ୱଚିତ କ୍ଷେତ୍ରରେ ହସ୍ପିଟାଲରେ ଭର୍ତ୍ତି ହେବାକୁ ପଡ଼ିପାରେ। ଶେଷରେ ସେ ସ୍ପଷ୍ଟ ଶବ୍ଦରେ କହିଛନ୍ତି ଯେ, ଭାତକୁ ପ୍ରଥମ ରାନ୍ଧନ୍ତୁ , ତାକୁ ଯେତେ ଶୀଘ୍ର ସମ୍ଭବ ଥଣ୍ଡା କରନ୍ତୁ , ପୁଣି ଫ୍ରିଜ୍ରେ ଏକ ଏୟାରଟାଇଟ୍ କଣ୍ଟେନରରେ ଷ୍ଟୋର କରିଦିଅନ୍ତୁ । ଏହାକୁ ଥରୁଟିଏରୁ ଅଧିକ ଗରମ କରନ୍ତୁ ନାହିଁ।

## କୋଲ୍ଡଡ୍ରିଙ୍କ୍ସ ଓ ଚୁଇଙ୍ଗମର ମିଠା ହୃଦୟ, ମସ୍ତିଷ୍କକୁ ହାନି ପହଞ୍ଚାଏ

କୋଲ୍ଡଡ୍ରିଙ୍କ୍ସ, ସୁଗାର୍ ଫ୍ରି ଚୁଇଙ୍ଗମ୍ ଏବଂ ଡାଏଟ୍ ଉତ୍ପାଦରେ ବ୍ୟବହୃତ କୃତ୍ରିମ ମିଠାକୁ ନେଇ ସବୁବେଳେ ପ୍ରଶ୍ନ ଉଠାଯାଏ। କିନ୍ତୁ ଏବେ ଏକ ଅଧ୍ୟୟନରେ ଏପରି କିଛି ପ୍ରକାଶ ପାଇଛି ଯାହା ଆପଣଙ୍କୁ ଭୟଭୀତ କରିବ। ସଦ୍ୟତମ ଅଧ୍ୟୟନରୁ ଜଣାପଡିଛି ଯେ କୋଲ୍ଡଡ୍ରିଙ୍କ୍ସ ଏବଂ ଚୁଇଙ୍ଗମର ମିଠା ହୃଦରୋଗ ବୃଦ୍ଧି କରୁଛି ଏବଂ ମସ୍ତିଷ୍କର କାର୍ଯ୍ୟକୁ ହ୍ରାସ କରୁଛି। ଆସ୍ପାର୍ଟେମ୍, ଏରିଥ୍ରିଟଲ୍ ଏବଂ ଜାଇଲିଟଲ୍ ଭଳି ମିଠା ହୃଦଘାତ ଏବଂ ଷ୍ଟ୍ରୋକର ଆଶଙ୍କା ବୃଦ୍ଧି କରେ। କୃତ୍ରିମ ମିଠା ଚିନି ଅପେକ୍ଷା ୨୦୦ ଗୁଣ ଅଧିକ ମିଠା, କିନ୍ତୁ ଏଥିରେ ବହୁତ କମ୍ କ୍ୟାଲୋରୀ ଥାଏ। ଏଥିରେ ମୁଖ୍ୟତଃ ଆସପାର୍ଟାମ (ଡାଏଟ୍ କୋକ୍, ସୁଗାର ଫ୍ରି ଉତ୍ପାଦରେ), ଏରିଥ୍ରିଟଲ୍ ଏବଂ ଜାଇଲିଟଲ୍ (ସୁଗାର ଫ୍ରି ଗମ୍, କ୍ୟାଣ୍ଡି, ଟୁଥପେଷ୍ଟରେ), ସୁକ୍ରାଲୋଜ୍ ଏବଂ ସାକାରିନ୍ ଅନ୍ତର୍ଭୁକ୍ତ। ବାୟୋମେଡିସିନ୍ ଏବଂ ଫାର୍ମାକୋଥେରାପିରେ ଏକ ଅଧ୍ୟୟନରେ ମୂଷା ଉପରେ ଆସ୍ପାର୍ଟାମର ପ୍ରଭାବ ପରୀକ୍ଷା କରାଯାଇଥିଲା। ଏହି ଫଳାଫଳରୁ ଜଣାପଡିଛି ଯେ ଏହାର କମ ମାତ୍ରା ମଧ୍ୟ ହୃତପିଣ୍ଡର ମାଂସପେଶୀକୁ ମୋଟା କରିଥାଏ , ଯାହା ହୃତପିଣ୍ଡକୁ ଦୁର୍ବଳ କରିଥାଏ।



ସେହିପରି, କ୍ଲିଭଲ୍ୟାଣ୍ଡ କ୍ଲିନିକ୍ (୨୦୨୪-୨୦୨୫) ଦ୍ୱାରା କରାଯାଇଥିବା ଅଧ୍ୟୟନରୁ ଜଣାପଡିଛି ଯେ ଏରିଥ୍ରିଟଲ୍ ଏବଂ ଜାଇଲିଟଲ୍ ରକ୍ତ ପ୍ଲେଟଲେଟ୍ ସହିତ ଲାଗି ରହିଥାଏ, ଯାହା ଫଳରେ ରକ୍ତ ଜମାଟ ବାନ୍ଧିଥାଏ। ଏହି ଜମାଟ ହୃଦୟ କିମ୍ବା ମସ୍ତିଷ୍କକୁ ଯାଇ ଷ୍ଟ୍ରୋକ ସୃଷ୍ଟି କରିପାରେ। ଯେଉଁମାନେ ଏଗୁଡ଼ିକୁ ଅତ୍ୟଧିକ ସେବନ କରନ୍ତି ସେମାନଙ୍କ ହୃଦଘାତର ଆଶଙ୍କା ୫୦ ପ୍ରତିଶତ ବଢ଼ିଯାଏ। ସେପ୍ଟେମ୍ବର ୨୦୨୫ରେ ନ୍ୟୁରୋଲୋଜି ଜର୍ଣ୍ଣାଲରେ ପ୍ରକାଶିତ ଏକ ଅଧ୍ୟୟନ ଆଠ ବର୍ଷ ଧରି ୧୨,୭୦୦ ଲୋକଙ୍କୁ ଅନୁସରଣ କରିଥିଲା। ଏଥିରେ ଦେଖାଯାଇଥିଲା ଯେ ଯେଉଁମାନେ ଅଧିକ ମିଠା ବ୍ୟବହାର କରୁଥିଲେ ସେମାନଙ୍କ ସ୍ମୃତିଶକ୍ତି ଏବଂ ଚିନ୍ତା କ୍ଷମତା ଦ୍ରୁତ ଗତିରେ ହ୍ରାସ ପାଇଥିଲା।ଏହି ବ୍ୟକ୍ତିମାନଙ୍କଠାରେ ସ୍ମୃତିଶକ୍ତି ହ୍ରାସ ୬୨% ରୁ ଅଧିକ ଥିଲା।

## ବ୍ଲଡ୍ ସୁଗାର ସ୍ତର ବୃଦ୍ଧି ଶରୀର ପାଇଁ କ୍ଷତିକାରକ




ଡାଇବେଟିସ୍ ବା ମଧୁମେହ କେବଳ ରକ୍ତରେ ଶର୍କରା ସ୍ତରକୁ ବୃଦ୍ଧି ପାଇବାର ସମସ୍ୟା ନୁହେଁ ; ଏହା ଆମ ହାର୍ଟର ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଏକ ଗମ୍ଭୀର ଚେତାବନୀ ସଦୃଶ। ରକ୍ତରେ ଯେତେବେଳେ ଶର୍କରା ସ୍ତର ଦୀର୍ଘ ଦିନ ଯାଏ ଅନିୟନ୍ତ୍ରିତ ରହିଥାଏ, ସେତେବେଳେ ସେମାନେ ହାର୍ଟକୁ କାର୍ଯ୍ୟକ୍ଷମ କରୁଥିବା ସ୍ନାୟୁ ଏବଂ କ୍ଷୁଦ୍ର ରକ୍ତବାହୀ ନଳୀଗୁଡ଼ିକୁ ନୀରବରେ ଦୁର୍ବଳ କରିବାକୁ ଆରମ୍ଭ କରି ଦିଅନ୍ତି। ଏହି କାରଣରୁ ଜଣେ ମଧୁମେହ ରୋଗୀଙ୍କ ହୃଦରୋଗର ଆଶଙ୍କା ସାଧାରଣ ବ୍ୟକ୍ତିଙ୍କ ତୁଳନାରେ ୨-୪ ଗୁଣ ଅଧିକ ବଢିଯାଏ। ବାସ୍ତବତା ହେଉଛି ହାର୍ଟର (ହୃଦୟ)ସୁରକ୍ଷା ପାଇଁ ଚିନି ବା ସୁଗାରକୁ ନିୟନ୍ତ୍ରଣ କରିବା। ମ୍ୟାକ୍ସ ସୁପର ସ୍ପେଶାଲିଟି ହସ୍ପିଟାଲ (ଶାଲିମାର ବାଗସ୍ଥିତ )ର ହୃଦରୋଗ ବିଶେଷଜ୍ଞ ଡକ୍ଟର ନବୀନ ଭାମାରୀଙ୍କ ଠାରୁ ଆସନ୍ତୁ ଜାଣିବା ଯେ, ଅନିୟନ୍ତ୍ରିତ ଡାଇବେଟିସ୍ ହାର୍ଟର ସ୍ୱାସ୍ଥ୍ୟ ଉପରେ କେମିତି ଖରାପ ପ୍ରଭାବ ପକାଇ ଥାଏ। ଶର୍କରା ସ୍ତର ବୃଦ୍ଧି ମାତ୍ରା ରକ୍ତ ବାହିକା ଗୁଡ଼ିକର ଭିତର ଆସ୍ତରଣକୁ କ୍ଷତି ପହଞ୍ଚାଇ ଧମନୀଗୁଡ଼ିକ କଠିନ ଏବଂ ସଙ୍କୁଚିତ କରିଥାଏ। ଯେଉଁଥିରେ ହାର୍ଟକୁ ରକ୍ତ ପ୍ରବାହ ହ୍ରାସ ପାଏ ଏବଂ କରୋନାରୀ ଆର୍ଟେରୀ ଡିଜିଜର ବିପଦ ବୃଦ୍ଧି କରେ। ମଧୁମେହରେ ପ୍ରାୟତଃ ଏଲଡିଏଲ (ଖରାପ କୋଲେଷ୍ଟ୍ରଲ) ଏବଂ ଟ୍ରାଇଗ୍ଲିସେରାଇଡ୍ ବଢି ଯାଏ , ଯେତେବେଳେ କି ଏଚଡିଏଲ (ଭଲ କୋଲେଷ୍ଟ୍ରଲ) ହ୍ରାସ ପାଇଯାଏ। ଏହା ଧମନୀରେ ପ୍ଲାକ୍ ଜମା କରିଥାଏ ଏବଂ ହୃଦଘାତର ଆଶଙ୍କା ବଢାଇ ଥାଏ। ମଧୁମେହ ସହ ପ୍ରାୟତଃ ଉଚ୍ଚ ରକ୍ତଚାପ ମଧ୍ୟ ହୋଇ ଥାଏ । ଏହା ଏକାଠି ହୃଦୟ ଉପରେ ଅତିରିକ୍ତ ଚାପ ପକାଇଥାଏ , ହୃଦଘାତ ଭଳି ସମସ୍ୟାର ଆଶଙ୍କା ବୃଦ୍ଧି କରିଥାଏ। ମଧୁମେହରେ ସ୍ନାୟୁର କ୍ଷତି ହୋଇଥାଏ, ଯାହା ହୃଦସ୍ପନ୍ଦନ ଏବଂ ରକ୍ତଚାପ ନିୟନ୍ତ୍ରଣକୁ ପ୍ରଭାବିତ କରିପାରେ। ସାଧାରଣ ହୃଦଘାତର ଲକ୍ଷଣଗୁଡ଼ିକ ପ୍ରାୟତଃ ଲୁଚି ଯାଇପାରେ, ଯେଉଁଥିରେ ସ୍ଥିତି ଆହୁରି ବିପଦପୂର୍ଣ୍ଣ ହୋଇଯାଏ। ଦୀର୍ଘ ଦିନ ଯାଏ ବଢୁଥିବା ଉଚ୍ଚ ସୁଗାର ସ୍ତର ଶରୀରରେ ପ୍ରଦାହ(ଇନଫ୍ଲେମସନ) ବୃଦ୍ଧି କରାଏ , ଯାହା ହାର୍ଟ ଓ ରକ୍ତବାହୀ ନଳୀକୁ ଆହୁରି କ୍ଷତି କରିଥାଏ।

**ବ୍ଲଡ୍ ସୁଗାରକୁ ନିୟନ୍ତ୍ରଣରେ ରଖନ୍ତୁଃ** ପ୍ରତିଦିନ କିମ୍ବା ଡାକ୍ତରଙ୍କ ନିର୍ଦ୍ଦେଶ ଅନୁଯାୟୀ ଆପଣଙ୍କର ସୁଗାରକୁ ଚେକ୍ କରନ୍ତୁ , ବିଶେଷକରି ଫାଷ୍ଟିଂ ଏବଂ ପିପି ( ଖାଇବା ପରେ) ଏଚବିଏ୧ସି ସ୍ତର ୭%ରୁ କମ୍ ରଖିବାର ଲକ୍ଷ୍ୟ ରଖନ୍ତୁ। ଏହା ଆପଣଙ୍କ ହାର୍ଟ ଓ ପୂରା ଶରୀରକୁ ସୁରକ୍ଷା ଦେଇଥାଏ।

**ଅନ୍ୟାନ୍ୟ ରୋଗ ଏବଂ ବିପଦ କାରଣଗୁଡ଼ିକୁ ନିୟନ୍ତ୍ରଣ କରନ୍ତୁଃ** ଉଚ୍ଚ ରକ୍ତଚାପ, ହାଇ କାଲେଷ୍ଟ୍ରଲ ଏବଂ ମୋଟାପା ମଧ୍ୟ ହୃଦରୋଗର ଆଶଙ୍କା ବୃଦ୍ଧି କରେ। ଏଗୁଡ଼ିକୁ ଡାଇବେଟିସ ସହ ନିୟନ୍ତ୍ରଣ କରିବା ଖୁବ୍ ଜରୁରୀ।

**ହାର୍ଟ ପାଇଁ ସୁସ୍ଥ ଆହାର ଖାଆନ୍ତୁଃ** ଖାଦ୍ୟରେ ଫଳ, ପନିପରିବା, ଶସ୍ୟ, ଲିନ୍ ପ୍ରୋଟିନ୍ ଏବଂ ସୁସ୍ଥ ଚର୍ବି (ଯେପରିକି ବାଦାମ, ମଞ୍ଜି ଏବଂ ମାଛ) ସାମିଲ କରନ୍ତୁ। ଅତ୍ୟଧିକ ଭଜା ଖାଦ୍ୟ, ଟ୍ରାନ୍ସ ଚର୍ବି, ସାଚୁରେଟେଡ୍ ଚର୍ବି ଏବଂ ପ୍ରକ୍ରିୟାକୃତ ଚିନି ପରିହାର କରନ୍ତୁ। ରକ୍ତଚାପକୁ ନିୟନ୍ତ୍ରଣରେ ରଖିବା ପାଇଁ ଲୁଣ ଖାଇବାକୁ ସୀମିତ କରନ୍ତୁ।

**ନିୟମିତ ବ୍ୟାୟାମ କରନ୍ତୁଃ** ପ୍ରତିଦିନ ବ୍ୟାୟାମ ରକ୍ତ ଶର୍କରା (ବ୍ଲଡ୍ ସୁଗାର) କୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ ଏବଂ ହାର୍ଟକୁ ଶକ୍ତିଶାଳୀ କରେ। ସପ୍ତାହରେ ଅତି କମରେ ୩୦ ମିନିଟ୍ ଦ୍ରୁତ ଗତିରେ ଚାଲିବା, ପହଁରିବା କିମ୍ବା ସାଇକେଲ ଚଲାଇବା ଲାଭଦାୟୀ।

**ଭଲ ନିଦ୍ରା ଯିବାଃ** ହାର୍ଟ ଓ ଡାଇବେଟିସ୍ ସ୍ୱାସ୍ଥ୍ୟ ପାଇଁ ଭଲ ନିଦ ଜରୁରୀ, ଦୈନିକ ୭-୯ ଘଣ୍ଟା ଶୋଇବାକୁ ଚେଷ୍ଟା କରନ୍ତୁ।

**ଚିନ୍ତା ବା ଚାପ କମାନ୍ତୁ, ଧୂମପାନ ଏବଂ ମଦ୍ୟପାନ ଛାଡ଼ନ୍ତୁଃ** ଅତ୍ୟଧିକ ଚାପ ରକ୍ତ ଶର୍କରା ବୃଦ୍ଧି କରିପାରେ, ଏବଂ ଧୂମପାନ ଓ ମଦ୍ୟପାନ ହାର୍ଟ ପାଇଁ ବହୁତ କ୍ଷତିକାରକ। ହାର୍ଟ ପାଇଁ ଧ୍ୟାନ, ଯୋଗ ଏବଂ ଡିପ୍ ବ୍ରେଦିଂର ଅଭ୍ୟାସ କରନ୍ତୁ। ଧୂମପାନ ତ୍ୟାଗ କରିବା ଆପଣଙ୍କ ହାର୍ଟ ପାଇଁ ସର୍ବୋତ୍ତମ ନିଷ୍ପତ୍ତି। ଆପଣଙ୍କ ମଦ୍ୟପାନ ସେବନକୁ ସୀମିତ କରନ୍ତୁ।

**ନିୟମିତ ମଧୁମେହ ଏବଂ ହୃଦଘାତ ଯାଞ୍ଚ କରାନ୍ତୁଃ** ଡାକ୍ତରଙ୍କ ପରାମର୍ଶ ସହ ନିୟମିତ ଯାଞ୍ଚ କରିବା ଗୁରୁତ୍ୱପୂର୍ଣ୍ଣ। ରକ୍ତଚାପ, କୋଲେଷ୍ଟ୍ରଲ ଏବଂ ହୃଦସ୍ପନ୍ଦନ ପରୀକ୍ଷା ସମସ୍ୟାଗୁଡ଼ିକୁ ପ୍ରାରମ୍ଭିକ ଭାବରେ ଚିହ୍ନଟ କରିବାରେ ସାହାଯ୍ୟ କରିବ। ପରାମର୍ଶ ଡାକ୍ତର ନବୀନ ଭାମାରୀ କୁହନ୍ତି ଯଦି ମଧୁମେହ ନିୟନ୍ତ୍ରଣରେ ନ ଥାଏ କିମ୍ବା ଛାତି ଯନ୍ତ୍ରଣା, ଶ୍ୱାସକ୍ରିୟା କଷ୍ଟ, ଛାତିରେ ଭାରୀପଣ, କିମ୍ବା ବାହୁ, କିମ୍ବା ବେକରେ ଯନ୍ତ୍ରଣା ଭଳି ଲକ୍ଷଣ ଦେଖାଯାଏ, ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।

# କୋଣାର୍କରେ ରାଜ୍ୟପାଳଙ୍କ ଉପସ୍ଥିତିରେ 'ସୂର୍ଯ୍ୟ ପ୍ରଣାମ'

## ୧୦୮ ଥର ସୂର୍ଯ୍ୟ ନମସ୍କାରରେ ମୁଖରିତ ହେଲା ସୂର୍ଯ୍ୟମନ୍ଦିର




**କାକଟପୁର/ଅସ୍ତରଙ୍ଗ,୧୪।୬ (ସଂଚାର ବ୍ୟୁରୋ):** ଓଡ଼ିଶାର ଗୌରବ, ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟମନ୍ଦିର ପରିସର ରବିବାର ପୂର୍ବାହ୍ନରେ ଆଧ୍ୟାତ୍ମିକ ଶକ୍ତି ଓ ଯୋଗର ମହାମନ୍ତ୍ରେ ମୁଖରିତ ହୋଇଉଠିଥିଲା। ସୂର୍ଯ୍ୟଦେବଙ୍କ ଆରାଧନା ପୀଠ କୋଣାର୍କ ବେଢ଼ା ପରିସରେ ଭବ୍ୟ ଭାବେ 'ସୂର୍ଯ୍ୟ ପ୍ରଣାମ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଡ. ହରିବାବୁ କମ୍ଭମପତି ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସୂର୍ଯ୍ୟମନ୍ଦିରର ପବିତ୍ର ପ୍ରାଙ୍ଗଣରେ ସହସ୍ରାଧିକ ଯୋଗାଭ୍ୟାସୀ, ଛାତ୍ରଛାତ୍ରୀ ଓ ସାଧାରଣ ଜନତା ସମୂହ ୧୦୮ ଥର ସୂର୍ଯ୍ୟ ନମସ୍କାର ଅଭ୍ୟାସ କରିଥିଲେ। ରାଜ୍ୟପାଳ ସ୍ୱୟଂ ଯୋଗାସନରେ ବସି ସମସ୍ତଙ୍କ ସହ ସୂର୍ଯ୍ୟ ପ୍ରଣାମ କରି ଏହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ପ୍ରାତଃ ସୂର୍ଯ୍ୟଙ୍କ କିରଣ ସ୍ପର୍ଶ କରୁଥିବା କୃଷ୍ଣପଥର ମନ୍ଦିର ପୃଷ୍ଠଭୂମିରେ ଏହି ଦୃଶ୍ୟ ଅତ୍ୟନ୍ତ ମନୋହର ଓ ଭାବପ୍ରବଣ ଥିଲା।

ଏହି ଅବସରେ ପୁରୀ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଶରତ ଚନ୍ଦ୍ର ବେହେରା, ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ଏଏସଆଇ ର ସର୍କଲ ସୁପରିଟେଣ୍ଡେଣ୍ଟ ଡ. ମିଥୁନ ଚାଓଲେ, ପର୍ଯ୍ୟଟନ ବିଭାଗର ସହ-ନିର୍ଦ୍ଦେଶକ ଶ୍ରୀ ସରୋଜକାନ୍ତ ପ୍ରଧାନ, କୋଣାର୍କ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ପ୍ରଦ୍ୟୁମ୍ନ ଜେନା ପ୍ରମୁଖ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ସମସ୍ତେ ରାଜ୍ୟପାଳଙ୍କ ସହ ସୂର୍ଯ୍ୟ ପ୍ରଣାମ କରି ଏହି ଆଧ୍ୟାତ୍ମିକ ଅନୁଷ୍ଠାନର ଅଂଶୀଦାର ହୋଇଥିଲେ।

ରାଜ୍ୟପାଳଙ୍କ ଗସ୍ତ ଓ ଏତେ ବଡ଼ ସମାବେଶ ପାଇଁ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ ଅତ୍ୟନ୍ତ କଡ଼ାକଡ଼ି କରାଯାଇଥିଲା। ସୂର୍ଯ୍ୟମନ୍ଦିର ଓ ତା'ର ଚତୁଃପାର୍ଶ୍ୱରେ ବହୁ ସଂଖ୍ୟାରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ସମ୍ପୂର୍ଣ୍ଣ ଅଞ୍ଚଳକୁ ସିସିଟିଭି ନଜରରେ ରଖାଯାଇଥିଲା। ଏହା ଫଳରେ କାର୍ଯ୍ୟକ୍ରମ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇପାରିଥିଲା।

କୋଣାର୍କ ଭଳି ଐତିହାସିକ ସ୍ଥଳୀରେ ସୂର୍ଯ୍ୟ ପ୍ରଣାମ ଆୟୋଜନ କରିବା କେବଳ ଏକ ଯୋଗ କାର୍ଯ୍ୟକ୍ରମ ନୁହେଁ, ବରଂ ଭାରତୀୟ ସଂସ୍କୃତି ଓ ପରମ୍ପରାର ପୁନରୁଦ୍ଧାର। ରାଜ୍ୟପାଳଙ୍କ ଉପସ୍ଥିତି ଏହି କାର୍ଯ୍ୟକ୍ରମକୁ ଜାତୀୟ ସ୍ତରରେ ମାନ୍ୟତା ଦେଇଛି। ସୂର୍ଯ୍ୟ ଉପାସନା ଓ ଯୋଗର ଏହି ମିଳନ କୋଣାର୍କର ମହିମାକୁ ଆହୁରି ବୃଦ୍ଧି କରିଛି।

## ରଜ ପାଇଁ ଚଳଚଞ୍ଚଳ ଗାଁଦାଣ୍ଡ



**ବାଲିଆପାଳ,୧୪।୬ (ସଂଚାର ବ୍ୟୁରୋ):** ଗଣ ପର୍ବ ରଜ ଲାଗି ଗାଁଠୁ ସହର ସବୁଠି ଆନନ୍ଦ ଉଲ୍ଲାସ। ରବିବାର ପହିଲି ରଜ ପାଇଁ ସବୁଠି ସଜବାଜ ଦେଖିବାକୁ ମିଳିଛି। ପରମ୍ପରା ଅନୁସାରେ କୁଆରି ଝିଅ ମାନେ ନୂଆ ପୋଷାକ ପରିଧାନ କରି ମନ୍ଦିର ଦର୍ଶନ କରିବା ପରେ ପିଠା ପଣା ଖାଇ ଗୁରୁଜନଙ୍କ ଆର୍ଶୀବାଦ ନେଇ ରଜ ଦୋଳି ରେ ଝୁଲିବା ସହିତ ନାଚ ଗୀତରେ ରଜ ଧୁମଧାମରେ ପାଳନ କରିଥାନ୍ତି। ବାଲିଆପାଳ ଅଞ୍ଚଳରେ ଘରେ ଘରେ ଆମ୍ବ, ପଣସ ସହିତ ପୋଡ଼ ପିଠାର ବାସ୍ନା ପହିଲି ରଜକୁ ଦ୍ୱିଗୁଣିତ କରିଛି। ଏବେ ବଜାରରେ ବିଭିନ୍ନ ପ୍ରକାରର ମସଲା ତିଆରି ରଜ ପାନ ଯୁବତୀ ମାନଙ୍କୁ ଅଧିକ ଆକର୍ଷଣ କରିଛି।ବାଲିଆପାଳ ଜଗନ୍ନାଥ ମନ୍ଦିର, ଲଙ୍ଗଳେଶ୍ୱର ଶୈବ ପୀଠ ଅନେକ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା।

## ଗ୍ରୀଷ୍ମକାଳୀନ ଅବକାଶ ଶେଷ ହେବାକୁ ବସିଲାଣି, ଛାତ୍ରଛାତ୍ରୀଙ୍କୁ ମିଳୁନି ବହି

**ଜୟପୁର,୧୪।୬ (ସଂଚାର ବ୍ୟୁରୋ):** ଗ୍ରୀଷ୍ମକାଳୀନ ଅବକାଶ ଶେଷ ହେବାକୁ ବସିଲାଣି। ଛାତ୍ର, ଛାତ୍ରୀ ବହି ନଥିବାରୁ ଘରେ ହାତ ବାନ୍ଧି ବସିଛନ୍ତି। ପାଠ ପଢ଼ା ଆଗେଇ ପାରୁନାହାଁନ୍ତି। ଛୁଟି ଖୋଲିବାକୁ ଛାତ୍ର ଛାତ୍ରୀ ଚାହିଁ ବସିଛନ୍ତି। ଯାହାକୁ ନେଇ ଅଭିଭାବକ ଅସନ୍ତୋଷ ପ୍ରକାଶ କରିଛନ୍ତି। ବହି ବଦଳିବା ପରେ ନୂଆ ବହି ଆସିନଥିବାରୁ ଏପରି ସମସ୍ୟା ସୃଷ୍ଟି ହେଉଛି। ଏଯାବତ୍ କୋରାପୁଟ ଜିଲାର ୧୪ଟି ବ୍ଲକ ଅଧିନରେ ଥିବା ବିଦ୍ୟାଳୟର ଛାତ୍ର ଛାତ୍ରୀ ବହି ପାଇନଥିବା ଅଭିଯୋଗ କରିଛନ୍ତି।

ସୂଚନା ମୁତାବକ, ପ୍ରତିବର୍ଷ ଗ୍ରୀଷ୍ମ ଅବକାଶ ପୂର୍ବରୁ ଛାତ୍ରଛାତ୍ରୀଙ୍କୁ ସରକାରୀ ବିଦ୍ୟାଳୟରେ ପାଠ୍ୟ ପୁସ୍ତକ ବଣ୍ଟନ କରାଯାଇଥାଏ। ଯଦି କେହି ବହି ନ ପାଇଥାନ୍ତି ତେବେ ପୂର୍ବବର୍ଷ ବହି ସଂଗ୍ରହ କରି ଗ୍ରୀଷ୍ମଛୁଟିରେ ପାଠ ପଢ଼ା ଜାରି ରଖିଥାନ୍ତି। ପ୍ରାୟ ଦୁଇ ମାସ ଛୁଟି ରହୁଥିବାରୁ ଏହି ସମୟରେ ଛାତ୍ର, ଛାତ୍ରୀ କିଛି ପାଠ ସାରି ଦେଇଥାନ୍ତି।ଅପ୍ରେଲ ମାସରେ ପଢ଼ା ହୋଇଥିବା ପାଠକୁ ମଧ୍ୟ ପୁନରାବୃତି କରିଥାନ୍ତି। ଫଳରେ ବିଦ୍ୟାଳୟ ଖୋଲିବା ପରେ ପାଠ ପଢ଼ା ଆଗେଇ ନେବା ପାଇଁ ସେମାନଙ୍କୁ ସହଜ ହୋଇଥାଏ। ଚଳିତ ଥର ପ୍ରଥମ ରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟ ପୁସ୍ତକ ବଦଳିଛି। ନୂଆ ଢଙ୍ଗରେ ସମସ୍ତ ବହି ଆସିଛି। ମାତ୍ର ଏଯାବତ ସମସ୍ତ ବହି ଛାତ୍ର, ଛାତ୍ରୀଙ୍କ ନିକଟରେ ପହଞ୍ଚି ପାରିନାହିଁ।

କୋରାପୁଟ ଜିଲାର ୧୪ଟି ଗୋଷ୍ଠି ଶିକ୍ଷାଧିକାରିଙ୍କ ଅଧୀନରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ର, ଛାତ୍ରୀ ଅଧ୍ୟୟନ କରୁଛନ୍ତି। ଯେଉଁଥି ପାଇଁ ବହି ଆବଶ୍ୟକ। ମାତ୍ର ଅଧିକାଂଶ ବିଦ୍ୟାଳୟରେ ଛାତ୍ର ଛାତ୍ରୀ ବହି ପାଇନଥିବା ଅଭିଯୋଗ କରିଛନ୍ତି। ବିଶେଷ କରି ଅଷ୍ଟମ ଶ୍ରେଣୀ ଛାତ୍ର ଛାତ୍ରୀ ମାତ୍ର ତିନି ଚାରି ଖଣ୍ଡ ବହି ପାଇଛନ୍ତି। ସେହିପରି ଖୁବଶୀଘ୍ର ସମସ୍ତ ଛାତ୍ର ଛାତ୍ରୀଙ୍କ ନିକଟରେ ବହି ପହଞ୍ଚାଇବା ବ୍ୟବସ୍ଥା କରାଯିବାକୁ ଅଭିଭାବକ ମାନେ ଶିକ୍ଷା ବିଭାଗ ନିକଟରେ ଦାବୀ କରିଛନ୍ତି।

## ସୋମନାଥ ସ୍ୱାଭିମାନ ପର୍ବ ଯାତ୍ରାରେ ଗଲେ ୨୮ ତୀର୍ଥଯାତ୍ରୀ

**ଝାରସୁଗୁଡା,୧୪।୬ (ସଂଚାର ବ୍ୟୁରୋ):** ଓଡ଼ିଶା ସରକାରଙ୍କ ସୋମନାଥ ସ୍ୱାଭିମାନ ପର୍ବ ଯାତ୍ରା କାର୍ଯ୍ୟକ୍ରମ ଅନ୍ତର୍ଗତ ଝାରସୁଗୁଡା ଜିଲ୍ଲାର ୨୮ ଜଣ ତୀର୍ଥଯାତ୍ରୀ ଏକ ସ୍ୱତନ୍ତ୍ର ବସ୍ ଯୋଗେ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି। ତୀର୍ଥଯାତ୍ରୀମାନେ ଭୁବନେଶ୍ୱରସ୍ଥିତ ଭାରତ ସ୍କାଉଟ୍ ଓ ଗାଇଡ୍ କ୍ୟାମ୍ପସରେ ରିପୋର୍ଟିଂ କରି ପରବର୍ତ୍ତୀ ସମୟରେ ଏକ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ସୋମନାଥ ଦର୍ଶନ ନିମନ୍ତେ ଯାତ୍ରା କରିବେ। ଯାତ୍ରା ଶେଷ କରି ସେମାନେ ୨୧.୦୬.୨୦୨୬ ରିଖରେ ଝାରସୁଗୁଡା ପ୍ରତ୍ୟାବର୍ତ୍ତନ କରିବେ। ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟର ସହାୟକ ଆଲିସ ପଟେଲ ଏହି ଯାତ୍ରାର ନୋଡାଲ ଅଫିସର ଭାବେ ଦାୟିତ୍ୱ ତୁଲାଇ ସମସ୍ତ ତୀର୍ଥଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଗନ୍ତବ୍ୟସ୍ଥଳରେ ପହଞ୍ଚାଇବା ସହ ଯାତ୍ରାର ସମନ୍ୱୟ ଦାୟିତ୍ୱ ନିର୍ବାହ କରିବେ। ଆଜିର ଏହି ଯାତ୍ରା ସମ୍ବନ୍ଧୀୟ ଜିଲ୍ଲାପାଳ କୁଣକ୍ଷଲ ମୋତିରାମ ଚବକ୍ଷଣଙ୍କ ମାର୍ଗଦର୍ଶନ ଏବଂ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସମସ୍ତ କାମ ସମ୍ପାଦିତ ହୋଇଛି। ଏହି ଗସ୍ତ ସମ୍ବନ୍ଧୀୟ ସମସ୍ତ ସମନ୍ୱୟ ଦାୟିତ୍ୱ ନେଇଛନ୍ତି ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ତଥା ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ରିତାକାନ୍ତି ବଲିୟାର ସିଂହ।

### ଅର୍ତାମୂଳ ରଜ ମହୋତ୍ସବ ଆରମ୍ଭ

## ରଜଦୋଳିର ମଜା ନେଲେ ଶତାଧିକ ବାଳିକା



**ଡେରାବିଶ,୧୪।୬ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଯଆଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଅର୍ତାମୂଳ ସ୍ଥିତ ଜେନମଣି ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ଆଜି ଆରମ୍ଭ ହୋଇଛି ନବମ ବାର୍ଷିକ ରଜ ମହୋତ୍ସବ। ତିନିଦିନ ବ୍ୟାପୀ ଅନୁଷ୍ଠିତ ହେବାକୁଥିବା ଏହି ମହୋତ୍ସବରେ ଅଞ୍ଚଳର ଶହଶହ କୁନିକୁନି ପିଲା ଓ କିଶୋରୀ ବାଳିକାମାନେ ରଜଦୋଳିର ଭରପୂର ମଜା ନେଇଛନ୍ତି। ଏଥିସହିତ ମହୋତ୍ସବରେ ଉପସ୍ଥିତ ଲୋକମାନେ ସ୍ୱତନ୍ତ୍ର ରଜପାନକୁ ଉପଭୋଗ କରିଥିଲେ।

ଏହି ଅବସରରେ ଆଜି ପୂର୍ବାହ୍ନରେ ଅନୁଷ୍ଠିତ ଅଧିବେଶନରେ ମୁଖ୍ୟଅତିଥିଭାବେ ବିଜେଡ଼ି ରାଜ୍ୟ ସମ୍ପାଦକ ଦେବାଶିଷ ଆଚାର୍ଯ୍ୟ, ସମ୍ମାନିତ ଅତିଥିଭାବେ ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ମଲିକ, ବରିଷ୍ଠ ବିଜେଡ଼ି ନେତା ମନିନ୍ଦ୍ର ପ୍ରସାଦ ରଥ ଓ ଦେବରାଜ ମହାପାତ୍ର ଯୋଗଦେଇ ଏହି ପର୍ବ ଓଡ଼ିଆ ସଂସ୍କୃତି ଓ ପରାମ୍ପରାର ବାର୍ତା ବହନ କରୁଥିବା ପ୍ରକାଶ କରିଥିଲେ। ସେହିପରି ଅପରାହ୍ନ ଅଧିବେଶନରେ ମୁଖ୍ୟ ଅତିଥିଭାବେ ବିଜେପି ରାଜ୍ୟ ମୁଖପାତ୍ର ତଥା ପାଟକୁରା ବିଜେପି ନେତା ତେଜେଶ୍ୱର ପରିଡ଼ା, ମୁଖ୍ୟବକ୍ତା ଭାବେ ସ୍ମାରକ ମହାନ୍ତି, ସମ୍ମାନିତ ଅତିଥିଭାବେ ବରିଷ୍ଠ ବିଜେପି ନେତା କଳ୍ପତରୁ ଶତପଥି, ସୁଶାନ୍ତ ରାଉତ, ଅୟସ ଦାସ, ଭଞ୍ଜନ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ଏହି ଓଡ଼ିଆ ଘରର ଏହି ମହାନ ପରମ୍ପରାକୁ ଦୀର୍ଘଦିନ ବଞ୍ଚାଇ ରଖିଥିବାରୁ ମହୋତ୍ସବ କମିଟିର କର୍ମକର୍ତାମାନଙ୍କୁ ସାଧୁବାଦ ଜଣାଇଥିଲେ।

ବିଶେଷ କରି ଏଠାରେ ସମସ୍ତଙ୍କ ନିମନ୍ତେ ଦୋଳି ଖେଳର ବ୍ୟବସ୍ଥା କରାଯାଇଥିବାରୁ ଏହି ପରି ପାରମ୍ପରିକ ଭାବେ ପ୍ରତ୍ୟେକ ବର୍ଷ ପାଳନ କରିବାକୁ ଉତ୍ସାହିତ ମଧ୍ୟ କରିଥିଲେ। ଏହି ଅବସରରେ ବହୁ ଲୋକମାନେ ରଜ ଦୋଳିରେ ସେଲଫି ନେଉଥିବା ଦେଖିବାକୁ ମିଳିଥିଲା। ପରେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ପେଟଛାଲା ପଞ୍ଚାୟତରେ ଟ୍ୟାଙ୍କର ଯୋଗେ ପାଣି ଯୋଗାଇବାକୁ ଦାବି

**କେନ୍ଦ୍ରାପଡ଼ା,୧୪।୬ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ପେଟଛାଲା ପଞ୍ଚାୟତର ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଭେଟି ତାଙ୍କ ପଞ୍ଚାୟତରେ ପାନୀୟଜଳ ସମସ୍ୟା ଥିବାରୁ ସେଠାରେ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇବାକୁ ଦାବି କରିଛନ୍ତି। ଏ ବିଷୟରେ ମହାକାଳପଡ଼ା ବିଧାୟକ ଡକ୍ଟର ଦୁର୍ଗାପ୍ରସନ୍ନ ନାୟକଙ୍କୁ ପେଟଛାଲା ପଞ୍ଚାୟତରେ ପାନୀୟ ଜଳର ସଂକଟ ସୃଷ୍ଟି ହୋଇଥିବା ଜଣାଇଥିଲେ। ପେଟଛାଲା ପଞ୍ଚାୟତର ଲୁଣି ମାଟିଆ, ଆଖୁଗଡ଼, ସକରପଡ଼ା, ଜଙ୍ଗଲ ଘେରୀ ସବର ଲୋକମାନେ ପାନୀୟଜଳ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପାନୀୟ ଜଳ ସକାଶେ ମହିଳାମାନେ ବହୁ ଦୂରଦୂରାନ୍ତରୁ ପାନୀୟ ଜଳ ସଂଗ୍ରହ କରିବାକୁ ଯାଉଛନ୍ତି। ଏ ବିଷୟରେ ବିଧାୟକ ଶ୍ରୀ ନାୟକ ଗ୍ରାମୀଣ ପାନୀୟ ଜଳ ଯୋଗାଣ ଅଧ୍ୟକ୍ଷଙ୍କୁ ତୁରନ୍ତ ଟ୍ୟାଙ୍କରରେ ପାନୀୟ ଜଳ ଯୋଗାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇନଥିବାରୁ ଗ୍ରାମବାସୀମାନେ ଅସନ୍ତୋଷ ପ୍ରକାଶ କରି ଜିଲ୍ଲାପାଳଙ୍କୁ ଭେଟି ତୁରନ୍ତ ପାନୀୟ ଜଳ ଯୋଗାଇବା ପାଇଁ ପୂର୍ବତନ ସରପଞ୍ଚ ନାଥ କୁମାର ଭୋଳଙ୍କ ସମେତ ଶତାଧିକ ଗ୍ରାମବାସୀ ଦାବି କରିଛନ୍ତି।

## ଦିଗାପୁର ରାଧାକୃଷ୍ଣ ମନ୍ଦିରରେ କଳାକନା ବୁଲାଇଲେ ଚୋର

**ଜୟପୁର,୧୪।୬ (ସଂଚାର ବ୍ୟୁରୋ):** ମନ୍ଦିରରେ କଳା କନା ବୁଲାଇଲେ ଚୋର। ପାଖାପାଖି ପନ୍ଦର ଲକ୍ଷ ଟଙ୍କାର ଠାକୁରଙ୍କ ଗହଣା ଲୁଟି ନେଇଛନ୍ତି ଦୁର୍ବୃତ୍ତ। କୁନ୍ଦୁରା ବ୍ଲକ ଦିଗାପୁର ପଞ୍ଚାୟତ ସଦର ମହାକୁମା ସ୍ଥିତ ରାଧା କୃଷ୍ଣ ମନ୍ଦିରରେ ଘଟିଛି ଏଭଳି ଅଘଟଣ। ଗତକାଲି ରାତିରେ ଦୁର୍ବୃତ ମାନେ କବାଟ ତାଡ଼ି ଶ୍ରୀରାଧା କୃଷ୍ଣ ଲଳିତାଙ୍କ ବିଗ୍ରହରେ ଲାଗିଥିବା ରୁପା ଗହଣା ପ୍ରାୟ ୫ କିଲୋ ଏବଂ ସୁନା ଗହଣା ୨-୩ ତୋଳା ବାହାର କରି ନେଇଯାଇଛନ୍ତି। ମନ୍ଦିର କବାଟ ତାଡିବା ସହ ଜଗୁଆଳି ସ୍ୱାମୀ ସ୍ତ୍ରୀ ଙ୍କ କୋଠରୀରେ ବାହାର ପଟରୁ ତାଲା ମାରି ମନ୍ଦିରରୁ ସୁନା ଲୁଟିଛନ୍ତି। ଏନେଇ ମନ୍ଦିର କମିଟି ତରଫରୁ ଏତଲା ପରେ ଅଭିଯୋଗକୁ ଭିତି କରି ବୈପାରୀଗୁଡା ଥାନା ଅଧିକାରୀ ଡମ୍ବରୁଧର ବାତ୍ରୀୟା ସାଇଂଟିଫିକ୍ ଟିମ୍ ଏବଂ ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ କରୁଛନ୍ତି।

## ଦୁଇ ବାଇକ୍ ମୁହାଁମୁହିଁ, ୩ ଗୁରୁତର

**ଚମ୍ପୁଆ,୧୪।୬ (ସଂଚାର ବ୍ୟୁରୋ):** ଚମ୍ପୁଆ ବ୍ଲକ ଅନ୍ତର୍ଗତ ଭଣ୍ଡା ଛକ ନିକଟରେ ଆଜି ଏକ ଭୟାବହ ସଡ଼କ ଦୁର୍ଘଟଣା ଘଟିଯାଇଛି। ଦୁଇଟି ମୋଟରସାଇକେଲ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୩ ଜଣ ବ୍ୟକ୍ତି ଗୁରୁତର ଭାବେ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ଉଚ୍ଚବାଲି ପଟୁ ଏକ ହିରୋ ସ୍ପ୍ଲେଣ୍ଡର ବାଇକ୍ ଯୋଗେ ଜଣେ ବ୍ୟକ୍ତି ଭଣ୍ଡା ଅଭିମୁଖେ ଆସୁଥିଲେ। ଏହି ସମୟରେ ବିପରୀତ ଦିଗରୁ ଅର୍ଥାତ୍ ଭଣ୍ଡା ମେଡିକାଲ ପଟୁ ଦ୍ରୁତଗତିରେ ଯାଉଥିବା ଆଉ ଏକ ହିରୋ ଏକ୍ସଟ୍ରିମ ବାଇକ୍ ସହ ଏହାର ସାମ୍ନାସାମନି ଧକ୍କା ହୋଇଥିଲା।

## ଉପଖଣ୍ଡ ଚିକିତ୍ସାଳୟରେ ବିଶ୍ୱ ରକ୍ତଦାତା ଦିବସ ପାଳନ ପ୍ରହସନ

### ଅଧିକାରୀଙ୍କ ଭୂମିକାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ



**ନୀଳଗିରି,୧୪।୬ (ସଂଚାର ବ୍ୟୁରୋ):** ଆଜି ପୂର୍ବାହ୍ନରେ ୯ଟା ସମୟ ରେ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ପରିସର ସମ୍ମିଳନୀ କକ୍ଷ ରେ ବିଶ୍ୱ ରକ୍ତଦାତା ଦିବସ ଓଡ଼ିଶା ରକ୍ତ କେନ୍ଦ୍ର,ନୀଳଗିରି ରକ୍ତ କେନ୍ଦ୍ର ଓ ରକ୍ତଦାତା ସଂଘ ନୀଳଗିରି ମିଳିତ ଆନୁକୂଲ୍ୟରେ ରେ ପାଳନ କରାଯାଇଛି । ଉକ୍ତ ଶିବିରକୁ ଉପଖଣ୍ଡ ଚିକିତ୍ସାଳୟର ଏସଡିଏମଓ ଡାକ୍ତର ସତ୍ୟନାରାୟଣ ନାୟକ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲା ବେଳେ ମୁଖ୍ୟ ଅତିଥି ନୀଳଗିରି ଉପଜିଲ୍ଲାପାଳ ଶୁଭଶ୍ରୀ ରଥ, ସୁପରିଟେଣ୍ଡେଣ୍ଟ ଡ଼. ସରୋଜିନି ପ୍ରଧାନଙ୍କ ଦେଖା ନଥିଲା। କର୍ତ୍ତୃପକ୍ଷ ସଠିକ ଭାବରେ ପରିଚାଳନା କରି ନଥିବାରୁ ରକ୍ତଦାନ ଶିବିରରୁ ମାତ୍ର ୧୨ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ପରେ ରକ୍ତଦାତା ଓ ରକ୍ତଦାନ ଶିବିର ଆୟୋଜକ ମାନଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା ।

ଉକ୍ତ କାର୍ଯ୍ୟକ୍ରମକୁ ଡାକ୍ତର ସତ୍ୟନାରାୟଣ ନାୟକ ପରିଚାଳନା କରିଥିବା ବେଳେ ରକ୍ତ କେନ୍ଦ୍ର ଅଧିକାରୀ ଡାକ୍ତର ମନୋଜ ବାରିକ ପ୍ରଥମେ ବିଶ୍ୱ ରକ୍ତଦାତା ଦିବସର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ରକ୍ତଦାତା ସଂଘର ସାଧାରଣ ସମ୍ପାଦକ ବିଜୟ କୁମାର ପାତ୍ର ନୀଳଗିରି ରକ୍ତ କେନ୍ଦ୍ର କିଭଳି ଭାବେ ଉନ୍ନତି ହେବ ସେଥିପାଇଁ ପଦକ୍ଷେପ ନେବାପାଇଁ ଅନୁରୋଧ କରିଥିଲେ । ରକ୍ତ ବିନା ଯେଭଳି ଭାବେ ନୀଳଗିରି ରେ କୌଣସି ବ୍ୟକ୍ତି ନ ମରେ ସେଥି ପ୍ରତି ଆମ୍ଭେ ଶପଥ ନେବା ଉଚିତ ବୋଲି କହିଥିଲେ।

ସବୁ କଥା କେବଳ ଭାଷଣ, କାଗଜ ପତ୍ର ରେ ଚାଲିଥିଲା। ଏପରି ଘଟଣା ସମ୍ପର୍କରେ ହସ୍ପିଟାଲ କର୍ତ୍ତୃପକ୍ଷ କୌଣସି ବରିଷ୍ଠ ନାଗରିକ, ସ୍ୱେଚ୍ଛାସେବୀ ରକ୍ତଦାତା, ସମାଜ ସେବୀ, ଗଣମାଧ୍ୟମ ପ୍ରତିନିଧି, ନର୍ବାଚିତ ଜନପ୍ରତିନିଧି, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନଙ୍କୁ ମଧ୍ୟ ଜଣାଇ ନଥିଲେ। କିଛି ସ୍ଥାନୀୟ ବାସିନ୍ଦା ଓ ୫ରୁ ୬ ଜଣ ବ୍ୟବସାୟୀଙ୍କୁ ଛିଡା କରି ଫଟୋ ଉଠାଇ ସଚେତନତା ବାର୍ତ୍ତା ବାଣ୍ଟିବା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଉକ୍ତ କାର୍ଯ୍ୟକ୍ରମ ସରକାରଙ୍କ ପକ୍ଷରୁ ଅତୀତରେ ନୀଳଗିରି ରକ୍ତଭଣ୍ଡାର ନିଜର କାର୍ଯ୍ୟ ଦକ୍ଷତା ପାଇଁ ଜିଲ୍ଲା ଓ ରାଜ୍ୟ ସ୍ତରୀୟରେ ପ୍ରଶଂସା ସାଉଁଟି ଥିଲା ବେଳେ ବର୍ତ୍ତମାନ ତାହା ସାତ ସପନ ପାଲଟିଛି। ଯାହା ଶୁଣିବାକୁ ମିଳେ ଦୀର୍ଘ୨୦ବର୍ଷରୁ ଉର୍ଦ୍ଧ୍ୱ ଦିନଧରି ନୀଳଗିରି ଡାକ୍ତରଖାନାରେ ଥିବା ଡାକ୍ତର ଶୁଭ୍ରାଂଶୁ ଶେଖର ପରିଡା ଉକ୍ତ କାର୍ଯ୍ୟକ୍ରମର ମୁଖ୍ୟ ନାୟକ ବୋଲି ଜୈନିକ କର୍ମଚାରୀ ନିଜ ନାମ ଗୋପନ ରଖି ଘଟଣା ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି। ଯେଉଁ ଦିନ ଠାରୁ ରକ୍ତଭଣ୍ଡାରରେ ଅଧିକାରୀ ଭାବେ ଡ଼. ମନୋଜ କୁମାର ବାରିକ, ରକ୍ତ କେନ୍ଦ୍ରର ଟେକ୍ନିସିଆନ୍ ରାଜେଶ ବେହେରା, ସଂଗ୍ରାମ ମହାପାତ୍ର ଯୋଗ ଦାନ କଲେଣି ସେହି ଦିନ ଠାରୁ କେତେବେଳେ ରକ୍ତ ଭଣ୍ଡାରକୁ ଆସନ୍ତି କେତେବେଳେ ଯାଆନ୍ତି ତାହା ଭଗବାନ ଜାଣନ୍ତି। ଫଳରେ ନୀଳଗିରି ଉପଖଣ୍ଡ ଆଦିବାସୀ, ଗରିବ, ଦିନ ମଜୁରିଆମାନେ ବହୁ ଅସୁବିଧା ରେ ସମ୍ମୁଖୀନ ହେଉଥିଲେ ସୁଦ୍ଧା ଏଥିପ୍ରତି କୌଣସି ଉଚ୍ଚ ପ୍ରଦସ୍ଥ ଅଧିକାରୀ କିମ୍ବା ରାଜନେତାଙ୍କ ନଜର ନଥିବା ରୁ ନୀଳଗିରି ଉପଖଣ୍ଡ ରକ୍ତ ଭଣ୍ଡାର ଉପରୁ ମୁହଁ ମୁଡୁ ଥିବା ଜଣାପଡିଛି।

## ବୃଦ୍ଧଙ୍କ ମୃତ୍ୟୁ ପରେ କନ୍ଧବାହାଲରେ ଉତ୍ତେଜନା ରାସ୍ତାରେ ଶବ ରଖି ନ୍ୟାୟ ଦାବି

**ବଲାଙ୍ଗିର,୧୪।୬ (ସଂଚାର ବ୍ୟୁରୋ):** ବଲାଙ୍ଗିର ଜିଲ୍ଲାରୁ ଅଭାବନୀୟ ତଥା ଚାଞ୍ଚଲ୍ୟକର ଖବର ସାମ୍ନାକୁ ଆସିଛି, ଯାହା ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ସୃଷ୍ଟି କରିଛି। ସିନ୍ଧେକେଲା-ବଙ୍ଗୋମୁଣ୍ଡା ରାଜପଥର କନ୍ଧବାହାଲ ଗ୍ରାମରେ ଜଣେ ୮୦ ବର୍ଷୀୟ ବୃଦ୍ଧଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଏହି ହତ୍ୟାକାଣ୍ଡର ପ୍ରତିବାଦରେ ଉତ୍ୟକ୍ତ ଗ୍ରାମବାସୀ ଶବ ରଖି ରାସ୍ତା ଅବରୋଧ କରିଛନ୍ତି, ଯାହାଫଳରେ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ମୃତ ବୃଦ୍ଧ ଜଣକ ହେଉଛନ୍ତି କନ୍ଧବାହାଲ ଗ୍ରାମର ଚକ୍ରଧର ପୁଞ୍ଜି।

ମିଳିଥିବା ସୂଚନା ଅନୁଯାୟୀ, ଗତ କିଛି ଦିନ ତଳେ ଚକ୍ରପୁଞ୍ଜି ଗାଁ ନିକଟସ୍ଥ ନଦୀ ବା ପୋଖରୀକୁ ଗାଧୋଇବା ପାଇଁ ଯାଇଥିବା ସମୟରେ କେତେକ ଦୁର୍ବୃତ୍ତ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ପୂର୍ବରୁ ଗ୍ରାମର କିଛି ଲୋକଙ୍କ ସହ ଜମିବାଡ଼ି କିମ୍ବା ଅନ୍ୟ କୌଣସି କାରଣକୁ ନେଇ ତାଙ୍କର କଳିଂଗଡ଼ା ଲାଗି ରହିଥିଲା, ଯାହା ଏହି ଆକ୍ରମଣର ମୁଖ୍ୟ କାରଣ ବୋଲି ସନ୍ଦେହ କରାଯାଉଛି। ଆକ୍ରମଣ ପରେ ଗୁରୁତର ଅବସ୍ଥାରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ବାହାର ବଡ଼ ହସ୍ପିଟାଲକୁ ନେବା ପାଇଁ ପରାମର୍ଶ ଦେଇଥିଲେ ମଧ୍ୟ ପରିବାର ଲୋକେ ଆର୍ଥିକ ଅଭାବ ଯୋଗୁଁ ବାଧ୍ୟ ହୋଇ ତାଙ୍କୁ ଗାଁକୁ ଫେରାଇ ଆଣିଥିଲେ। ଆଜି ସକାଳେ ଚିକିତ୍ସାଧୀନ ଅବସ୍ଥାରେ ବୃଦ୍ଧଙ୍କର ମୃତ୍ୟୁ ଘଟିଛି। ବୃଦ୍ଧଙ୍କ ମୃତ୍ୟୁ ପରେ ପରିବାର ଏବଂ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପୂର୍ବରୁ ବଙ୍ଗୋମୁଣ୍ଡା ପୁଲିସକୁ ଏ ନେଇ ଲିଖିତ ଅଭିଯୋଗ କରାଯାଇଥିଲେ ସୁଦ୍ଧା ପୁଲିସ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବା ଅଭିଯୋଗ ହୋଇଛି। ପୋଲିସର ଏଭଳି ନିଷ୍କ୍ରିୟତାକୁ ବିରୋଧ କରି ଉତ୍ୟକ୍ତ ଲୋକେ ସିନ୍ଧେକେଲା-ବଙ୍ଗୋମୁଣ୍ଡା ରାସ୍ତାର କନ୍ଧବାହାଲ ଠାରେ ଶବ ରଖି ରାସ୍ତାରୋକ କରିଥିଲେ।

## ସର୍ବସାଧାରଣଙ୍କ ସରକାରୀ ନଳକୂପରୁ ହଟିଲା ଆବଦ୍ଧ

**ସମ୍ବଲପୁର,୧୪।୬ (ସଂଚାର ବ୍ୟୁରୋ):** ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ଅନ୍ତର୍ଗତ ଟିକିଲିପଡ଼ା ପଞ୍ଚାୟତ ଅଧିନ ସାଲେଭାଡି ଗ୍ରାମର ୬ ନମ୍ବର୍ ୱାର୍ଡରେ ଥିବା ସରକାରୀ ନଳକୂପରୁ ଆଜି ଜମନକିରା ବିଡ଼ିଓ ଜବରଦଖଲ ଆବଦ୍ଧ ହଠାଇ ଦେଇଛନ୍ତି। ସୂଚନାନୁଯାୟୀ ବ୍ଲକର ବିଭିନ୍ନ ଗ୍ରାମର ଜନସଂଖ୍ୟା ଆଧାରରେ ସରକାରଙ୍କ ପକ୍ଷରୁ ବିଭିନ୍ନ ୱାର୍ଡରେ ନଳକୂପ ଯୋଗାଯାଇଛି। ସାଲେଭାଡି ଗ୍ରାମର ୬ ନମ୍ବର ୱାର୍ଡ ମେମ୍ବରଙ୍କ ଘର ନିକଟରେ ବସାଯାଇଥିବା ନଳକୂପରୁ ପାଣିର ସ୍ରୋତ ଅତି ମନ୍ଥର ଥିବାରୁ ୱାର୍ଡ ମେମ୍ବର ଜଣଙ୍କ ନିଜ ପଇସାରେ ଏହି ନଳକୂପରେ ଏକ ମୋଟର ଲଗାଇ ଥିଲେ। ଫଳରେ ପାଣିର ସ୍ରୋତ ପ୍ରଖର ହେବା ସହ ୱାର୍ଡ ବାସିନ୍ଦା ଖୁସିରେ ପାଣି ନେଉଥିଲେ। ହେଲେ 'ମୁଁ ପଇସା ଖର୍ଚ୍ଚ କରି ମୋଟର ଲଗାଇବି, ଅନ୍ୟକେହି ସୁବିଧା ନେବ' ମାନସିକତାରେ ଅତିଷ୍ଠ ହୋଇ ୱାର୍ଡ ମେମ୍ବର ଜଣଙ୍କ ଏହି ନଳକୂପକୁ ନିଜ ଦଖଲରେ ରଖିବା ସଦୃଶ୍ୟ ବାଉଁଶ ଓ କନାରେ ଏହାକୁ ଆବଦ୍ଧ କରି ଅନ୍ୟମାନଙ୍କ ପାଇଁ କଟକଣା ଜାରି କରିଥିଲେ। ଫଳରେ ଆଖପାଖରୁ ପାନୀୟ ଜଳ ମିଳିବାରେ ଅସମ୍ଭବତାକୁ ଦୃଷ୍ଟିରେ ରଖି ୱାର୍ଡ ବାସିନ୍ଦା ଘଟଣା ସମ୍ପର୍କରେ ଜମନକିରା ବ୍ଲକ ଉନ୍ନୟନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଇଥିଲେ। ପଞ୍ଚାୟତ ଉନ୍ନୟନ ଅଧିକାରୀଙ୍କ ରିପୋର୍ଟ ଆଧାରରେ ଆଜି ପ୍ରଶାସନ ଏହି ନଳକୂପ ଚତୁଃପାର୍ଶ୍ୱରୁ କନା ଓ ବାଉଁଶକୁ ଓପାଡି ନଳକୂପକୁ ସର୍ବସାଧାରଣଙ୍କ ପାଇଁ ଉତ୍ସର୍ଗ କରିଛନ୍ତି।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିଶ୍ୱ ରକ୍ତଦାତା ଦିବସ ଓ ରକ୍ତଦାନ ଶିବିର




**ସୁବର୍ଣ୍ଣପୁର,୧୪।୬ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତ କେନ୍ଦ୍ର ପକ୍ଷରୁ ବିଶ୍ୱ ରକ୍ତ ଦାତା ଦିବସ ଓ ସ୍ୱେଚ୍ଛାେ କୃତ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ସୁବର୍ଣ୍ଣପୁର ଅତିରିକ୍ତ ଜିଲ୍ଲାପାଳ(ସାଧାରଣ )ଶ୍ରୀମତୀ ଅଞ୍ଜଳିନା ପଧାନ ଯୋଗ ଦେଇ ଏହି ଶିବିର କୁ ଶୁଭ ଉଦଘାଟନ କରିବା ସହିତ ଆୟୋଜିତ ଏକ ସଚେତନତା ସଭା ରେ ଯୋଗ ଦେଇ ରକ୍ତ ଦାତା ଓ ରକ୍ତ ଦାନ ଶିବିର ଆୟୋଜକ, ମୋଟିଭେଟର ଓ ଏ କ୍ଷେତ୍ରରେ ସହଯୋଗ କରି ଆସିଥିବା ବିଭିନ୍ନ ବ୍ୟକ୍ତି ବିଶେଷ, ସ୍ୱେଚ୍ଛାସେବୀ ଅନୁଷ୍ଠାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

ମେଡିକାଲ୍ ଇନ୍ ଚାର୍ଜ ଅଧିକ୍ଷକ ଡ଼ାକ୍ତର ଦେବୀ ପ୍ରସାଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଓ ବ୍ଲଡ଼ ବ୍ୟାଙ୍କ ଅଧିକାରୀ ଡାକ୍ତର ମାନସ ରଞ୍ଜନ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ ସମ୍ମାନିତ ଅତିଥି ଭାବରେ ସି ଡି ଏମ୍ ପି ଏଚ୍ ଓ ଡାକ୍ତର ଉଷାରାଣୀ ଦାଶ, ବୀର ମହାରାଜପୁର ବିଧାୟକଙ୍କ ପ୍ରତିନିଧି ଶ୍ରୀ ଜନାର୍ଦ୍ଦନ ଖମାରୀ ଯୋଗ ଦେଇ ରକ୍ତ ଦାତା ଓ ସ୍ୱେଚ୍ଛାସେବୀ ଙ୍କୁ ଉତ୍ସାହିତ କରି ସମସ୍ତ ସ୍ୱେଚ୍ଛାସେବୀ ଙ୍କ ସହଯୋଗ ପାଇଁ ଉଲ୍ଲେଖନୀୟ ଭୂମିକା ପାଇଁ କୃତଜ୍ଞ ଓ ଏହା ଦ୍ୱାରା ବହୁ ମୂଲ୍ୟ ଜୀବନ ବଞ୍ଚି ପାରୁଛି ବୋଲି କହିଥିଲେ। ଆଗାମୀ ଦିନରେ ଏଭଳି ସହଯୋଗ ଜାରି ରଖିବାକୁ ନୂଆ ରକ୍ତଦାତାଙ୍କୁ ସଚେତନ କରିବାକୁ ରକ୍ତଦାତା, ସ୍ୱେଚ୍ଛାସେବୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ନିବେଦନ କରିଥିଲେ। ୟୁଥ୍ ରେଡକ୍ରସ ଜିଲ୍ଲା କୋଡ଼ିନେଟର ଅଧ୍ୟାପକ ଉମାକାନ୍ତ ନାଗ, ସୋନପୁର ଏନ୍ ସି ସି କ୍ୟାପଟେନ୍ ଆଶିଷ ଅଗ୍ରୱାଲ ବହୁମୂଲ୍ୟ ବାର୍ତ୍ତା ପ୍ରଦାନ କରି ପ୍ରେରଣା ଯୋଗାଇ ଥିଲେ।

ଏହି ଶିବିର ରେ ୨୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ସଚେତନତା ଓ ସମ୍ବର୍ଦ୍ଧନା ସଭାକୁ ସ୍ୱେଚ୍ଛାସେବୀ ମନୋରଞ୍ଜନ ତ୍ରିପାଠି ପରିଚାଳନା କରିଥିବା ବେଳେ ରକ୍ତ କେନ୍ଦ୍ରର ଜଗତ ଦରୱାନ ସହଯୋଗ କରିଥିଲେ। ଡାକ୍ତର ମାନସ ରଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।



## ନୀଳଗିରି ଉପଖଣ୍ଡର ବିଭିନ୍ନ ସ୍ଥାନରେ ଧୂମ୍‌ଧାମରେ ରଜ ଉତ୍ସବ ପାଳିତ

**ସଜନାଗଡ଼,୧୪।୬ (ସଂଚାର ବ୍ୟୁରୋ):** ଆଜି ସାମଗ୍ର ରାଜ୍ୟରେ ରଜ ସଂକ୍ରାନ୍ତି କୁ ଗଣ ପର୍ବ ଭାବେ ବେଶ ଧୁମ ଧାମ ରେ ପାଳନ କରୁ ଥିବାବେଳେ ନୀଳଗିରି ଉପଖଣ୍ଡ ର ବିଭିନ୍ନ ଗାଁ ଗଣ୍ଡା ରେ ଏହି ରଜ ପର୍ବ କୁ ଗଣ ପର୍ବ ଭାବେ ଏକ ନିଆରା ଢଙ୍ଗରେ ବେଶ ଆଡମ୍ବର ସହକାରେ ପାଳୁଥିବାର ପରିଲକ୍ଷିତ ହୋଇଛି। ସକାଳେ କୁଆଁରୀ ମାନେ ଗାଧୋଇ ସାରି ବିଭିନ୍ନ ରଙ୍ଗ ବେରଙ୍ଗ ର ବସ୍ତ୍ର ପରିଧାନ କରିଥିଲେ। ଘରେ ପ୍ରସ୍ତୁତ ହୋଇଥିବା ଚକୁଳି ପିଠା, ପୋଡ ପିଠା, ଡାଲମା, ଆମ୍ବ, ପଣସ, ଖାଇସାରିବା ପରେ ରଜ ଦୋଳି ଖେଳ ରେ ମାତିଥିଲେ। ବର ଗଛ ଡ଼ାଳ ମାନଙ୍କରେ ଦୋଳି ବାନ୍ଧି ସାଙ୍ଗ ମାନଙ୍କ ସହିତ ଦୋଳିରେ ଝୁଲିଥିଲେ। ବଜାରରେ ତଥା ଛକ ମାନଙ୍କରେ ରଜ ପାନ ନେବା ପାଇଁ ଦୋକାନ ମାନଙ୍କରେ ବେଶ ଭିଡ ପରିଲକ୍ଷିତ ହୋଇଥିଲା।

**ରଜ ଦୋଳି, ରଜ ପାନ, ଚକୁଳି ପିଠାର ନିଆରା ମଜା ସହ ବିଭିନ୍ନ ସ୍ଥାନରେ କୁକୁଡ଼ା ଲଢେଇ**

ନୀଳଗିରି ବ୍ଲକ ସଜନାଗଡ଼ କୁକୁଡ଼ା ପଡ଼ାରେ କୁକୁଡ଼ା ଲଢେଇ ପାଇଁ ସକାଳ ୯ ଘଟିକା ଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଦିବସ ବ୍ୟାପି କୁକୁଡ଼ା ଲଢେଇ ପାଇଁ ବିଭିନ୍ନ ଗ୍ରାମରୁ ଶହ ଶହ ଲୋକଙ୍କ ସମାଗମ ବେଶ ଅଞ୍ଚଳକୁ ଆକର୍ଷିତ କରିଥିଲା। ରଜରେ ନବ ବିବାହିତା ଶ୍ୱଶୁର ଘରକୁ ନିମନ୍ତ୍ରିତ ଅତିଥି, ଗ୍ରାମକୁ କୁଣିଆ ସବୁ ଆସୁଥିବାର ଦେଖିବାକୁ ମିଳିଥିଲା। ଉପଖଣ୍ଡ ର ବିଭିନ୍ନ ଆଦିବାସୀ ବସ୍ତି ମାନଙ୍କରେ ହାଣ୍ଡିଆ ର ଆସର ଜମିଥିଲା। କିଛି କିଛି ଗ୍ରାମରେ ଧୂମସା, ମାଦଳ, ବଜାଇ ନୃତ୍ୟ ଗୀତର ତାଳେ ତାଳେ ରଜ ପାଳୁଥିବାର ଦେଖିବାକୁ ମିଳିଥିଲା। ସକାଳେ ଓ ସନ୍ଧ୍ୟାରେ ଛକ ଛକ ମାନଙ୍କରେ ଯୁବକ ମାନେ ତାସ ଖେଳ ରେ ମାତିଥିଲେ।

ଏଠାରେ ରଜ ପର୍ବକୁ ତିନି ଦିନଧରି ପାରମ୍ପରିକ ବିଧିବଦ୍ଧ ଭାବେ ପାଳନ କରାଯାଇଥାଏ। ଏହି ରଜରେ ପ୍ରଥମ ଦିନଟି ମାସନ୍ତ ବା ଜ୍ୟେଷ୍ଠ ମାସର ଶେଷ ଦିନ, ସେଥି ପାଇଁ ପ୍ରଥମ ଦିବସ ରେ ପୃଥିବୀ ମା ରଜ ବତୀ ହୋଇଥିବା ରୁ ଭୂଇଁ ଦହଣ କରାଯାଏ ନାହିଁ , ଦ୍ୱିତୀୟ ଦିନଟି ରଜ ସଂକ୍ରାନ୍ତି, ଏବଂ ଶେଷ ଦିନ ଶେଷ ରଜ ଭାବେ ପୁର ପଲ୍ଲୀ ରେ ପାଳନ କରାଯାଇଥାଏ।

## ରଜ ଉତ୍ସବରେ ଭେଟେରାନ କ୍ରିକେଟ ମ୍ୟାଚ୍ ମାର୍ଶାଘାଇ ଦଳ ଚମ୍ପିଆନ



**ମହାକାଳପଡ଼ା,୧୪।୬ (ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ଅଳାଇଲୋ ଖେଳ ପଡିଆ ଠାରେ ରଜଉତ୍ସବ ଅବସରରେ ନବମ ବାର୍ଷିକ ଭେଟେରାନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମାର୍ଶାଘାଇ ଭେଟେରାନ ଦଳ ଚମ୍ପିୟାନ ହୋଇଛି । ଗୁଇନ୍ଦା ବିଭାଗ ଜଗତସିଂହପୁର ଡ଼ିଏସପି ତଥା ଭେଟେରାନ ଖେଳାଳି ପ୍ରେମାନନ୍ଦ ଲେଙ୍କା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ୬୬ ବର୍ଷୀୟ ଭେଟେରାନ ଖେଳାଳି ଦିଲୀପ କୁମାର ସ୍ୱାଇଁ, ଆଇନଜୀବୀ ଶଙ୍କର୍ଷଣ ରାଉତ, ବିଚିତ୍ରାନନ୍ଦ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଟ୍ରଫି ଏବଂ ପୁରସ୍କାର ପ୍ରଦାନ କରିଥିଲେ । ଗୌରାଙ୍ଗ ଜେନା, ଜୟନ୍ତ ମଲିକ, କୈଳାସ ସେଠୀ ଆମ୍ପାୟାର ଭାବେ ଏବଂ ସନ୍ତୋଷ ବେହେରା ସ୍କୋରର ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ମହେନ୍ଦ୍ର ଦାସ , ଗୌରାଙ୍ଗ ସେଠୀ, ଧୂଳେଶ୍ୱର ସେଠୀ, ପ୍ରିୟବ୍ରତ ଦାସ, ମହେନ୍ଦ୍ର ସେଠୀ,ଆକାଶ ସେଠୀ, ପ୍ରଭାକର ଦାସ, ପ୍ରମୁଖ ସହଯୋଗ କରିଥିଲେ ।

ଉପସ୍ଥିତ ଦର୍ଶକ ମାନଙ୍କ ମଧ୍ୟରୁ ଲଟେରୀ ମାଧ୍ୟମରେ ଚୟନ କରାଯାଇ ୫୦ ଜଣ ଦର୍ଶକଙ୍କୁ ଖେଳ ଜର୍ସି ବଣ୍ଟନ କରାଯାଇଥିଲା। ମାର୍ଶାଘାଇ, ବୋଧଗାଁ ସମେତ ଅଙ୍ଗୁଳାଇ, ଅଳାଇଲୋ, ଥାଉରୀ ଏବଂ ବବକରପୁର ପ୍ରଭୃତି ୬ ଟି ଭେଟେରାନ ଦଳ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିଲେ ।